# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 22/2023 | Page 16 | ₹ 7.00

୪୯ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 207 | ମୂଲ୍ୟ ₹୭/-





**ଛେତ୍ରୀଙ୍କ ହ୍ୟାଟ୍ରିକ**

ସୁନୀଲ ଛେତ୍ରୀଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୦ ଗୋଲରେ ପାକିସ୍ତାନକୁ ହରାଇ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିଛି। **୧୬**

**୧୨** **ଡିଟେକ୍‌ଟିଭ ଚରିତ୍ରରେ ବିଦ୍ୟା**

ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ତାଙ୍କ ଆଗାମୀ ଫିଲ୍ମରେ ଡିଟେକ୍‌ଟିଭ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି, ଯାହା ଜୁଲାଇ ୭ରେ ରିଲିଜ୍ ହେବ।




## ଜେଲ ହାଜତରେ କଏଦୀଙ୍କୁ ପିଟି ହତ୍ୟା

### ସ୍ତ୍ରୀ ଆଣିଲେ ଅଭିଯୋଗ

ଢେଙ୍କାନାଳ ଅଫିସ, ୨୧।୬
(ରତନ ନାୟାର)

ଏକ ଅବକାରୀ ମାମଲାରେ ଗିରଫ ହୋଇ ଢେଙ୍କାନାଳ ଜିଲା କାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ବେଶାଳିଆ ଗ୍ରାମର ଅଥାନି ଦେହୁରୀ (୪୨)। ଅଥାନିଙ୍କୁ ପିଟି ପିଟି ମାରିଦିଆଯାଇଥିବା ତାଙ୍କ ସ୍ତ୍ରୀ ଝରଣା ଅଭିଯୋଗ କରିଥିବାବେଳେ ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି। ଏହି ଘଟଣାକୁ ନେଇ ମୃତକଙ୍କ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ଜିଲା ଅବକାରୀ ବିଭାଗ ଗତ ୧୯ ତାରିଖରେ ବେଶାଳିଆ ଗ୍ରାମରେ ଚଢ଼ାଉ କରି ଅଥାନିଙ୍କୁ ଗିରଫ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ତିବ୍ବତୀୟ ରାମାୟଣ




**ଗ୍ରୀଷ୍ମଛୁଟି ପରେ ଖୋଲିଲା ସ୍କୁଲ:** ଭୁବନେଶ୍ୱର ୟୁନିଟ୍ ୨ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠପଢ଼ା ଆରମ୍ଭ ପୂର୍ବରୁ ପ୍ରାର୍ଥନା କରୁଛନ୍ତି। ( ଫଟୋ: ବିକାଶ ନାୟକ)

# ଆନ୍ଦୋଳନ ବେଳେ ପ୍ରାଣୀ ଉପଦ୍ରବ

ଶିକାରୀଙ୍କ ଆକ୍ରମଣରେ ଅସୁରକ୍ଷିତ ବନ କର୍ମଚାରୀ। ତେଣୁ ସୁରକ୍ଷା ଦାବିରେ ଗତ ୧୯ତାରିଖରୁ ୮,୧୮୮ଜଣ ବନ କର୍ମଚାରୀ ପାଟ୍ରୋଲିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆସନ୍ତା ୮ତାରିଖ ସୁଦ୍ଧା ସରକାର ସେମାନଙ୍କ କଥା ନ ଶୁଣିଲେ ୧୦ତାରିଖରୁ ସମୂହ କାର୍ଯ୍ୟ ଛାଡ଼ ଆନ୍ଦୋଳନରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳିସ୍ଥିତିରେ ବନ୍ୟଜନ୍ତୁ ଜନବସତି ମୁହାଁ ହୋଇ ଉପଦ୍ରବ ଚଳାଇଛନ୍ତି। ଗତ ୩ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାତୀଙ୍କ ଆକ୍ରମଣରେ ବହୁ ଧନସମ୍ପତ୍ତି ନଷ୍ଟ ହେବା ସହ ୫ଜଣଙ୍କ ମୃତ୍ୟୁ ଘଟିଲାଣି। ଏପରି କି ରାଜଧାନୀ ଉପକଣ୍ଠରେ ହାତୀ ପ୍ରବେଶ କରି ଭୟର ବାତାବରଣ ସୃଷ୍ଟି କରିଛନ୍ତି। ସରକାର ତୁରନ୍ତ ବନ କର୍ମଚାରୀଙ୍କ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ସ୍ଥିତି ଅଧିକ ବିଷମ ହେବ ବୋଲି କୁହାଯାଉଛି।

ଭୁବନେଶ୍ୱର/ ସମ୍ବଲପୁର/ଅନୁଗୋଳ,୨୧।୬
(ଅଭିଜିତ ଦାସ/ ଶୁଭାଶିଷ ପାଢ଼ୀ/ ଅମିତ ସାମଲ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଯୁଯୁମୁରା ସରପଞ୍ଚଙ୍କ ସ୍ୱାମୀ ଗୋପାଳ

- **ହାତୀ ଆକ୍ରମଣରେ ୩ଦିନରେ ୫ଜୀବନ ଗଲାଣି**
- **ସୁରକ୍ଷା ଦାବିରେ ପାଟ୍ରୋଲିଂ ଛାଡ଼ି ଆନ୍ଦୋଳନରେ ବନ କର୍ମଚାରୀ**

ପ୍ରଧାନ ଓ ରେଢ଼ାଖୋଲ ଉପଖଣ୍ଡ ଚାରମାଳ ଥାନା ଭାଲିଆକଟା ପଞ୍ଚାୟତ ବୁଢ଼ିଖମାର ଗ୍ରାମର ରଙ୍କ ଭୂୟାଁ (୬୦)ଙ୍କ ହାତୀ ଆକ୍ରମଣରେ ବୁଧବାର ମୃତ୍ୟୁ ଘଟିଛି। ଯୁଯୁମୁରା ଥାନା ଅନ୍ତର୍ଗତ କଂସର ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୫୫ ପାର୍ଶ୍ୱରେ ଗୋପାଳଙ୍କ ଏକ ଢାବା ରହିଛି। ବୁଧବାର ଭୋର ପ୍ରାୟ ୪ଟାରେ ଏକ ହାତୀ ଢାବା ଭିତରକୁ ପଶିବା ସହ ଗୋପାଳଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ବନ ଅଧିକାରୀ ନ ପହଞ୍ଚିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ସ୍ଥାନୀୟ ରେଞ୍ଜର ପହଞ୍ଚିଥିଲେ। ହେଲେ ତାଙ୍କୁ ଶତାଧିକ ☞ପୃଷ୍ଠା-୪

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ରାଜନଗର,୨୧।୬
(ଭାସ୍କର ରାଉତରାୟ)

- **ପ୍ରତିବାଦରେ ରାସ୍ତାରୋକୋ,ଉତ୍ତେଜନା**
- **ନାଳରୁ ଦଳ ସଫା କରିବା ପରେ ମୃତଦେହ ଉଦ୍ଧାର**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଭିତରକନିକା ନଦୀ ଛାଡି ଏବେ ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ସଂଯୋଗ କରୁଥିବା ନଦୀରେ ବଉଳା କୁମ୍ଭୀରମାନେ ପ୍ରବେଶ କରି ନଦୀକୂଳିଆ ଲୋକମାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛନ୍ତି। ଅଳ୍ପଦିନ ତଳେ ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁ ନିକଟରେ ପ୍ରବାହିତ ନଦୀ କୂଳରୁ ଜଣେ ମାଆ ପାଖରୁ ୧୦ ବର୍ଷର ପୁଅକୁ କୁମ୍ଭୀର ଝାମ୍ପି ନେଇଥିଲା। ମାଆ ସମ୍ମୁଖରେ କୁମ୍ଭୀର ପାଟିରେ ଏକମାତ୍ର ପୁଅ ଚାଲି ଯାଉଥିବା ଦୃଶ୍ୟ ମାଆର ହୃଦୟକୁ ବିଦାରିତ କରିଦେଇଥିଲା। ଏହି ଘଟଣା କେବଳ ଜିଲା ନୁହେଁ ସମଗ୍ର ରାଜ୍ୟରେ



ମୃତ ସୀତାରାଣୀ ଦାସ

ଚର୍ଚ୍ଚା ହୋଇଥିବା ବେଳେ ବୁଧବାର ଅପରାହ୍ନରେ ରାଜନଗର ବ୍ଲକରେ ଜଣେ ମହିଳା କେନାଲ ସଂଲଗ୍ନ ପୋଖରୀ ତୁଠରେ ବାସନ ମାଜୁଥିବା ସମୟରେ କୁମ୍ଭୀର ଟାଣି ନେଇଥିଲା। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ☞ପୃଷ୍ଠା-୪

# ନିର୍ମାଣ ହେବ ୩୪୦୪ କି.ମି. ରାସ୍ତା

ଭୁବନେଶ୍ୱର,୨୧।୬ (ଅନିଲ ଦାସ)

**କ୍ୟାବିନେଟ ନିଷ୍ପତ୍ତି**

- **ଅସଂଯୋଜିତ ରହିବ ନାହିଁ ଗାଁ ରାସ୍ତା**
- **ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨ ବର୍ଷରେ ଖର୍ଚ୍ଚ ହେବ ୫ ହଜାର କୋଟି**
- **୧୫ ପ୍ରସ୍ତାବକୁ କ୍ୟାବିନେଟ ମୋହର**

ଗ୍ରାମାଞ୍ଚଳରେ କୌଣସି ସଡ଼କ ଆଉ ଅସଂଯୋଜିତ ହୋଇ ରହିବ ନାହିଁ। ଆନ୍ତଃରାଜ୍ୟ, ଆନ୍ତଃଜିଲା ଓ ଆନ୍ତଃବ୍ଲକ ସହ ସମସ୍ତ ରାସ୍ତା ସଂଯୋଗ ହେବ। ଦୁର୍ଗମ ତଥା ମାଓପ୍ରବଣ ଅଞ୍ଚଳ ରାସ୍ତା ମଧ୍ୟ ନିର୍ମାଣ ହେବ। ଗ୍ରାମାଞ୍ଚଳରେ ଗମନାଗମନ ଏବଂ ଯୋଗାଯୋଗ ପାଇଁ ଲୋକମାନଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସମସ୍ତ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଆସନ୍ତା ୨ ବର୍ଷରେ ୪୯୪୭ କୋଟି ଟଙ୍କା ବ୍ୟୟରେ ୩୪୦୪.୪୨ କିଲୋମିଟର ନୂତନ ରାସ୍ତା ନିର୍ମାଣ କରିବେ। ଏଥିସହିତ ଚାଲୁ ରହିଥିବା କିମ୍ବା ଅଧାପନ୍ତରିଆ ରାସ୍ତାଗୁଡ଼ିକର ନିର୍ମାଣ ଶେଷ କରାଯିବ। ଏହି ମେଗା ଯୋଜନାକୁ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତାବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ଉପରେ ରାଜ୍ୟ ସରକାର ଅଧିକ ଫୋକସ ଦେଇଛନ୍ତି।

ଗ୍ରାମାଞ୍ଚଳରେ ବର୍ଦ୍ଧିତ ଗମନାଗମନ ଓ ଯୋଗାଯୋଗର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାଗୁଡ଼ିକର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କରିବେ। ଏହି ଯୋଜନାରେ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକୁ ଉନ୍ନତମାନର ରାସ୍ତା ସଂଯୋଗ କରାଯିବ। ଏଥିପାଇଁ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୯୧୮ କୋଟି ଟଙ୍କା ବ୍ୟୟରେ ୫୫୪.୬୭ କି.ମି. ନୂତନ ରାସ୍ତା ନିର୍ମାଣ ଓ ଚାଲୁରହିଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପର ଆନ୍ତଃରାଜ୍ୟ, ଆନ୍ତଃଜିଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଥିବା ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇ ଦ୍ୱୀପ ତଥା ଅପହଞ୍ଚ ଅଞ୍ଚଳରେ ଯୋଗାଯୋଗର ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କାର୍ଯ୍ୟକାରୀ କରିବେ। ଏହି ଯୋଜନାରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକର ଗମନାଗମନ ଉନ୍ନତୀକରଣ ହେବା ସହ ବିଭିନ୍ନ ବ୍ଲକ, ଜିଲା ତଥା ପଡ଼ୋଶୀ ରାଜ୍ୟଗୁଡ଼ିକ ମଧ୍ୟରେ ଦୂରତାକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୬୭୩.୪୯ କିଲୋମିଟର ନୂତନ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୧୧୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଅନେକ ସମୟରେ ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକରୁ ହସ୍ତାନ୍ତର ହୋଇଥିବା ରାସ୍ତାଗୁଡ଼ିକ ମରାମତି ଓ ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ☞ପୃଷ୍ଠା-୪

# ବିଜେଡି ଯୁବନେତାଙ୍କୁ କାର୍ ଚଢ଼ାଇ ହତ୍ୟା

ଦିଗପହଣ୍ଡି,୨୧।୬
(ଅଶେଷ ନାଥ ମିଶ୍ର)

### ମୋଟରସାଇକେଲ ଜବତ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମ୍ବାରିଗାଁ ପଞ୍ଚାୟତର ବିଜେଡି ଯୁବନେତା ତଥା ପୂର୍ବତନ ବ୍ଲକ ଯୁବ ସଭାପତି ଲଳିତ ମୋହନ ମହାପାତ୍ର (୪୮)ଙ୍କୁ କାର୍ (ନଂ ଓଆର୍୦୨ଡିଏକ୍ସ-୦୬୧୨)ଚଢ଼ାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ଭାଇ ରଜତ ମହାପାତ୍ର ବୁଧବାର କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୧୧/୨୩ରେ ହତ୍ୟା ମାମଲା ରୁଜୁ କରିଛି। ଏଥିସହିତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ



ଲଳିତ ମୋହନ ମହାପାତ୍ର

ପହଞ୍ଚି ସରଜମିନ ତଦନ୍ତ କରି ଫେରିଛନ୍ତି। ଲଳିତଙ୍କ ବୁଲେଟ୍ ମୋଟର ସାଇକେଲକୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, ଖମ୍ବାରିଗାଁର ଲଳିତ ମୋହନ ଏବଂ ସେହି ଗ୍ରାମର ରାମକୃଷ୍ଣ ମିଶ୍ର ଉଭୟ ବିଜେଡିର ନେତା ହୋଇଥିଲେ ମଧ୍ୟ ଗତ ପଞ୍ଚାୟତ ନିର୍ବାଚନଠାରୁ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖମ୍ବାରିଗାଁ ଗ୍ରାମ ନିକଟ ଶଙ୍କରଖାଲି ଛକଠାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ମାରପିଟ ହୋଇଥିଲା। ଉପସ୍ଥିତ କିଛି ବ୍ୟକ୍ତି ହସ୍ତକ୍ଷେପ କରି ଗଣ୍ଡଗୋଳ ଛଡାଇଥିଲେ। ସେଠାରୁ ଲଳିତ ମୋହନ ନିଜ ବୁଲେଟ୍‌ରେ ଘରକୁ ଫେରୁଥିଲେ। ରାମକୃଷ୍ଣ ନିଜ କାର୍‌ରେ ଲଳିତଙ୍କୁ ପିଛା କରିଥିଲେ। ଖମ୍ବାରିଗାଁ ହାଇସ୍କୁଲ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟବର୍ତ୍ତୀ ସ୍ଥାନରେ ରାମକୃଷ୍ଣଙ୍କ କାର୍ ☞ପୃଷ୍ଠା-୪

# ଇଚ୍ଛାକୃତ ଋଣ ଖିଲାପକାରୀଙ୍କୁ ଦଣ୍ଡ ଫାଙ୍କିବା ସୁଯୋଗ

## ଆର୍‌ବିଆଇର ନୂଆ ରାଇଟ୍-ଅଫ୍ ଢାଞ୍ଚା

ନୂଆଦିଲ୍ଲୀ,୨୧।୬

ଇଚ୍ଛାକୃତ ଖିଲାପକାରୀମାନଙ୍କୁ ସେମାନଙ୍କ ଋଣଦାତାଙ୍କ ସହ ଏକ ବୁଝାମଣା ବନ୍ଦୋବସ୍ତ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଜୁନ୍ ୮ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂଆ ଢାଞ୍ଚା ଆରମ୍ଭ କରିଛି। ଏହାଦ୍ୱାରା ଖିଲାପକାରୀଙ୍କ ଋଣ ରାଇଟ୍-ଅଫ୍‌ରେ ରଖାଯିବା ପଥ ପ୍ରଶସ୍ତ ହୋଇଛି, ଯାହାକୁ ନେଇ ଦୀର୍ଘ ଦିନଧରି ଚାଲିଥିବା ଏକ ରାଜନୈତିକ ବିତର୍କ ପୁଣି ଆରମ୍ଭ ହୋଇଛି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବଡ଼ ଖିଲାପକାରୀମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ଆର୍‌ବିଆଇ ଜରିଆରେ ମୋଦି ସରକାର ଏହି ପଦ୍ଧତି ଆରମ୍ଭ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ନୂଆ ଢାଞ୍ଚାର ତାତ୍ପର୍ଯ୍ୟ ହେଉଛି, ଋଣ ପଇଠ କରିବାକୁ ସକ୍ଷମ ଥିବା ସତ୍ତ୍ୱେ ପଇଠ କରୁ ନ ଥିବା ଗ୍ରହୀତାମାନେ (ୱିଲ୍‌ଫୁଲ ଡିଫଲ୍ଟର୍ସ) ବ୍ୟାଙ୍କଗୁଡ଼ିକ ସହ ବୁଝାମଣା ଜରିଆରେ ବନ୍ଦୋବସ୍ତ (ସେଟଲମେଣ୍ଟ) କରିପାରିବେ ଏବଂ ୧୨ ମାସ (କୁଲିଂ ପିରିୟଡ୍) ପରେ ନୂଆ ଋଣ ନେଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିର ଆଦ୍ୟ ବର୍ଷଗୁଡ଼ିରେ ଆର୍‌ବିଆଇ ଆର୍ଥିକ ହେରଫେରକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରମୁଖ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ତାଲିକା ସାର୍ବଜନୀନ କରିବାକୁ ଚାହିଁଥିଲା। କିନ୍ତୁ କେନ୍ଦ୍ର ସରକାର କୌଣସି ନାମ ପ୍ରଘଟ କରିବା ଉଦ୍ୟମକୁ ରୋକିଦେଇଥିଲା। ☞ପୃଷ୍ଠା-୪

ଟେକ୍ନିକାଲ ରାଇଟ୍-ଅଫ୍‌ର ତାତ୍ପର୍ଯ୍ୟ ହେଉଛି, ଏକ ବ୍ୟାଙ୍କ ବକେୟା ରାଶି ଆଦାୟ ଅଧିକାର ତ୍ୟାଗ ନ କରି ନିଜ ଖାତାରୁ ଏନ୍‌ପିଏକୁ ହଟାଇବା। ଅର୍ଥାତ୍ ଋଣକୁ ସମ୍ପତ୍ତି ଆକାରରେ ନ ଦେଖାଇ ବ୍ୟାଙ୍କ ଟଙ୍କା ଆଦାୟ ଉଦ୍ୟମ ଜାରି ରଖିପାରିବ। ତେବେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଘଗୁଡ଼ିକ ନୂଆ ଢାଞ୍ଚାକୁ ବିରୋଧ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା, ଏହାଦ୍ୱାରା ଇଚ୍ଛାକୃତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଏପରି କି ଏଭଳି ଠକମାନେ ଦଣ୍ଡ ଫାଙ୍କିବା ପାଇଁ ସୁବିଧା ପାଇବେ। ତେଣୁ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସଂଘଗୁଡ଼ିକ ଦାବି କରିଛନ୍ତି। ଅତୀତରେ ସୁପ୍ରିମକୋର୍ଟ ମଧ୍ୟ ନୂଆ ଢାଞ୍ଚାରେ ଥିବା ଋଣଦାତାଙ୍କ ରାଇଟ୍-ଅଫ୍‌କୁ ସମାଲୋଚନା କରିଥିଲେ। ୨୦୧୬ରେ ସର୍ବୋଚ୍ଚ ଅଦାଲତ ଇଚ୍ଛାକୃତ ଖିଲାପକାରୀଙ୍କ କ୍ଷେତ୍ରରେ ସରକାରୀ ବ୍ୟାଙ୍କଗୁଡ଼ିକର ଏପରି ରାଇଟ୍-ଅଫ୍‌କୁ 'ଏକ ବଡ଼ ଠକେଇ' ଭାବେ ଅଭିହିତ କରିଥିଲେ।

**ମୋଦି, ଅମିତ, ନୀତୀଶଙ୍କୁ ହତ୍ୟା ଧମକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ହତ୍ୟା ଧମକ ମିଳିଛି। ଉକ୍ତ ୩ ରାଜନେତାଙ୍କୁ ହତ୍ୟା ଧମକ ନେଇ ବୁଧବାର ଦିଲ୍ଲୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ୨ଟି ଫୋନ୍ କଲ୍ ଆସିଥିଲା। ନମ୍ବର ଟ୍ରେସ୍ କରି ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କ ଚିହ୍ନଟ କରିଛି। ସୁଧାର ଶର୍ମା ନାମକ କାର୍ପେଣ୍ଟର ବୁଧବାର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଏହି ଫୋନ୍ କଲ୍ କରିଥିବା ଡିସିପି ହରେନ୍ଦ୍ର କେ. ସିଂ କହିଛନ୍ତି। ସୁଧାର ଏବେ ଫେରାର ଥିବା ଜଣାପଡ଼ିଛି।

# ସୁନ୍ଦରବନର ହତଭାଗା ସୁନ୍ଦରୀ

**ବିଶ୍ୱର ଅନ୍ୟତମ ପ୍ରାକୃତିକ ବିସ୍ମୟ ସୁନ୍ଦରବନ। ଭାରତ ଓ ବାଂଲାଦେଶ ମଧ୍ୟରେ ପରିବ୍ୟାପ୍ତ ଏହି ତ୍ରିକୋଣ ଭୂମି ହେନ୍ତାଳ ବନରେ ପରିପୂର୍ଣ୍ଣ। ଚିରହରିତ୍ ବର୍ଷାରଣ୍ୟ ଭିତରକୁ ଅଗ୍ରସର ହେଲେ ପର୍ଯ୍ୟଟକ ବିମୋହିତ ହୁଅନ୍ତି ଏହାର ସୌନ୍ଦର୍ଯ୍ୟରେ। ଏହା ମଧ୍ୟରେ ଛପି ରହିଛି ଯୁବତୀ ଚାଲାଣର ଏକ କଠୋର, ଅପ୍ରୀତିକର ବାସ୍ତବତା।**

**କୋଲକାତା,୨୧ା୬**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**



ଅସୀମାଙ୍କୁ ମାତ୍ର ୧୩ ବର୍ଷ ହେଉଥିବାବେଳେ ଚାଲାଣକାରୀମାନେ ତାଙ୍କ ପଛରେ ପଡ଼ିଥିଲେ। ତାଙ୍କ ସହ ସୁଲେମାନ୍‌ଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହେବାବେଳକୁ ସବୁ ଠିକ୍‌ଠାକ୍ ଚାଲିଥିଲା। ଅସୀମା ସୁନ୍ଦରବନରେ ରହୁଥିବାବେଳେ ସୁଲେମାନ୍ କାର୍ଯ୍ୟ ଅନ୍ୱେଷଣରେ ସେହି ଅଞ୍ଚଳକୁ ଯାଇଥିଲେ। ବିଶ୍ୱର ସର୍ବବୃହତ୍ ହେନ୍ତାଳ ବନ ଥିବା ପଶ୍ଚିମବଙ୍ଗର ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ଅଞ୍ଚଳରେ ଅସୀମାଙ୍କୁ ଦେଖି ସେ ପ୍ରଶଂସାରେ ପୋତି ଦେଇଥିଲେ। ସମ୍ପର୍କରେ ନିବିଡ଼ତା ବଢ଼ିବା ପରେ ତାଙ୍କ ମା'ବାପାଙ୍କୁ ଭେଟି ବିବାହ ପ୍ରସ୍ତାବ ଦେଇଥିଲେ।

ଅସୀମା ଏକ ଗରିବ ଗାଁରେ ବଢ଼ିଥିଲେ, ଯେଉଁଠି ଘରଗୁଡ଼ିକ ଝାଟିମାଟିରେ ନିର୍ମିତ ହୋଇଥିଲା। ଗାଁକୁ ପାଣି ଆସୁ ନ ଥିଲା, ଶିକ୍ଷା ପାଇଁ ସ୍ୱଳ୍ପ ସୁଯୋଗ ଥିଲା। ରୋଗଣା ବାପା ଓ ପରିବାରର ଡଜନାଧିକ ସଦସ୍ୟଙ୍କ ସହ ଏକ ଛୋଟ ଘରେ ସେ ରହୁଥିଲେ। ସୁଲେମାନ୍ ଏହାର ସୁଯୋଗ ନେଇ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିଲେ। ମୁଁ ତାଙ୍କୁ ବିଶ୍ୱାସ କରିଥିଲି। ସେ କ'ଣ ଖରାପ କାମ କରିବେ ତାହା ଜାଣି ନ ଥିଲି। ଏହା ମୋର ଭୁଲ୍ ଥିଲା ବୋଲି ଅସୀମା କହିଛନ୍ତି।

ଦିନେ ସୁଲେମାନ୍ ଅସୀମାଙ୍କୁ ସ୍ଥାନୀୟ ରେଳ ଷ୍ଟେଶନରେ ଭେଟିବାକୁ ଡାକିଥିଲେ। ଅସୀମା ସେଠାକୁ ଯିବା ପରେ ସୁଲେମାନ୍ କହିଥିଲେ, ଚାଲ ପଳାଇବା। ସେ ମନା କରିବାରୁ ସୁଲେମାନ୍ ଏକ ରୁମାଲରେ ତାଙ୍କ ମୁହଁ ବନ୍ଦ କରିଦେଇଥିଲେ। ଅସୀମା ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଯେତେବେଳେ ଉଠିଥିଲେ, ନିଜକୁ ଏକ ବନ୍ଦ କୋଠରିରେ ବନ୍ଧା ଅବସ୍ଥାରେ ପାଇଥିଲେ। ସୁଲେମାନ୍ ତାଙ୍କୁ ମାଡ଼ ମାରି ବଳାତ୍କାର କରିଥିଲେ। ପରେ ଆଉ କେତେଜଣ ପୁରୁଷ ଅସୀମାଙ୍କ ମୁଣ୍ଡରେ ମୁଖା ପିନ୍ଧାଇ ତାଙ୍କୁ ବିହାର ନେଇଯାଇଥିଲେ। ସେମାନେ ତାଙ୍କୁ ନିଶା ଦେଇ ଗଣବଳାତ୍କାର କରିଥିଲେ। ଶେଷରେ ଗଣିକା ସାଜିବାକୁ ବାଧ କରିଥିଲେ। ଅନେକ ସପ୍ତାହ ପଣବନ୍ଦୀ ରହିବା ପରେ ଦିନେ ସନ୍ଧ୍ୟାରେ କୋଠା ନୀରବିଯାଇଥିଲା। ସେ ବନ୍ଧା ଅବସ୍ଥାରେ ଥାଇ ସୁଦ୍ଧା କବାଟ ଫିଟାଇ ପ୍ରାଣ ବିକଳରେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏକ ଛୋଟ ସହରର ଅଜଣା ରାସ୍ତାରେ ସେ ଦୌଡ଼ୁଥିଲେ। ସାହାଯ୍ୟ ପାଇଁ ତାଙ୍କ ଆକୁଳ ଚିତ୍କାରକୁ ଅଚିହ୍ନା ଲୋକେ ଶୁଣି ନ ଥିଲେ। ଶେଷରେ କେହି ଜଣେ ବ୍ୟକ୍ତି ତାଙ୍କୁ ନିଜ ଫୋନ୍ ଦେଇଥିଲେ ପୋଲିସକୁ କଲ୍ କରିବା ପାଇଁ।

ସେକ୍ସ ଟ୍ରାଫିକିଂରୁ ଉଦ୍ଧାର ହୋଇଥିବା ଆଉ ଜଣେ ଝିଅ ମାହିରା କୋଲକାତାର ରେଡ୍‌ଲାଇଟ୍ ଏରିଆ କାଳୀଘାଟର ଏକ ବେଶ୍ୟାଳୟରେ ପ୍ରାୟ ୨ ବର୍ଷ ଧରି କାମ କରିବା ଭିତରେ ଗର୍ଭବତୀ ହୋଇଯାଇଥିଲେ। ୨୦୧୫ରେ ପୋଲିସ ତାଙ୍କୁ ଠାବ କରିଥିଲା। ସ୍ୱଜନ୍ମିତ ଶିଶୁପୁତ୍ରକୁ ଏକ ଚାଇଲ୍ଡ କେୟାର ହୋମ୍‌ରେ ଛାଡ଼ିଦେଇ ଘରକୁ ଫେରିଥିଲେ। ରାକେଟ ଜାଲରେ ଫସି ଘର ଛାଡ଼ିବା ବେଳକୁ ମାହିରାଙ୍କୁ ମାତ୍ର ୧୩ ବର୍ଷ ହେଉଥିଲା। ସୁନ୍ଦରବନର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଝିଅମାନଙ୍କ ଅସୀମା ଓ ମାହିରାଙ୍କ ଭଳି କାହାଣୀ ରହିଛି।

ଅଞ୍ଚଳର ପ୍ରାୟ ୫୦% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି। ସୁନ୍ଦରବନ ଜଳବାୟୁ ପରିବର୍ତ୍ତନ ସଙ୍କଟ ଦେଇ ଗତି କରୁଛି। ଏହା ନିୟମିତ ଭାବେ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ। ଗତ ୪ ବର୍ଷ ମଧ୍ୟରେ ୩ଟି ବାତ୍ୟାରେ ଅନେକ ଶହ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଘରଗୁଡ଼ିକ ଭାଙ୍ଗିଯାଇଥିବାବେଳେ ଜୀବିକା ଉଜୁଡ଼ିଯାଇଛି। ସମୁଦ୍ର ପତ୍ତନ ବଢୁଥିବାରୁ ଦ୍ୱୀପଗୁଡ଼ିକୁ ପାଣି ମାଡ଼ିଯିବା ସହ ଗାଁଗୁଡ଼ିକ ଜଳମଗ୍ନ ହୋଇଯାଇଛି।

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଲୋକଙ୍କୁ ଆହୁରି ଗରିବ କରିଦେଇଛି। ସେମାନଙ୍କ ଦୟନୀୟ ସ୍ଥିତିର ଫାଇଦା ଉଠାଇବାକୁ ଧାଇଁ ଆସନ୍ତି ମାନବ ଚାଲାଣକାରୀ। ଚାକିରି ସୁଯୋଗ, ବିବାହ ପ୍ରସ୍ତାବ ଓ ଉନ୍ନତ ଜୀବନଶୈଳୀର ପ୍ରତିଶ୍ରୁତି ଜାଲରେ ଥରେ ଛନ୍ଦି ହୋଇଗଲେ ପୀଡ଼ିତାମାନେ ଯୌନକର୍ମୀ ଓ ପୀଡ଼ିତ ଗୋତି ଶ୍ରମିକ ସାଜନ୍ତି। ଝିଅଙ୍କୁ ବିକ୍ରି କରାଯାଏ। ଏପରି କି ଅଙ୍ଗପ୍ରତ୍ୟଙ୍ଗ ଓ ରକ୍ତ ଚାଲାଣ ପାଇଁ ମଧ୍ୟ ସେମାନଙ୍କୁ ବ୍ୟବହାର କରାଯାଇଥାଏ। ପୂର୍ବରୁ ଫୋନ୍ କଲ୍‌ରେ ସବୁ ଚାଲିଥିଲା। ଏବେ ସୋସିଆଲ ମିଡିଆକୁ ଚାଲାଣକାରୀ ମାଧ୍ୟମ କରୁଛନ୍ତି।

୨୦୨୦ ଓ ୨୦୨୧ରେ ଲଗାତର ଦୁଇଟି ମହାବାତ୍ୟା ସବୁକିଛି ଉଜାଡ଼ିଦେବା ପରେ ଏପରି ମାନବ ଚାଲାଣକାରୀ ଅଧିକ ସକ୍ରିୟ ହୋଇ ଉଠିଥିବା ସ୍ଥାନୀୟ ଏନ୍‌ଜିଓ ଗୋରାନ୍‌ବୋଷ ଗ୍ରାମ ବିକାଶ କେନ୍ଦ୍ର (ଜିଜିବିକେ)ର ପରିଚାଳିକା ଶୁଭଶ୍ରୀ ରପତାନ୍ କହିଛନ୍ତି। ସୁନ୍ଦରବନର ସବୁଠୁ ବଡ଼ ସହର କାନ୍ନିଙ୍ଗ ଥାନା ଅଧିକାରୀ ସୌଗତ ଘୋଷ କହିଛନ୍ତି, ମାନବ ଚାଲାଣ ହେଉଛି ଏହି ଅଞ୍ଚଳର ଅନ୍ୟତମ ବୃହତ୍ ସମସ୍ୟା। ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ପ୍ରଭାବିତ ହେଉଥିବାବେଳେ ଚାଲାଣକାରୀମାନେ ଏହାର ଫାଇଦା ଉଠାଉଛନ୍ତି। ଅନେକ ସମୟରେ ଝିଅମାନେ ବାସଚ୍ୟୁତ ହୋଇ ସେମାନଙ୍କ ଜାଲରେ ଫସୁଛନ୍ତି। ଝିଅଙ୍କୁ ଚାକିରି ନାଁରେ ନିଆଯିବା ପରେ ପରିବାରକୁ ୨-୩ ମାସ କିଛି କିଛି ଟଙ୍କା ପଠାଯାଏ। କିନ୍ତୁ ହଠାତ୍ ମୋବାଇଲ ବନ୍ଦ ହୋଇଯାଏ। ଟଙ୍କା ବି ଆସେ ନାହିଁ। ପରିବାର ଲୋକେ ସେତେବେଳେ ଜାଣିପାରନ୍ତି ଯେ, ଝିଅକୁ ଚାଲାଣ କରି ନିଆଯାଇଛି।

**(ପରିଚୟ ଗୋପନ ରଖିବା ପାଇଁ ନାମ ବଦଳାଯାଇଛି ।)**

## ଜଳବାୟୁ ପରିବର୍ତ୍ତନ ଯୌନଦାସୀ ସଜାଇଛି

- ରଏଟର୍ସର ଏକ ଅଧ୍ୟୟନ ଅନୁସାରେ ଭାରତରେ ବ୍ୟବସାୟିକ ବେଶ୍ୟାବୃତ୍ତି ନିୟୋଜିତ ୨୦ ନିୟୁତ ମହିଳା ଓ ଝିଅଙ୍କ ମଧ୍ୟରୁ ୧୬ ନିୟୁତ ଯୌନ ଚାଲାଣର ଶିକାର। ଇଣ୍ଡିଆନ୍ ଲିଗାଲ ସର୍ଭିସେସ୍ ତଥ୍ୟାନୁସାରେ ଘଣ୍ଟାପ୍ରତି ଗଣିକାବୃତ୍ତିରେ ପ୍ରବେଶ କରୁଥିବା ୪ ଜଣରୁ ୩ ଜଣ ନିଜ ଇଚ୍ଛା ବିରୋଧରେ ଏହି ବେଆଇନ ଧନ୍ଦାକୁ ଠେଲି ହୋଇଥାନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ କୁହେ, ପଶ୍ଚିମବଙ୍ଗରୁ ପ୍ରତିବର୍ଷ ଅନେକ ହଜାର ଝିଅ ନିଖୋଜ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କ ଘର ସୁନ୍ଦରବନରେ।
- କୋଲକାତାଠାରୁ ୧୧୦ କି.ମି. ଦୂରରେ ଅବସ୍ଥିତ ସୁନ୍ଦରବନର ଜନସଂଖ୍ୟା ପ୍ରାୟ ୪.୫ ନିୟୁତ। ରାଜ୍ୟର ଦକ୍ଷିଣାନ୍ତରେ ଥିବା ଏହି ତ୍ରିକୋଣ ଭୂମିରେ ୧୦୨ ଦ୍ୱୀପ ରହିଛି। ସେଥିରୁ ୫୪ଟିରେ ଜନବସତି ଥିବାବେଳେ ଅବଶିଷ୍ଟ ଦ୍ୱୀପଗୁଡ଼ିକ ବେଙ୍ଗାଲ ଟାଇଗର ଓ ଅନ୍ୟ ଜୀବଜନ୍ତୁଙ୍କ ବାସସ୍ଥଳୀ।
- ସୁନ୍ଦରବନର ଅଧିକାଂଶ ବାସିନ୍ଦା କୃଷି ଓ ମାଛଧରାରୁ ଜୀବିକା ଉପାର୍ଜନ କରିଥାଆନ୍ତି। କିନ୍ତୁ ବାତ୍ୟା, ବନ୍ୟା ଓ ମୃତ୍ତିକା କ୍ଷୟ ସେମାନଙ୍କ ଆୟ ଉତ୍ସକୁ ଉଜାଡ଼ିଦେଇଛି। ୨୦୨୦ ମେ'ରେ 'ଅମ୍ଫନ' ବାତ୍ୟା ଉପକୂଳରେ ମାଡ଼ ହେବା ସହ ଉଚ୍ଚ ଜୁଆର ଢେଉ ବହୁ ଲୋକଙ୍କ ଘର ଧୋଇନେଇଥିଲା। ଦକ୍ଷିଣ ୨୪ ପ୍ରଗଣା ଓ ଉତ୍ତର ୨୪ ପ୍ରଗଣାର ପରିବାରଗୁଡ଼ିକ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ୨୦୨୧ ମେ'ରେ 'ୟାସ୍' ସବୁକିଛିକୁ ଧ୍ୱସ୍ତବିଧ୍ୱସ୍ତ କରି ସେମାନଙ୍କୁ ଅତି ଦାରିଦ୍ର୍ୟ ମଧ୍ୟକୁ ଠେଲିଦେଇଥିଲା।
- ଦାରିଦ୍ର୍ୟ ବେଳେବେଳେ ଅନିମନ୍ତ୍ରିତ ଅତିଥିମାନଙ୍କୁ ଆକର୍ଷିତ କରିପାରେ। ଅନେକ ସମୟରେ ସୁଯୋଗ ଉଣ୍ଢୁଥିବା ଚାଲାଣକାରୀମାନେ ସମାଜର ଦୁର୍ବଳ ଲୋକଙ୍କୁ ବିଶେଷକରି ମହିଳା ଓ ଝିଅଙ୍କୁ ଟାର୍ଗେଟ କରିଥାନ୍ତି। ଜଳବାୟୁ ପରିବର୍ତ୍ତନ ସେମାନଙ୍କୁ ବାଧ କରିଥାଏ ସୁନ୍ଦରବନ ବାହାରେ ଏକ ସୁନ୍ଦର ଜୀବନ ଅନ୍ୱେଷଣ ପାଇଁ। ଅନେକଙ୍କୁ ଅବିଶ୍ୱସନୀୟ ନିଯୁକ୍ତି ଅଫରର ପ୍ରଲୋଭନ ମିଳିଥାଏ। ସେମାନେ ନିଜ ନିରାପତ୍ତାକୁ ବିପନ୍ନ କରି ରିସ୍କ ନେବାକୁ ବାଧ ହୁଅନ୍ତି। ବଡ଼ ସହରକୁ ଚାଲିଯିବା ପରେ ମହିଳା ଓ ଝିଅମାନେ ଠକାମିର ଶିକାର ହୋଇଥିବା ଜାଣିପାରନ୍ତି। କ୍ରେତାଙ୍କଠାରେ ବିକ୍ରି ହୋଇ ଯୌନଦାସୀ ସାଜିବା ଛଡ଼ା ଅନ୍ୟ ପନ୍ଥା ନ ଥାଏ ସେମାନଙ୍କର।




## ସଂକ୍ଷେପରେ

### ହଣ୍ଡୁରାସ ମହିଳା ଜେଲରେ ଦଙ୍ଗା: ୪୮ ମୃତ

**ଟେଗୁସିଗାଲ୍‌ପା,୨୧।୬:** ହଣ୍ଡୁରାସ ଟାମାରାସ୍ଥିତ ମହିଳା ଜେଲରେ ମଙ୍ଗଳବାର ଦଙ୍ଗା ହେବାରୁ ୪୮ ଜଣଙ୍କ ମୃତ୍ୟୁ ଘଟିଛି। ନିଆଁରେ ପୋଡ଼ିହୋଇ ୨୬ କଏଦୀ ପ୍ରାଣ ହରାଇଥିବାବେଳେ ଅନେକଙ୍କୁ ଗୁଳି କରାଯାଇଛି। ପାଖାପାଖି ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜେଲ ଗାର୍ଡଙ୍କ ଜାଣତରେ ଗ୍ୟାଙ୍ଗ୍ ମେମ୍ବରଙ୍କ ଦ୍ୱାରା ଜେଲ ଭିତରେ ଦଙ୍ଗା ହୋଇଥିବା ହଣ୍ଡୁରାସ ରାଷ୍ଟ୍ରପତି ଜିଓମାରା କାଷ୍ଟ୍ରୋ କହିଛନ୍ତି। ଘଟଣାସ୍ଥଳରୁ ପିସ୍ତଲ ସାଙ୍ଗକୁ ବହୁ ଧାରୁଆ ଅସ୍ତ୍ର ଓ ବ୍ଲେଡ୍ ଫୋରେନ୍ସିକ୍ ଟିମ୍‌ର ହସ୍ତଗତ ହୋଇଛି। ଜେଲରେ ଥିବା ବୋରିଓ ୧୮ ଗ୍ୟାଙ୍ଗ୍‌ର ସଦସ୍ୟମାନେ ସେଲ୍ ଭାଙ୍ଗି ଅନ୍ୟ କଏଦୀଙ୍କ ଉପରକୁ ଗୁଳି ଫୁଟାଇବା ସହ ସେମାନଙ୍କ ଦେହରେ ନିଆଁ ଲଗାଇଥିଲେ। ଘଟଣାର ଯାଞ୍ଚ ଚାଲିଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଷ୍ଟ୍ରପତି କହିଛନ୍ତି।

### କ୍ରିକେଟ ମ୍ୟାଚ୍: ଆଉଟ୍ ହେବାରୁ ୧୪ ବର୍ଷୀୟ ବୋଲରଙ୍କୁ ହତ୍ୟା

**କାନପୁର, ୨୧।୬:** ଉତ୍ତରପ୍ରଦେଶର କାନପୁର ଜିଲାରେ ସୋମବାର ସକାଳେ ଚାଲିଥିବା କ୍ରିକେଟ ମ୍ୟାଚ୍ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ମ୍ୟାଚ୍‌ରେ ଜଣେ ୧୪ ବର୍ଷୀୟ ବୋଲରଙ୍କ ଦ୍ୱାରା ଆଉଟ ହେବା ପରେ ୧୭ ବର୍ଷୀୟ ବ୍ୟାଟ୍ସମ୍ୟାନ୍ ତାଙ୍କ ଗଳା ଦବାଇ ହତ୍ୟା କରିଥିଲେ। ଜିଲାର ଘାଟମପୁର ଅଞ୍ଚଳ ଅନ୍ତର୍ଗତ ରାହତି ଡେରା ଗ୍ରାମ ଖେଳପଡ଼ିଆରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଓ ତାଙ୍କୁ ହତ୍ୟାକାଣ୍ଡରେ ସହାୟତା କରିଥିବା ଭାଇ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣକ ୧୪ ବର୍ଷୀୟଙ୍କ ବୋଲିଂରେ କ୍ଲିନ୍ ବୋଲ୍ଡ ହୋଇଥିଲେ ମଧ୍ୟ ପିଚ୍ ଛାଡ଼ି ନ ଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ତାଙ୍କ ଭାଇକୁ ଡାକିଆଣିବା ପରେ ଉଭୟ ମିଶି ବୋଲରଙ୍କୁ ନିର୍ଘାତ ପିଟିଥିଲେ। ଏହା ପରେ ସେମାନେ ବୋଲରଙ୍କୁ ତଳେ ପକାଇ ତାଙ୍କ ଗଳା ଦବାଇ ହତ୍ୟା କରିଥିଲେ ବୋଲି ପୋଲିସ କହିଛି।



ଜାତିସଂଘ ଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗ କରୁଛନ୍ତି।

# ଜାତିସଂଘରେ ମୋଦିଙ୍କ ଯୋଗ କାର୍ଯ୍ୟକ୍ରମର ବିଶ୍ୱ ରେକର୍ଡ

**ନ୍ୟୁୟର୍କ, ୨୧।୬**

**ଅନ୍ତର୍ଜାତୀୟ ଯୋଗ ଦିବସ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ବୁଧବାର ନ୍ୟୁୟର୍କସ୍ଥିତ ଜାତିସଂଘ ଭବନରେ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଯୋଗ ସମସ୍ତ କପିରାଇଟ୍, ପ୍ୟାଟେଣ୍ଟ ଏବଂ ରୟାଲିଟିରୁ ମୁକ୍ତ। ଏହା ଜୀବନଧାରଣର ଏକ ମାର୍ଗ। ଏହାର କୌଣସି କଠୋର ନିୟମ ନାହିଁ। ଆପଣ ଚାହିଁଲେ ଏକାକୀ ଯୋଗ କରିପାରିବେ କିମ୍ବା କେତେଜଣଙ୍କ ସହ ମିଶି ଏକାଠି ଯୋଗାଭ୍ୟାସ କରିପାରିବେ। ଆପଣ କୌଣସି ଗୁରୁଙ୍କଠାରୁ କିମ୍ବା ନିଜକୁ ନିଜେ ଯୋଗ ଶିକ୍ଷା କରିପାରିବେ। ଏହା ଏକୀକୃତ ଏବଂ ବାସ୍ତବରେ ସାର୍ବଜନୀନ। ଯୋଗ ସବୁ ଜାତି, ବିଶ୍ୱାସ ଓ ସଂସ୍କୃତି ପାଇଁ ଉଦ୍ଦିଷ୍ଟ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଏକସଙ୍ଗେ ୧୩୫ ଦେଶର ଜନସାଧାରଣ ଯୋଗ କାର୍ଯ୍ୟକ୍ରମରେ ଭାଗନେଇଥିବାରୁ ଏହା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମୋଦିଙ୍କ ସହ ଜାତିସଂଘ ଭବନରେ ବହୁ ବିଶିଷ୍ଟ ବ୍ୟକ୍ତି, ଉଦ୍ୟୋଗୀ, କୂଟନୀତିଜ୍ଞ, ଶିକ୍ଷାବିତ୍, ଟେକ୍ନୋକ୍ରାଟ ଏବଂ ରାଜନେତା ଏକାଠି ଯୋଗ କରିଥିଲେ। ସେମାନଙ୍କ ମଧ୍ୟରେ ନ୍ୟୁୟର୍କ ମେୟର, ତିନିଥର ଗ୍ରାମୀ ପୁରସ୍କାର ଜିତିଥିବା ରିକି କେଜ୍, ଗାୟିକା ଫାଲ୍‌ଗୁନି ଶାହା, ଅଭିନେତା ରିଚାର୍ଡ ଗେରେ ଏବଂ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଅନ୍ୟତମ।

# ସ୍ଥାନୀୟ ସରକାରଙ୍କ ଆଇନ ମାନିବା ବ୍ୟତୀତ ଟୁଇଟରର ଅନ୍ୟ ପନ୍ଥା ନାହିଁ: ଏଲନ୍ ମସ୍କ

**ନ୍ୟୁୟର୍କ, ୨୧।୬**

ଯେକୌଣସି ଦେଶରେ ସ୍ଥାନୀୟ ସରକାରଙ୍କ ଆଇନକୁ ମାନିବା ବ୍ୟତୀତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ଅନ୍ୟ ବିକଳ୍ପ ନାହିଁ ବୋଲି ଟୁଇଟର ମୁଖ୍ୟ ଏଲନ୍ ମସ୍କ ବୁଧବାର କହିଛନ୍ତି। ୩ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ସମୟରେ ସରକାର ବିରୋଧୀ ବିଷୟବସ୍ତୁ ନ ହଟାଇଲେ ଟୁଇଟରର ବିଭିନ୍ନ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିବାକୁ ଭାରତ ସରକାର ଧମକ ଦେଇଥିଲେ ବୋଲି ଏହାର ସହପ୍ରତିଷ୍ଠାତା ଜାକ୍ ଡୋର୍ସିଙ୍କ ଅଭିଯୋଗ ଉପରେ ଖବରଦାତାମାନେ ପ୍ରଶ୍ନ କରିବାରୁ ମସ୍କ ଏହା କହିଛନ୍ତି। ସ୍ଥାନୀୟ ସରକାରଙ୍କ ଆଇନକୁ ନ ମାନିଲେ ଆମକୁ ବ୍ୟବସାୟ ବନ୍ଦ କରିବାକୁ ପଡ଼ିବ ବୋଲି ମସ୍କ ନ୍ୟୁୟର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟୁଇଟର ମୁଖ୍ୟ ଏଲନ୍ ମସ୍କ।

# ଟାଇଟାନ୍: ଗଭୀର ଜଳରାଶିରୁ ଶୁଭୁଛି ଶବ୍ଦ

**ୱାଶିଂଟନ୍,୨୧।୬**

**ଟାଇଟାନିକ୍ ଜାହାଜ ଦେଖାଇବାକୁ ୫ ପର୍ଯ୍ୟଟକଙ୍କୁ ସମୁଦ୍ର ଗର୍ଭକୁ ନେଇଥିଲା**

ପର୍ଯ୍ୟଟକଙ୍କୁ ଗଭୀର ଜଳରାଶି ମଧ୍ୟରେ ଟାଇଟାନିକ ଜାହାଜର ଭଗ୍ନାବଶେଷ ଦେଖାଇବାକୁ ନେଇଥିବା ବୁଡ଼ାଜାହାଜ ଟାଇଟାନ୍ ନିଖୋଜ ହେବାକୁ ୨ରୁ ଅଧିକ ଦିନ ବିତିଯାଇଛି। ଟାଇଟାନ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ସେଥିରେ ଥିବା ଅକ୍ସିଜେନ ପରିମାଣ ଧୀରେ ଧୀରେ କମିବାରେ ଲାଗିଛି। ବୁଡ଼ାଜାହାଜକୁ ଠାବ କରିବା ଲାଗି ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେଶନ୍‌ରେ ରେସ୍କ୍ୟୁ ଟିମ୍‌କୁ ବର୍ତ୍ତମାନ ସୁଦ୍ଧା କୌଣସି ସଫଳତା ମିଳିପାରି ନାହିଁ। କିନ୍ତୁ ଖୋଜାଖୋଜି କରାଯାଉଥିବା ସ୍ଥାନରେ ଜୋର୍ ଶବ୍ଦ ଶୁଣାଯାଉଛି। ପ୍ରତି ୩୦ ମିନିଟ୍ ଅନ୍ତରରେ ଗଭୀର ଜଳରାଶିରୁ ଏହି ଭୀଷଣ ଧ୍ୱନି ଶୁଣାଯାଉଥିବା ଉଦ୍ଧାରକାରୀ ଦଳ କହିଛି। କାନାଡାର ପି-୩ ବିମାନ ଏହି ଅଣ୍ଡର ୱାଟର ଶବ୍ଦକୁ ଶୁଣିଥିବା କୁହାଯାଉଛି। ଶବ୍ଦ କେଉଁଠାରୁ ଆସୁଛି ତାହା ଜାଣିବା ଲାଗି ରିମୋଟ୍‌ଲି ଅପରେଟେଡ୍ ଭେହିକଲ (ଆର୍‌ଓଭି) ବ୍ୟବହାର କରାଯାଇଥିବା ଆମେରିକା କୋଷ୍ଟ ଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ରେସ୍କ୍ୟୁ ଅପରେଶନ୍‌ରେ ଉତ୍ତର ଆଟଲାଣ୍ଟିକରେ ଆମେରିକା ଓ କାନାଡାର କୋଷ୍ଟାଲ ଗାର୍ଡ ଶିପ୍ ଏବଂ ପ୍ଲେନ୍ ସାମିଲ ହୋଇଛି। ଓସେନ୍ ଗେଟ୍‌ର ଟାଇଟନ୍ ବୁଡାଜାହାଜରୁ ଅମ୍ଳଜାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିବାରୁ ପର୍ଯ୍ୟଟକମାନେ ଜୀବିତ ଥିବାର ସମ୍ଭାବନା ଥିବା ଆମେରିକା କୋଷ୍ଟ ଗାର୍ଡ କହିଛି।




ରେସ୍କ୍ୟୁ ଅପରେଶନରେ ୩ଟି ସି-୧୩୦ ସାଙ୍ଗକୁ ୩ଟି ସି-୧୭ ବିମାନ ବ୍ୟବହାର କରାଯାଉଥିବାବେଳେ ଫ୍ରାନ୍ସର ଓସେନାଗ୍ରାଫିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଡିପ୍-ସି ଅଣ୍ଡର ୱାଟର ରୋବୋ ଅପରେଶନ୍‌ରେ ସାମିଲ ହେବ ବୋଲି ପେଣ୍ଟାଗନ୍ କହିଛି। ରବିବାର ଟାଇଟନ୍ ବୁଡାଜାହାଜରେ ଯାତ୍ରା କରିଥିବା ବ୍ରିଟୋନ ହାମିସ୍ ହାର୍ଡିଙ୍ଗ, ପାକିସ୍ତାନ ବ୍ୟବସାୟୀ ଶେହଜାଦା ଦାଉଦ୍, ପୁଅ ସୁଲେମାନ, ଓସେନ୍‌ଗେଟ୍ ଏକ୍ସପେଡିଶନ୍‌ସ ସିଇଓ ଷ୍ଟକଟୋନ ରଶ ଏବଂ ଫ୍ରାନ୍ସ ସବ୍‌ମେରାଇନ୍ ଅପରେଟର ପଲ୍-ହେନରି ନାର୍ଜିଓଲେଟଙ୍କର କୌଣସି ପତ୍ତା ମିଳୁନାହିଁ। ଟାଇଟାନିକ୍ ଜାହାଜ ଦେଖିବାକୁ ଯାଇଥିବାବେଳେ ପ୍ରକାଶିତ ଖବର ମୁତାବକ, ବୁଡ଼ାଜାହାଜ ଟାଇଟାନରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଓସେନ୍ ଗେଟ୍‌ର ପୂର୍ବତନ ମେରାଇନ୍ ଅପରେଶନ୍‌ର ନିର୍ଦ୍ଦେଶକ ଡେଭିଡ୍ ଲୋର୍ଚିଡ୍ ପ୍ରଶ୍ନ କରିବାରୁ ତାଙ୍କୁ ୨୦୧୮ରେ ପଦରୁ ହଟାଇ ଦିଆଯାଇଥିଲା।




# ଦୁଇ ଅଭିଯୁକ୍ତଙ୍କ କ୍ରିପ୍ଟୋ ଆକାଉଣ୍ଟରେ ୧.୩ କୋଟି

## ଓଡ଼ିଶାରୁ ଆଇଏସ୍ଆଇକୁ ଓଟିପି ଶେୟାରିଂ ମାମଲା

- ୨ଟି ଆକାଉଣ୍ଟକୁ ବ୍ଲକ୍‌କଲା ଏସ୍‌ଟିଏଫ୍
- ଭାରତୀୟ ଓ ବିଦେଶୀ ଏକ୍ସଚେଞ୍ଜେସ୍ ଦ୍ୱାରା ଟ୍ରେଡିଂ କରୁଥିଲେ

ଭୁବନେଶ୍ୱର, ୨୧।୬(ସତ୍ୟଜିତ୍ ରାଉତ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ତଦନ୍ତ ଜାରି ରଖିଛି। ଗିରଫ ୫ ଅଭିଯୁକ୍ତ ଜେଲରେ ଦିନ କାଟୁଥିବାବେଳେ ଏସ୍‌ଟିଏଫ୍ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଦୁଇ ଅଭିଯୁକ୍ତ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ପ୍ରୀତମ୍ କର ଓ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ସରୋଜ କୁମାର ନାୟକଙ୍କର କ୍ରିପ୍ଟୋ ଟ୍ରେଡିଂରେ ଲିଙ୍କ୍ ଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଉଭୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ରିପ୍ଟୋରେ ନିବେଶ କରିଛନ୍ତି। ତେଣୁ ସେମାନଙ୍କ ଦୁଇଟି କ୍ରିପ୍ଟୋ ଆକାଉଣ୍ଟକୁ ଏସ୍‌ଟିଏଫ୍ ବ୍ଲକ୍ କରିଥିବା ବୁଧବାର ସୂଚନା ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରୀତମ୍ ଏକ ଅଗ୍ରଣୀ କ୍ରିପ୍ଟୋ ଏକ୍ସଚେଞ୍ଜେସ୍‌ରେ ଇମେଲ୍ ଆଇଡି ଦ୍ୱାରା ରେଜିଷ୍ଟର ହୋଇଛନ୍ତି। ତାଙ୍କ କ୍ରିପ୍ଟୋ ଆକାଉଣ୍ଟରେ ୨ଟି ବ୍ୟାଙ୍କ ଆକାଉଣ୍ଟ ଓ ଗୋଟିଏ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ଆଇଡି ଲିଙ୍କ୍ ରହିଛି। ଗତ ଦୁଇବର୍ଷ ମଧ୍ୟରେ ସେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ରିପ୍ଟୋ କାରବାର କରିଛନ୍ତି। ଏପରିକି ତାଙ୍କ ଆକାଉଣ୍ଟ ରେଡ୍‌ଫ୍ଲାଗ୍ ଏରିଆରେ ମଧ୍ୟ ଅନ୍ତର୍ଭୁକ୍ତ। ସେହି ଆକାଉଣ୍ଟରେ କଏନ୍‌ବେସ୍, ଏଫ୍‌ଟିଏକ୍ସ ଓ ବିଟ୍‌ମାର୍ଟ ଆଦି ଏକ୍ସଚେଞ୍ଜେସର ଅଜ୍ଞାତ ଉତ୍ସରୁ ଭାରତ ବାହାରୁ କ୍ରିପ୍ଟୋ ଡିପୋଜିଟ୍ ହେବା ସହ କ୍ରିପ୍ଟୋ ଟ୍ରାନ୍ସଫର୍ ମଧ୍ୟ ହୋଇଛି। ଆହୁରି ମଧ୍ୟ ପ୍ରୀତମ୍ କ୍ରିପ୍ଟୋ ପ୍ଲାଟ୍‌ଫର୍ମରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ରେଫର୍ କରିଛନ୍ତି। ଉକ୍ତ ସନ୍ଦିଗ୍ଧଙ୍କର ୧ ହଜାର ବ୍ୟକ୍ତିଙ୍କ ରେଫରାଲ ତଥ୍ୟ ମଧ୍ୟ ରହିଛି। ତେବେ ସମ୍ପୃକ୍ତ ସନ୍ଦିଗ୍ଧ ଜଣକ ଆଇଏସ୍ଆଇ ଏଜେଣ୍ଟ ହୋଇଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି।

ସେହିପରି ଅଭିଯୁକ୍ତ ସରୋଜ ମଧ୍ୟ ଏକ ଅଗ୍ରଣୀ କ୍ରିପ୍ଟୋ ଏକ୍ସଚେଞ୍ଜେସ୍‌ରେ ଇମେଲ୍ ଆଇଡି ଦ୍ୱାରା ରେଜିଷ୍ଟର କରିଥିବାବେଳେ ସେଥିରେ ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟ ଓ ଦୁଇଟି ୟୁପିଆଇ ଆଇଡି ଲିଙ୍କ୍ ରହିଛି। ସେ ପ୍ରାୟ ୩୦ ଲକ୍ଷ ଟଙ୍କାର କାରବାର କରିଛନ୍ତି। ଏପରିକି କ୍ରିପ୍ଟୋ ଏକ୍ସଚେଞ୍ଜେସ୍ ବ୍ୟବହାର କରି ବିଦେଶରୁ ଭାରତୀୟ ଟଙ୍କା ମଧ୍ୟ ଉଠାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ତଦନ୍ତବେଳେ ଏସବୁ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ଦୁଇ ଅଭିଯୁକ୍ତଙ୍କ ୨ଟି ଆକାଉଣ୍ଟ ବ୍ଲକ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହି ମାମଲାରେ ଏସ୍‌ଟିଏଫ୍ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତମାନେ ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ଆଇଏସ୍ଆଇ ଏଜେଣ୍ଟଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍‌ର ଓଟିପି ଶେୟାର କରି ବିପୁଳ ଟଙ୍କା ପାଉଥିଲେ। ଏହି ମାମଲାରେ ଏସ୍‌ଟିଏଫ୍ ଗତ ମେ’ ୧୩ରେ ନୟାଗଡ଼ର ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କା, ସରୋଜ, ଯାଜପୁରର ସୌମ୍ୟ ପଟ୍ଟନାୟକଙ୍କୁ ଗିରଫ କରିଥିଲା। ସେହିପରି ଜୁନ୍ ୭ରେ ନୟାଗଡ଼ରୁ ପ୍ରଦ୍ୟୁମ୍ନ କୁମାର ସାହୁ ଓ ୧୦ରେ ୫ମ ଅଭିଯୁକ୍ତ ପ୍ରୀତମ୍ ଗିରଫ ହୋଇଥିଲେ।

# ଆଉ ୨ ଦିନ ପରେ ଆସିପାରେ ମୌସୁମୀ

## ଜୁନ୍‌ରେ ନିଅଣ୍ଟିଆ ବର୍ଷା

### ୨୨ରୁ ୨୬ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧।୬(ଅନିଲ ଦାସ)

ଆସନ୍ତା ଦିନେ କି ୨ ଦିନ ଭିତରେ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିବା ସମ୍ଭାବନା ରହିଛି। ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟର ଅନେକ ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଏଥିସହ ମେଘୁଆ ପାଗ ରହୁଛି। ଗତ ୨/୩ ଦିନ ଭିତରେ କେତେକ ଜିଲାରେ ବର୍ଷା ପରିମାଣ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟାରେ ସୁନ୍ଦରଗଡ଼ରେ ୨୧.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଭବାନୀପାଟଣା ୨୫.୮, ଝାରସୁଗୁଡ଼ା ୧୦, କୋରାପୁଟ ୮.୧, ମାଲକାନଗିରି ୩.୩, ନୂଆପଡ଼ା ୫.୨, ଯାଜପୁର ୪, ଭଦ୍ରକ ୭ ଏବଂ ଦାରିଙ୍ଗବାଡ଼ିରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମୌସୁମୀ ଅଧିକ ସକ୍ରିୟ ହୋଇ ଆଗକୁ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାରଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧିପାଇବା ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏଥିସହିତ ଗତ କିଛିଦିନ ଧରି ଲାଗି ରହୁଥିବା ହିଟ୍‌ୱେଭ ୱାର୍ନିଂକୁ ପାଣିପାଗ ବିଭାଗ ପକ୍ଷରୁ ଉଠାଇ ନିଆଯାଇଛି। ଆସନ୍ତା ୨୨ରୁ ୨୬ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ଜୁନ୍‌ରେ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୮ ତାରିଖରେ ମୌସୁମୀ କେରଳ ଛୁଇଁଥିବା ବେଳେ ରାଜ୍ୟରେ ହିଟ୍‌ୱେଭ ୨୦ ତାରିଖ ଯାଏ ଜାରି ରହିଥିଲା। ଏଥିଯୋଗୁ ବର୍ଷା ହ୍ରାସ ପାଇଥିବା କୁହାଯାଉଛି। ଜୁନ୍‌ରେ ସ୍ୱାଭାବିକ ଭାବେ ୨୦୦ ମିଲିମିଟର ବର୍ଷା ହେବା କଥା। ହେଲେ ୧୯ ତାରିଖ ସୁଦ୍ଧା ୮୦% କମ୍ ବର୍ଷା ହୋଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଯଦି ବର୍ଷା ପରିମାଣ ବୃଦ୍ଧି ପାଇବ ତେବେ ନିଅଣ୍ଟିଆକୁ ଭରଣା କରାଯାଇ ପାରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ମେଘୁଆ ପାଗ ଯୋଗୁ ରାଜ୍ୟରେ ପାରଦ ତଳମୁହାଁ ହୋଇଛି। ଅଳ୍ପ କେତେକ ସ୍ଥାନକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ସମ୍ବଲପୁରରେ ସର୍ବାଧିକ ୪୨.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୨, ହୀରାକୁଦ ୪୧.୭, ବଲାଙ୍ଗୀର ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଖୋଲିଲା ମଝି ଘରିଆଣୀ ମନ୍ଦିର ହୁଣ୍ଡି

## ୫୮.୨୫ ଲକ୍ଷ ଟଙ୍କା, ୩୯ ଗ୍ରାମ ସୁନା,୧ କେଜି ରୁପା ସଂଗ୍ରହ

ରାୟଗଡ଼ା ଅଫିସ,୨୧।୬ (ଭାଗ୍ୟଶ୍ରୀ ମିଶ୍ର)

ଦୀର୍ଘ ୩ ମାସ ପରେ ବୁଧବାର ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝି ଘରିଆଣୀ ମନ୍ଦିରର ୯ଟି ହୁଣ୍ଡି ଖୋଲାଯାଇଛି। ଚଳିତ ଥର ନଗଦ ୫୮ ଲକ୍ଷ ୨୪ ହଜାର ୯୫୦ ଦାନ ଟଙ୍କା ସଂଗ୍ରହ ହୋଇଥିବାବେଳେ ୩୯ ଗ୍ରାମ ସୁନା, ୧ କେଜି ୬୫୦ ଗ୍ରାମ୍ ରୁପା ସଂଗ୍ରହ ହୋଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ମିଳିଥିବା ଦାନଟଙ୍କାକୁ ମଝି ଘରିଆଣୀ ମନ୍ଦିରର ଉନ୍ନତିକରଣ ପାଇଁ ବ୍ୟବହାର କରାଯିବ ବୋଲି ମନ୍ଦିର ଟ୍ରଷ୍ଟି ବୋର୍ଡ ଅଧକ୍ଷ ରାଇସିଂ ବିଡ଼ିକା କହିଛନ୍ତି।


ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝି ଘରିଆଣୀ ମନ୍ଦିରରେ ଦାନଟଙ୍କା ଗଣତି ଚାଲିଛି।

ଦାନ ଟଙ୍କା ଗଣତି କାର୍ଯ୍ୟରେ ରାୟଗଡା ସହରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଜେମ୍ସ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ପ୍ରାୟ ୧୫୦ରୁ ଅଧିକ ଲୋକ ସାମିଲ ଥିଲେ। ରାୟଗଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଟଙ୍କା ଗଣତି ସମୟରେ ରେଭିନ୍ୟୁ ସୁପରଭାଇଜର ଦେବୀ ପ୍ରସାଦ ମଲିକ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗଣତି କାର୍ଯ୍ୟରେ ମନ୍ଦିର ଟ୍ରଷ୍ଟି ବୋର୍ଡ ସଦସ୍ୟମାନେ ସହଯୋଗ କରିଥିଲେ। ତେବେ ୩ ମାସ ତଳେ ଗତ ମାର୍ଚ୍ଚ ୨୭ ତାରିଖରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେଥିରୁ ୪୫ ଲକ୍ଷ ୧ ହଜାର ୨୪୯ ଟଙ୍କା ସଂଗ୍ରହ ହୋଇଥିଲା। ଏଥିସହ ୨୯ ଗ୍ରାମ ସୁନା, ରୁପା ୧ କେଜି ୧୬୯ ଗ୍ରାମ ସଂଗ୍ରହ ହୋଇଥିବାବେଳେ ୭ଟି ଡଲାର ବା ବିଦେଶୀ ନୋଟ ସଂଗ୍ରହ ହୋଇଥିଲା।



**ଆଜିର ମନ୍ତବ୍ୟ**

"ମଣିପୁର ସ୍ଥିତି ହୃଦୟବିଦାରକ। ଅଭୂତପୂର୍ବ ହିଂସାରେ ବହୁ ଲୋକଙ୍କ ମୃତ୍ୟୁ ଘଟିବା ସହ ଦେଶର ବିବେକ ଉପରେ ଗଭୀର କ୍ଷତ ସୃଷ୍ଟି କରିଛି।
-ସୋନିଆ ଗାନ୍ଧୀ, କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗରବ ତୁ ନୁହଁ ବାଉଁଶ**
**ପୋଡ଼ି ଦେଲେ ହେବୁ ପାଉଁଶ ।**
ଯେମିତି କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ ଠିକ୍ ସେମିତି ମଣିଷର ଗର୍ବ, ଅହଂକାର ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ମଣିଷ ଜୀବନ କ୍ଷଣସ୍ଥାୟୀ। ମୃତ୍ୟୁବରଣ କରିବା ପରେ ତାକୁ ଯେତେବେଳେ ଶ୍ମଶାନରେ ଦାହ କରିଦିଆଯାଏ ସେତେବେଳେ ସେ ମୁଠାଏ ପାଉଁଶରେ ପରିଣତ ହୋଇଯାଏ। ତେଣୁ ଅଳ୍ପଦିନ ପାଇଁ ଦୁନିଆକୁ ଆସି ମଣିଷ ନିଜ ଧନ, ସମ୍ପଦ ତଥା ଐଶ୍ୱର୍ଯ୍ୟକୁ ନେଇ ଗର୍ବ କରିବା ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଗଙ୍ଗଶିଉଳି**
**କୋଉ ଖରାରେ ତୁ ଗଲୁ ଝାଉଁଳି ।**
ଗଙ୍ଗଶିଉଳି ଫୁଲ ରାତିରେ ଫୁଟି ସକାଳର ଖରା ପଡ଼ିବା ପୂର୍ବରୁ ଝଡ଼ି ପଡୁଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ କଟୁ ବଚନଦ୍ୱାରା ଆଘାତପ୍ରାପ୍ତ ରୂପବତୀ କନ୍ୟାର ମୁଖମଣ୍ଡଳ ଦୁଃଖ ଓ ଅଭିମାନରେ ଝାଉଁଳି ପଡ଼ିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ବିଜେଡି ଯୁବନେତାଙ୍କୁ ...

ଲଳିତଙ୍କ ବୁଲେଟ୍‌କୁ ପଛପଟୁ ଧକ୍କା ଦେବାରୁ ସେ ରାସ୍ତା କଡ଼ରେ ଥିବା ଏକ ନଡ଼ିଆ ଗଛରେ ପିଟିହୋଇ ପଡ଼ିଯାଇଥିଲେ। ଘଟଣାସ୍ଥଳରୁ ନିଜେ ରାମକୃଷ୍ଣ ଲଳିତଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ନିଜ କାରରେ ଆଣି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ରାମକୃଷ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବେଡ୍‌ରେ ଲଳିତଙ୍କୁ ଛାଡ଼ି କାର ଯୋଗେ ଫେରାର ହୋଇଯାଇଥିଲେ। ପରେ ଲଳିତଙ୍କ ସମ୍ପର୍କୀୟ ଓ ବହୁ ବିଜେଡି ନେତା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଦିଗପହଣ୍ଡି ଆଇଆଇସି ଦୀପ୍ତିରଞ୍ଜନ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରି ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ଜଣାଇବା ପରେ କେ.ନୂଆଗାଁ ପୋଲିସ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ଘଟଣାକୁ ନେଇ ଖମ୍ବାରିଗାଁରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କେ.ନୂଆଗାଁ ଆଇଆଇସି କହିଛନ୍ତି। ଢେଙ୍କାନାଳ ଜିଲାର ଅନ୍ୟତମ ସମ୍ବେଦନଶୀଳ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଓ ଉପଖଣ୍ଡରେ ୨୦୧୩ ପରଠାରୁ ରାଜନୈତିକ ଗୋଷ୍ଠୀ ବିବାଦଜନିତ ହତ୍ୟାକାଣ୍ଡ ବଢ଼ିବାରେ ଲାଗିଛି। ବିଶେଷ କରି ବିଜେଡି ନେତାମାନେ ଦୁର୍ବୃତ୍ତଙ୍କ ଟାର୍ଗେଟରେ ରହୁଛନ୍ତି। କାମାକ୍ଷାନଗର ଥାନା ତଥା ଭୁବନ ବ୍ଲକ ଦୀଘି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ରାଉତଙ୍କୁ ୨୦୨୩ ମେ' ୭ ରାତିରେ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ୨୦୨୧ରେ ବାରୁଆଁ (କା) ପଞ୍ଚାୟତର ଦୀପକ ମହନ୍ତ ହତ୍ୟାର ଶିକାର ହୋଇଥିଲେ। ଦୀପକ ଦୀର୍ଘଦିନ ଧରି ପଞ୍ଚାୟତ ପ୍ରତିନିଧି ଥିଲେ। ୨୦୧୮ରେ ଜିଲା ଯୁବ ବିଜେଡି ସଭାପତି ଯଶୋବନ୍ତ ପରିଡ଼ାଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସୁପାରି କିଲର, ସାର୍ପସୁଟରଙ୍କୁ ବ୍ୟବହାର କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଅନୁରୂପ ଭାବେ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ଢେଙ୍କାନାଳ ସଦର ବ୍ଲକ ତରଭା ପଞ୍ଚାୟତ ତଥା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଭାଜପା ସମର୍ଥକ ସଲମନ ରାଉତଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଚଳିତ ବର୍ଷ ଗତ ଜୁନ୍ ୧୪ ରାତି ୧୧ଟାରେ କାମାକ୍ଷାନଗର ବିଜେଡି କର୍ମୀ ତଥା ଠିକାଦାର କାହ୍ନୁଚରଣ ସାହୁଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ସେ କାର୍‌ରେ ଫେରୁଥିବାବେଳେ ଘର ସମ୍ମୁଖରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଏଥିପୂର୍ବରୁ ତାଙ୍କୁ ୨ ଥର ହତ୍ୟା ଉଦ୍ୟମ କରାଯାଇଥିଲା। ବିଜେଡିର ରାଜ୍ୟସ୍ତରୀୟ ନେତା ମଧ ସୁରକ୍ଷିତ ନ ଥିବା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାରୁ ସ୍ପଷ୍ଟ ହୋଇଛି। ତାଙ୍କୁ ଗତ ଜାନୁୟାରୀ ୨୯ ତାରିଖରେ ପୋଲିସ ଏସ୍‌ଆଇ ଗୋପାଳ ଦାସ ଗୁଳିକରି ହତ୍ୟା କରିଥିଲେ। ଗୋପାଳ କାହିଁକି ହତ୍ୟା କଲେ ତାହା ଆଜି ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିପାରିନାହିଁ।

## ଜେଲ ହାଜତରେ କଏଦୀଙ୍କୁ ...

କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ବୁଧବାର ସକାଳ ୬ଟା ୧୫ରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ଣ ୪ଟା ୧୫ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୃତ ଅଥାନିଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ମେଡିକାଲରେ ପହଞ୍ଚି ହୋହଲ୍ଲା କରିଥିଲେ। ଗ୍ରାମରେ ମଧ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସୂଚନା ପାଇ ଟାଉନ ଥାନା ପୋଲିସ ମେଡିକାଲରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଜେଲରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ପ୍ରାଥମିକ ଭାବେ ଏ ନେଇ ନଂ. ୨୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଅଥାନିଙ୍କ ସ୍ତ୍ରୀ ଝରଣା ଅଭିଯୋଗ କରି କୁହନ୍ତି, ସ୍ୱାମୀ ମଦ ବେପାର କରୁ ନ ଥିଲେ। ତାଙ୍କୁ ମିଥ୍ୟା କେସ୍‌ରେ ଫସାଇ ଜବରଦସ୍ତ ଜେଲରେ ଭର୍ତ୍ତି କରାଯାଇଥିଲା। ହାଜତରେ ତାଙ୍କୁ ପିଟି ପିଟି ମାରି ଦିଆଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ନ୍ୟାୟ ଦେବାକୁ ଝରଣା ଦାବି କରିଛନ୍ତି। ଅଭିଯୋଗର ପ୍ରତିକ୍ରିୟାରେ ଜିଲା ଜେଲ ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ କୁହନ୍ତି, ଜେଲ ହାଜତକୁ ଆସିବା ଦିନ ଅର୍ଥାତ୍ ଗତ ୧୯ ତାରିଖ ସନ୍ଧ୍ୟାରେ ଖାଇବା ପରେ ଅଥାନି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ହାଜତ ପରିସରରେ ଥିବା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ଣ ୪ଟା ୧୫ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ସ୍ପଷ୍ଟ ହୋଇଯିବ। ଅନ୍ୟପଟେ ଜେଲରେ ମାଡ଼ ମରାଯାଇଥିବା ଅଭିଯୋଗକୁ ଜେଲ ଅଧୀକ୍ଷକ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଜେଲ ପରିସରରେ ଏଭଳି ଘଟଣା ଘଟିନି। ତେଣୁ ନିଶ୍ଚିତ ଏଭଳି ଅଭିଯୋଗ ଉଠିବ। ହେଲେ ତାଙ୍କୁ କୌଣସି ପ୍ରକାର ମାରପିଟ୍ କରାଯାଇ ନ ଥିବା ସେ ସ୍ପଷ୍ଟୀକରଣ ଦେଇଛନ୍ତି।

## ଆନ୍ଦୋଳନ ବେଳେ ...

ମହିଳାପୁରୁଷ ଘେରିଯାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଶେଷରେ ଡିଏଫ୍‌ଓ ବିଶ୍ୱନାଥ ନୀଳମ୍ବରନ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଦୁଃଖ ପ୍ରକାଶ କରି ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ମନୋଜ ଖୁଣ୍ଟିଆ, ସୁଶୀଲ ବେହେରା, ଦେବାଶିଷ ପରିଡା, ବିଜୟ ବିଶ୍ୱାଳ, ପହ୍ଲାଦ ପ୍ରଧାନ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ କୁମାର ପ୍ରଧାନ,ଭାଜପା ମଣ୍ଡଳ ସଭାପତି ଓମ୍ ପ୍ରକାଶ ବିଶ୍ୱାଳ ଉକ୍ତ ପରିବାରକୁ ଭେଟିଥିଲେ। ଅନ୍ୟପକ୍ଷରେ ରଙ୍କ ଭୂୟାଁ ବୁଧବାର ସକାଳେ ନିଜ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରେଢାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ବଡମାଳ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ପକ୍ଷରୁ ରଙ୍କଙ୍କ ପରିବାରବର୍ଗଙ୍କୁ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଡିଏଫ୍‌ଓ ମହାନ୍ତି କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ହାତୀଙ୍କ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସ ସାହୁ(୬୫) ଓ ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନ(୫୫)। ଶ୍ରୀନିବାସ ଏବଂ ଗଡ଼ତରାମ ଗ୍ରାମ ନିକଟ ବାଉଁଶବୁଦାରୁ ବାଉଁଶ ସଂଗ୍ରହ କରିବାକୁ ଯାଇଥିବାବେଳେ ଏକ ଦନ୍ତା ସେମାନଙ୍କୁ ପାଦରେ ଦଳି ଦେଇଥିଲା। ଏହି ଘଟଣାକୁ ନେଇ ସାନକନ୍ତକୁଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏଥିସହ ସେହି ହାତୀ ମଙ୍ଗଳବାର ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ କନ୍ତାମିଲା ଗ୍ରାମର ଇନ୍ଦୁମତି ସାହୁ(୬୫)ଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

ଜଙ୍ଗଲରେ ପାଟ୍ରୋଲିଂ ସମୟରେ ବନ କର୍ମଚାରୀଙ୍କୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇ ଦିଆଯାଉ ନାହିଁ। ଏନେଇ ରାଜ୍ୟ ସରକାର ଏବଂ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଏହାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ବିଭାଗୀୟ ଅବ୍ୟବସ୍ଥା ଏହାର ପ୍ରମୁଖ କାରଣ ସାଜିଛି। ତେଣୁ ଅଣଗେଜେଟେଡ୍ ବନ କର୍ମଚାରୀ ସରକାରଙ୍କ ନିକଟରେ ୫ଟି ଦାବି ରଖିବା ସହ ପାଟ୍ରୋଲିଂରୁ ଗତ ୧୯ତାରିଖରୁ ନିବୃତ୍ତ ରହି ଆନ୍ଦୋଳନ ଚଳାଇଛି। ବନ କର୍ମଚାରୀଙ୍କ ଦାବିଗୁଡ଼ିକ ହେଲା ୫୦ ସ୍ଥାନରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ମୁତୟନ, କର୍ମଚାରୀ କଲ୍ୟାଣ ପାଣ୍ଠି ଗଠନ, ସର୍କଲ ରି-ଅର୍ଗାନାଇଜେଶନ, ରେଞ୍ଜ ଓ ବିଟ୍ ରିଭିଜନ ଏବଂ ଖାଲି ପଡ଼ିଥିବା ପଦବୀଗୁଡ଼ିକର ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ନିଯୁକ୍ତି। ଏଭଳିସ୍ଥିତିରେ ବନ କର୍ମଚାରୀ ପାଟ୍ରୋଲିଂରେ ସାମିଲ ହେଉ ନ ଥିବାରୁ ବନଜନ୍ତୁ ଜନବସତି ମୁହାଁ ହୋଇ ଲୋକଙ୍କୁ ଆକ୍ରମଣ କରିବା ସହ ଧନଜୀବନ ନଷ୍ଟ କରୁଛନ୍ତି। ହାତୀ ଆକ୍ରମଣରେ ଅନୁଗୋଳ ଜିଲାରେ ମଙ୍ଗଳବାର ୨ ଜଣ ଏବଂ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ବୁଧବାର ସମ୍ବଲପୁର ଜିଲାରେ ମଧ ଦୁଇଜଣଙ୍କ ଜୀବନ ଯାଇଛି। ଓଡିଶା ଅଣଗେଜେଟେଡ୍ ବନସେବା ସଂଘର ସଭାପତି ଜଗବନ୍ଧୁ ପାତ୍ରଙ୍କ କହିବା ଅନୁଯାୟୀ ରାଜ୍ୟ ସରକାରଙ୍କୁ ବନ କର୍ମଚାରୀଙ୍କ ଦାବି ଜଣାଇଛୁ। ଜଙ୍ଗଲ ମଧରେ ଜୀବନ ବିପଦ ଥିବାରୁ ପାଟ୍ରୋଲିଂ କରିବୁ ନାହିଁ। କିନ୍ତୁ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ଜଙ୍ଗଲରୁ ହାତୀପଲ ଜନବସତି ମୁହାଁ ହେଉଛନ୍ତି। କର୍ମଚାରୀମାନେ ଜଙ୍ଗଲରେ ପାଟ୍ରୋଲିଂ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏ ସମସ୍ତ ଭୁଲ ଲାଗି ପ୍ରଶାସନ ଦାୟୀ ବୋଲି ପାତ୍ର କହିଛନ୍ତି।



ପତଞ୍ଜଳି ୱେଲ୍‌ନେସ୍ ସେଣ୍ଟର ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ମହାଆଡ଼ମ୍ବର ସହକାରେ ପତଞ୍ଜଳି ଯୋଗପୀଠ-୨ ପରିସରରେ ପାଳିତ ହୋଇଯାଇଛି। ଏଥିରେ ୨୦,୦୦୦ରୁ ଅଧିକ ଯୋଗ ସାଧକ ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

## ମହିଳାଙ୍କୁ ଟାଣିନେଲା...

ପାଇଛି। ପ୍ରତିବାଦ ସ୍ୱରୂପ ଗାଁ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସୂଚନା ଅନୁଯାୟୀ, ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ହାଡିଆଗଡି ଗାଁର ବୈଲୋଚନ ଦାସଙ୍କ ସ୍ତ୍ରୀ ସୀତାରାଣୀ(୪୫) ବୁଧବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ଖାଇ ସାରି ଘର ପଛପଟେ ଥିବା ପୋଖରୀ କୂଳରେ ବସି ବାସନ ମାଜୁଥିଲେ। ହଠାତ୍ ଏକ ବିରାଟକାୟ କୁମ୍ଭୀର ଝାମ୍ପ ମାରି ସୀତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। କିଛି ସମୟରେ କୁମ୍ଭୀର ତାଙ୍କୁ ପୋଖରୀ ତୁଠରୁ ଟାଣି ନେଇ ଚଡଦିଆ ନାଳକୁ ନେଇଯାଇଥିଲା। ବ୍ରାହ୍ମଣୀ ନଦୀର ଝାରପଡା ନିକଟରୁ ବାହାରିଥିବା ଏହି ନାଳ ଦଳରେ ଭର୍ତ୍ତି ହୋଇ ରହିଛି। ସୀତାଙ୍କୁ କୁମ୍ଭୀର ଟାଣି ନେବା ପରେ ମହିଳା ଜଣଙ୍କ ରକ୍ଷାକର ରକ୍ଷାକର ବୋଲି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ପାଖ ପଡୋଶୀ ଦୌଡି ଆସିଥିଲେ ମଧ୍ୟ ନାଳ ଦଳରେ ଭର୍ତ୍ତି ହୋଇଥିବାରୁ ତାଙ୍କୁ ରକ୍ଷା କରି ପାରି ନ ଥିଲେ। ମହିଳାଙ୍କୁ କୁମ୍ଭୀର ଟାଣିନେବା ଖବର ଜାଣିବା ପରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାସ୍ତା ଅବରୋଧ ଓ ରାସ୍ତାରେ ଟାୟାର ଜାଳି ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ବନ ବିଭାଗର କର୍ମଚାରୀ ଓ ଦମକଳ ବାହିନୀ ପହଞ୍ଚି ଥିଲେ। ହେଲେ ଦଳ ଭର୍ତ୍ତି ହୋଇଥିବାରୁ ଉଦ୍ଧାର ବିଳମ୍ବିତ ହୋଇଥିଲା। ନାଳ ଭିତରେ ଜାଲ ଟାଣି ବନକର୍ମଚାରୀମାନେ ପ୍ରଥମେ ଦଳ କାଢିବା ଆରମ୍ଭ କରିଥିଲେ। ପରେ ଜେସିବି ମାଧ୍ୟମରେ ଦଳ ଛଣା ଯିବା ପରେ ମହିଳାଙ୍କ ମୃତଦେହ ମିଳିଥିଲା। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଦୁଇପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ବାରମ୍ବାର କୁମ୍ଭୀର ଆକ୍ରମଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ସହ କଥା ହୋଇ ତହସିଲଦାର ରେଡକ୍ରସ ପାଣ୍ଠିରୁ ଶବ ସତ୍କାର ପାଇଁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ୫ହଜାର ଟଙ୍କା ପ୍ରଦାନ କରାଯିବ ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଯାଇଛି । ମୃତ ମହିଳାଙ୍କ ସ୍ୱାମୀ ପୁଣେରେ ଦାଦନ ଖଟୁଥିବା ବେଳେ ତାଙ୍କ ବଡଝିଅ ଓ ବଡପୁଅ କେରଳରେ କାମ କରୁଛନ୍ତି। ଘରେ ବୃଦ୍ଧା ଶାଶୁଙ୍କ ସହ ୧୧ବର୍ଷର ସାନପୁଅ ଆକାଶ ଥିଲେ। ଆଜି ସ୍କୁଲ ଖୋଲିଥିବାରୁ ପୁଅ ସ୍କୁଲ ଯାଇଥିଲେ। ଶାଶୁ ଗୋଟେ ଘରେ ଖାଉଥିବା ବେଳେ ସୀତା ପ୍ରଥମେ ଖାଇ ସାରି ବାସନ ଧୋଇବାକୁ ପୋଖରୀ କୂଳକୁ ଯାଇଥିଲେ। ଶାଶୁ ଖାଇ ସାରିବା ପୂର୍ବରୁ ବୋହୂ ସୀତା କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଥିଲେ।

## ନିର୍ମାଣ ହେବ ୩୪୦୪ ...

ଯୋଜନା ଅଧୀନରେ ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କରିବେ। ଏହି ଯୋଜନାରେ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକୁ ଉନ୍ନତମାନର ରାସ୍ତା ନିର୍ମାଣ କରାଯିବ। ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଥିବା ଲୋକମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ହୋଇପାରିବ। ଏଥିପାଇଁ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ସରକାର ୧୮୧୪.୯୨ କିଲୋମିଟରେ ନୂତନ ରାସ୍ତା ନିର୍ମାଣ କରିବା ସହ ଚାଲୁ ରହିଥିବା ରାସ୍ତାଗୁଡ଼ିକ ପାଇଁ ୧୮୯୩ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି ଦୁର୍ଗମ ପାର୍ବତ୍ୟାଞ୍ଚଳ, ମାଓବାଦୀ ପ୍ରବଣ ଜିଲାରେ ଅପହଞ୍ଚ ଓ ଅସଂଯୋଜିତ ଗ୍ରାମ ଓ ଅନ୍ୟାନ୍ୟ ଜିଲାରେ ଅସଂଯୋଜିତ ଦ୍ୱୀପଗୁଡ଼ିକୁ ମୁଖ୍ୟ ସଡ଼କ ସହ ସଂଯୋଗ କରାଯିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଉକ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୨ ବର୍ଷ ସକାଶେ ୯୭୬ କୋଟି ଟଙ୍କା ବ୍ୟୟରେ ୩୬୧.୩୪ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଏଥିସହିତ ଚାଲୁ ରହିଥିବା ରାସ୍ତାଗୁଡ଼ିକ ମଧ ସମ୍ପୂର୍ଣ୍ଣ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବଗୁଡ଼ିକୁ କ୍ୟାବିନେଟ ମଞ୍ଜୁର ମିଳିଛି। କ୍ୟାବିନେଟରେ ବିଭିନ୍ନ ବିଭାଗର ମୋଟ ୧୫ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଦ୍ୱାରା ସୁପାରିସ କରାଯିବା ଏବଂ ମା' ମଝିଘରିଆଣୀ ମନ୍ଦିର, ରାୟଗଡ଼ାର ଭିତ୍ତିଭୂମି ବିକାଶ ସମ୍ପର୍କିତ ପ୍ରସ୍ତାବ ଅନୁମୋଦନ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅନ୍ୟାନ୍ୟ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଥିଲେ।

## ଇଚ୍ଛାକୃତ ଋଣ ଖିଲାପକାରୀଙ୍କୁ ...

ନୂଆ ଢାଞ୍ଚା ରିଜର୍ଭ ବ୍ୟାଙ୍କର ପୂର୍ବ ଗାଇଡ୍‌ଲାଇନ୍ସ(ଯାହା ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ହତୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା)ର ବିରୋଧାଭାସ ମନେହୁଏ। ବର୍ତ୍ତମାନ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି ଯେ, ମୋଦି ସରକାର ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କୁ ଥଇଥାନ କରିବା ପାଇଁ ଏହି ନୂଆ ଢାଞ୍ଚାକୁ ବ୍ୟବହାର କରୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଯଥାସମ୍ଭବ ସ୍ୱାୟତ୍ତତା ସହ କାର୍ଯ୍ୟ କରିଥାଏ କିନ୍ତୁ ଏହା ଅର୍ଥ ମନ୍ତ୍ରଣାଳୟ ଅଧୀନରେ ରହିଛି।

### ନୂଆ ଢାଞ୍ଚା କ'ଣ

ବ୍ୟାଙ୍କଗୁଡ଼ିକ ପୂର୍ବରୁ ମଧ ୱାନ୍-ଟାଇମ୍ ସେଟଲମେଣ୍ଟ ବା ଏକକାଳୀନ ବନ୍ଦୋବସ୍ତ (ଓଟିଏସ୍) ସୁଯୋଗ ଦେଇଥିବାବେଳେ ରିଜର୍ଭ ବ୍ୟାଙ୍କର ନୂଆ ସର୍କ୍ୟୁଲାର ଏହାକୁ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ କ୍ଷେତ୍ରରେ ଲାଗୁ କରାଇବା ପାଇଁ ଏକ ସଂଶୋଧିତ ଢାଞ୍ଚା (ରିଭାଇଜ୍‌ଡ ଫ୍ରେମ୍‌ୱାର୍କ) ଧାର୍ଯ୍ୟ କରିଛି। ଇଚ୍ଛାକୃତ ଖିଲାପକାରୀଙ୍କ ବର୍ଗୀକରଣ ସେହି ଋଣ ଠକେଇ ମାମଲାଗୁଡ଼ିକରେ ମଧ ପ୍ରଯୁଜ୍ୟ, ଯେଉଁଠି ଗ୍ରହୀତା ନେଇଥିବା ଟଙ୍କାକୁ ଅନ୍ୟ ଉଦ୍ଦେଶ୍ୟରେ ଡାଇଭର୍ଟ କରିପାରିବେ। ୨୦୨୨ ଡିସେମ୍ବର ସୁଦ୍ଧା ଭାରତୀୟ ବ୍ୟାଙ୍କଗୁଡ଼ିକରେ ୧୫,୭୭୮ ଇଚ୍ଛାକୃତ ଖିଲାପକାରୀ ଆକାଉଣ୍ଟ ରହିଥିବାବେଳେ ୩.୪ ଲକ୍ଷ କୋଟି ଟଙ୍କା ଖିଲାପ କରାଯାଇଥିଲା। ଏହି ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ମଧ୍ୟରେ କେତେଜଣ ପ୍ରମୁଖ ଓ ବଡ଼ ଭାରତୀୟ ବ୍ୟବସାୟୀ ରହିଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଘୋଷଣା କରିଛି ଯେ, ୱିଲ୍‌ଫୁଲ ଡିଫଲ୍ଟର୍ସ ଅଥବା ଠକେଇ ମାମଲାରେ ବୁଝାମଣା ବନ୍ଦୋବସ୍ତ ନିଷ୍ପତ୍ତି ବ୍ୟାଙ୍କଗୁଡ଼ିକର ବୋର୍ଡମାନେ ନେବେ। ଏହାବ୍ୟତୀତ ଏପରି ଋଣ ମଞ୍ଜୁର କରିଥିବା ବ୍ୟାଙ୍କ ଅଧିକାରୀମାନେ ଏହା ଉପରେ ବୁଝାମଣା ବନ୍ଦୋବସ୍ତକୁ ଅନୁମୋଦନ କରିବା ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ।

'ବୁଝାମଣା ବନ୍ଦୋବସ୍ତ'ର ଅର୍ଥ ହେଉଛି ଋଣ ଦାତା ଓ ଗ୍ରହୀତା ଦାବିର ସମାଧାନ ପାଇଁ ଆପୋସ ଆଲୋଚନା ଜରିଆରେ ଏକ ସହମତିରେ ପହଞ୍ଚନ୍ତି। ଅର୍ଥାତ୍ ଗ୍ରହୀତାଙ୍କଠାରୁ ପାଇବାକୁ ଥିବା ଅର୍ଥରୁ କିଛି ପରିମାଣକୁ ବ୍ୟାଙ୍କକୁ ଛାଡ଼ କରିବାକୁ ପଡ଼ିପାରେ। ଏହାଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଇଚ୍ଛାକୃତ ଖିଲାପକାରୀ ବୁଝାମଣା ବନ୍ଦୋବସ୍ତର ଅନ୍ୟୂନ ୧୨ ମାସ ପରେ ବ୍ୟାଙ୍କରୁ ନଆ ଋଣ ନେଇପାରିବେ ବୋଲି ଆର୍‌ବିଆଇ ଘୋଷଣା କରିଛି। କେତେଜଣ ବ୍ୟାଙ୍କର୍ସ କହିଛନ୍ତି, ନୂଆ ଢାଞ୍ଚା ବ୍ୟାଙ୍କଗୁଡ଼ିକୁ ଆଇନଗତ ମାମଲାଗୁଡ଼ିକରେ ବକେୟା ଅସୁଲ ପାଇଁ ସୁଯୋଗ ଦେବ। ଏହା ଋଣଦାତାମାନଙ୍କୁ ଆଇନଗତ ଖର୍ଚ୍ଚ ବଞ୍ଚାଇବାରେ ସହାୟକ ହେବ। ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ରାଇଟ୍-ଅଫ୍ ବ୍ୟାଙ୍କଗୁଡ଼ିକୁ ନିଜ ଖାତାଗୁଡ଼ିକରେ ନନ୍-ପର୍ଫମିଂ ଆସେଟ୍ସ (ଏନ୍‌ପିଏ)କୁ କମ୍ ଦେଖାଇବାରେ ସହାୟକ ହେବ। ଗତ ୧୦ ବର୍ଷ ମଧରେ ରାଇଟ୍ସ-ଅଫ୍ସ ଯୋଗୁ ୧୩.୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ଏନ୍‌ପିଏ ହ୍ରାସ କରିବାରେ ସହାୟକ ହୋଇଥିବା ଆର୍‌ବିଆଇ ତଥ୍ୟରୁ ଜଣାପଡ଼ିଛି।

### ଆର୍‌ବିଆଇର ପୂର୍ବ ଆଭିମୁଖ୍ୟର ବିରୋଧାଭାସ

ରିଜର୍ଭ ବ୍ୟାଙ୍କର ନୂଆ ଢାଞ୍ଚା ଏହାର ପୂର୍ବ ଆଭିମୁଖ୍ୟର ବିପରୀତ ମନେହୁଏ। ୨୦୧୫ରେ କେନ୍ଦ୍ରୀୟ ବ୍ୟାଙ୍କ ଜାରି କରିଥିବା ନିର୍ଦ୍ଦେଶାବଳୀରେ ଇଚ୍ଛାକୃତ ଖିଲାପକାରୀଙ୍କୁ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ ହତୋତ୍ସାହିତ କରିବା ପାଇଁ ଅତିରିକ୍ତ ସୁବିଧା ହାସଲ ନେବାକୁ ରୋକାଯାଇଥିଲା। ତେବେ ନୂଆ ଫ୍ରେମ୍‌ୱାର୍କରେ ସାଲିସ ବନ୍ଦୋବସ୍ତର ବର୍ଷେ ପରେ ସେମାନେ ନୂଆ ଋଣ ନେଇପାରିବେ। ୨୦୧୯ରେ ମଧ ଆର୍‌ବିଆଇ ଏକ ସର୍କ୍ୟୁଲାର ଜାରି କରିଥିଲା। ଠକେଇ/ ପଦାଧିକାରର ଦୁରୁପଯୋଗ/ ଇଚ୍ଛାକୃତ ଖିଲାପ କରିଥିବା ଗ୍ରହୀତାମାନଙ୍କୁ ଋଣ ପୁନର୍ଗଠନ ପାଇଁ ଏଥିରେ ଅଯୋଗ୍ୟ ବିବେଚିତ କରାଯାଇଥିଲା।

### ଇଚ୍ଛାକୃତ ଖିଲାପକାରୀଙ୍କ ନାମ ପ୍ରଘଟ

ମୋଦି ସରକାରଙ୍କ ପ୍ରଥମ ପାଳିର ଆରମ୍ଭରେ ଆର୍‌ବିଆଇ ଏବଂ କେନ୍ଦ୍ର ବଡ଼ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ନାମ ପ୍ରଘଟକୁ ବିରୋଧ କରିଥିଲେ। କଂଗ୍ରେସ ସରକାର ଦ୍ୱାରା ନିଯୁକ୍ତ ଆର୍‌ବିଆଇ ଗଭର୍ନର ରଘୁରାମ ରାଜନ୍ ୨୦୧୫ରେ ହାଇପ୍ରୋଫାଇଲ୍ ଠକେଇ ମାମଲାର ଏକ ତାଲିକା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ଅର୍ଥ ମନ୍ତ୍ରଣାଳୟକୁ ତଦନ୍ତ ପାଇଁ ପଠାଇଥିଲେ। ୨୦୧୫ ସେପ୍ଟେମ୍ବର ସୁଦ୍ଧା ମାତ୍ର ୨୨.୩% ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ବିରୋଧରେ ଆପରାଧିକ ତଦନ୍ତ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାର ବର୍ଷକ ପରେ ଅର୍ଥ ସମ୍ପର୍କିତ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ବଡ଼ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ନାମ ସାର୍ବଜନୀନ କରିବା ପାଇଁ ତାଲିକା ମାଗିଥିଲା। କିନ୍ତୁ ପିଏମ୍‌ଓ, ଅର୍ଥ ମନ୍ତ୍ରଣାଳୟ ଏବଂ ପରବର୍ତ୍ତୀ ସମୟରେ ରାଜନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଅଧିକାର ଆଇନ ବଳରେ ଏପରି ଉଦ୍ୟମକୁ ରୋକିଦେଇଥିଲେ। ଶେଷରେ ମେହୁଲ ଚୋକ୍ସି ଓ ନୀରବ ମୋଦିଙ୍କ ଭଳି ବ୍ୟବସାୟୀ (୨୦୧୮ରେ ଉଭୟେ ପଳାତକ ଆର୍ଥିକ ଅପରାଧୀ ଘୋଷିତ)ଙ୍କ ମାମଲା ସାମ୍ନାକୁ ଆସିବା ପରେ କେନ୍ଦ୍ର ସରକାର ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ନାମ ବ୍ୟାଙ୍କଗୁଡ଼ିକୁ ମାଗିଥିଲା। ସୁପ୍ରିମକୋର୍ଟ ଆର୍ଥିକ ଚେତାବନୀ ଦେବାର ୨ ବର୍ଷ ପରେ ଆର୍‌ବିଆଇ ୧୦୦ ୱିଲ୍‌ଫୁଲ ଡିଫଲ୍ଟର୍ସଙ୍କ ନାମ ଘୋଷଣା କରିଥିଲା।

### ସୁଟ୍-ବୁଟ୍-ଲୁଟ୍-ଝୁଟ୍ ସରକାର: କଂଗ୍ରେସ

ଜୁନ୍ ୧୪ରେ କଂଗ୍ରେସ ମୋଦି ସରକାରଙ୍କୁ ସୁଟ୍-ବୁଟ୍-ଲୁଟ୍-ଝୁଟ୍ ସରକାର କହି ସମାଲୋଚନା କରିଛି। ମୋଦି ସରକାର ଏବେ ନୀରବ ମୋଦି, ମେହୁଲ ଚୋକ୍ସି ଓ ବିଜୟ ମାଲ୍ୟାଙ୍କ ଭଳି ଠକ ଏବଂ ଇଚ୍ଛାକୃତ ଖିଲାପକାରୀଙ୍କୁ ଥଇଥାନ କରୁଥିବା କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ ଆଣିଥିଲେ। ଭାଜପାର ଧନୀ ଅର୍ଥଯୋଗାଣକାରୀମାନେ ଅତ୍ୟଧିକ ସୁବିଧା ପାଉଥିବାବେଳେ ସଚ୍ଚୋଟ ଭାରତୀୟମାନେ ନିଜ ଋଣ ପଇଠ ପାଇଁ ସଂଘର୍ଷ କରୁଥିବା ଜୟରାମ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ଅଶ୍ୱିନୀ ନକ୍ଷତ୍ରର ବ୍ୟୟବୃଦ୍ଧି, ରୋଗପୀଡ଼ା ଓ ପରୋକ୍ଷ ଶତ୍ରୁତା ବିଷୟରେ ଚିନ୍ତିତ କରାଇବ। ନିକଟ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଭାବରୁ ମନକୁ ସାନ୍ତ୍ୱନା ମିଳିଯିବ। କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନରେ ମଧ ଉନ୍ନତି କରିବେ।

**ବୃଷ**

ବିଭିନ୍ନ ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯିବ। ରୋହିଣୀର ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ**

ଅସୁବିଧା ମଧରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ, ଫଳରେ ମନ ଭାରାକ୍ରାନ୍ତ ରହିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ପୁନର୍ବସୁ ନକ୍ଷତ୍ର ସାମାଜିକ ସ୍ତରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**କର୍କଟ**

ଅଶ୍ଳେଷା ନକ୍ଷତ୍ର ସକାଶେ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଶୁଭପ୍ରଦ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କାମ ସ୍ଥଗିତ ରହିବ ନାହିଁ।

**ସିଂହ**

ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ରର ପାରିବାରିକ ପରିସ୍ଥିତି ଭଲ ନ ହେଲେ ମଧ ମନ୍ଦ ହେବନି। ଦେହ ଭଲ ରହିଲେ ମଧ ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**

ଶନିଙ୍କ ଶୁଭ ପ୍ରଭାବରୁ ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଙ୍ଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। କିନ୍ତୁ ଚିତ୍ରା ନକ୍ଷତ୍ର ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ମାଲି ମକଦ୍ଦମା, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ,କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**

ଆପଣଙ୍କ ଉତ୍କୃଷ୍ଟ ବିଚାରଧାରା ଓ ଉନ୍ନତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। କୌଣସି ମୂଲ୍ୟବାନ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। ଭଲ ସମ୍ପର୍କ ନ ଥିବା କାରଣରୁ ସ୍ୱାତୀନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ସଫଳତା ପାଇବେ।

**ବିଛା**

ଅଭାବ ଅସୁବିଧା ନ ଥିଲେ ମଧ ଅସୁସ୍ଥ ମାନସିକତା ହେତୁ ଅଶାନ୍ତ ରହିବେ। ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା କାର୍ଯ୍ୟହାନିର କାରଣ ପାଲଟିଯିବ। ସାଧାରଣ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**

ପାରସ୍ପରିକ ଉତ୍ତମ ବୁଝାମଣା ଯୋଗୁ ପାରିବାରିକ ଜୀବନ ନିୟନ୍ତ୍ରଣ ମଧରେ ରହିବ। ପଡ଼ୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢ଼ାଇଦେଇ ପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର**

ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କାରଣରୁ ମନରେ ସରସତା ରହିବ ନାହିଁ। ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର ପ୍ରଶାସନ, ପ୍ରକାଶନ ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ**

ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଶତଭିଷା ନକ୍ଷତ୍ର ସକାଶେ ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ**

ଆଜି ଉତ୍ତରଭାଦ୍ରବ ନକ୍ଷତ୍ରର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆକସ୍ମିକ ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଥୀ, ଗୁରୁବାର, ଜୁନ୍ ୨୨ ତାରିଖ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ ଘ.୦୬।୦୫ ମଧ୍ୟେ, ଘ. ୦୯।୩୬ ଗତେ ଘ.୧୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୯।୩୬ ଗତେ ଘ.୧୧।୨୨ ମଧ୍ୟେ ରାହୁକାଳ।



ବୁଧବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନିରଥ।

# ଡାକ୍ତରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ଦେବଗଡ଼, ୨୧।୬ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଡାକ୍ତର ଏକ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଙ୍କୁ ପ୍ରେମ ନିବେଦନ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖି ଗର୍ଭ ନଷ୍ଟ କରିଥିବା ବୁଧବାର ଅଭିଯୋଗ ହୋଇଛି। ଅନୁଗୋଳ ଜିଲା ପାଲଲହଡା ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ବାରକୋଟ ଥାନା ଅଧୀନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ନିଜ ଦୁଇ ପିଲାଙ୍କ ସହ ରହିଆସୁଛନ୍ତି। ତେବେ ପିଲାଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ସେ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କୃଷ୍ଣ ବୋଇପାଇଙ୍କ ନିକଟକୁ ଯାଇଥାନ୍ତି। ଏପରିସ୍ଥଳେ ଡାକ୍ତର କୃଷ୍ଣ ଗତ ଜାନୁୟାରୀ ୫ରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏକ କୋଠରିରେ ପୀଡିତା ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ। ମହିଳା ଜଣକ ଏଥିରେ ରାଜି ନ ହେବାରୁ ଡାକ୍ତର କୃଷ୍ଣ ତାଙ୍କ ପିଲାମାନଙ୍କୁ ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ପରେ ମହିଳା ଜଣକ ରହୁଥିବା ଭଡାଘରକୁ ଯାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ପୀଡିତା ଗର୍ଭବତୀ ହେବା ଜାଣି ଡାକ୍ତରଙ୍କୁ କହିବାରୁ ସେ ଔଷଧ ଖୁଆଇ ଗର୍ଭ ନଷ୍ଟ କରିଥିଲେ। ଏଥିସହ ବିଭିନ୍ନ ଆଳରେ ଗତ ୬ମାସ ମଧ୍ୟରେ ଡାକ୍ତର କୃଷ୍ଣ ପୀଡିତାଙ୍କଠାରୁ କୁଆଡେ ୪୦ ହଜାର ଟଙ୍କା ନେଇ ଧରାଛୁଆଁ ଦେଉ ନ ଥିବା ନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ପୀଡିତାଙ୍କ ରିପୋର୍ଟ ଆଧାରରେ ପୋଲିସ ଆଇପିସି ଦଫା ୩୭୬(୨)(ଏନ), ୫୦୬ ଓ ୩୧୩ରେ ଏକ ମାମଲା (ନଂ.୧୮୭/୨୩) ରୁଜୁ କରିବା ସହ ପୀଡିତାଙ୍କ ଡାକ୍ତରୀ ମାଇନା କରାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଡାକ୍ତର କୃଷ୍ଣ ଫେରାର ଥିବା ଜଣାପଡିଛି। ଏ ସମ୍ପର୍କରେ ଥାନା ଅଧିକାରୀ କନକ ମାଝି କହିଛନ୍ତି, ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ହୋଇଛି।

# ସାଢ଼େ ୪ ଘଣ୍ଟା ନୀତି ବିଳମ୍ବ: ଉପାସ ରହିଲେ ଠାକୁର

**ପୁରୀ, ୨୧।୬ (ଅଜିତ୍ ମହାନ୍ତି)**

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବୁଧବାର ତିନି ରଥ ପହଞ୍ଚିଛି। ତେବେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ନୀତିକାନ୍ତିରେ ପ୍ରାୟ ସାଢ଼େ ୪ଘଣ୍ଟା ବିଳମ୍ବ ଘଟିଛି। ଫଳରେ ଠାକୁରମାନେ ଉପାସରେ ରହିଥିଲେ। ଏ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ କରାଯିବା ସହ କାର୍ଯ୍ୟ ଅନୁଧ୍ୟାନ ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଏଭଳି ନୀତି ବିଳମ୍ବକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଟରେ ଅଟକି ରହିଥିବା ଦର୍ପଦଳନ ଓ ନନ୍ଦିଘୋଷ ରଥକୁ ବୁଧବାର ସକାଳେ ଟଣାଯାଇଥିଲା। ୧୦ଟା ୩୫ରେ ରଥଟଣା ଶେଷ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ରଥ ପହଞ୍ଚିଥିଲେ। ତେବେ ରଥ ଉପରେ ନୀତି ଅନୁଷ୍ଠିତ ହୋଇ ନ ଥିଲା। ପରେ ଅପରାହ୍ନ ପ୍ରାୟ ୩ଟା ୫ରୁ ୩ଟା ୪୫ ମିନିଟ୍ ପର୍ଯ୍ୟନ୍ତ ତିନି ରଥରେ ଗୋପାଳବଲ୍ଲଭ ଭୋଗ କରାଯାଇଥିଲା। ସେହିପରି ୩ଟା ୫୫ରୁ ୪ଟା ୫୫ ପର୍ଯ୍ୟନ୍ତ ସକାଳ ଧୂପ ହୋଇଥିଲା। ପରେ ମଇଲମ, ତିନିରଥ ମହାସ୍ନାନ, ସର୍ବାଙ୍ଗ, ବେଶ ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ପ୍ରାୟ ସାଢେ ୪ଘଣ୍ଟା ଧରି ନୀତି ନ ହେବାରୁ ଠାକୁରମାନେ ଉପାସରେ ରହିଥିଲେ। ସେବାୟତ ଓ ପ୍ରଶାସନ ମଧ୍ୟରେ ସୁସମନ୍ୱୟ ଅଭାବରୁ ନୀତି ବିଳମ୍ବ ହୋଇଥିବା ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ରଥ

■ ଆଜି ଆଡ଼ପ ମଣ୍ଡପ ବିଜେ, ୨୩ରୁ ଆଡ଼ପ ଦର୍ଶନ

ମଙ୍ଗଳବାର ରଥଯାତ୍ରା ଦିନ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ବେଳେ ରାତି ହୋଇଯିବାରୁ ଦର୍ପଦଳନ ଓ ନନ୍ଦିଘୋଷ ରଥ ବାଟରେ ଅଟକି ରହିଥିଲା। ବୁଧବାର ସକାଳେ ଏହି ଦୁଇ ରଥକୁ ଶ୍ରଦ୍ଧାଳୁମାନେ ଆନନ୍ଦ ଓ ଉତ୍ସାହର ସହ ଟାଣି ଟାଣି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇଛନ୍ତି। ରଥରେ ଶ୍ରୀବିଗ୍ରହଙ୍କ ନୀତି ଅନୁଷ୍ଠିତ ହେବା ସହ ଶୁଖିଲା ଭୋଗ ଲାଗି ହେଉଛି। ଅନ୍ୟପଟେ ଭକ୍ତମୟ ହୋଇଉଠିଛି ଶରଧାବାଲି। ଗୁରୁବାର ଶ୍ରୀବିଗ୍ରହଙ୍କ ଆଡ଼ପ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ। ୨୩ ତାରିଖ ଶୁକ୍ରବାରଠାରୁ ଆଡ଼ପ ଦର୍ଶନ ଆରମ୍ଭ ହେବା ସହ ଆଡ଼ପ ଅବଢ଼ା ବାହାରିବ।

ମଙ୍ଗଳବାର ୧ ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଏହାସତ୍ତ୍ୱେ ସନ୍ଧ୍ୟା ସୁଦ୍ଧା ତିନି ରଥ ମଧ୍ୟରୁ ଗୋଟିଏ ବି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ପାରି ନ ଥିଲା। ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଯାଇ ରଥ ଟଣା ହୋଇଥିଲା। ସନ୍ଧ୍ୟା ୭ଟା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ମାତ୍ର ସୁଭଦ୍ରାଙ୍କ ଦର୍ପଦଳନ ରଥ ବଡ଼ଶଙ୍ଖ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକି ରହିଥିଲା। ରାତିତମାମ ଶ୍ରଦ୍ଧାଳୁମାନେ ରଥ ଉପରେ ଠାକୁରଙ୍କ ଦର୍ଶନ କରିଥିଲେ। ବୁଧବାର ସକାଳ ୭ଟା ୪୫ରୁ ୮ଟା ୧୫ ମଧ୍ୟରେ ଅବକାଶ ପୂଜା ସହ ବେଶ ଶେଷ ହୋଇଥିଲା। ପରେ ରଥ ଟଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସକାଳ ୧୦ଟା ୨୫ରେ ଶ୍ରୀଗୁଣ୍ଡିଚା ସମ୍ମୁଖରେ ଦର୍ପଦଳନ ଏବଂ ୧୦ଟା ୩୫ରେ ନନ୍ଦିଘୋଷ ରଥ ଲାଗିଥିଲା। ଭକ୍ତମାନେ ତିନି ରଥରେ ଦାରୁବିଗ୍ରହଙ୍କ ଦର୍ଶନ କରିଥିଲେ।

**UTKAL UNIVERSITY**
**M.TECH. (IT)**
**ADMISSION 2023-24**

Applications are invited for admission for the 2 Year Full time Program on M.Tech in Information Technology in the department for the academic session 2023-24 under PPP mode.

**ELIGIBILITY FOR ADMISSION:**
(I) Master's Degree in Computer Science/Information Technology/Computer Applications /Statistics/ Mathematics/ Physics/Electronic Sciences or any other qualification considered equivalent.
(II) Bachelor's Degree in Engineering/Technology or any other qualification considered equivalent (such as AMIEE or DOEACC 'B' Level). Candidates waiting for final result can also apply.

**Last date of issue and submission of application form 05.07.2023**
**Date of Entrance : 15.07.2023**
For more details visit the website: www.citeutkal.com

**CONTACT:**
Course Director, Centre for IT Education, M.Tech.(IT)
P.G. Department of Statistics, Utkal University,
Vani Vihar, Bhubaneswar-751004
Tel: 0674-2567711, MOB: 9438014469 / 6371615706
e-mail: centreforiteducation@gmail.com / citeutkal@gmail.com

Chairman, P.G. Council

# ଇଚ୍ଛାଧୀନ କୋଟା ଟାସ୍କଫୋର୍ସ ରିପୋର୍ଟ ସଂଶୋଧନକୁ କ୍ୟାବିନେଟ ମୋହର

**ଭୁବନେଶ୍ୱର, ୨୧।୬ (ଅନିଲ ଦାସ)**

ଇଚ୍ଛାଧୀନ କୋଟା ବଳରେ ସରକାରୀ ଜମି ହାତେଇଥିବା ବ୍ୟକ୍ତିଙ୍କୁ ଆଇନଗତ ମାଲିକାନା ହକ୍ ଦେବା ନେଇ ୭ମାସ ବ୍ୟବଧାନରେ ଦ୍ୱିତୀୟ ଥର ପାଇଁ ଟାସ୍କଫୋର୍ସଙ୍କ ନିଷ୍ପତ୍ତିର ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୁଧବାର ଅନୁମୋଦନ କରିଛି। ଏଥିରେ ଟାସ୍କଫୋର୍ସ ରିପୋର୍ଟ ପରିଶିଷ୍ଟ 'ଭିଏ'ରେ ଉଲ୍ଲିଖିତ ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକରେ ଲିଜ୍ ଦଲିଲ ସମ୍ପାଦନ ଓ ଅନ୍ୟାନ୍ୟ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟାବଳୀ ସମ୍ପର୍କିତ ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛନ୍ତି। ଟାସ୍କଫୋର୍ସ ତାଙ୍କ ରିପୋର୍ଟରେ ଅନୁଚ୍ଛେଦ ୪୮(୭)ରେ ସୁପାରିସ କରିଛନ୍ତି ଯେ, ଇଚ୍ଛାଧୀନ କୋଟା ଆବଣ୍ଟନଗ୍ରାହୀ ଓ ଏକାଧିକ ଆବଣ୍ଟନ ଗ୍ରାହୀମାନଙ୍କ ଦ୍ୱାରା ଦଖଲ ପରବର୍ତ୍ତୀ ହସ୍ତାନ୍ତର ମାମଲାଗୁଡ଼ିକ ରଦ୍ଦ କରାଯିବା ଉଚିତ୍। ଏହି ରିପୋର୍ଟରେ ଏହା ମଧ୍ୟ ସୂଚିତ ହୋଇଛି ଯେ, ନ୍ୟାୟସଙ୍ଗତ ଉପାୟରେ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ପ୍ରାପ୍ତ ହୋଇଥିବା ଏକକ ପ୍ଲଟ/ ଗୃହ/ ଫ୍ଲାଟର ଆବଣ୍ଟନ କ୍ଷେତ୍ରରେ ଏହା ରଦ୍ଦ କରାଯିବ ନାହିଁ। କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି ଯେ, ନ୍ୟାୟସଙ୍ଗତ ଉପାୟରେ ଏବଂ ବିହିତ ପ୍ରକ୍ରିୟା ଓ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସରଣରେ ଆବଣ୍ଟିତ ଏକକ ପ୍ଲଟ/ଫ୍ଲାଟ/ଗୃହ (ଯାହା ଦଖଲ ସ୍ୱତ୍ୱ ଭିତ୍ତିରେ ପରବର୍ତ୍ତୀ ସମୟରେ ମୂଳ ଆବଣ୍ଟନ ଗ୍ରାହୀମାନଙ୍କ ଦ୍ୱାରା ବିଧିସମ୍ମତ ଉତ୍ତରାଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି), ସେଭଳି ମାମଲାଗୁଡ଼ିକୁ ଟାସ୍କଫୋର୍ସ ରିପୋର୍ଟ ପରିଧିରୁ ବାଦ୍ ଦିଆଯିବ। ସୂଚନାଯୋଗ୍ୟ, ରାଜ୍ୟରେ ଇଚ୍ଛାଧୀନ କୋଟାକୁ ନେଇ ହଟଚମଟ ପରେ ୨୦୧୧ରେ ସମସ୍ତ ଇଚ୍ଛାଧୀନ କୋଟାକୁ ରାଜ୍ୟ ସରକାର ରଦ୍ଦ କରି ଦେଇଥିଲେ। ଉକ୍ତ ରିପୋର୍ଟକୁ ୨୦୧୪ ଡିସେମ୍ବର ୧୮ରେ କ୍ୟାବିନେଟ ଅନୁମୋଦନ କରିଥିଲେ। ଟାସ୍କଫୋର୍ସ ରିପୋର୍ଟରେ ଅନୁଚ୍ଛେଦ ୪୮(୭)ରେ ସୁପାରିସ କରାଯାଇଛି ଯେ, ଇଚ୍ଛାଧୀନ କୋଟାରେ ପ୍ରଥମେ ପ୍ଲଟ ଓ ଘର ପାଇ ତାକୁ ଅନ୍ୟ ନାଁକୁ ଟ୍ରାନ୍ସଫର କରି ପୁଣିଥରେ ଦ୍ୱିତୀୟ ଥର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଅବା ଘର ପାଇଥିବା ହିତାଧିକାରୀଙ୍କ ପୂର୍ବ ହସ୍ତାନ୍ତରଣକୁ ରଦ୍ଦ କରାଯିବ। ସେହିପରି ଏସବୁ ପାଇଁ ଅନୁମତି ଦେଇଥିବା ସିଡିଏ, ବିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ତେବେ ଦୀର୍ଘ ୧୨ ବର୍ଷ ପରେ ମଧ୍ୟ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

**ଟାଟା ଷ୍ଟିଲ୍ ଗଞ୍ଜାମ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲକୁ ଭୂ-ରାଜସ୍ୱ, ଇନ୍‌ସିଡେଣ୍ଟାଲ ଚାର୍ଜ ଉପରୁ ସୁଧଛାଡ଼ କଲେ ସରକାର**

ଏଥିସହିତ ଗଞ୍ଜାମ ଜିଲାର କନିଷି ତହସିଲ ଅନ୍ତର୍ଗତ ଶୀତଳପଲ୍ଲୀ ମୌଜାରେ ଟାଟା ଷ୍ଟିଲ ଲିମିଟେଡ୍ ଦ୍ୱାରା ମଲଟି ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ୪୩ ଏକର ୦୫୦ ଡିସିମିଲ ସରକାରୀ ଜମି ବାବଦରେ ସରକାର ଇନ୍‌ସିଡେଣ୍ଟାଲ ଚାର୍ଜ ଓ ଦଖଲ ଦିନଠାରୁ ଆଜି ପର୍ଯ୍ୟନ୍ତ ଲାଗୁ ହେଉଥିବା ଭୂ ରାଜସ୍ୱ ଓ ବାର୍ଷିକ ଦେୟ ସେସ୍ ଏବଂ ସମସ୍ତ ବକେୟା ଦେୟ ଉପରେ ସୁଧଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଜମିକୁ ଲିଜରେ ନେବା ନିମନ୍ତେ ଟାଟା ଷ୍ଟିଲ ବର୍ତ୍ତମାନଠାରୁ ରିହାତି ମୂଲ୍ୟରେ ଏକର ପ୍ରତି ୧୦୦ ଟଙ୍କା ହିସାବରେ ବାର୍ଷିକ ଭୂ ରାଜସ୍ୱ ଓ ଭୂ ରାଜସ୍ୱର ୭୫ ପ୍ରତିଶତ ହିସାବରେ ବାର୍ଷିକ ଦେୟ ପ୍ରଦାନ କରିବ। ରାଜସ୍ୱ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

# ଅବଢ଼ା ଯୋଜନା ବ୍ୟୟ ଅଟକଳ ବଢ଼ିଲା

**ଭୁବନେଶ୍ୱର, ୨୧।୬ (ଅନିଲ ଦାସ)**

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟରେ ପରିଣତ ଓ ଏହାର ସଂରକ୍ଷଣ ପୁନର୍ଜୀବିତ କରିବା ପାଇଁ ସରକାର ଅବଢ଼ା ଯୋଜନା କରିଛନ୍ତି। ପୂର୍ବରୁ ଏହି ଯୋଜନା ପାଇଁ ୩,୨୦୮ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି ଯୋଜନା ଅଧୀନରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପର କାର୍ଯ୍ୟକାରିତା ସମୟରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ କିଛି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଯୋଜନାର ମୋଟ ଅଟକଳ ୪,୨୨୪.୨୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଅଟକଳକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ଏହି ଯୋଜନାର ଅବଧି ୨୦୧୭-୧୮ରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**କ୍ୟାବିନେଟ ନିଷ୍ପତ୍ତି**

- ■ ଶିଳ୍ପକୁ ଦୀର୍ଘମିଆଦୀ କଞ୍ଚାମାଲ ଯୋଗାଣ ପ୍ରସ୍ତାବକୁ ଅନୁମୋଦନ
- ■ ମଝିଘରିଆଣୀ ମନ୍ଦିର ଜମି ପାଇଁ ପ୍ରିମିୟମ୍ ଛାଡ଼
- ■ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା: ୫ ବର୍ଷରେ ଖର୍ଚ୍ଚ ହେବ ୩,୩୫୪.୪୦ କୋଟି

ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଲଙ୍ଗ୍ ଟର୍ମ ଲିଙ୍କେଜ୍ (ଏଲ୍‌ଟିଏଲ୍) ନୀତି-୨୦୨୨ ପରିବର୍ତ୍ତେ ରାଜ୍ୟଭିତ୍ତିକ ଶିଳ୍ପଗୁଡ଼ିକୁ କଞ୍ଚାମାଲ ସୁରକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ମାଧ୍ୟମରେ ଏଲ୍‌ଟିଏଲ୍ ନୀତି-୨୦୨୩ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଶିଳ୍ପଗୁଡ଼ିକୁ ଦୀର୍ଘମିଆଦୀ କଞ୍ଚାମାଲ ଓଏମ୍‌ସି ଜରିଆରେ ଯୋଗାଇ ଦିଆଯିବ। ଏଥିସହିତ ସମସ୍ତ ଖଣିଜ ପଦାର୍ଥଗୁଡ଼ିକର ମୂଲ୍ୟ ସ୍ଥିର କରିବା ପାଇଁ ପ୍ରଚଳିତ ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀରେ ସମାନତା ନିଶ୍ଚିତ କରାଯାଇଛି। ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ରାୟଗଡ଼ା ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ଭାରତୀୟ ରେଳ ବିଭାଗଠାରୁ ସମାନ ପରିମାଣ ଓ ସମାନ ମୂଲ୍ୟର ଜମି ସହିତ ବଦଳ କରି ଆଣିଥିବା ଏ୬.୩୦ ଡିସିମିଲ ଜମିକୁ ମା' ମଝିଘରିଆଣୀ ମନ୍ଦିରର ଭିତ୍ତିଭୂମି ବିକାଶ ପାଇଁ ପ୍ରିମିୟମ ଛାଡ଼ ଓ ଇନ୍‌ସିଡେଣ୍ଟାଲ ଚାର୍ଜରେ ମନ୍ଦିର ପରିଚାଳନା ଟ୍ରଷ୍ଟକୁ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଟ୍ରଷ୍ଟକୁ ରିହାତି ଦରରେ ଏକର ପିଛା ୧୦୦ ଟଙ୍କା ହିସାବରେ ବାର୍ଷିକ ଭୂ- ରାଜସ୍ୱ ଓ ଭୂ- ରାଜସ୍ୱର ୭୫% ହିସାବରେ ଦେବାକୁ ପଡ଼ିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର ମିଳିଛି।

ସେହିପରି ରାଜ୍ୟର ସମସ୍ତ ଜିଲାର କିଶୋରୀ ବାଳିକା (୧୫ରୁ ୧୯ ବର୍ଷ), ଗର୍ଭବତୀ ମହିଳା ଓ ପ୍ରସୂତି ଏବଂ ଶିଶୁମାନଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନା ୨୦୨୩-୨୪ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବା ସହ ଆସନ୍ତା ୫ ବର୍ଷ ପାଇଁ ୩୩୫୪.୪୦ କୋଟି ଟଙ୍କା ବ୍ୟୟମଞ୍ଜୁର କରାଯାଇଛି।

ଏହି ଯୋଜନାରେ କିଶୋରୀମାନଙ୍କର ପୁଷ୍ଟିଗତ ଉନ୍ନତି ନିମନ୍ତେ ଅଣ୍ଡା, ଲଡୁ, ପୁଷ୍ଟିକର ଖାଦ୍ୟ ଇତ୍ୟାଦି ଯୋଗାଇ ଦିଆଯିବ। ଆଇସିଡିଏସ୍ ସ୍ତରରେ କିଶୋରୀମାନଙ୍କର ରକ୍ତହୀନତା ସ୍କ୍ରିନିଂ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରାଯିବ। ସେହିପରି ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କୁ ଘରେ ଅଣ୍ଡା, ମିଲେଟ ଏବଂ ପୁଷ୍ଟିକର ଖାଦ୍ୟ ପଦାର୍ଥ ଇତ୍ୟାଦି ଯୋଗାଇ ଦିଆଯିବ।




# ଦାତବ୍ୟ ଅନୁଷ୍ଠାନକୁ ଖଜଣା ରିହାତି

- ■ ସଉରା ଭାଷା ସମ୍ବିଧାନରେ ସାମିଲ ପ୍ରସ୍ତାବକୁ କ୍ୟାବିନେଟ ମୋହର
- ■ ଓଡ଼ିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ)କୁ ଅନୁମୋଦନ
- ■ ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନିଯୁକ୍ତି ବୟସ ସୀମା ୬୨ରୁ ୬୫କୁ ବୃଦ୍ଧି

**ଭୁବନେଶ୍ୱର, ୨୧।୬ (ଅନିଲ ଦାସ)**

ରାଜ୍ୟରେ ଥିବା ଦାତ୍ୟବ ଅନୁଷ୍ଠାନ ଯଥା ଭିନ୍ନକ୍ଷମ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ, ଅନାଥାଶ୍ରମ, ଦୃଷ୍ଟିହୀନଙ୍କ ପାଇଁ ସ୍କୁଲ ଓ ଗୋଶାଳାକୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଲିଜ୍ ଜମି ଉପରେ ଖଜଣା ବାବଦରେ ବାର୍ଷିକ ୧୦୦ ଟଙ୍କା ପ୍ରତି ଏକର ଓ ସେସ ବାବଦରେ ବାର୍ଷିକ ଖଜଣାର ୭୫% ଦେୟ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଗୁରୁବାର କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାନେଟ ମୋହର ମାରିଛି। ଏହି ଭାଷାକୁ ଅନ୍ତର୍ଭୁକ୍ତ କରାଗଲେ ସଉରା ଭାଷା ଓ ସଂସ୍କୃତିର ସଂରକ୍ଷଣ ପ୍ରଚାର ଓ ପ୍ରସାରରେ ସହାୟକ

ଓଡିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଧେୟକ -୨୦୨୩କୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିରେ ଇଲେକ୍ଟ୍ରୋନିକ କମର୍ସ ଅପରେଟରଙ୍କ ଜରିଆରେ ସାମଗ୍ରୀ ଯୋଗାଣରେ ନିୟୋଜିତ ପଞ୍ଜୀକୃତ ବ୍ୟକ୍ତିଙ୍କ ଉପରେ ଟିକସ ଦେବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଇଦେବା ପ୍ରସ୍ତାବ ରହିଛି। ପୂର୍ବ ବ୍ୟବସ୍ଥାରେ ପଞ୍ଜୀକରଣ ରଦ୍ଦ ଆଦେଶ ପ୍ରତ୍ୟାହାର କରିବା ପାଇଁ ଆଦେଶ ଗ୍ରହଣ କରିବାର ୩୦ ଦିନ ମଧ୍ୟରେ ଆବେଦନ କରିବା ଲାଗି ବ୍ୟବସ୍ଥା ରହିଥିଲା। ବର୍ତ୍ତମାନ ଏହାକୁ ସଂଶୋଧନ କରି ସରକାରଙ୍କୁ ଏ କ୍ଷେତ୍ରରେ ସମୟ, ସର୍ତ୍ତ ଏବଂ ପ୍ରତିବନ୍ଧକ ସମ୍ପର୍କରେ ଅଧିକ କ୍ଷମତା ପ୍ରଦାନ କରାଯାଇଛି।

ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ରାଜ୍ୟ ନ୍ୟାୟପାଳିକାର ସୁଗମ କାର୍ଯ୍ୟ ପାଇଁ ଗ୍ରୁପ-ଡି ଏବଂ ସି ପଦବୀରେ ଅଧିକ ଯୋଗ୍ୟ ତଥା ଉପଯୁକ୍ତ ପ୍ରାର୍ଥୀ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଜିଲା ଏବଂ ସବ୍ ଅର୍ଡିନେଟ କୋର୍ଟର ଅଣ ଜୁଡିସିଆଲ ଷ୍ଟାଫ୍ ସର୍ଭିସେସ(ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମ-୨୦୦୮କୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

କ୍ୟାବିନେଟ ଓଡ଼ିଶା କର୍ମଚାରୀ ପ୍ରବଣ ଆୟୋଗ(ଅଧ୍ୟକ୍ଷ ଏବଂ ସଦସ୍ୟ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ନିୟମାବଳୀ ୧୯୯୫ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ସଂଶୋଧନ ଫଳରେ ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ବୟସ ସୀମା ୬୨ରୁ ୬୫କୁ ବୃଦ୍ଧି କରାଯିବା ସହ ବେତନ ବୃଦ୍ଧି, ଅତିରିକ୍ତ ପେନସନ ନ ଦେବା, ପୂର୍ବବର୍ତ୍ତୀ ସେବା ଓ କମିଶନ ସେବା ବିଚାରକୁ ନେଇ ସର୍ବାଧିକ ଗ୍ରାଚ୍ୟୁଇଟି ୨୦ ଲକ୍ଷ ଟଙ୍କା କରିବାକୁ ନିଷ୍ପତ୍ତି ନିଆଯାଇଛି।



“ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। **–ଶ୍ରୀମା**

# ତିବ୍ବତୀୟ ରାମାୟଣ



ଦେବଦତ୍ତ ପଟ୍ଟନାୟକ

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାମାୟଣର କିଛି ଅଂଶ ଥିବା ୬ଟି ଅସମ୍ପୂର୍ଣ୍ଣ ପାଣ୍ଡୁଲିପି ଚାଇନାର ଝିନ୍‌ଜିଆଙ୍ଗ ଅଞ୍ଚଳରୁ ମିଳିଥିଲା। ଏଗୁଡ଼ିକୁ ଡୁନ୍‌ହୁଆଙ୍ଗର ମୋଗାଓ ଗୁମ୍ଫାରୁ ଠାବ କରାଯାଇଥିଲା। ମୋଗାଓ ଗୁମ୍ଫା ଏକ ପ୍ରତ୍ନତାତ୍ତ୍ୱିକ ସ୍ଥଳ। ଏହା ଝିନ୍‌ଜିଆଙ୍ଗସ୍ଥିତ ସିଲ୍କ ରୋଡର ପୂର୍ବ ସୀମାର ଶେଷରେ ଅବସ୍ଥିତ। ଏହି ସବୁ ପାଣ୍ଡୁଲିପିକୁ ପୁରାତନ ତିବ୍ବତୀୟ ଭାଷାରେ ପାଖାପାଖି ୮ମ ଶତାବ୍ଦୀରେ ଲେଖାଯାଇଛି। ଉକ୍ତ ରାମାୟଣରେ ବୌଦ୍ଧଧର୍ମ ରାମାୟଣ ସମ୍ପର୍କରେ କିଛି ସୂଚିତ କରାଯାଇଛି। କିନ୍ତୁ ଅନେକ ବିଷୟରେ ବାଲ୍ମୀକି ରାମାୟଣ ସହିତ ଏହାର ପ୍ରଭେଦ ରହିଛି। ଏଥିରେ ପୁରାତନ ରୟାଲ ରାମାୟଣର କଳା ଓ ଶୈଳୀର ବିଶେଷତ୍ୱ ନିହିତ ଅଛି, ଯାହା ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆର ରାଜାମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲା। କିନ୍ତୁ ଭାରତର ଭକ୍ତି ରାମାୟଣ ସହ ଏହାର ସାମଞ୍ଜସ୍ୟ ନାହିଁ, ଅର୍ଥାତ୍ ଏହା ସମ୍ପୂର୍ଣ୍ଣ ବିପରୀତ। ଏଥିରେ ଦଶରଥ ଅର୍‌ହତ (ବୌଦ୍ଧ ସନ୍ନ୍ୟାସୀ)ଙ୍କୁ ପୂଜା କରୁଥିବା ଏବଂ ତାଙ୍କୁ ଈଶ୍ୱର ଏକ ଫୁଲ ଦେଇଥିବା କଥା ଦର୍ଶାଯାଇଛି। ଏହି ଫୁଲକୁ ବଡ଼ ରାଣୀ ଖାଇ ସାନ ରାଣୀଙ୍କୁ ବି ଖାଇବାକୁ ଦେଇଥିଲେ। ସାନ ରାଣୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ ଯାହାଙ୍କ ନାମ ରାମ। ବଡ଼ ରାଣୀ ଲକ୍ଷ୍ମଣଙ୍କୁ ଜନ୍ମ ଦେବା ପୂର୍ବରୁ ରାମଙ୍କର ଜନ୍ମ ହୋଇଥିଲା। କିଏ ରାଜା ହେବେ ତାହା ନିଷ୍ପତ୍ତି ନେବାରେ ରାଜା ଅକ୍ଷମ ହେବା ସହ ପ୍ରାଣ ତ୍ୟାଗ କଲେ। ସାନ ରାଣୀଙ୍କ ପୁଅ ରାମଙ୍କୁ ରାଜା ହେବା ଲାଗି ଚୟନ କରାଗଲା, କିନ୍ତୁ ସେ ଲକ୍ଷ୍ମଣଙ୍କ ପାଇଁ ରାଜପଦ ତ୍ୟାଗ କଲେ। ଲକ୍ଷ୍ମଣ ଏହା ବଦଳରେ ରାଜ ସିଂହାସନ ଉପରେ ରାମଙ୍କ ପାଦୁକା ସ୍ଥାପନ କରିଥିଲେ। କେବଳ ଏତିକି ନୁହେଁ, ସେ ରାମଙ୍କ ମନ୍ତ୍ରୀ ଭାବେ ରହିବାକୁ ପସନ୍ଦ କରିଛନ୍ତି। ଆମେ ତିବ୍ବତୀୟ ରାମାୟଣରେ ଭରତ ଓ ଶତ୍ରୁଘ୍ନଙ୍କ ବିଷୟରେ କିଛି ଶୁଣିବାକୁ ପାଇନାହୁଁ। ବନବାସର ନିର୍ବାସନ ଜୀବନ ସମ୍ପର୍କରେ ମଧ୍ୟ କୌଣସି କଥା ଏଥିରେ ଉଲ୍ଲେଖ ନାହିଁ।

ଏହି ରାମାୟଣରେ ଏକ ଅଜବ କଥା ବର୍ଣ୍ଣନା କରାଯାଇଛି। ସୀତାଙ୍କୁ ରାବଣଙ୍କ କନ୍ୟା ବୋଲି କୁହାଯାଇଛି (ଜୈନ ରାମାୟଣରେ ବି ଏହି ସମାନ କଥା ବର୍ଣ୍ଣନା ରହିଛି)। ଦିବ୍ୟବାଣୀ ଅନୁଯାୟୀ ରାବଣ ତାଙ୍କ ଶିଶୁ କନ୍ୟାଙ୍କୁ ଏକ ତମ୍ବା ବାକ୍ସରେ ରଖି ସମୁଦ୍ରକୁ ପକାଇ ଦେଇଛନ୍ତି। ପରେ ବାକ୍ସଟି ଭାସି ଭାସି ଯାଇ ଜଣେ କୃଷକ ଖୋଳିଥିବା ପାଣି ନାଳରେ ପହଞ୍ଚିଛି। କୃଷକ ଜଣକ ତାକୁ ପାଇଛନ୍ତି ଓ ସୀତାଙ୍କୁ କୋଳେଇ ନେଇଛନ୍ତି। ସମୟକ୍ରମେ ରାମଙ୍କ ସହ ତାଙ୍କର ବିବାହ ହୋଇଛି। ପରେ ରାମ ଓ ସୀତାଙ୍କ ବିଚ୍ଛେଦ ଘଟିଛି। ଏହା ରାବଣଙ୍କ ଭଉଣୀ ଫୁର୍‌ପଲାଙ୍କ ଯୋଗୁ ଘଟିଥିବା କୁହାଯାଇଛି, ଯାହାଙ୍କୁ ରାମ ନାପସନ୍ଦ କରିଥିବାରୁ ସେ ଅସନ୍ତୋଷ ଥିଲେ ବୋଲି ସୂଚିତ କରାଯାଇଛି। ଏହାସହ ଏଭଳି ବିଚ୍ଛେଦ ପଛରେ ଆଉ ଏକ କାରଣ ମଧ୍ୟ ଉଲ୍ଲେଖ କରାଯାଇଛି। ରାବଣ ପଠାଇଥିବା ରାକ୍ଷସ ହରିଣକୁ ଶିକାର କରିବାକୁ ରାମ ବାହାରକୁ ଯାଇଥିବାବେଳେ ଲକ୍ଷ୍ମଣ ତାଙ୍କ ସହ ଯାଇ ନ ଥିବାରୁ ସୀତା ଭୁଲ୍ ବଶତଃ ଲକ୍ଷ୍ମଣଙ୍କ ଏଭଳି ନୀଚ ବିଚାରକୁ ନେଇ ତାଙ୍କୁ ଦୋଷାରୋପ କରିଛନ୍ତି। ଫଳରେ ରାମଙ୍କୁ ରକ୍ଷା କରିବା ଲାଗି ଲକ୍ଷ୍ମଣ ଯାଇଛନ୍ତି। ଏହି ସମୟରେ ସୀତାଙ୍କୁ ଅପହରଣ କରିବା ପାଇଁ ରାବଣ ବିଭିନ୍ନ ରୂପରେ ଆସିଛନ୍ତି। ପ୍ରଥମେ ସେ ଏକ ସୁନ୍ଦରୀ ହାତୀ ରୂପରେ ଆସି ତାଙ୍କ ଉପରେ ବସିବାକୁ ଲୋଭ ଦେଖାଇଛନ୍ତି। ପରେ ପୁଣି ଏକ ଘୋଡ଼ା ହୋଇ ଆସିଛନ୍ତି ଓ ତାଙ୍କ ଉପରେ ବସିବାକୁ କହିଛନ୍ତି। ହେଲେ ସୀତା ଉଭୟଙ୍କ ଉପରେ ବସିବାକୁ ମନା କରିଛନ୍ତି। ଫଳରେ ସୀତା ଯେଉଁଠି ଠିଆ ହୋଇଥିଲେ ସେହି ମାଟି ସହ ତାଙ୍କୁ ଉଠାଇ ନେଇଯାଇଛନ୍ତି। ସୀତାଙ୍କ ବିନା ସମ୍ମତିରେ ତାଙ୍କୁ ଛୁଇଁଲେ ସେ ଅଗ୍ନି ପିଣ୍ଡୁଳା ହୋଇଯିବାର ଭୟ ଥିବାରୁ ସେ ଏହି ଉପାୟରେ ତାଙ୍କୁ ଅପହରଣ କରିଛନ୍ତି। ଏହି ପ୍ରକାର ଅପହରଣ ବିଷୟ ବି ତାମିଲ ରାମାୟଣରେ ଅଛି।



ଅପହରଣ ପରେ ସୀତାଙ୍କୁ ରାମ ଖୋଜୁଥିବାବେଳେ ହଠାତ ତାଙ୍କ ସାମ୍ନାରେ ପଡ଼ିଛି ଏକ କଳା ନଦୀ। ଏହି ନଦୀରେ ସୁଗ୍ରୀବଙ୍କ ଆଖି, କାନ ଓ ନାକରୁ ଝରୁଥିବା ଲହୁ ବହିଯାଉଛି। ସୁଗ୍ରୀବଙ୍କ ବଡ଼ ଭାଇ ବାଳି ତାଙ୍କୁ ଆଘାତ ଦେବା ପରେ ଏଭଳି ରକ୍ତ ବହିଛି ବୋଲି କୁହାଯାଇଛି। ସୁଗ୍ରୀବ ତାଙ୍କ ଲାଞ୍ଜରେ ଏକ ଆଇନା ବାନ୍ଧିଛନ୍ତି ଓ ବାଳିକୁ ସଶସ୍ତ୍ର ଯୁଦ୍ଧ ପାଇଁ ଆହ୍ୱାନ କରିଛନ୍ତି । ରାମଙ୍କ ଦ୍ୱାରା ତାଙ୍କ ବଡ଼ ଭାଇଙ୍କ ବଧ କରାଇଛନ୍ତି ଓ ଏହା ବଦଳରେ ସୁଗ୍ରୀବ ସୀତାଙ୍କୁ ଖୋଜି ଆଣିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ସୀତାଙ୍କୁ ଖୋଜିବା ସମୟରେ ହନୁମାନଙ୍କର ସ୍ୱୟଂପ୍ରହାଙ୍କ ସହ ଗୋଟିଏ ଗୁମ୍ଫାରେ ସାମ୍ନାସାମ୍ନି ହୋଇଛି ଏବଂ ଡେଣାବିହୀନ ସମ୍ପାତି ସମୁଦ୍ର କୂଳରେ ଭେଟ ହୋଇଛନ୍ତି (ଏହି ବିଷୟ ବାଲ୍ମୀକି ରାମାୟଣରେ ବି ଅଛି)।

ଚିଠି ଲେଖା ବିଷୟ ତିବ୍ବତୀୟ ରାମାୟଣର ଏକ ନିଆରା କଥା। ଲଙ୍କା ଆକ୍ରମଣରେ ସୁଗ୍ରୀବ ବିଳମ୍ବ କରିବାରୁ ରାମ ତାଙ୍କୁ ଚିଠି ଲେଖିଥିଲେ। ଅପହରଣ ପରେ ସୀତା ଏକୁଟିଆ ଥିବା ସମୟରେ ରାମ ସୀତାଙ୍କ ପାଖକୁ ଶୀଘ୍ର ଫେରୁଛନ୍ତି ବୋଲି ଚିଠିରେ ଲେଖିଛନ୍ତି। ସୀତା ମଧ୍ୟ ଏକ ଚିଠି ଲେଖି ତାହାର ଉତ୍ତର ଦେଇଛନ୍ତି। ସୁଗ୍ରୀବଙ୍କ ମୃତ୍ୟୁ ପରେ ତାଙ୍କ ସାମ୍ରାଜ୍ୟର ଭାର ହନୁମାନ ସମ୍ଭାଳିଛନ୍ତି ଓ ରାମଙ୍କ ସହିତ ସେ କିଛି ସମ୍ପର୍କ ରଖି ନ ଥିବାରୁ ରାମ ତାଙ୍କୁ ଚିଠି ଲେଖି ଧିକାର କରିଛନ୍ତି।

ଯୁଦ୍ଧ ସମୟରେ ରାବଣ ଅଦୃଶ୍ୟ ହୋଇଯାଇଛି। କିନ୍ତୁ କ୍ଷେତ୍ରିୟ ଧର୍ମକୁ ବିଚାରକୁ ନେଇ ଅନ୍ତତଃ ପକ୍ଷେ ତାଙ୍କ ଶରୀରର ଏକ ଅଂଶ ଦେଖାଇବା ଲାଗି ରାମ ଆହ୍ୱାନ ଦେଇଛନ୍ତି। ପରେ ରାବଣ ତାଙ୍କ ଦକ୍ଷିଣ ପାଦ ଦେଖାଇଛନ୍ତି। ଡାହାଣ ପାଦକୁ ଦେଖିବା ପରେ ରାବଣର ଦଶ ମୁଣ୍ଡ କେଉଁ ସ୍ଥାନରେ ରହିଛି ତାହା ଆକଳନ କରି ତାଙ୍କୁ ମାରିବା ଲାଗି ଦକ୍ଷିଣ ମୁଣ୍ଡକୁ ତୀର ଚଳାଇବାକୁ ସକ୍ଷମ ହୋଇଛନ୍ତି ରାମ । ରାବଣର ଦଶ ମୁଣ୍ଡ ମଧ୍ୟରେ ପ୍ରଥମଟି ହେଉଛି ଏକ ଘୋଡା କିମ୍ବା ଗଧର, ଯେଉଁଠି ଜୀବନ ରହିଛି। ଏହା ପହାରି କ୍ଷୁଦ୍ର ଛିଦ୍ରରେ ବି ଦର୍ଶାଯାଇଛି। ତିବ୍ବତ ରାମାୟଣରେ ରାମ ସୀତାଙ୍କ ସତୀତ୍ୱ ଉପରେ ସନ୍ଦେହ ପ୍ରକଟ କରିଛନ୍ତି ଓ ତାଙ୍କୁ ରାଜ ପ୍ରାସାଦରୁ ବାହାର କରିଦେଇଛନ୍ତି। ସୀତାଙ୍କ ନିର୍ଦ୍ଦୋଷ ସପକ୍ଷରେ ହନୁମାନ ସଫଳତାର ସହ ଯୁକ୍ତି ବାଢିଛନ୍ତି। ଶେଷରେ ପୁଣି ରାମ ଓ ସୀତା ଏକାଠି ହୋଇ ଆନନ୍ଦରେ ରହିଛନ୍ତି।

–devduttofficial@gmail.com

# ମୂଲ୍ୟବୋଧଭିତ୍ତିକ ରାଜନୀତି



ହରେକୃଷ୍ଣ ପଣ୍ଡା

ଭାରତୀୟ ରାଜନୀତିରେ କ'ଣ ମୂଲ୍ୟବୋଧଭିତ୍ତିକ ରାଜନୀତି ସମ୍ଭବ ହେବ ନାହିଁ? ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଯେତେବେଳେ ସମ୍ଭବ ହୋଇନାହିଁ ତାହା ଏବେ କାହିଁକି ଆଗାମୀ ଭବିଷ୍ୟତରେ କଦାପି ସମ୍ଭବ ହେବ ନାହିଁ ବୋଲି ମନେହୁଏ । ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନକୁ ଯେତେବେଳେ ରାଜନୈତିକ ଦଳର ରାଜନେତାମାନେ ନ ପଢ଼ି,ନ ଜାଣି ଗଣତନ୍ତ୍ରକୁ ଚଳାଇ ଆସିଲେ, ଏପର୍ଯ୍ୟନ୍ତ କେହି ତ୍ରୁଟିପୂର୍ଣ୍ଣ ଚାଳନା ପାଇଁ ବାଧା ଦେଲେ ନାହିଁ, ସେତେବେଳେ ଗଣତନ୍ତ୍ରରୂପୀ ଗାଡ଼ିଟି ଆଗକୁ ନ ଚାଲିବ ବା କାହିଁକି? ତ୍ରୁଟିପୂର୍ଣ୍ଣ ଚାଳନା ପାଇଁ ଗାଡ଼ିଟି କେତେବେଳେ ଯେ ବାଟରେ ଅଟକି ନ ଯିବ କିଏ କହିପାରିବ? କଥାଟିକୁ ବୁଝାଇ କହିଲେ ଭଲ ହେବ। ଆମେ ଜାଣୁ ଗଣତନ୍ତ୍ରର ତିନୋଟି ମଜଭୁତ ସ୍ତମ୍ଭ ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଆଉ ନ୍ୟାୟପାଳିକା। ଆମ ଦେଶର ମେଧାବୀ ଯୁବ ଗୋଷ୍ଠୀ ଅଧ୍ୟୟନ କରିବା ସମୟରେ ଲକ୍ଷ୍ୟ ରଖି ଥାଆନ୍ତି ନିଜକୁ କିପରି ପ୍ରସ୍ତୁତ କରିବେ ନ୍ୟାୟପାଳିକାରେ, ଆଉ କିଛି ମେଧାବୀ ଲକ୍ଷ୍ୟ ରଖନ୍ତି କାର୍ଯ୍ୟପାଳିକାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ଆଉ କିଛି ଯୁବଗୋଷ୍ଠୀ ଆଶା ପୋଷଣ କରନ୍ତି ଯେକୌଣସି ସଂସ୍ଥାରେ ଭର୍ତ୍ତି ହୋଇ ଅର୍ଥ ଉପାର୍ଜନ କରିବେ। ତେବେ ପିଲାଟି ବେଳୁ କେହି କୁହନ୍ତି ନାହିଁ ଯେ ମୁଁ ଜଣେ ସରପଞ୍ଚ,ଏମ୍‌ଏଲ୍‌ଏ,ଏମ୍‌ପି ହୋଇ ରାଜନୀତିରେ ପ୍ରବେଶ କରିବି ବୋଲି। ମେଧାବୀ ପିଲାମାନେ ଦେଶର ନ୍ୟାୟ ବିଭାଗରେ ଅଥବା ଆଇଏଏସ୍, ଓଏଏସ୍ ହୋଇ ବାହାରିବା ଉଚ୍ଚ ଆଶା ପୋଷଣ କରିଥାଆନ୍ତି। କେହି କେହି ଦେଶରେ ସ୍ୱାଧୀନ ଭାବେ ଜଣେ ଶିଳ୍ପପତି କିମ୍ବା ଉଦ୍ୟୋଗପତି ହୋଇଥାଆନ୍ତି। କିନ୍ତୁ ଜଣେ ରାଜନେତା, ରାଜନୀତିଜ୍ଞ କିମ୍ବା ଲୋକପ୍ରତିନିଧି ହେବା ଲକ୍ଷ୍ୟ କେହି ଆଶା ପୋଷଣ କରି ନ ଥାଆନ୍ତି। କାରଣ ଗଣତନ୍ତ୍ର ଶାସନରେ ଏମାନଙ୍କ ପାଇଁ ଯୋଗ୍ୟତା, ଜ୍ଞାନ, ଅଭିଜ୍ଞତା କୌଣସିଟିର ଆବଶ୍ୟକତା ନ ଥାଏ।

ତେବେ ପରିସ୍ଥିତି, ପରିବେଶ ଓ ସୁଯୋଗକୁ ନେଇ ଜଣେ ରାଜନେତା ବା ଲୋକପ୍ରତିନିଧି ହୋଇ ଥାଆନ୍ତି। କିନ୍ତୁ ଏମାନଙ୍କ ପାଇଁ କଠିନ ଅଗ୍ନି ପରୀକ୍ଷା ରହିଥାଏ, ଯାହା ଉପରୋକ୍ତ ଦୁଇଟି ସ୍ତମ୍ଭ ପାଇଁ ନ ଥାଏ। ତାହା ହେଲା ନିର୍ବାଚନ ବୈତରଣୀ ପାର ହେବା। ଜଣେ ପ୍ରଶାସକ ବା ଶିଳ୍ପପତି ବା ବିଭିନ୍ନ ସଂସ୍ଥାର ଉଚ୍ଚ ପଦ ପଦବୀ ମଣ୍ଡନ କରୁଥିବା ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଅଧ୍ୟାପନା କଲେ ସେମାନେ ଲକ୍ଷ୍ୟ ହାସଲ କରିପାରନ୍ତି। ନିଜସ୍ୱ ମେଧା ବଳରେ ଜଣେ ଅଧ୍ୟାପକ କିମ୍ବା ବ୍ୟାଙ୍କ କର୍ମଚାରୀ କିମ୍ବା ଡାକ୍ତର, ଇଞ୍ଜିନିୟର ହୋଇପାରନ୍ତି। କିନ୍ତୁ ଲୋକ ପ୍ରତିନିଧି ହେବାକୁ ହେଲେ ଜ୍ଞାନ, ମେଧା ବା ଯୋଗ୍ୟତାକୁ ନ ନେଇ ଲୋକପ୍ରତିନିଧି ହୋଇପାରିବେ। ଅନ୍ୟ ଦେଶଗୁଡ଼ିକରେ ସାମାଜିକ କାର୍ଯ୍ୟ, ସେବା କରୁଥିବା ବ୍ୟକ୍ତି ଲୋକ ପ୍ରତିନିଧିଟିଏ ହୋଇପାରେ। ଏକଛତ୍ରବାଦୀ ଦେଶଗୁଡ଼ିକରେ ନିଜର ବାହୁବଳ ଥିଲେ ପ୍ରତିନିଧିଟିଏ ହୋଇପାରେ। ଦେଖିବାକୁ ଗଲେ ଲୋକ ପ୍ରତିନିଧିଟିଏ ହେବା ପାଇଁ ଏବେ ବାହୁବଳ, ଅର୍ଥବଳ, ଚତୁରତା ଆଦି କେତେକ ଶକ୍ତି ଆବଶ୍ୟକ । ଖାଲି ସେତିକି ନୁହେଁ ଦଳର ନେତୃବୃନ୍ଦଙ୍କ ଗୋଡ଼ାଣିଆ ହୋଇ ନ ଥିଲେ ସୁପାରିସ ପତ୍ର ପାଇବା ଅସମ୍ଭବ। ଗଣତାନ୍ତ୍ରିକ ଶାସନକୁ ଯିଏ ଯାଉଛନ୍ତି ସେମାନେ ଅଗଣତାନ୍ତ୍ରିକ ଉପାୟରେ ଯିବାକୁ ପଡୁଛି। ଦଳୀୟ ନେତୃବୃନ୍ଦଙ୍କ ସନ୍ତୁଷ୍ଟୀକରଣ ନିମନ୍ତେ କାମ କରିବାକୁ ହୁଏ। ଦେଶର ମୁଖ୍ୟ ଶାସକ କୁହେ ଆମେ ଦେଶର ଅଗଣିତ ଜନତାଙ୍କ ସେବା ପାଇଁ ଆସିଛୁ। ସେହି କଥାର କିଛି ପ୍ରାସଙ୍ଗିକତା ଥିବା ଜଣାପଡ଼େ ନାହିଁ । କାରଣ ଗାଦିର ମୋହ ଥରକ ପାଇଁ ନୁହେଁ, ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଥାଆନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ଚୟନରେ ଯେଉଁ ମନ୍ତ୍ରିମଣ୍ଡଳ ଗଠନ କରାଯାଏ ,ସେମାନେ କ'ଣ ଦେଶ ସେବା ପାଇଁ କାମ କରନ୍ତି? ସେମାନେ ମୁଖ୍ୟାଧିପତିଙ୍କ ସନ୍ତୁଷ୍ଟୀକରଣ ଓ ନିଜ ଦଳ ପାଇଁ କାମ କରନ୍ତି। ଏମାନଙ୍କର ଆଇନକାନୁନ, ସମ୍ବିଧାନ, ଲୋକଙ୍କ ଆଶା ଆକାଂକ୍ଷା ପ୍ରତି ଆଦୌ ଦୃଷ୍ଟି ନଥାଏ। ଏହା ଏବେକାର ରାଜନୈତିକ ପରମ୍ପରା। ଯେଉଁ ଦଳ ଗଣତାନ୍ତ୍ରିକ ଶାସନର ଭାର ବହନ କରୁଛନ୍ତି ସେହି ଦଳର ଗଣତାନ୍ତ୍ରିକ ଭିତ୍ତିଭୂମି ନ ଥିବା ଦେଖାଯାଏ। ଦଳୀୟ ନେତୃବୃନ୍ଦଙ୍କର ରାଷ୍ଟ୍ରଭକ୍ତି ଲୋକସେବା ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ ଗାଦିନସୀନ ହେବା। ଆଉ ଗୋଟିଏ ପ୍ରଥା ଅଛି ଯେଉଁ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ସେ ଶାସନ କରିବ। ଭାବି ଦେଖନ୍ତୁ ଯେଉଁ ଦଳ ଶାସନ ଗାଦି ଦଖଲ କଲା ସେ ଆଗାମୀ ଭବିଷ୍ୟତ ଚିନ୍ତା ଛାଡ଼ିପାରିବ କି? ନିଜ ଦଳ ପ୍ରତି ଲୋକଙ୍କ ଆକର୍ଷଣ କିପରି ବୃଦ୍ଧି ପାଇବ ସେଥିପାଇଁ କାମ ନ କରିବ କି? ନିଜ ମନ୍ତ୍ରିମଣ୍ଡଳର ଦୁର୍ବଳତାକୁ ପଦାରେ ପକାଇବାକୁ ଉଚିତ ମଣିବ କି? ଏଭଳି ରାଜନୈତିକ ପରମ୍ପରାକୁ କେହି କ'ଣ ତ୍ୟାଗ କରିପାରିବେ ? ଏଠାରେ କୁହାଯାଇପାରେ ଗଣତାନ୍ତ୍ରିକ ପରମ୍ପରା ଖରାପ ନୁହେଁ, କେବଳ ଦୁର୍ବଳ ଅନଭିଜ୍ଞମାନେ ଏହାକୁ ଅବାଟରେ ନେଉଛନ୍ତି।

ଯେଉଁ ବିରୋଧୀ ଦଳ ଆଜି ପାଟି କରୁଛନ୍ତି, ଚିତ୍କାର କରି ବିରୋଧାଭାସ ପ୍ରକାଶ କରୁଛନ୍ତି, ସେମାନେ କ'ଣ ଏଭଳି ପରମ୍ପରାରୁ ଊର୍ଦ୍ଧ୍ୱରେ ଅଛନ୍ତି କି? ଏମାନେ ଗାଦିଦସୀନ ହେଲେ କ'ଣ ଦଳ ପାଇଁ କାମ ନ କରି ଦେଶ ପାଇଁ କାମ କରିବେ? ଏହା ଅସମ୍ଭବ । ମୂଲ୍ୟବୋଧ ରାଜନୀତିକୁ ଧରିଲେ କେହି ତିଷ୍ଠିବେ ନାହିଁ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦଳର ନେତୃତ୍ୱ ଯିଏ ନେଉଛନ୍ତି ସେମାନଙ୍କ ଉପରେ ସବୁ କିଛି ନିର୍ଭର କରୁଛି। ପବିତ୍ର ଗଣତାନ୍ତ୍ରିକ ପଦ୍ଧତିକୁ କୌଣସି ଦଳ ଅନୁସରଣ କରନ୍ତି ନାହିଁ। ସେଥିପାଇଁ ନିର୍ବାଚନ କମିଶନର ଏମାନଙ୍କ ଉପରେ ତାଗିଦ କରିବା ଦେଖାଯାଏ, ଦଳର ସମ୍ବିଧାନ ସର୍ବ ସମ୍ମୁଖରେ ପ୍ରକାଶ କର। ଦଳ ଭିତରେ ନିର୍ବାଚନଭିତ୍ତିକ ନେତା ଓ କର୍ମକର୍ତ୍ତା ନିର୍ବାଚିତ କର। ଦଳୀୟ ପାଣ୍ଠିର ଅଡିଟ ରିପୋର୍ଟ ଦିଅ। ଏ କଥାକୁ ଯଦିଓ କେହି ମାନନ୍ତି ନାହିଁ ତଥାପି ସେମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବାଟ ଛାଡ଼ି ଦିଆଯାଏ। ଦଳୀୟ ପ୍ରାର୍ଥୀ ଚୟନ ପାଇଁ କୌଣସି ମାପଦଣ୍ଡ ନିର୍ବାଚନ କମିଶନର ରଖି ନାହାନ୍ତି। ତେଣୁ ରାଜନୈତିକ ଦଳର ନେତୃବୃନ୍ଦ ଅମାପ ଏକଛତ୍ରବାଦ କ୍ଷମତା ଉପଭୋଗ କରି ଚାଲିଛନ୍ତି। ଏପରିକି ଆଜାଦୀ କା ଆଳରେ ସାମ୍ପ୍ରଦାୟିକତା, ଦେଶ ବିରୋଧୀ ମାନସିକତା ନେଇ ଯେତେ ପ୍ରକାର ଅପଶକ୍ତି ଅଛି ତା'ର ବିନିଯୋଗରେ କ୍ଷମତାସୀନ ଦଳକୁ ପରାଜିତ କରିବା ଲକ୍ଷ୍ୟ ରଖି ଥାଆନ୍ତି। ଏ ଲଢ଼େଇରେ ଶାସକ ଦଳର ନେତୃବୃନ୍ଦ ରାଜକୋଷ, କ୍ଷମତାର ଅପବ୍ୟବହାର କରିବାକୁ ପଛାନ୍ତି ନାହିଁ। କାରଣ ଆମ ଦେଶର ଜନଚରିତ୍ର ହେଉଛି ଗୋଳିଆ ପାଣିରୁ ଫାଇଦା ହାସଲ କରିବା। ନିର୍ବାଚନ କମିଶନର ଯେତେବେଳେ ଏମାନଙ୍କ ଉପରେ ଅଙ୍କୁଶ ଲଗାଇ ନ ପାରନ୍ତି ଏହା ହେବା ସ୍ୱାଭାବିକ। ଫଳରେ ଦେଖାଯାଏ ବହୁ ଅପରାଧୀ ଅନଭିଜ୍ଞ ବ୍ୟବସ୍ଥାପିକାରେ ଅନାୟାସରେ ପ୍ରବେଶ କରିଯାଆନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହିମାନେ ଉପରୋକ୍ତ ଦୁଇଟି ସ୍ତମ୍ଭରେ ଥିବା ମେଧାବୀ ଜ୍ଞାନୀମାନଙ୍କ ଉପରେ ନାଲିଆଖି ଦେଖାଇ ଏମାନଙ୍କୁ ସମ୍ବିଧାନ ବହିର୍ଭୂତ ବାଟରେ ଚଳାନ୍ତି। ଶ୍ରୀଅରବିନ୍ଦ କହିଛନ୍ତି ଆମକୁ ଆଖି ନ ଥିବା ଡେଙ୍ଗା ବ୍ୟକ୍ତି ଆଗରେ ରହି ବାଟ ଦେଖାଉଛନ୍ତି, ଆମେ ଅନ୍ଧମାନେ ତାରି ପଛରେ ଚାଲୁଛୁ। ଏଭଳି ପରମ୍ପରା ବନ୍ଦ ନ ହେଲା ପର୍ଯ୍ୟନ୍ତ ଆମେ ଦୁର୍ଦ୍ଦଶା ଭୋଗ କରୁଥିବା। ମନେହୁଏ ବର୍ତ୍ତମାନର ରାଷ୍ଟ୍ରୀୟ ପରିସ୍ଥିତି ଯାହା, ଲୋକ ପ୍ରତିନିଧି ସବୁଆଡେ ନିରସ୍ତ୍ର, ନ୍ୟୁନ ଏବଂ ଅମଲାତନ୍ତ୍ରୀଙ୍କ ସେବାକାରୀ ପାଲଟିଯାଇଛନ୍ତି।



**ଯାଜପୁର, ମୋ: ୯୪୩୭୩୧୫୬୨୩**

# ନିମନ୍ତ୍ରଣ ଯାତନା



ଯଦୁମଣି ପାଣିଗ୍ରାହୀ

ବାହାଘର, ବ୍ରତୋପନୟନ ଓ ଜନ୍ମଦିନ ପାଳନ ଆଦି ଅବସରରେ ନିଜର ପ୍ରିୟ ପରିଜନ, ପାଖ ପଡ଼ିଶା ଓ ଗାଁ ଲୋକ, ବନ୍ଧୁବାନ୍ଧବ ତଥା ଚିହ୍ନା ପରିଚିତ ଲୋକଙ୍କୁ ଭୋଜି ଖାଇବାକୁ ନିମନ୍ତ୍ରଣ କରାଯାଇଥାଏ। ଏଭଳି ପରମ୍ପରା ପୂର୍ବରୁ ପ୍ରଚଳିତ ଥିଲା ଓ ଆଜି ବି ରହିଛି। ତେବେ ଆଜିକାଲି ଉତ୍ସବ ଅନୁଷ୍ଠାନ ପାଳନ ଓ ଭୋଜିଭାତ ଆୟୋଜନର ତରିକା ବଦଳିଯାଇଛି। ଏସବୁ ଆଜି ତେବେ ସେ ଯାହାହେଉ ବର୍ତ୍ତମାନ ସମୟରେ ବିବାହ, ବ୍ରତ କି ଜନ୍ମଦିନର ନିମନ୍ତ୍ରଣ ରକ୍ଷା କରି ସେଠାକୁ ଯିବାକୁ ବଡ଼ ଲଜ୍ଜା ଓ ସଙ୍କୋଚ ଲାଗିଲାଣି। କାରଣ ଅଣ୍ଟିରେ ଧନ ନ ଥିଲେ ଆଜିକାଲି ଆଉ ନିମନ୍ତ୍ରଣ ରକ୍ଷାକରିବା ସମ୍ଭବ ନୁହେଁ। ଖାଲି ହାତରେ ସେସବୁ ଜାଗାକୁ ଯାଇ ଆପଣଙ୍କୁ ଅପମାନିତ ହେବାକୁ ପଡ଼ିବ। ମନେକରନ୍ତୁ ଆପଣ ଆପଣଙ୍କ ସାଙ୍ଗସାଥୀ, ସହକର୍ମୀ ତଥା ଚିହ୍ନା ପରିଚିତ ଲୋକର ଝିଅ ବାହାଘର ଭୋଜିର ନିମନ୍ତ୍ରଣ ପାଇ ସେଠାକୁ ଗଲେ। ସେଠି ପହଞ୍ଚିବା ପରେ ଆପଣ ପ୍ରଥମେ ଏକ ସୁସଜ୍ଜିତ ମଞ୍ଚରେ ଓ କନ୍ୟାବେଶରେ ଉପବେଶନ କରିଥିବା ଝିଅ କିମ୍ବା ନବ ବିବାହିତ ପତି-ପତ୍ନୀଙ୍କୁ ସାକ୍ଷାତ କରିବେ। ଆପଣ ସାଙ୍ଗରେ ନେଇଥିବା ଉପହାର ସାମଗ୍ରୀ କିମ୍ବା ଟଙ୍କା ଥିବା ଲଫାପାଟିକୁ ସେମାନଙ୍କ ହାତରେ ସମର୍ପି ଦେବା ପରେ ଯାଇ ଭୋଜନସ୍ଥଳୀକୁ ଯିବେ। ବ୍ରତଘର ଓ ଜନ୍ମଦିନ ପାଳନ ନିମନ୍ତ୍ରଣ ରକ୍ଷା କରିବାକୁ ହେଲେ ମଧ୍ୟ ସେହି ସମାନ କଥା। ବେଦି ଉପରେ ବସିଥିବା ବ୍ରହ୍ମଚାରୀଙ୍କ ଥାଳିରେ ବ୍ରତଭିକ୍ଷା ଦେଇସାରିବା ପରେ ଆପଣ ଯାଇ ଖାଇବେ। ଜନ୍ମଦିନ ପାଳନ ଉତ୍ସବରେ ଆପଣ ଉପସ୍ଥିତ ହେଲେ ପିଲା ହାତରେ ଉପହାର ବାବଦକୁ କୌଣସି ଖେଳନା ସାମଗ୍ରୀ କିମ୍ବା ଟଙ୍କାଥିବା ଲଫାପାଟି ଦେଇ ଆପଣଙ୍କୁ ଭୋଜନସ୍ଥଳୀକୁ ଆଗେଇ ଯିବାକୁ ହେବ। ଏସବୁ ଦେବାନେବାରେ ସେମିତି କୌଣସି ପ୍ରଚଳିତ ବିଧିବ୍ୟବସ୍ଥା କିମ୍ବା ବାଧ୍ୟବାଧକତା ନ ଥିଲେ ମଧ୍ୟ ଏହା ଏକପ୍ରକାର ଧାରାରେ ପରିଣତ ହୋଇଗଲାଣି। ଆପଣଙ୍କ ପାଖରେ ଧନ ଅଛି କି ନାହିଁ ତାହା ଅଲଗା କଥା କିନ୍ତୁ ସମସ୍ତଙ୍କ ସହ ପାଦ ମିଳାଇ ଆପଣଙ୍କୁ ଚାଲିବାକୁ ପଡ଼ିବ। ଆପଣ ଯେବେ ଭୋଜିଭାତ ଆସରରେ ଯୋଗଦେଲେ କିନ୍ତୁ କିଛି ବି ଉପହାର ନ ଦେଇ ସିଧାସଳଖ ଭୋଜନସ୍ଥଳୀକୁ ପାଦ ବଢ଼ାଇଲେ ସେଠାରେ ଉପସ୍ଥିତ କିଛି ଲୋକ ଆପଣଙ୍କୁ ଚାହିଁବେ ଓ ଆପଣଙ୍କ ଉଦ୍ଦେଶ୍ୟରେ କିଛି ଟୀକାଟିପ୍ପଣୀ ଦେବାକୁ ବି ପଛେଇବେ ନାହିଁ।

ଆଜିକାଲି କି ଗରିବ କି ଧନୀ ସମସ୍ତେ ଆଡମ୍ବରପୂର୍ଣ୍ଣ ଭୋଜିଭାତ ଆୟୋଜନକୁ ପସନ୍ଦ କରୁଛନ୍ତି ଓ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଉଛନ୍ତି। ଏଥିପାଇଁ ଧନୀ ଲୋକ ନିଜ ପାଖରେ ରଖିଥିବା ସମ୍ବଳର ବିନିଯୋଗ କରୁଥିବା ବେଳେ ନିର୍ଦ୍ଧନୀ ଲୋକଟେ ଇଚ୍ଛାକୃତ ଭାବେ ଧାରକରଜ କରି ନିଜର ପ୍ରତିଷ୍ଠା ଓ ପତିଆରା ବଢ଼େଇବାକୁ ଚେଷ୍ଟା କରୁଛି। ଗାଁଗହଳିଠାରୁ ସହର ବଜାରଯାଏ ସମସ୍ତେ ଏହି ଧାରାକୁ ଆପଣାଇ ନେଲେଣି। ମନେକରନ୍ତୁ ଆପଣ ଆପଣଙ୍କ ଅଞ୍ଚଳରେ ଜଣେ ଜଣାଶୁଣା, ପଦପଦବୀଧାରୀ ଓ ପରିଚିତ ବ୍ୟକ୍ତି। ଆପଣଙ୍କର ବି ଅନେକ ସାଙ୍ଗସାଥୀ ଓ ଚିହ୍ନା ପରିଚିତ ଲୋକ ଅଛନ୍ତି। ସେହି ଆଧାରରେ ଆପଣଙ୍କୁ ଗୋଟିଏ ବର୍ଷରେ ମନେକରନ୍ତୁ ୨୦ଟି ଭୋଜିକୁ ଯିବାଲାଗି ନିମନ୍ତ୍ରଣ ମିଳିଲା। ତେବେ ଆପଣ ଯଦି ସେସବୁ ନିମନ୍ତ୍ରଣ ରକ୍ଷାକରନ୍ତି ତେବେ ସ୍ଥଳ ବିଶେଷରେ ସର୍ବନିମ୍ନ ୨୦୦ ଟଙ୍କା ହିସାବରେ ମୋଟ ୪ହଜାର ଓ ସର୍ବୋଚ୍ଚ ୫୦୦ ଟଙ୍କା ହିସାବରେ ମୋଟ ୧୦ ହଜାର ଟଙ୍କା ଆପଣଙ୍କୁ ବାର୍ଷିକ ବ୍ୟୟ କରିବାକୁ ପଡ଼ିବ। ଆପଣ ଯଦି ଜଣେ ଅଭାବୀ କିମ୍ବା ସ୍ୱଳ୍ପ ରୋଜଗାରକ୍ଷମ ଲୋକ ହୋଇଥାଆନ୍ତି ତେବେ ଉକ୍ତ ଅର୍ଥ ଯୋଗାଡ଼ କରିବା ନିଶ୍ଚିତରୂପେ ଆପଣଙ୍କ ସାମର୍ଥ୍ୟର ବାହାରେ। ତେଣୁ ସମସ୍ତଙ୍କ ନିମନ୍ତ୍ରଣ ରକ୍ଷାକରିବା ଆପଣଙ୍କ ପକ୍ଷେ ହୁଏତ ସମ୍ଭବପର ନୁହେଁ। କେବଳ ସେତିକି ନୁହେଁ ଏଭଳି ନିମନ୍ତ୍ରଣ ଆପଣଙ୍କୁ ଖୁସି ବଦଳରେ କଷ୍ଟ ଦେବା ସୁନିଶ୍ଚିତ। ଆଜିକାଲି ଅନେକ କ୍ଷେତ୍ରରେ ବି ଦେଖାଯାଉଛି ଭୋଜିଭାତର ଆୟୋଜନ କରାଇଥିବା ଗୃହକର୍ତ୍ତା ପ୍ରାୟ ଯେତିକି ଅର୍ଥ ବ୍ୟୟ କରୁଛନ୍ତି ବେଳେବେଳେ ନିମନ୍ତ୍ରିତ ଅତିଥିମାନେ ତାହା ଭରଣା କରି ଦେଉଛନ୍ତି। ଉପହାର ବିଷୟଟିକୁ ବାଦ ଦେଲେ ଭୋଜିଭାତ କାର୍ଯ୍ୟକ୍ରମରେ ଅନେକ ଦିଗ ପ୍ରତି ଶେଷରେ ଏତିକି କୁହାଯାଇପାରେ ଯେ, ବିବାହ, ବ୍ରତ ଓ ଜନ୍ମଦିନ କାର୍ଯ୍ୟକ୍ରମରେ ଉପହାର ପ୍ରଦାନ ବ୍ୟବସ୍ଥା ଯେମିତି ବନ୍ଦ ହୋଇପାରିବ ସେ ଦିଗରେ ସମସ୍ତେ ପ୍ରୟାସ କରନ୍ତୁ। ଫଳରେ ଆମ ନିମନ୍ତ୍ରଣ ଜଣକୁ ଯାତନା ନୁହେଁ ବରଂ ଖୁସି ଦେଇପାରିବ।

**ଶଂଖିଡା, ତିହିଡି, ଭଦ୍ରକ**
**ମୋ– ୯୯୩୭୫୬୫୫୨୭**

# ଏଇ ଭାରତରେ

ବର୍ଜ୍ୟ ଜଳକୁ ବିଶୁଦ୍ଧ କରିବାରେ ଡ. ପ୍ରସନ୍ନ ଜଗଦେଓଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଜୈବିକ ପଦ୍ଧତି ଅର୍ଥାତ୍ ଡକ୍‌ୱିଡ (ଔଷଧୀୟ ଗୁଣ ଏକପ୍ରକାର ଦଳ) ଦ୍ୱାରା ଏହା କରୁଛନ୍ତି। ପ୍ରସନ୍ନ ମେରାଇନ ବାୟୋଟେକ୍‌ନୋଲୋଜିରେ ୟୁନିଭର୍ସିଟି ଅଫ ଇଷ୍ଟ ଆଙ୍ଗଲିୟା (ବ୍ରିଟେନ)ରେ ୨୦୦୯-୧୦ରେ ଡିଗ୍ରୀ ହାସଲ କରିବା ପରେ ୨୦୧୦ରେ ପୁଣେର ଫର୍ଗୁଶନ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେଠାରେ ପୂଜା ତେନ୍ଦୁଲକର ତାଙ୍କୁ ଏହି ଦଳ ବିଷୟରେ ଅବଗତ କରିଥିଲେ। ସେମାନେ ମିଳିତ ଭାବେ ଏହା ଉପରେ ଗବେଷଣା କରି ୱେଷ୍ଟ ୱାଟର ଟ୍ରିଟମେଣ୍ଟ କରିବାକୁ ସ୍ଥିର କରିଥିଲେ। ପରେ ସେମାନେ ଲିମନିୟନ (ଏକପ୍ରଜାତିର ଡକ୍‌ୱିଡ) ଗ୍ରୀନ୍ ସଲ୍ୟୁଶନ ଷ୍ଟାର୍ଟଅପ୍ ଗଠନ କରିଥିଲେ। ଏବେ ଏହି ଦଳ ମାଧ୍ୟମରେ ଛୋଟ ନଦୀ, ନାଳ ଓ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ସେମାନେ ୩୦ଟି ପ୍ରୋଜେକ୍ଟ ଶେଷ କରିସାରିଲେଣି। ସେମାନେ ବାୟୋଲୋଜିକାଲ ପଦ୍ଧତିରେ ଦିନକୁ ୧ କିଲୋ ଲିଟରରୁ ଆରମ୍ଭ କରି ୩,୦୦୦ କିଲୋଲିଟର ପର୍ଯ୍ୟନ୍ତ ଜଳକୁ ଜୀବାଣୁ ମୁକ୍ତ କରିପାରୁଛନ୍ତି। ଡକ୍‌ୱିଡର ୩୭ଟି ପ୍ରଜାତି ମଧ୍ୟରୁ ୪ କିମ୍ବା ୫ଟି ଭାରତରେ ଅଛି। କେବଳ ଏତିକି ନୁହେଁ, ଜଳାଶୟ କଡ଼ରେ ଦେଶୀ ଗଛ ସବୁ ରୋପଣ କରି ମୃତ୍ତିକା କ୍ଷୟ ରୋକିବା ଲାଗି ପଦକ୍ଷେପ ନେଉଛନ୍ତି ପ୍ରସନ୍ନ। ଜଳାଶୟ ପୁନରୁଦ୍ଧାର କାର୍ଯ୍ୟରେ ପ୍ରୋଜେକ୍ଟଗୁଡ଼ିକରେ ଛାତ୍ର ଏବଂ ସ୍ଥାନୀୟ ଗ୍ରମବାସୀମାନେ ଭାଗ ନେଉଛନ୍ତି।

# ୨୫ ବର୍ଷ ତଳର ଧରିତ୍ରୀ

**୨୨ ଜୁନ୍ ୧୯୯୮**

- ତୁର୍କୀ ସେନାବାହିନୀ ସହ ଏକ ସଂଘର୍ଷରେ ୧୮ ଜଣ କୁର୍ଦ୍ଦ ବିଦ୍ରୋହୀ ନିହତ।
- ଇରାନ୍ ରାଷ୍ଟ୍ରପତି ମହମ୍ମଦ ଖାତାମୀ ଏକ ନୂଆ ପଦବୀ ସୃଷ୍ଟିକରି ତାଙ୍କର ସହଯୋଗୀ ଅବ୍‌ଦୁଲା ନୋରାଙ୍କୁ ଉପରାଷ୍ଟ୍ରପତି ପଦରେ ନିଯୁକ୍ତ କରିଛନ୍ତି।
- ତାମିଲନାଡୁର କୁଦାନକୁଲମଠାରେ ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଦୁଇଟି ଲାଇଟ୍ ୱାଟର ପାୱାର ରିଆକ୍ଟର ନିର୍ମାଣ କରିବା ନେଇ ଭାରତ ଓ ରୁଷ୍ ମଧ୍ୟରେ ଏକ ବଡ଼ଧରଣର ଆଣବିକ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | | | | |
| | | 7 | | 8 | | | | 3 |
| 9 | | | | | | | 2 | |
| | | 2 | | | | | | 1 |
| 5 | | 8 | | | | | 7 | |
| | 7 | | | | 1 | 3 | | 6 |
| | | | | 7 | | 4 | 1 | |
| | | | | | 4 | | 5 | |
| | | | | | | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 8 | 1 | 3 | 5 | 9 | 4 |
| 4 | 5 | 8 | 2 | 9 | 7 | 6 | 1 | 3 |
| 1 | 3 | 9 | 5 | 4 | 6 | 2 | 8 | 7 |
| 8 | 1 | 7 | 4 | 6 | 2 | 3 | 5 | 9 |
| 9 | 4 | 6 | 3 | 7 | 5 | 8 | 2 | 1 |
| 5 | 2 | 3 | 1 | 8 | 9 | 7 | 4 | 6 |
| 6 | 7 | 1 | 9 | 5 | 8 | 4 | 3 | 2 |
| 2 | 8 | 4 | 7 | 3 | 1 | 9 | 6 | 5 |
| 3 | 9 | 5 | 6 | 2 | 4 | 1 | 7 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ତରବରିଆ ଗିରଫଦାରି ବନ୍ଦ ହେଉ

ମହାଶୟ,

ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଗତ ବର୍ଷ ଜୁଲାଇରେ ତରବରିଆ ଗିରଫଦାରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଧାନ ନ୍ୟାୟାଧୀଶ କହିଥିଲେ ଯେ, ଦେଶରେ ବ୍ୟାପକ ଭାବେ ତରବରିଆ ଗିରଫଦାରି ହେଉଛି। ଅଭିଯୁକ୍ତଙ୍କୁ ଜାମିନ ମିଳିବାରେ ବିଳମ୍ବ ହେଉଛି। ସେ ମଧ୍ୟ ପରିସଂଖ୍ୟାନ ଦେଇଥିଲେ ଯେ, ଦେଶରେ ୬.୧୦ ଲକ୍ଷ କଏଦୀଙ୍କ ମଧ୍ୟରୁ ୮୦ ପ୍ରତିଶତ ବିଚାରାଧୀନ କଏଦୀ। ଏଭଳି ତରବରିଆ ଗିରଫଦାରି ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଏଣୁ ଜଣେ ଅଭିଯୁକ୍ତ ନ୍ୟାୟିକ ପ୍ରକ୍ରିୟାକୁ ବାରମ୍ବାର ଏଡେଇ ଦେଉଥିବା ସମ୍ପର୍କରେ ନିଶ୍ଚିତ ହେବା ପରେ ଏହା ଜାରି ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଓ ମାର୍ଗଦର୍ଶନ ପ୍ରତି ପୋଲିସ ପ୍ରଶାସନ, ଅଧିବକ୍ତାମାନେ ଓ ଜନସାଧାରଣ ସଚେତନ ରହିବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଲାଞ୍ଛନାର ଶେଳରାଶି
ଏ ଜୀବନେ ହାଣେ ଯେହୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ ! ନୟନର ଲୋର।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୋଦି ସରକାର ଗରିବ ବିରୋଧୀ: କଂଗ୍ରେସ

ନୂଆଦିଲ୍ଲୀ, ୨୧।୬(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗରିବ ବିରୋଧୀ ବୋଲି ବୁଧବାର କଂଗ୍ରେସ ଅଭିଯୋଗ କରିଛି। ଖୋଲା ବଜାର ବିକ୍ରି ଯୋଜନା (ଓଏମ୍ଏସ୍ଏସ୍)ରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଖାଦ୍ୟଶସ୍ୟ ବିକ୍ରି ବନ୍ଦ କରିଦେଇଛନ୍ତି। କର୍ନାଟକ ସରକାରଙ୍କ ଅନ୍ନ ଭାଗ୍ୟ ଯୋଜନାକୁ ବନ୍ଦ କରିବା ପାଇଁ କେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିବା କଂଗ୍ରେସ କହିଛି। କର୍ନାଟକରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ବିପିଏଲ୍ ପରିବାରକୁ ୧୦ କିଲୋଗ୍ରାମ ଲେଖାଏ ଚାଉଳ ଯୋଗାଇ ଦେବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଦଳର ୫ ନିର୍ବାଚନ ପୂର୍ବବର୍ତ୍ତୀ ଗ୍ୟାରେଣ୍ଟି ମଧ୍ୟରୁ ଅନ୍ନ ଭାଗ୍ୟ ଯୋଜନା ଅନ୍ୟତମ। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟକୁ ଓଏମ୍ଏସ୍ଏସ୍‌ରେ ଚାଉଳ ବିକ୍ରି ବନ୍ଦ କରିବା ଷଡ଼ଯନ୍ତ୍ରପୂର୍ଣ୍ଣ ରାଜନୀତି ବୋଲି

## ଓଏମ୍ଏସ୍ଏସ୍‌ରେ ରାଜ୍ୟକୁ ଖାଦ୍ୟଶସ୍ୟ ବିକ୍ରି ବନ୍ଦକୁ ନେଇ ବର୍ଷିଲେ ଜୟରାମ


ଜୟରାମ ରମେଶ

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଗତ ମେ' ୧୩ରେ କର୍ନାଟକ ଜନସାଧାରଣ ପ୍ରଧାନମନ୍ତ୍ରୀ ଏବଂ ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ଜୁନ୍ ୨ରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ରାଜ୍ୟରେ ଅନ୍ନଭାଗ୍ୟ ଗ୍ୟାରେଣ୍ଟି ଯୋଜନା ଜୁଲାଇରୁ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କଲେ। ଜୁନ୍ ୧୩ରେ କେନ୍ଦ୍ର ସରକାର ସର୍କୁଲାର ଜାରି କରି ଓଏମ୍ଏସ୍ଏସ୍‌ରେ ରାଜ୍ୟଗୁଡ଼ିକୁ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ)ରୁ ଚାଉଳ ବିକ୍ରି ବନ୍ଦ କରିଦେଲେ। ଅନ୍ନ ଭାଗ୍ୟକୁ ବନ୍ଦ କରିବା ପାଇଁ ଏହା କରାଯାଇଥିବା ଜୟରାମ କହିଛନ୍ତି। କର୍ନାଟକ ସରକାର ଏଫସିଆଇକୁ ଚାଉଳ କ୍ୱିଣ୍ଟାଲ ପ୍ରତି ୩,୪୦୦ ଟଙ୍କା ଦେବାକୁ ଚାହୁଁଥିଲେ। କିନ୍ତୁ ଉକ୍ତ ଓ୍ୱିଣ୍ଡୋକୁ ବନ୍ଦ କରିଦିଆଗଲା। ଅନ୍ୟପକ୍ଷରେ ଇଥାନୋଲ ଉତ୍ପାଦନ ଏବଂ ପେଟ୍ରୋଲ ବେଣ୍ଡିଂ ପାଇଁ ଏଫ୍‌ସିଆଇ କୁଇଣ୍ଟାଲ ୨,୦୦୦ ଟଙ୍କା ଦରରେ ଚାଉଳ ବିକ୍ରି ଜାରି ରଖିଛି। ସବୁବେଳେ ଖାଦ୍ୟ ନିରାପତ୍ତା ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ବୋଲି ଜୟରାମ କହିଛନ୍ତି।


ତେଲଙ୍ଗାନାର ରାଙ୍ଗାରେଡ୍ଡୀ ଜିଲା ମହେଶ୍ୱରାମ ମଣ୍ଡଳର ଥମ୍ମାଲୁର ଗ୍ରାମରେ ଆୟୋଜିତ ହରିତହୋବ ସହ ଏକ ବିଶାଳ ଜନସମାବେଶକୁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସମ୍ବୋଧିତ କରୁଛନ୍ତି। ଉକ୍ତ ସଭାରେ ବିଆର୍ଏସ୍‌ର ମନ୍ତ୍ରୀ ସବିତା ଇନ୍ଦ୍ର ରେଡ୍ଡୀ ଏବଂ ଇନ୍ଦ୍ରକରନ୍ ରେଡ୍ଡୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ, ସାଂସଦ ରଣଜିତ ରେଡ୍ଡୀ, ଏମ୍ଏଲ୍‌ସି ପାଲା ରାଜେଶ୍ୱରୀ ରେଡ୍ଡୀ, ବିକରାବାଡ଼ ଜିଲାପାଳ ଏସ୍. ହରିଶ, ବିଆର୍ଏସ୍‌ର ବିଧାୟକ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଯୋଗ ପରମ୍ପରାକୁ ବିଶ୍ୱ ଗ୍ରହଣ କରିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର): 'ନବମ ଆନ୍ତର୍ଜାତିକ ଯୋଗ ଦିବସ' ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସାବିତ୍ରୀବାଇ ଫୁଲେ ପୁନେ ବିଶ୍ୱବିଦ୍ୟାଳୟରେ ଜି-୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଆସିଥିବା ସଦସ୍ୟମାନଙ୍କ ସହ ଯୋଗ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନର ଚାପଗ୍ରସ୍ତ ଜୀବନଶୈଳିରେ ଯୋଗର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତର ପ୍ରାଚୀନ ସଂସ୍କୃତିରୁ ଆସିଥିବା ଏହି ଯୋଗ ପରମ୍ପରାକୁ ବିଶ୍ୱ ଗ୍ରହଣ କରିଛି। ନିଜ ସହ ଅନ୍ୟ ଜଣେ ମଣିଷ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଯୋଗ ହେଉଛି ଏକ ସାମଗ୍ରିକ ଆଭିମୁଖ୍ୟ, ଯାହା ସଚେତନତାକୁ ପ୍ରୋତ୍ସାହିତ କରେ। ସାମର୍ଥ୍ୟକୁ ବଢାଇବା ସହ ଜୀବନର ମୂଳ ଅର୍ଥକୁ ବୁଝାଇଥାଏ। ସୁସ୍ଥ ଓ ସୁଖୀ ଜୀବନ ଯାପନ ପାଇଁ ସମସ୍ତେ ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରିବା ଆବଶ୍ୟକ। ବିଶ୍ୱରେ ଭାଇଚାରାକୁ ଅଧିକ ଦୃଢୀଭୂତ କରିବା ପାଇଁ ଯୋଗକୁ ଏକ ଜୈବନଶୈଳୀ କରିବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

## ଶାହାଙ୍କୁ ଭେଟିଲେ ଜିତନ୍‌ରାମ ମାନ୍‌ଝି


ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟୁଛନ୍ତି ଜିତନ୍‌ରାମ ମାନ୍‌ଝି।

### ଭାଜପା ସହ ମିଶି ଲୋକ ସଭା ନିର୍ବାଚନ ଲଢ଼ିବେ

ନୂଆଦିଲ୍ଲୀ, ୨୧।୬ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ବିରୋଧୀ ଦଳଗୁଡ଼ିକର ମିଳିତ ବୈଠକ ଆୟୋଜନ କରୁଥିବାବେଳେ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍ଏଏମ୍) ଅଧ୍ୟକ୍ଷ ଜିତନ୍‌ରାମ ମାନ୍‌ଝି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ତାଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ମାନ୍‌ଝି ଦିନକ ପୂର୍ବରୁ ମହାମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ଶାହାଙ୍କ ସହ ମାନ୍‌ଝି ୩୫ ମିନିଟ୍ ଧରି ଆଲୋଚନା କରିଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ମାନ୍‌ଝିଙ୍କ ଦଳ ଭାଜପା ସହ ଏକାଠି ନିର୍ବାଚନ ଲଢ଼ିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ୧୩ ତାରିଖରେ ନୀତୀଶ କୁମାରଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥିବା ମାନ୍‌ଝିଙ୍କ ପୁଅ ସନ୍ତୋଷ କୁମାର ସୁମନ ଆଲୋଚନା ବେଳେ ଉପସ୍ଥିତ ଥିଲେ। ନୀତୀଶ ସେମାନଙ୍କ ଦଳର ପରିଚୟ ହଜାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ସନ୍ତୋଷ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଉଥିବା କହିଥିଲେ।

## ଆଜିଠୁ ନଡ୍ଡାଙ୍କ ୨ ଦିନିଆ ଓଡ଼ିଶା ଗସ୍ତ


ଜେ.ପି. ନଡ୍ଡା

ଭୁବନେଶ୍ୱର,୨୧।୬ (ସୁନିତ୍ ମିଶ୍ର): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ନେଇ ଦଳର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଗୋଲକ କହିଛନ୍ତି, ଗୁରୁବାରଠାରୁ ନଡ୍ଡା ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗୁରୁବାର ଅପରାହ୍ନ ୪ଟାରେ ଝାରସୁଗୁଡ଼ା ବିମାନବନ୍ଦରରେ ସେ ପହଞ୍ଚିବେ। ସେଠାରେ ବରଗଡ଼ ଲୋକ ସଭା କ୍ଷେତ୍ରର କର୍ମକର୍ତ୍ତାଙ୍କ ସହ ବୈଠକ କରିବେ। ଏହାପରେ ବୁର୍ଲା ଯାଇ ସେଠାରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ନଡ୍ଡା ୨୩ ତାରିଖରେ କଳାହାଣ୍ଡି ଜିଲାକୁ ଗସ୍ତ କରିବେ। ବିମାନ ଯୋଗେ ସେଠାକୁ ଯିବେ। ଭବାନୀପାଟଣାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚି ପ୍ରଥମେ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରିବେ। ଏହାପରେ ଲାଲବାହାଦୁର ଷ୍ଟାଡିୟମରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିବେ । ଏହାପରେ ସର୍କିଟ ହାଉସରେ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କୁ ସେ ଭେଟିବେ। ଶେଷରେ ଭବାନୀପାଟଣା ଟାଉନ ହଲ୍‌ରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନାକରି ଫେରିଯିବେ। ତେବେ କେନ୍ଦ୍ରରେ ସରକାର ହେବାର ୯ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭାଜପା ପକ୍ଷରୁ ଦେଶବ୍ୟାପୀ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। କଳାହାଣ୍ଡିରେ ଆୟୋଜିତ ଜନସମ୍ପର୍କ ଯାତ୍ରାରେ ଯୋଗଦେବା ଲାଗି ନଡ୍ଡା ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ୯ ବର୍ଷର ଜନକଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିଛି ସେନେଇ କହିବେ ବୋଲି ଗୋଲକ ସୂଚନା ଦେଇଛନ୍ତି ।

## ଅଘୋଷିତ ବିଦ୍ୟୁତ୍ କାଟ : ୨୭ରେ କଂଗ୍ରେସର ଘେରାଉ

ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର): ରାଜ୍ୟରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୭ରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଦର ମହକୁମାରେ ଥିବା ବିଦ୍ୟୁତ୍ ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯିବ। ତେବେ ପିସିସି ସଭାପତି କହିଛନ୍ତି, କେତେକ ଦାବି ନେଇ ଦଳ ରାସ୍ତାକୁ ଓହ୍ଲାଇବ। ସେଗୁଡିକ ହେଉଛି, ବିଦ୍ୟୁତ୍ କାଟ ବନ୍ଦ, ଗ୍ରାହକଙ୍କୁ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ, ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ୨୦୧୦ରୁ ୨୦୨୨ରେ ଖର୍ଚ୍ଚ ହୋଇଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରନ୍ତୁ। ବିଦ୍ୟୁତ୍ ଦେୟ ୟୁନିଟ୍ ପିଛା ୨ ଟଙ୍କାକୁ ହ୍ରାସ କରାଯାଉ, ବିଦ୍ୟୁତ୍ ଦେୟ ପୈଠ ଏକ ନିର୍ଦ୍ଦିଷ୍ଟ ତାରିଖରେ କରାଯାଉ ଏବଂ ପୂର୍ବ ବକେୟା ବିଲ୍ ଉପରେ ସୁଧ ସହ ଆଦାୟ ତୁରନ୍ତ ବନ୍ଦ କରାଯାଉ। ସେ ଆହୁରି କହିଛନ୍ତି, ଯଦି ଟାଟା ପାୱାର କୌଣସି ଜୋର ଜୁଲମ୍ ଗ୍ରାହକଙ୍କ ଉପରେ କରୁଛନ୍ତି ତୁରନ୍ତ ଆମକୁ ଜଣାନ୍ତୁ। ରାଜ୍ୟବାସୀ କଂଗ୍ରେସର ଏହି ଆନ୍ଦୋଳନରେ ସାମିଲ ହେବାକୁ ଶରତ ନିବେଦନ କରିଛନ୍ତି।

**MILK UNION GOSHALA, SAMBALPUR**
**VEHICLE REQUIRED ON HIRE**
Maxi Truck/Max Pick up or similar type of Vehicle required on hire for Barpali-Tentulitikira Milk Route running covering 72 KM. both Morning & Evening Shift.
**Interested Parties may purchase and submit tenders by 05.07.2023.**
**Tender Paper Cost: Rs.200/- + GST.**
**EMD: Rs.2,000/-**

**PARADIP PORT AUTHORITY**
E & M DEPARTMENT
PLANNING & DESIGN CELL
No.: EM/PD-11/2022/862 Date. 09/06/2023
CORRIGENDUM - V
5th CORRIGENDUM to e-Tender Call Notice (TCN) No. EM/PD-06/2023 issued vide No. EM/PD-11/2022/258, Dt.14/02/2023 for the work "Implementation and Operation & Maintenance (O&M) of Port Access Control System."
The date and time of submission of tender are hereby extended as per the following schedule: (i) Document download end date: 26/06/2023; 18:00 Hrs., (ii) Bid submission end date: 26/06/2023, 18:00 Hrs., (iii) Last date of submission of cost of Tender document/ Tender fee through NEFT/RTGS (as per Clause No. 17 of ITB): 26/06/2023, 18:00Hrs., (iv) Bid opening date : 27/06/2023, 16:00 Hrs.
All other terms & conditions of the tender remain unchanged.
Sd/- Executive Engineer, Planning & Design Cell, Electrical & Mechanical Department
PPA/PR-25/2023-24 Date: 21/06/2023

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
PLOT NO : C-71, SECTOR-7, C.D.A, CUTTACK, ODISHA
**O.A. NO. 656 of 2022**
HDFC BANK LIMITED ..............APPLICANT
-VERSUS-
MOHAMMAD SALIM & OTHERS ........DEFENDANT(S)
To,
1. **MOHAMMAD SALIM,** aged about 42 years, S/o- Mohammad Majid, At : Bhatii Road, Nuanpada, Near Old Sadar Thana, Main Road, Dist : Bargarh, Odisha-768028.
2. **MOHAMMAD KALIM,** aged about 42 years, S/o- Mohammad Majid, At : Bhatii Road, Nuanpada, Near Old Sadar Thana, Main Road, Dist : Bargarh, Odisha-768028.
3. **MUKESH KUMAR AGARWAL,** aged about 38 years, S/o- Sukh Dayal Agarwal, At : CH-51, Marwadipada, Bargarh Main Road, Dist : Bargarh, Odisha-768028.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A No. 656/2022** in the court of the Debts Recovery Tribunal, Cuttack for recovery of **Rs.33,37,626.64** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the date of publication or on **30.06.2023** at **10.30 A.M.** as to why reliefs prayed for should not granted.
Take notice that in case of default the applicant will be heard and determined in their absence.
Given under my hand and seal of this Tribunal on this **19th** day of **May, 2023**.
Sd/- Registrar

# ଅସନ୍ତୁଷ୍ଟ ନେତାଙ୍କ ଶକ୍ତି ପ୍ରଦର୍ଶନ



ସାଂଗଠନିକ ବୈଠକରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ଡେରାବିଶ ୨୧।୬ (ବେବର୍ତା ଅଜୟ ଦାସ)

## ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି

ଆସନ୍ତା ସାଧାରଣ ନିର୍ବାଚନର ସମୟ ସ୍ୱଳ୍ପ ଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ପାଟକୁରା ନିର୍ବାଚନ ମଣ୍ଡଳୀରେ ଶାସକ ବିଜୁ ଜନତା ଦଳର ଅସନ୍ତୁଷ୍ଟ ନେତାଙ୍କ ଶକ୍ତି ପ୍ରଦର୍ଶନ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ କଲେଜଛକ ନିକଟରେ ବୁଧବାର ପାଟକୁରା ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀଙ୍କ ସାଙ୍ଗଠନିକ ବୈଠକ ଆଳରେ ସେମାନଙ୍କ ଶକ୍ତି ପ୍ରଦର୍ଶନ ବିଜେଡି ରାଜନୀତିକୁ ସରଗରମ କରିଛି। ଏହି କାର୍ଯ୍ୟକ୍ରମରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ସରୋଜ ନିଜ ବକ୍ତବ୍ୟରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଗରଦପୁର, ଡେରାବିଶ ଓ ମାର୍ଶଘାଇ ବ୍ଲକର ୭ଟି ପଞ୍ଚାୟତର ଦଳୀୟ କର୍ମୀମାନଙ୍କ ନିଷ୍ଠାପର ଉଦ୍ୟମରେ ଏହି ଦଳ ନିର୍ବାଚନ ମଣ୍ଡଳୀରେ ଶକ୍ତିଶାଳୀ ହୋଇପାରିଥିଲା । ୨୦୧୯ ଉପ ନିର୍ବାଚନରେ ଦଳୀୟ କର୍ମୀଙ୍କ ପ୍ରଚେଷ୍ଟାରେ ନିର୍ବାଚିତ ହୋଇଥିବା ବିଧାୟିକା ଦଳ ଅପେକ୍ଷା ପାରିବାରିକ ରାଜନୀତିରେ ଅଧିକ ଗୁରୁତ୍ୱ ଦେଇଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଜିଲା ବିଜୁ ଜନତା ଦଳର ସଭାପତି ଉତ୍କଳ କେଶରୀ ପରିଡ଼ା ମୁଖ୍ୟଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟବାସୀଙ୍କ ପାଇଁ କରିଥିବା ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ତେବେ ଏହି ବିକାଶ କାର୍ଯ୍ୟକ୍ରମରୁ ପାଟକୁରା ନିର୍ବାଚନ ମଣ୍ଡଳୀ ଗତ ୪ ବର୍ଷ ହେବ ବାଦ ପଡ଼ିଥିବା ଓ ଏହି ନିର୍ବାଚନ ମଣ୍ଡଳୀରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ସାବିତ୍ରୀ ଅଗ୍ରୱାଲ୍ ବିଧାନସଭା କ୍ଷେତ୍ରରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବା ଓ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ପ୍ରତିନିଧି ବୋଲାଉଥିବା ତାଙ୍କ ପୁଅ ଦଳୀୟ କର୍ମୀଙ୍କୁ ବାଦ ଦେଇ ଯୋଜନାକୁ ବାଟମାରଣା କରୁଥିବା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ ମହାରାଜ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ଦଳୀୟ ନେତା ଦିଲୀପ ମହାନ୍ତି ଏହି ବୈଠକରେ ଯୋଗଦେଇ ୨୦୧୯ ଉପନିର୍ବାଚନରେ ନିର୍ବାଚନ ମଣ୍ଡଳୀର ସମସ୍ତ ଦଳୀୟ କର୍ମୀ ନିଜର ତ୍ୟାଗ ଓ ଅକ୍ଳାନ୍ତ ପରିଶ୍ରମ କରି ଦଳୀୟ ପ୍ରାର୍ଥୀ ଅଗ୍ରୱାଲଙ୍କୁ ଜିତାଇଥିଲେ । ନିର୍ବାଚନ ପରବର୍ତ୍ତୀ ସମୟରେ ବିଧାୟିକା ଦଳୀୟ କର୍ମୀଙ୍କୁ କୋଣଠେସା କରିବା ସହ ଦଳବିରୋଧି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ନିଜର କରି ଦଳୀୟ ସଂଗଠନକୁ ଦୁର୍ବଳ କରିଛନ୍ତି। ଏଥିସହ ସରକାରୀ ଯୋଜନାଠାରୁ ବିଧାୟିକା ନିଜକୁ ଦୂରେଇ ରଖିଛନ୍ତି ବୋଲି ନିଜ ଅଭିଯୋଗରେ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗରଦପୁର ବ୍ଲକର ଦଳୀୟ ନେତା ବିଜନ ରାୟ, ଅମିୟ ପରିଜା, ବାପି ମହାନ୍ତି, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ରାଜକିଶୋର ମଲ୍ଲ, ସାହାଜାନ୍ ଖାଁ, ସୁଜିତ କୁମାର ବଳଙ୍କ ସମେତ ବହୁ ଦଳୀୟ କର୍ମୀ ବିଧାୟିକା ଓ ତାଙ୍କ ପୁଅ ସଂଜୟ ଅଗ୍ରୱାଲଙ୍କ ବିରୋଧରେ ନିଜର ମନ୍ତବ୍ୟ ରଖିବା ସହ ଆଗାମୀ ଦିନରେ ଏକ ବଡ଼ଧରଣର ସମାବେଶ କରିବା ପାଇଁ ନିଜର ପ୍ରସ୍ତାବ ରଖିଥିଲେ। ଏଥିସହିତ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲ୍ଲା ସଭାପତି ପରିଡ଼ାଙ୍କ ମାଧ୍ୟମରେ ଦଳର କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରମିଳା ମଲିକ ଓ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୧ଟି ପଞ୍ଚାୟତରୁ ବହୁ ଦଳୀୟ କର୍ମୀ, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ୱାର୍ଡ଼ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ଗୌତମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ସର୍ବସାଧାରଣ ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି, ମେସର୍ସ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ତା'ର କୃଡ ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୨.୨ ନିୟୁତ ଟନ୍ ଏବଂ କୋଲ୍ଡ ରୋଲିଙ୍ଗ ମିଲ ଉତ୍ପାଦନ କ୍ଷମତା ବାର୍ଷିକ ୨.୬ ନିୟୁତ ଟନ୍ ନିମନ୍ତେ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀଠାରୁ ସଂଶୋଧିତ ପରିବେଶ ମଞ୍ଜୁରୀପତ୍ର ସଂଖ୍ୟା IA-J-11011/281/2007-IA -II(I), ତାରିଖ ୧୬.୦୬.୨୦୨୩ରେ ହାସଲ କରିଅଛି । ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଏହି କାରଖାନା କଳିଙ୍ଗନଗର ଶିଳ୍ପାଞ୍ଚଳ, ଡୁବୁରୀ, ଜିଲ୍ଲା-ଯାଜପୁର- ୭୫୫୦୨୬ ଠାରେ ଅବସ୍ଥିତ । ମନ୍ତ୍ରଣାଳୟ ପ୍ରମାଣପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରେ ଉପଲବ୍ଧ ହେବା ସହିତ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ http:/envfor.nic.inରେ ମଧ୍ୟ ସହଜରେ ଉପଲବ୍ଧ ହୋଇପାରିବ ।
ସ୍ୱା./-
କାରଖାନା ମୁଖ୍ୟ
ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍

**ସର୍ବସାଧାରଣ ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି ମେସର୍ସ ଜେଏସ୍ଏଲ୍ ଫେରସ୍ ଲିମିଟେଡ୍ ତା'ର କାରଖାନା ପାଇଁ ବାର୍ଷିକ ୨.୩୫ ନିୟୁତ ଟନ୍ ଲୌହ ତିଆରି କରିବାର କ୍ଷମତା ଓ ୨.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ନିମନ୍ତେ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟ, ନୂଆଦିଲ୍ଲୀଠାରୁ ପରିବେଶ ମଞ୍ଜୁରୀପତ୍ର ସଂଖ୍ୟା-J-11011/281/2007-IA -II(I), ତାରିଖ ୧୬.୦୬.୨୦୨୩ରେ ହାସଲ କରିଅଛି । ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ଠାରୁ ପୃଥକ୍ ହେବା ପରେ ଏହି କାରଖାନା କଳିଙ୍ଗନଗର ଶିଳ୍ପାଞ୍ଚଳ, ଡୁବୁରୀ, ଜିଲ୍ଲା-ଯାଜପୁର-୭୫୫୦୨୬ଠାରେ ଅବସ୍ଥିତ । ମନ୍ତ୍ରଣାଳୟ ପ୍ରମାଣପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରେ ଉପଲବ୍ଧ ହେବା ସହିତ ଜଙ୍ଗଲ, ପରିବେଶ ଓ ପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ http:/envfor.nic.inରେ ମଧ୍ୟ ସହଜରେ ଉପଲବ୍ଧ ହୋଇପାରିବ ।
ସ୍ୱା./-
କାରଖାନା ମୁଖ୍ୟ
ଜେଏସ୍ଏଲ୍ ଫେରସ୍ ଲିମିଟେଡ୍

**MILK UNION GOSHALA, SAMBALPUR**
**TENDER NOTICE FOR CALL CENTRE**
**CALLING / RECORDING SOFTWARE**
**(TELE VETERINARY SERVICES)**
1. 1 Year Subscription
2. Unlimited Incoming Call
3. Call Recording/Monitoring
4. 5 Years Recording Backup
5. JBL Wired Head Set with Mic. & Control
6. Web Cam-HD
7. Set up Service - 1 Year
**Interested Parties may purchase and submit tenders by 27.06.2023.**

**ଦ.ପୂ. ରେଳପଥ - ଟେଣ୍ଡର**
ନଂ.ସିକେପି-ଜିଏସ୍ୟୁ-ଏସ୍ଏନ୍‌ଟି-୨୩-୨୪, ତାରିଖ: ୧୯।୦୬।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନବର୍ଣ୍ଣିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ତା୧୨।୦୭।୨୦୨୩ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: (୧) ସିକେପି-ଜିଏସ୍ୟୁ-ଏସ୍ଏନ୍‌ଟି-ଆଇବିଏସ୍ଏସ୍-୨୩-୨୪-୯; ବରସୁଆଁ-ଗଗନାପୋଷ ମଧ୍ୟରେ ଉଭୟ ଅପ୍ ଏବଂ ଡାଉନ୍ ଦିଗରେ ଆଇବିଏସ୍ଏସ୍‌ର ବ୍ୟବସ୍ଥା; ₹ ୧,୮୭,୮୬,୬୧୮.୪୧; ₹ ୨,୪୩,୯୦୦/- । (୨) ସିକେପି-ଜିଏସ୍ୟୁ-ଏସ୍ଏନ୍‌ଟି-ଏସ୍ଏନ୍-୨୩-୨୪-୧୦; ଗହ୍ମାରିଆ ୟାର୍ଡଠାରେ ୧୫୦ ମିଟର ଶଣ୍ଟିଂ ନେକ୍‌ର ବ୍ୟବସ୍ଥା; ₹ ୨୧,୭୨,୦୫୭.୮୯; ₹ ୪୩,୫୦୦/- । (୩) ସିକେପି-ଜିଏସ୍ୟୁ-ଏସ୍ଏନ୍‌ଟି-ଇଆଇପିଆଇ-୨୩-୨୪-୧୧; ଚକ୍ରଧରପୁର ଏବଂ ଲୋଟାପାହାଡ଼ ଷ୍ଟେଶନସ୍ଥିତ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂକୁ ହଟାଇବା ସଂକ୍ରାନ୍ତରେ ଇଆଇ/ପିଆଇରେ ସଂଶୋଧନ/ପରିବର୍ତ୍ତନ; ₹ ୨୫,୧୧,୯୬୭.୪୮; ₹ ୫୦,୨୦୦/- । ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୨ (ବାର) ମାସ ଏବଂ କ୍ର.ସଂ. ୨ ଓ ୩ ପାଇଁ ୦୬ (ଛଅ) ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-311)

FORM NO. 13
BEFORE THE DEBTS RECOVERY TRIBUNAL, CUTTACK: ODISHA
C-71, SECTOR-7, C.D.A, CUTTACK : ODISHA
**O.A. NO. 489/2022**
HDFC Bank Ltd.,
Represented by its Legal Manager &
POA Holder Pallavi Das .................... APPLICANT
-Vrs-
Swati Kumari Gupta & another ............... DEFENDANTS
To,
1. **Swati Kumari Gupta, aged about 37 years, D/O-Rajkumar Gupta, DD-9, Ground Floor, Civil Township, Near Naidu Science College, Rourkela, Dist-Sundergarh-769004. [PAN NO. ANYPG5896M]**
2. **Bikash Kumar Nayak, aged about 42 years, DD-9, Ground Floor, Civil Township, Near Naidu Science College, Rourkela-769004. [PAN NO. AYXPN9433B]**
.............. DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the Applicant has instituted an **O.A No. 489/2022** in the Court of the Debts Recovery Tribunal at Cuttack for recovery of **Rs.31,53,746.63 (Rupees Thirty One Lakh Fifty Three Thousand Seven Hundred Forty Six and Sixty Three Paise Only)** together with current and future interest, costs and the other reliefs. The above mentioned Defendants are therefore, directed to appear before this tribunal in person or through an advocate or duly authorised agent, in support of their defence to show cause within 30 days from the publication or on **23.06.2023** at **10.30 A.M.** as to why reliefs prayed for should not granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **04th** day of **May, 2023**.
Date : 04.05.2023 Sd/- REGISTRAR (I/c)

**RANCHI REGIONAL DEVELOPMENT AUTHORITY, RANCHI**
**(Urban Development & Housing Department, Govt. of Jharkhand)**
**"Pragati Sadan", Kutchery Chowk, Ranchi – 834001, Email :secrrda1967@gmail.com**
Ref : RRDA/EE/2023/05/963 **Corrigendum** Dated : 21/06/2023
एतद द्वारा सूचित किया जाता है कि इस कार्यालय द्वारा आमंत्रित निविदा **Tender Ref. No. :-** RRDA/EE/2023/06/889 Dated 07.06.2023 (**Ref. P.R. No. :-** PR299466) में Period of Completion को निम्नवत् पढ़ा जाय:–

| Sl. No. | Name of Work | Period of Completion |
|---|---|---|
| 1 | Construction of Bituminous Road from Oberia (Smt. Slenlata Ekka house to Bhusur Approch road And Bhusur Road to Middle School Garkhatanga. | 180 Days |
| 2 | Construction of PCC Road and cross-drain from Ankur Nursury Gutua To Maa Draupdi Palace (Eklavya Banquet Hall ) via Louis Villa (Behind Middle School Gutwa) Simliya. | 270 Days |
| 3 | Construction of PCC Road and RCC cross-drain from Paver Block Road to Back Road of Din Dayal Upadhyay Koshal Vikash Kendra, Haider Nagar ,Koilari. | 270 Days |

तथा Date/Time of Opening Bid :- 03/07/2023 at 11:30 AM पढ़ा जाय।
निविदा की शेष नियम एवं शर्तें यथावत रहेंगी।
Sd/-
Executive Engineer
RRDA, Ranchi
PR 300570Ranchi Regional Development Authority(23-24)#D

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1010 OSIC GST No. 21AAACO2101M1Z1
**e-Procurement Notice for Building works**
Tender Notice No.3184 Date: 21.06.2023
Identification No. On line Bidding OSIC/Constn./2023-2024/004
(A)1.Name of the work : Up gradation & Construction of Cashew Cluster Brahmagiri, Odisha.
2.Total No of work : 01 No.
3. Estimated cost : Rs.2,03,53,506/-(approx)
4.Class of Contractor : B & A Class as per eligibility Criteria online.
5.Period of completion : Six calendar months.
(B) Other details

| Procurement online | Bid Identification No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 004 of 2023-2024 | 28.06. 2023 | 17.07. 2023 | 18.07.2023 at 11.00 A.M |

Further details can be seen from the website **www.tendersodisha.gov.in** .Any amendment corrigendum, cancellation or re-tender may please be referred to the website.
Sd/-
GENERAL MANAGER(O)
OSIC Ltd., Cuttack.
OIPR-14073/11/0036/2324

## ସଂକ୍ଷେପରେ

### ଖେଳିବାକୁ ନେଇ ପାର୍କରେ ଗଣ୍ଡଗୋଳ, ଯୁବକ ଆହତ

**ଭୁବନେଶ୍ୱର, ୨୧।୬(ସୂର୍ଯ୍ୟକାନ୍ତ ବେହେରା):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଏଚ୍ଆଇଜି କଲୋନୀସ୍ଥିତ ପାର୍କରେ ବୁଧବାର ଗଣ୍ଡଗୋଳ ଘଟିଛି। ୧୦ରୁ ଊର୍ଦ୍ଧ୍ୱ ଯୁବକଙ୍କ ଆକ୍ରମଣରେ ଅସିତ କୁମାର ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଏନେଇ ଅସିତ୍ ତାଙ୍କ ମା'ଙ୍କ ସହ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଖେଳୁଥିବାବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇ ଏହି ଘଟଣା ଘଟିଥିଲା। ଏନେଇ ତଦନ୍ତ କରାଯାଉଥିବା ଥାନାଧିକାରୀ ପ୍ରକାଶ କୁମାର ମାଝୀ କହିଛନ୍ତି।

### ୩ଦିନ ପରେ ବି ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

**ବନ୍ଧୁକ ମୁନରେ ସୁନା ଚେନ୍-ବ୍ରେସ୍‌ଲେଟ ଲୁଟ୍ ଘଟଣା**

**ଭୁବନେଶ୍ୱର,୨୧।୬(ସୂର୍ଯ୍ୟକାନ୍ତ ବେହେରା):** ମୈତ୍ରୀବିହାର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ଘର ଆଗରେ ଛିଡ଼ା ହୋଇଥିବାବେଳେ ୩ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ଅଶୋକ ସ୍ୱାଇଁଙ୍କଠାରୁ ସୁନା ଚେନ ଓ ବ୍ରେସ୍‌ଲେଟ ନେଇ ଫେରାର ହୋଇଯାଇଥିଲେ। ତେବେ ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପୋଲିସ ପାଇପାରି ନାହିଁ। ତେବେ ଦୁର୍ବୃତ୍ତମାନେ କିଭଳି ଆକ୍ରମଣ କରି ଲୁଟ୍ କରିଥିଲେ ତାହାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି । ସୂଚନାନୁସାରେ ରବିବାର ରାତିରେ ଅଶୋକ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରୁଥିଲେ। ଗେଟ୍ ଆଗରେ ଗାଡ଼ି ଛିଡ଼ା କରି ଭିତରକୁ ପଶିବାବେଳେ ଏହି ସମୟରେ ଗୋଟିଏ ବାଇକ୍‌ରେ ୩ଜଣ ଯୁବକ ହଠାତ୍ ଆସି ସେ ପିନ୍ଧିଥିବା ସୁନା ଚେନ୍ ଓ ବ୍ରେସ୍‌ଲେଟକୁ ଜୋରଜବରଦସ୍ତ ଛଡ଼ାଇ ନେବାକୁ ଉଦ୍ୟମ କରିବାବେଳେ ଅଶୋକ ଏହାକୁ ବିରୋଧ କରିଥିଲେ। ହେଲେ ଏଥିରେ ଜଣେ ଦୁର୍ବୃତ୍ତ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଛୁରିରେ ଆକ୍ରମଣ କରିବା ସହ ଅଣ୍ଟାରୁ ବନ୍ଧୁକ ବାହାର କରି ମାରିଦେବାକୁ ଧମକ୍ ଦେଇଥିଲେ। ଏହାପରେ ସେ ପିନ୍ଧିଥିବା ସୁନା ଚେନ୍ ଓ ବ୍ରେସ୍‌ଲେଟକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଚନ୍ଦ୍ରଶେଖରପୁର ଓ ମୈତ୍ରୀ ବିହାର ଥାନା ପୋଲିସ ପହଞ୍ଚି ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ।

### ଶ୍ରମିକଙ୍କ ଜିନିଷ ଚୋରି, ଯୁବକ ଗିରଫ

**ଭୁବନେଶ୍ୱର,୨୧।୬(ସୂର୍ଯ୍ୟକାନ୍ତ ବେହେରା):** ଶୋଇଥିବା ବେଳେ ଶ୍ରମିକମାନଙ୍କ ମୋବାଇଲ ଓ ଟଙ୍କା ଚୋରି କରିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରାଜେଶ ଓରଫ ବାବୁ ବେଜ । ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଓ ୩ ହଜାର ଟଙ୍କା ଜବତ ହୋଇଛି । ସୂଚନାନୁସାରେ ସ୍ଥାନୀୟ ଥାନା ଅନ୍ତର୍ଗତ ଚଣ୍ଡୀ ବଜାର ଛକରେ ଗୋଟିଏ ଇଟା ଫ୍ୟାକ୍ଟ୍ରି ରହିଛି । ସେଠାରେ ୨୦ ଜଣ ଶ୍ରମିକ ଶୋଇଥିବା ବେଳେ ଅଭିଯୁକ୍ତ ୨ଟି ମୋବାଇଲ ଫୋନ ଏବଂ ୩ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏନେଇ ମାଲିକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଲିଙ୍ଗରାଜ ରେଲୱେ ଷ୍ଟେଶନ ନିକଟରୁ ଚୋରି ମୋବାଇଲ ଫୋନ ଓ ଟଙ୍କା ସହିତ କାବୁ କରିଥିଲା।

### କ୍ୟାପିଟାଲ ହସ୍ପିଟାଲରୁ ଚୋରି

**ଟ୍ରାଫିକ୍ ଉଲ୍ଲଂଘନବେଳେ ଅଭିଯୁକ୍ତଙ୍କୁ ଧରିଲା ପୋଲିସ**

**ଭୁବନେଶ୍ୱର,୨୧।୬(ସୂର୍ଯ୍ୟକାନ୍ତ ବେହେରା):** କ୍ୟାପିଟାଲ ହସ୍ପିଟାଲ ପରିସରରୁ ଜଣେ ରୋଗୀଙ୍କଠାରୁ ବାଇକ୍ ଚୋରି କରିବା ଅଭିଯୋଗରେ ଲୁଟେରାଙ୍କୁ ଧରି ପୋଲିସ କୋର୍ଟଚାଲାଣ କରିଛି। ସେହେଲେ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ଦୁର୍ଯ୍ୟୋଧନ ସ୍ୱାଇଁ। ତାଙ୍କଠାରୁ ଚୋରି ବାଇକ୍ ଜବତ କରାଯାଇଛି। ସୂଚନାନୁସାରେ ଶ୍ୟାମ ସୁନ୍ଦର କୁଅଁର ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲସ୍ଥିତ ଶିଶୁ ବିଭାଗକୁ ରିପୋର୍ଟ ଦେଖାଇବା ପାଇଁ ଯାଇଥିବା ସମୟରେ ତାଙ୍କ ମୋଟରସାଇକେଲକୁ ଉକ୍ତ ବିଭାଗ ନିକଟରେ ପାର୍କ କରି ରଖିଥିଲେ। କିଛି ସମୟ ପରେ ଫେରିଲାବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିବାଜାଣିବା ପରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତ ଜଣକ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ି ଯାଇଥିଲେ।

# ସଚେତନତା ହିଁ ସର୍ପାଘାତଜନିତ ବିପର୍ଯ୍ୟୟ ରୋକିବ



କର୍ମଶାଳାରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଓ ଅନ୍ୟ ଅତିଥିମାନେ।

- ପ୍ରତି ୧୦ଲକ୍ଷରେ ୨୬ଜଣ ସାପ କାମୁଡ଼ାର ଶିକାର
- ସର୍ପାଘାତ ମୃତ୍ୟୁରେ ଗଞ୍ଜାମ ପ୍ରଥମ, କେନ୍ଦୁଝର ଦ୍ୱିତୀୟ ଓ ବାଲେଶ୍ୱର ତୃତୀୟ

**ଭୁବନେଶ୍ୱର, ୨୧।୬(ବନ୍ଦନା ସେଠୀ)**

ଭାରତ ତଥା ଓଡ଼ିଶାରେ ସର୍ପାଘାତଜନିତ ବିପଦ ବଢ଼ିବାରେ ଲାଗିଛି। ଗ୍ରାମୀଣ କୃଷକ, ଶ୍ରମିକ ଓ ବିଶେଷକରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ହିଁ ସର୍ପ ଦଂଶନର ଶିକାର ହେଉଛନ୍ତି। ବନ୍ୟା, ବାତ୍ୟା ଓ ବଜ୍ରପାତଜନିତ ମୋଟ ମୃତ୍ୟୁସଂଖ୍ୟା ମଧ୍ୟରୁ କେବଳ ୪୦ପ୍ରତିଶତ ମୃତ୍ୟୁ ସର୍ପାଘାତରେ ହେଉଛି। ଦେଶରେ ବାର୍ଷିକ ୧ ଲକ୍ଷ ୪୦ ହଜାର ଲୋକଙ୍କୁ ସାପ କାମୁଡୁଥିବାବେଳେ ଏମାନଙ୍କ ମଧ୍ୟରୁ ୫୮ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ତେବେ ଓଡ଼ିଶାରେ ୨୦୧୫ରୁ ୨୦୧୯ ମଧ୍ୟରେ ୬ ହଜାର ୩୫୧ଜଣ ଲୋକ ସର୍ପାଘାତରେ ମରିଛନ୍ତି। ଗଞ୍ଜାମରେ ସର୍ବାଧିକ ୩୦୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝରରେ ୨୯୭ ଓ ବାଲେଶ୍ୱରରେ ୨୯୩ଜଣ ଆଖି ବୁଜିଛନ୍ତି। ତେଣୁ ଭାରତ ସରକାର ୨୦୦୫ରେ ଓ ରାଜ୍ୟ ସରକାର ୨୦୧୫ ମସିହାରେ ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସ୍ଥାନ ଦେଇଛନ୍ତି। ଏପରି ଏକ ସମ୍ବେଦନଶୀଳ ଅପମୃତ୍ୟୁକୁ ରୋକିବା ଦିଗରେ ବ୍ୟାପକ ବୈଷୟିକ ପଦକ୍ଷେପ ସାଙ୍ଗକୁ ଜନ ସହଭାଗିତା ତଥା ସଚେତନତାର ଆବଶ୍ୟକତା ରହିଥିବା ଅତିଥିମାନେ କହିଛନ୍ତି। ବୁଧବାର ଅନ୍ତର୍ଜାତୀୟ ସଂସ୍ଥା ଆଭଏଡ୍‌ବଲ୍ ଡେଥ୍ ନେଟ୍‌ୱାର୍କ (ଏଡିଏନ୍) ପକ୍ଷରୁ ଦୁଇଦିନିଆ ସର୍ପାଘାତଜନିତ ମୃତ୍ୟୁ ଦୂରୀକରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ବିଦେଶର ବହୁ ଗବେଷକ, ବିଶେଷଜ୍ଞ, ଡାକ୍ତର, ସମାଜସେବୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସର୍ପାଘାତ ଜନିତ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ପ୍ରତି ୧୦ଲକ୍ଷ ଲୋକଙ୍କ ମଧ୍ୟରୁ ୨୬ଜଣ ସର୍ପାଘାତର ଶିକାର ହେଉଥିବା ଅତିଥିମାନେ ମତ ଦେଇଥିଲେ।

ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଯୋଗଦେଇ, ରାଜ୍ୟରେ ବିପର୍ଯ୍ୟୟଜନିତ ମୃତ୍ୟୁସଂଖ୍ୟା କିଭଳି ଶୂନ ରହିବ ସେ ଦିଗରେ ସରକାର ପ୍ରାଥମିକତା ଦେଉଥିବା କହିଥିଲେ। ନ୍ୟୁୟର୍କରୁ ପ୍ରତିନିଧିତ୍ୱ କରୁଥିବା ଗବେଷିକା ନିବେଦିତା ରାୟ ବେନଏତ୍ କହିଲେ, ସର୍ପାଘାତ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା। ତେଣୁ ଏହାର ମୁକାବିଲା କୌଶଳ ସ୍ୱତନ୍ତ୍ର ଭାବେ କରାଯିବାର ଆବଶ୍ୟକତା ରହିଛି। ଲଣ୍ଡନରୁ ଆସିଥିବା ଡା. ଷ୍ଟିଫେନ ସାମୁଏଲ, ଜାପାନର ବିଶେଷଜ୍ଞ ଡା. ହିଦେଉକି ଶିରୋଷିତା, ସମାଜବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନନ୍ଦ, ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ସର୍ପାଘାତ ପୂର୍ବ ଓ ପରବର୍ତ୍ତୀ ସଚେତନତା ସହ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଓଡିଶା ସ୍ୱେଚ୍ଛାସେବୀ ଓ ସମାଜସେବୀ ସଂଘ ପକ୍ଷରୁ ନୀହାର ରଞ୍ଜନ ଓ ବାସନ୍ତୀ ଷଡ଼ଙ୍ଗୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୋତାଙ୍କୁ ମୁଗ୍ଧକଲା କଣ୍ଠ ଓ ବାଦ୍ୟ ସଙ୍ଗୀତ




**ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ**

**ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ବିଶ୍ୱ ସଙ୍ଗୀତ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ କଣ୍ଠସଙ୍ଗୀତ ସାଙ୍ଗକୁ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ସୀତାର ବାଦନ, ସମ୍ବଲପୁରୀ ଲୋକ ସଙ୍ଗୀତ ଓ ତାଳବାଦ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତା କଣ୍ଠ ଓ ବାଦ୍ୟ ସଙ୍ଗୀତରେ ବେଶ୍ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ଶିଳ୍ପୀ ସୃଷ୍ଟିସ୍ୱରୂପା ମିଶ୍ର ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଭାବାଙ୍ଗରେ ବଞ୍ଚିବ ନବୀନା... । ଏହାପରେ ରାଗାଙ୍ଗରେ ଘନ କୁନ୍ତଳ ଆଗୋ.. ପରିବେଷଣ କରିଥିଲେ। ପରେ ମଞ୍ଚର ଶୋଭା ବଢାଇଥିଲେ ଅମିତ କୁମାର ରଥ ଓ ସାଥି। ତାଙ୍କ ପ୍ରସ୍ତୁତିରେ ଥିଲା ରାଗ ଦୁର୍ଗା। ଏହାପରେ ଭୀମସେନ ମହାରଣା ସୀତାର ବାଦନ ଓ ପ୍ରଫେସର ଡ. ଜଗନ୍ନାଥ କୁଅଁର ତାଳବାଦ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅତିରିକ୍ତ ସଚିବ ମଧୁସୂଦନ ଦାଶ, ଗୁରୁ ରାମହରି ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପ-ସଭାପତି ମନ୍ମଥ କୁମାର ଶତପଥୀ ଏବଂ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ଇଂ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଲିଅନ୍ତା ବ୍ଲକ ପ୍ରତିନିଧି ମଣ୍ଡଳୀ



**ବାଲିଅନ୍ତା,୨୧।୬(ନୀଳମାଧବ ସାହୁ)**

ବାଲିଅନ୍ତା ବ୍ଲକର ଏକ ୧୮ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଏହି ମଣ୍ଡଳୀର ବାଲିଅନ୍ତା ସରପଞ୍ଚ କୃଷ୍ଣକେଶବ ଆପଟ, ବଇଁତୁଆ ସରପଞ୍ଚ ରଶ୍ମିତା ସାହୁ, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ପୂର୍ବତନ ସମିତି ସଭ୍ୟ ନବୀନ ଚନ୍ଦ୍ର ସାହୁ, ଦିଲୀପ ସାହୁ, ବିଜେଡି ଯୁବନେତା ବିରଞ୍ଚି ନାରାୟଣ କର, ପୂର୍ବତନ ସରପଞ୍ଚ ସୂର୍ଯ୍ୟନାରାୟଣ ଦାସ, ନୃସିଂହ ଚରଣ ଜେନା ପ୍ରମୁଖ ସାମିଲ ହୋଇଥିଲେ। ଜୟଦେବ ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଅନ୍ତା ବ୍ଲକ ଅଞ୍ଚଳରେ ନିର୍ମାଣାଧୀନ ଡ୍ୟାମ୍ କାର୍ଯ୍ୟ ଚାଲୁଥିବାରୁ ଏହାଦ୍ୱାରା ଜନସାଧାରଣ ଓ ଚାଷୀ ଉପକୃତ ହେବେ। ଏଥିସହିତ ବଇଁତୁଆ କାଜ ନିକଟ ଧନୁଆଁ ନଦୀ ଉପରେ ଏକ ବ୍ରିଜ୍ ନିର୍ମାଣ ହେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ମଞ୍ଜୁରୀ ମିଳିଛି। ଏଥିପାଇଁ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଥିଲା। ଏଥିପାଇଁ ସରପଞ୍ଚ ସାହୁ ଓ ଯୁବନେତା କର ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇଥିଲେ। ଲୋକଙ୍କ ଉନ୍ନତି ପାଇଁ ମିଳିମିଶି କାର୍ଯ୍ୟ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ମଣ୍ଡଳୀକୁ ପରାମର୍ଶ ଦେଇଥିଲେ। ବଇଁତୁଆ ପଞ୍ଚାୟତରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବାକୁ ସରପଞ୍ଚ ସାହୁ ଏକ ଦାବିପତ୍ର ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ପ୍ରଦାନ କରିଥିଲେ।

## ମୋ ବସ ଧକ୍କାରେ ସଫେଇକର୍ମୀ ଗୁରୁତର

**ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ):** ଦିନକୁ ଦିନ ମୋ ବସ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା କାରଣରୁ ନିୟମିତ ଦୁର୍ଘଟଣା ଘଟୁଥିବା ବାରମ୍ବାର ଅଭିଯୋଗ ହେଉଛି। ପୁଣି ମୋ ବସ୍ ଦୁର୍ଘଟଣାରେ ଜଣେ ସଫେଇ କର୍ମୀ ଆହାତ ହେବା ଘଟଣା ସାମ୍ନାକୁ ଆସିଛି। ବୁଧବାର ସକାଳୁ ବାଣୀବିହାର ଛକରେ ଜନୈକ ମହିଳା ସଫେଇ କର୍ମୀଙ୍କୁ ମୋ ବସ ପଛରୁ ଧକ୍କା ଦେବା ସହ କିଛିବାଟ ଘୋଷାଡ଼ି ନେବାରୁ ସେ ଗୁରୁତର ଭାବେ ସେ ଆହତ ହୋଇଛନ୍ତି। ଖବର ପାଇ ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ ମଜଦୁର ସଂଘ ପକ୍ଷରୁ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସଫେଇକର୍ମୀଙ୍କ ମୁଣ୍ଡରେ ଗୁରୁତର ଭାବେ ଆଘାତ ଲାଗିଥିବାରୁ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଏମ୍ସ କିମ୍ବା କଟକ ବଡ଼ ମେଡ଼ିକାଲ ନେବାକୁ କହିଥିଲେ। ଫଳରେ ସଂଘ ସଦସ୍ୟ କ୍ୟାପିଟାଲ ହସ୍ପିଟାଲରେ ହୋ-ହଲ୍ଲା କରିଥିଲେ। ପରେ ଡାକ୍ତର ଆପାତକାଳୀନ ଡ୍ୟୁଟିରେ ପୁରୀ ଯାଇଥିବା ଜାଣିବା ପରେ ଏବେ ସମ୍ପୃକ୍ତ ସଫେଇକର୍ମୀଙ୍କୁ ବାଣୀବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ କର୍ମୀ ଜଣକ ଆଇସିୟୁରେ ଚିକିତ୍ସାଧୀନ ଥିବା ସଂଘ ସମ୍ପାଦକ ସହଦେବ ନାୟକ କହିଛନ୍ତି। ଦୁର୍ଘଟଣା ଘଟିବା ପରେ ଛକରେ ଛିଡ଼ା ହୋଇଥିବା ଲୋକେ ମୋ ବସକୁ ଅଟକାଇବା ସହ ସହୀଦନଗର ପୋଲିସକୁ ଏନେଇ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ସଂଘ ସଦସ୍ୟ ଓ ନିକଟରେ କାମ କରୁଥିବା ସଫେଇ କର୍ମୀ ଏକାଠି ହୋଇ ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖିଥିଲେ।କିଛି ସମୟ ପରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିବା ସହ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେବେ ବୋଲି କହିଥିଲେ। କିନ୍ତୁ ଦୁର୍ଘଟଣାର ଶୀକାର ହୋଇଥିବା ସଫେଇ କର୍ମୀଙ୍କ ପରିବାର ଏଥିରେ ସହମତ ନ ହୋଇ ସହୀଦନଗର ଥାନାରେ ଏତଲା ଦେଇଥିଲେ। ସଫେଇ କର୍ମୀଙ୍କ ଅବସ୍ଥା ସ୍ଥିର ଥିବାବେଳେ ଗୁରୁବାର ଥାନାରେ ପରବର୍ତ୍ତୀ ଆଲୋଚନା କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଗୋପାଳକୃଷ୍ଣ ମିଶ୍ରଙ୍କୁ ଶ୍ରେଷ୍ଠ ଭିଜୁଆଲ ଏଡିଟର୍ ପୁରସ୍କାର



**ପୁରୁଣା ଭୁବନେଶ୍ୱର,୨୧।୬(ସୁବାସ ପ୍ରଧାନ)**

ରଥଯାତ୍ରା ଉପଲକ୍ଷେ 'ସମ୍ରାଟ ସିଏ କଳାର ପୂଜାରୀ' ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଶରତ ସମ୍ରାଟଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅବୈଧ ପାପ- step in to the hell' ମଞ୍ଚସ୍ଥ ହେବା ସହ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଅନନ୍ତ ମହାପାତ୍ର, ପଞ୍ଚାନନ ଦାସ, ରମାରମଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୋପାଳ କୃଷ୍ଣ ମିଶ୍ରଙ୍କୁ ଶ୍ରେଷ୍ଠ ଭିଜୁଆଲ ଏଡିଟର୍ ଭାବେ ପୁରସ୍କୃତ କରିଥିଲେ। ଆଜିକାଲିର ସମାଜରେ ଯେପରି ଭାବେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ନିଜର ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରାକୁ କାଳକ୍ରମେ ଆମେମାନେ ଭୁଲିବାକୁ ବସିଛେ, ତାହାରି ଉପରେ ଅତିସୁନ୍ଦର ଭାବେ କଳାକାରଙ୍କୁ ନେଇ ଶରତ ସମ୍ରାଟ ଏବଂ ତାଙ୍କ ଗ୍ରୁପ ଶରତ ସମ୍ରାଟ, ଶ୍ୱେତାଲିନ, ବିମଳ, ସୀମା, ବିବେକ, ଶୁଭସ୍ମିତା, ଜ୍ୟୋତିରାମ, ମଧୁସ୍ମିତା ପ୍ରମୁଖ ଅତି ଉଚ୍ଚକୋଟିର ନାଟକ ପରିବେଷଣ କରିଥିଲେ।

## ମାସେ ୨୦ଦିନରେ ୩୮.୩୪ ଲକ୍ଷ ଜରିମାନା ଆଦାୟ

**ରାଜଧାନୀରେ 'ସେଫ୍ ସିଟି ଡ୍ରାଇଭ୍'**

- ଫସିଛନ୍ତି ମୋଟ ୭ ହଜାର ୬୬୮ ଜଣ ବ୍ୟକ୍ତି
- ଖାରବେଳନଗର ଥାନା ଅଞ୍ଚଳରେ ସର୍ବାଧିକ

**ଭୁବନେଶ୍ୱର, ୨୧।୬(ସତ୍ୟଜିତ୍ ରାଉତ)**

କମିଶନରେଟ ପୋଲିସ ଦ୍ୱାରା ଭୁବନେଶ୍ୱରରେ ଜାରି ରହିଥିବା 'ସେଫ୍ ସିଟି ଡ୍ରାଇଭ' ଅଭିଯାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେଆଇନ ନିଶା କାରବାର, ସର୍ବସାଧାରଣରେ ମଦ୍ୟପାନ ଆଦି ଅସାମାଜିକ କାର୍ଯ୍ୟ କରି 'ଓଡ଼ିଶା ଅର୍ବାନ ପୋଲିସ୍ ଆକ୍ଟ' ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କଠୁ ଜରିମାନା ଆଦାୟ କରୁଛି ପୋଲିସ। ତେବେ ଗତ ମେ ମାସରୁ ଜୁନ ୨୦ ମଧ୍ୟରେ ୭ ହଜାର ୬୬୮ ଜଣ ବ୍ୟକ୍ତି ଏହି ନିୟମ ଉଲଙ୍ଘନ କରି ୩୮ ଲକ୍ଷ ୩୪ ହଜାର ଜରିମାନା ଗଣିଛନ୍ତି। ଜରିମାନା ଗଣିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଖାରବେଳନଗର ଥାନା ଅଞ୍ଚଳରେ ସର୍ବାଧିକ ୯୨୯ ଜଣ ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ମେ' ମାସରେ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ୪ ହଜାର ୮୧୩ ଜଣ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ମୋଟ ୨୪ ଲକ୍ଷ ୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରୁ ଖାରବେଳନଗର ଥାନା ପକ୍ଷରୁ ସର୍ବାଧିକ ୫୬୦ ଜଣ ଆଇନ ଉଲଘଂନକାରୀ ବ୍ୟକ୍ତିଙ୍କଠୁ ୨ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଜୁନ ୧ରୁ ୨୦ ମଧ୍ୟରେ ଭୁବନେଶ୍ୱରରେ ୨ ହଜାର ୮୫୫ ଜଣ ବ୍ୟକ୍ତି ମୋଟ ୧୪ ଲକ୍ଷ ୨୭ ହଜାର ୫୦୦ ଟଙ୍କା ଜରିମାନା ଗଣିଛନ୍ତି। ଏହି ସମୟରେ ଖାରବେଳନଗର ଥାନା ପୋଲିସ ସର୍ବାଧିକ ୩୬୯ ଆଇନ ଉଲଘଂନକାରୀଙ୍କଠୁ ୧ ଲକ୍ଷ ୮୪ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛି।

ତେବେ ଭୁବନେଶ୍ୱରରେ ଅପରାଧ ରୋକିବା ସହ ସହରକୁ ସୁରକ୍ଷିତ ରଖିବାକୁ ଏହି ଅଭିଯାନ ଦ୍ୱାରା ବିଭିନ୍ନ ସ୍ଥାନରେ ଚାଲୁଥିବା ଖଟି, ସର୍ବସାଧାରଣରେ ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖୁଛି ପୋଲିସ। ତେବେ ପୂର୍ବରୁ ଜାରି ହୋଇଥିବା ହ୍ୱାଟ୍ସଆପ୍ ନମ୍ବର (୭୦୭୭୭୯୮୧୧୧) ଜରିଆରେ ନିଶା କାରବାର ଓ ଆପରାଧିକ କାର୍ଯ୍ୟାକଳାପର ସୂଚନା ଦେବା ପାଇଁ କୁହାଯାଇଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**

- ୩୧ ଦିନରେ ଗଣ ସତ୍ୟାଗ୍ରହ
- ଆଗକୁ ଜନଆନ୍ଦୋଳନ ଚେତାବନୀ

**ବେଗୁନିଆ,୨୧।୬(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ବର୍ଷ ହେବ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ସିଏଚ୍‌ସି ମ୍ୟାନ୍ୟତା ଦାବିରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଗଣ ସତ୍ୟାଗ୍ରହକୁ ବୁଧବାର ୩୧ଦିନ ପୂରଣ ହୋଇଛି। ସେହିପରି ବେଗୁନିଆ ବ୍ଲକବାସୀଙ୍କ ସ୍ୱାଭିମାନ ରକ୍ଷା ଓ ଜନ ଜାଗରଣ ଅଭିଯାନରେ ଗାଁକୁ ଗାଁ ଶୋଭାଯାତ୍ରା ବୁଲୁଛି। ସ୍ୱାର୍ଥ ପାଇଁ ନୁହେଁ ବ୍ଲକବାସୀଙ୍କ ହକ୍ ପାଇଁ ଲଢୁଛୁ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ ଜନ ସଚେତନତା ସୃଷ୍ଟି କରାଯାଉଛି। ତେବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କେବେ ସିଏଚ୍‌ସି ମାନ୍ୟତା କେବେ ମିଳିବ ବେଗୁନିଆବାସୀ ଚାହିଁ ରହିଛନ୍ତି।

ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ସଭାପତି ଲାଲା ଦିଲୀପ ରାୟ କୁହନ୍ତି ୧୯୧୭ ମସିହାରୁ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି ଉନ୍ନତ ହେବା ବଦଳରେ ବିପର୍ଯ୍ୟସ୍ତ ହୋଇପଡିଛି। ୩୦ ବର୍ଷର ଦାବି ସତ୍ତ୍ୱେ ଅଞ୍ଚଳବାସୀଙ୍କୁ କୌଣସି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ମେ' ୨୨ରୁ ସତ୍ୟାଗ୍ରହ ଜାରି ରଖିଛୁ। ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଓହ୍ଲାଇବୁ।



ବାଙ୍କକାଟି ନାଗପୁର ଗ୍ରାମରେ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତମାନେ ରଥ ଟାଣୁଛନ୍ତି।

## ଟାଉନ ପ୍ଲାନିଂ ପ୍ରସ୍ତାବିତ ରାସ୍ତାକୁ ନେଇ ଜନଅସନ୍ତୋଷ

**ଷ୍ଟାଡିୟମ ଦେଇ ଯାଉଥିଲା ରାସ୍ତା**

**ଯାଁଳା,୨୧।୬(ବୁଲା ବାରିକ)**

ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମରେ ଭୁବନେଶ୍ୱର ବ୍ଲକର ତମାଣ୍ଡୋ ମିନି ଷ୍ଟାଡିୟମ ସହିତ ଶ୍ମଶାନ କ୍ଷତି ହେଉଛି। କାରଣ ଏହି ଷ୍ଟାଡିୟମ ମଝିରେ ଯାଉଛି ଟାଉନ ପ୍ଲାନିଂ ଅନୁଯାୟୀ ହୋଇଥିବା ଏକ ପ୍ରସ୍ତାବିତ ରାସ୍ତା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସରକାର ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

ବିଧାୟକ ରାଉତରାୟଙ୍କ କହିବା ଅନୁଯାୟୀ, ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋଠାରେ ଥିବା କ୍ରୀଡ଼ା ଅନୁଷ୍ଠାନ ତମାଣ୍ଡୋ ଶିବଶକ୍ତି କ୍ଲବରେ ବହୁ ବର୍ଷ ଧରି ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟ ସହିତ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଅଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ସହାୟତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ମିନି ଷ୍ଟାଡିୟମ କରାଯାଇଥିଲା। ହେଲେ ସରକାରଙ୍କ ଟାଉନ ପ୍ଲାନିଂ ସ୍କିମରେ ହୋଇଥିବା ଏକ ପ୍ରସ୍ତାବିତ ରାସ୍ତା ଏହି ଷ୍ଟାଡିୟମ ପଡିଆ ଦେଇ ଯାଉଛି। ଯାହାଦ୍ୱାରା ଷ୍ଟାଡିୟମଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ ବୋଲି ଖବରଦାତା ସମ୍ମିଳନୀରେ ବିଧାୟକ ମତ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଶିବ ଶକ୍ତି କ୍ଲବର ସଭାପତି ଦୁଃଶାସନ ସ୍ୱାଇଁ, ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହିବା ସହିତ ଗ୍ରାମର ଜନସାଧାରଣ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗରୁ ଏହାକୁ ନେଇ ଶିବଶକ୍ତି କ୍ଲବ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟଙ୍କ ଆଦେଶକୁ ସରକାର ଠିକ୍ ଭାବେ କାର୍ଯ୍ୟ କଲେ ନାହିଁ। ସମ୍ମିଳନୀରେ ବିଧାୟକ ଯୁକ୍ତି ରଖିଥିଲେ ଯେ, ସରକାରଙ୍କ ପ୍ରସ୍ତାବିତ ରାସ୍ତାଟି ହେଉ କିନ୍ତୁ ଖେଳପଡିଆ, କ୍ଲବ ଘର ଏବଂ ଗ୍ରାମର ଶ୍ମଶାନ କ୍ଷତି ନହେଉ। ଯଦି କୌଣସି କ୍ଷତି ହୁଏ ଆଗାମୀ ଦିନରେ ସ୍ଥାନୀୟ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ୬୫ ୟୁନିଟ୍ ରକ୍ତ ସଂଗ୍ରହ

ବାଲୁଗାଁ,୨୧।୬ (ସଂଗ୍ରାମ ପାଇକରାୟ): ବାଲୁଗାଁସ୍ଥିତ ଶିବ ଜ୍ୟୋତି ଧାମ ପରିସରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫ୍ଲେମିଙ୍ଗୋ ଭୁବନେଶ୍ୱର ରୋଟାରୀ କ୍ଲବ, ଚିଲିକା ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ୪୯୯ ଓଡ଼ିଶା, ପ୍ରଜାପିତା ବ୍ରହ୍ମାକୁମାରୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳର ରକ୍ତଦାତା ଯୋଗଦେଇ ୬୫ ୟୁନିଟ୍ ରକ୍ତଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା ଯୋଗଦେଇଥିବା ବେଳେ ଅତିଥିଭାବେ ଭୁବନେଶ୍ୱର ରୋଟାରୀ କ୍ଲବ ଫ୍ଲେମିଙ୍ଗୋର ସଦସ୍ୟ ସେଖ୍ କୌଶର, ଟିମ ୪୯୯ ଓଡ଼ିଶାର ଜିଲା ସଭାପତି ରାକେଶ ସାହୁ, ଅନନ୍ତ ଚରଣ ଖଟେଇ ଓ ସରିତା ଭଉଣୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ରହ୍ମାକୁମାରୀ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା।

### ହିନ୍ଦୀ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବୋଲଗଡ଼,୨୧।୬(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅରଖପଲ୍ଲୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଦେବୀ ପ୍ରସାଦ ମାନ୍ଧାତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ତ୍ରିପାଠୀଙ୍କ ଆବାହକତ୍ୱରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବୋଲଗଡ଼ ଓ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ଯୋଗେଶ୍ୱର ସୁନ୍ଦରାୟ ଉଦ୍‌ଘାଟକ, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟବକ୍ତା, ଡ. ପ୍ରଫୁଲ୍ଲ ସାମନ୍ତରାୟ ସମ୍ମାନିତ ବକ୍ତା, ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା, ପୁରନ୍ଦର ବେହେରା, ଲଛମନ ପରିଡ଼ା, ରଘୁନାଥ ଦଳବେହେରା, ପୁରୁଷୋତ୍ତମ ବେହେରା,ଶାନ୍ତିଲତା ବଲିୟାରସିଂହ, ସେବତୀ ପରିଡ଼ା, ମୁସାରଫ ଅଲ୍ଲୀ, ମୀନକେତନ ନାୟକ, ସେକ ଜିଆଉଦ୍ଦିନ,ହରିବନ୍ଧୁ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଚତୁର୍ଭୁଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସେବନିବୃତ୍ତ ମାନ୍ଧାତଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତି ପୀୟୂଷ ନାମକ ସ୍ମରଣିକା ଉନ୍ମୋଚନ କରିଥିଲେ। ମାନ୍ଧାତା ହିନ୍ଦୀ ଶିକ୍ଷକ ହେଲେ ମଧ ଇଂଲିଶ, ସାହିତ୍ୟ ଏବଂ ଇତିହାସ ଶିକ୍ଷାଦାନ କରିଥିଲେ । ବିଦ୍ୟାଳୟ ତରଫରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନେ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରି ମାନ୍ଧାତା ଓ ତାଙ୍କ ସହଧର୍ମିଣୀ ନମିତା ମାନ୍ଧାତାଙ୍କ ଦୀର୍ଘ ଓ ନିରୋଗ ଜୀବନ କାମନା କରିଥିଲେ।

# ଆଢ଼ପ ଦର୍ଶନରେ ଭକ୍ତିମୟ ପରିବେଶ

ଖୋର୍ଦ୍ଧା,୨୧।୬ (ପ୍ରଭାତ ପାଣିଗ୍ରାହୀ)

ରତ୍ନବେଦି ଛାଡ଼ି ଆଢ଼ପମଣ୍ଡପରେ ବିଜେ କରିଛନ୍ତି ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଏବଂ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ। ମଙ୍ଗଳବାର ଗୋଟିଏ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ରଥାରୂଢ଼ ହୋଇ ଅଗଣିତ ଭକ୍ତଙ୍କୁ ଆଢ଼ପ ଦର୍ଶନ ଦେଇଛନ୍ତି। ଏହି ଆଢ଼ପ ଦର୍ଶନ ଲାଗି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମହାମିଳନ ଘଟିଥିଲା। ରଥାରୂଢ ଠାକୁରଙ୍କ ଦର୍ଶନ ପାଇ ଭକ୍ତ ନିଜକୁ ଧନ୍ୟ ମନେ କରିଛନ୍ତି।

ଶ୍ରୀଅନନ୍ତ ପୁରୁଷୋତ୍ତମ ଜାଗୁଳିପାଟଣାସ୍ଥିତ ଜାଗେଶ୍ୱର ଠାକୁରାଣୀ ପରିସର ଗୁଣ୍ଡିଚା ମଣ୍ଡପରେ ବିଜେ କରିଛନ୍ତି। ସେହିପରି ଖୋର୍ଦ୍ଧାଗଡ଼ ନିକଟ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଛନ୍ତି ଲୀଳାକ୍ଷେତ୍ରର ଚତୁର୍ଦ୍ଧାବିଗ୍ରହ। ବୁଧବାର ଆଢ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଛି। ଶତାଧିକ ଭକ୍ତ ମହାପ୍ରଭୁଙ୍କ ଆଢ଼ପ ଦର୍ଶନ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି।

ଭୋର ୫ଟାରେ ଦ୍ୱାରଫିଟା, ସାଢେ ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ବଢି ବାଳଭୋଗ ଲାଗି ହୋଇଥିଲା। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୮ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ଅପରାହ୍ନ ୧ଟାରେ ଆଢ଼ପ ଭୋଗ ଲାଗି ପରେ ଠାକୁରଙ୍କ କିଛି ସମୟ ଦିବା ପହଣ୍ଡି ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ଦିନ ସାରା ଭକ୍ତଙ୍କ କୋଳହଳ ମଧ୍ୟରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଦର୍ଶନ ଲାଗି ପ୍ରବଳ ଭିଡ଼ ଜମିଥିଲା। ଆଢ଼ପ ମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀମାନେ ଗୋଟିଏ ପରେ ଗୋଟିଏ ମନଛୁଆଁ ଭଜନ ଓ ଜଣାଣ ଗାଇ ପରିବେଶକୁ ଭକ୍ତିମୟ କରିଥିଲେ।

ସେହିପରି ରଥଯାତ୍ରା ପାଇଁ ଗଡ଼ଖୋର୍ଦ୍ଧାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଆଢ଼ପ ଦର୍ଶନ ଲାଗି ପିଲାଠାରୁ ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ରହିଛି ଉତ୍ସାହ। ସକାଳ ମଙ୍ଗଳ ଆଳତି ଓ ସନ୍ଧ୍ୟା ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ହୋଇଥିଲା। ଆଢ଼ପ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏକ ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତ ଏବଂ ଭଗବାନ ଏକାକାର ହୋଇଯାଇଛନ୍ତି।

### ଭକ୍ତଙ୍କ ସମାଗମ, ଆଧ୍ୟାତ୍ମିକ ବାତାବରଣ



ଜାଗୁଳିପାଟଣାସ୍ଥିତ ଗୁଣ୍ଡିଚା ମଣ୍ଡପରେ ବିରାଜିତ ମହାପ୍ରଭୁ।

### ଏମାନେ ଯାହା କୁହନ୍ତି...

"ହାତପାଦ ଥାଇ ଶ୍ରୀବିଗ୍ରହ ଅନ୍ୟ କେଉଁଠି ନାହାନ୍ତି। ପୂର୍ଣ୍ଣବିଗ୍ରହଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। ଶ୍ରୀଜୀଉଙ୍କ ଦର୍ଶନ ଲାଗି ମନ ବ୍ୟାକୁଳ ରହିଥାଏ। ପ୍ରତିବର୍ଷ ଜାଗୁଳିପାଟଣା ଆଢ଼ପ ଦର୍ଶନ କରିବାକୁ ଆସୁ। ଆଢ଼ପ ଦର୍ଶନ ବର୍ଣ୍ଣନା ଅବର୍ଣ୍ଣନୀୟ।

**–ଶାନ୍ତିଲତା ସୁବୁଦ୍ଧି, ଦଳେଇପୁଟ**

"ସେ ଭାବର ଠାକୁର। ଯେତେବେଳେ ଯାହା ମନାସିଛି, ତାହା ପୂରଣ ହୋଇଛି। ଆଢ଼ପ ଦର୍ଶନ ପାଇଁ ଆସିଛି। ପୂର୍ଣ୍ଣବିଗ୍ରହଙ୍କ ଦର୍ଶନରେ ଯେଉଁ ଆନନ୍ଦ ମିଳେ, ତାହା ଅପୂର୍ବ। କୋଳାହଳ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବାର ନିଆରା ଭାବ ରହିଛି।

**– ଗାୟତ୍ରୀ ଜେନା, ସାକ୍ଷୀଗୋପାଳ**

"ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ମହିମା ଅପାର। ତାଙ୍କୁ ସ୍ମରଣ ମାତ୍ରକେ ସବୁ ଦୁଃଖକଷ୍ଟ ଭୁଲିଯାଏ। ୨ବର୍ଷ ହେବ ଶରୀର ଅସୁସ୍ଥତା କାରଣରୁ ଆଢ଼ପ ଦର୍ଶନ କରିପାରି ନ ଥିଲି। ଆଜି ସପରିବାର ଦର୍ଶନ କରିବାକୁ ଆସିଥିଲୁ। ଅତି ସୁନ୍ଦର ଦର୍ଶନ ମିଳିଲା। ତାଙ୍କ ଚକାନୟନରେ ଆଖି ଲାଗିଗଲେ, ଆଉ କିଛି ଆବଶ୍ୟକ ପଡ଼େ ନାହିଁ।

**–ଭରତ ସୁବୁଦ୍ଧି, ଖୋର୍ଦ୍ଧା**

"ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ରହିଛି। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ବଡ଼ଭାଇ ଶ୍ରୀବଳଭଦ୍ର ହଳଲଙ୍ଗଳ ଧାରଣ କରିଛନ୍ତି। ଲାଗେ ସତେଯେପରି ମହାପ୍ରଭୁ ଯୋଦ୍ଧା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଆଢ଼ପ ଦର୍ଶନ କୋଟି ପୁଣ୍ୟ ପ୍ରାପ୍ତ ହୋଇଥାଏ। ଏଥିଲାଗି ସବୁ ସମୟରେ ଏଠାକୁ ଆସିଥାଏ।

**–ପ୍ରଶାନ୍ତ ବେହେରା, ଶ୍ରୀରାମନଗର, ଖୋର୍ଦ୍ଧା**

"ଶ୍ରୀମନ୍ଦିର ଆକ୍ରମଣ ସମୟରେ ମହାପ୍ରଭୁ ୨୧ଥର ସ୍ଥାନାନ୍ତରିତ ହୋଇଛନ୍ତି। ଅନେକ ସ୍ଥାନରେ ବ୍ରହ୍ମଲୀଳା କରିଛନ୍ତି। ସେଥିମଧ୍ୟରୁ ଅନ୍ୟତମ ଗଡ଼ଖୋର୍ଦ୍ଧା। ରାମଚନ୍ଦ୍ର ଦେବ ୧୫୭୫ ଖ୍ରୀଷ୍ଟାବ୍ଦରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ୧୬୦୭ ଓ ୧୭୩୩ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଏଠାରେ ଅବସ୍ଥାନ କରିଥିଲେ। ୨୦୧୪ ଜୁନ ୨୬ ତାରିଖ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା।

**– ଗୋପାଳ ଦାସ, ଗବେଷକ, ଖୋର୍ଦ୍ଧା**

### ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ଦକ୍ଷତା ବିକାଶ ତାଲିମ

ବାଲୁଗାଁ,୨୧।୬ (ସଂଗ୍ରାମ ପାଇକରାୟ):

ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର ପୋଖରୀରେ ବୈଜ୍ଞାନିକ ପଦ୍ଧତିରେ କିପରି ସହଜରେ ମାଛଚାଷ କରାଯାଇପାରିବ ସେନେଇ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ମୁରଲୀଧର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର ଓ ଶୁଭଦର୍ଶିନୀ ପଣ୍ଡାଙ୍କ ସମେତ ୬ଟି ଜିଲା ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଗଜପତି ଏବଂ ଗଞ୍ଜାମର ୩୦ଜଣ ମତ୍ସ୍ୟଚାଷୀ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମତ୍ସ୍ୟ ଚାଷୀମାନେ ପ୍ରତିଷ୍ଠାନର ଛାତ୍ରାବାସରେ ରହି ମାଛଚାଷ ସମ୍ପର୍କିତ ୪୪ଟି ବିଭିନ୍ନ ବିଷୟ ଉପରେ ତାଲିମ ଗ୍ରହଣ କରିବେ। ମାଛ ଚାଷୀମାନେ ଉନ୍ନତ ଜ୍ଞାନ କୌଶଳଯୁକ୍ତ ବିଭିନ୍ନ ପ୍ରକାର ମତ୍ସ୍ୟ ପ୍ରକଳ୍ପ ପ୍ରତିଷ୍ଠା କରିବା, ଏହାର ସୁପରିଚାଳନା ଓ ସଫଳତା ହାସଲ ନିମନ୍ତେ ଚାଷୀଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରିବା ଏବଂ ସେମାନଙ୍କୁ ଅଧିକ ସଚେତନ କରିବା ନିମନ୍ତେ ଉକ୍ତ ତାଲିମ ଆୟୋଜନ କରାଯାଇଛି। ଫଳରେ ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇପାରିବ। ୨୦୨୩-୨୪ ବର୍ଷ ପାଇଁ ୭୫୦ଜଣ ମାଛଚାଷୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାନର ଅଧ୍ୟକ୍ଷ ଜେନା କହିଛନ୍ତି।

## ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ



ବାଲୁଗାଁ,୨୧।୬(ସଂଗ୍ରାମ ପାଇକରାୟ):

ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ଚିଲିକା ଓ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ପୃଥକ୍‌ଭାବେ ଟେବୁଲ ଟପ୍ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାର ଏହାର ସାମୂହିକ ଅଭ୍ୟାସ ନିମନ୍ତେ ବାଣପୁର ବ୍ଲକ ଅନ୍ତର୍ଗତ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ଏନ୍‌ଏସି ଅନ୍ତର୍ଗତ ଶହୀଦ କୃତ୍ତିବାସ ଭବନରେ ଏନେଇ ଏକ ମକ୍‌ଡ୍ରିଲ ହୋଇଯାଇଛି। ବାଲୁଗାଁ ଏନ୍‌ଏସି ଓ ଚିଲିକା ବ୍ଲକ ଅନ୍ତର୍ଗତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚିଲିକା ବ୍ଲକ ଅଧୀନ ସିଙ୍ଗେଶ୍ୱର ପଞ୍ଚାୟତର ଧୂଆଁଳ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ବିଡିଓ ଜଗଦୀଶ ପ୍ରସାଦ ଷଡ଼ଙ୍ଗୀଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ମକ୍‌ଡ୍ରିଲ ହୋଇଥିଲା। ଏହି ଶିବିରରେ ବ୍ଲକ ଓ ଏନ୍‌ଏସିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବାଲୁଗାଁ ଅଗ୍ନିଶମ ବିଭାଗର କରୁଣାକର ମଲ୍ଲିକ ଓ ତାଙ୍କ ସହଯୋଗୀ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ।

### ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୨୧।୬(ରଘୁନାଥ ସାହୁ): ଚିଲିକା ବ୍ଲକ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ମେଧାବୀ ଛାତ୍ରୀଛାତ୍ରୀଙ୍କୁ 'ଭଗବାନ ମହନ୍ତ ମେମୋରିଆଲ ଟ୍ରଷ୍ଟ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ବ୍ଲକ ଅନ୍ତର୍ଗତ ଅଁଳାଡିହ ଗ୍ରାମସ୍ଥିତ ଦଣ୍ଡପାଣି ପଟ୍ଟନାୟକ ହାଇସ୍କୁଲ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସଭାପତି ପ୍ରମୋଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିକାଶ ଗୋଏଲ୍, ମୁଖ୍ୟବକ୍ତା ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ ବେହେରା, ଅତିଥିଭାବେ ଚିଲିକା ବ୍ଲକ ଓଷ୍ଟାର ସଭାପତି ବିଜୟ ପାତ୍ର, ଆଶିଷ ପତି, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଡା. ମଧୁସୂଦନ ସେନାପତି, ବୈକୁଣ୍ଠନାଥ ପାଇକରାୟ, ଚଣ୍ଡେଶ୍ୱର ସରପଞ୍ଚ ଲିପାରାଣୀ ମହାପାତ୍ର, ସ୍ୱାଗତିକା ଜଗଦ୍ଦେବ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପଞ୍ଚପଲ୍ଲୀ ସୋମନାଥ ନୋଡାଲ ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ଶତ୍ରୁଶଲ୍ୟଙ୍କୁ ପଗଡ଼ି ପରିଧାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ ଚନ୍ଦ୍ର ଦାଶ ସଂଯୋଜନା ଧନ୍ୟବାଦ ଦେଇଥିଲେ।

## ଟାଉନ ପ୍ଲାନିଂ ପ୍ରସ୍ତାବିତ ରାସ୍ତାକୁ ନେଇ ଜନ ଅସନ୍ତୋଷ

ଯାଁଳା,୨୧।୬(ବୁଲା ବାରିକ):

ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମରେ ଭୁବନେଶ୍ୱର ବ୍ଲକର ତମାଣ୍ଡୋ ମିନି ଷ୍ଟାଡିୟମ ସହିତ ଶ୍ମଶାନ କ୍ଷତି ହେଉଛି। କାରଣ ଏହି ଷ୍ଟାଡିୟମ ମଝିରେ ଯାଉଛି ଟାଉନ ପ୍ଲାନିଂ ଅନୁଯାୟୀ ହୋଇଥିବା ଏକ ପ୍ରସ୍ତାବିତ ରାସ୍ତା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସରକାର ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

ବିଧାୟକ ରାଉତରାୟଙ୍କ କହିବା ଅନୁଯାୟୀ, ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋଠାରେ ଥିବା କ୍ରୀଡ଼ା ଅନୁଷ୍ଠାନ ତମାଣ୍ଡୋ ଶିବଶକ୍ତି କ୍ଲବରେ ବହୁ ବର୍ଷ ଧରି ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟ ସହିତ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଅଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ସହାୟତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ମିନି ଷ୍ଟାଡିୟମ କରାଯାଇଥିଲା। ହେଲେ ସରକାରଙ୍କ ଟାଉନ ପ୍ଲାନିଂ ସ୍କିମରେ ହୋଇଥିବା ଏକ ପ୍ରସ୍ତାବିତ ରାସ୍ତା ଏହି ଷ୍ଟାଡିୟମ ପଡିଆ ଦେଇ ଯାଉଛି। ଯାହାଦ୍ୱାରା ଷ୍ଟାଡିୟମଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ ବୋଲି ଖବରଦାତା ସମ୍ମିଳନୀରେ ବିଧାୟକ ମତ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଶିବ ଶକ୍ତି କ୍ଲବର ସଭାପତି ଦୁଃଶାସନ ସ୍ୱାଇଁ, ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହିବା ସହିତ ଗ୍ରାମର ଜନସାଧାରଣ ମଧ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗରୁ ଏହାକୁ ନେଇ ଶିବଶକ୍ତି କ୍ଲବ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟଙ୍କ ଆଦେଶକୁ ସରକାର ଠିକ୍ ଭାବେ କାର୍ଯ୍ୟ କଲେ ନାହିଁ। ସମ୍ମିଳନୀରେ ବିଧାୟକ ଯୁକ୍ତି ରଖିଥିଲେ ଯେ, ସରକାରଙ୍କ ପ୍ରସ୍ତାବିତ ରାସ୍ତାଟି ହେଉ କିନ୍ତୁ ଖେଳପଡିଆ, କ୍ଲବ ଘର ଏବଂ ଗ୍ରାମର ଶ୍ମଶାନ କ୍ଷତି ନହେଉ। ଯଦି କୌଣସି କ୍ଷତି ହୁଏ ଆଗାମୀ ଦିନରେ ସ୍ଥାନୀୟ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ଷ୍ଟାଡିୟମ ଦେଇ ଯାଉଥିଲା ରାସ୍ତା**

## 'ବସୁଧୈବ୍ୟ କୁଟୁମ୍ବକମ୍ ପାଇଁ ଯୋଗ'



ଜଟଣୀରେ ଏକ ସଂଗଠନ ପକ୍ଷରୁ ଯୋଗାଭ୍ୟାସ କରାଯାଉଛି।

ଜଟଣୀ,୨୧।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଓ ଏହାର ପାଖ ଆଖ ଅଞ୍ଚଳରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଥିଲା ବେଳେ ଏହି ଦିବସକୁ ବ୍ୟକ୍ତିବିଶେଷ, ସମ୍ପ୍ରଦାୟ ଏବଂ ସଂଗଠନଗୁଡ଼ିକ ଏକତ୍ରିତ ହେବା ଏବଂ ଯୋଗ ଦ୍ୱାରା ବିଭିନ୍ନ ଶାରୀରିକ ଏବଂ ସୱାସ୍ଥ୍ୟଗତ ଲାଭ ପାଉଛନ୍ତି। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ଥିମ ହେଉଛି ବସୁଧୈବ୍ୟ କୁଟୁମ୍ବକମ ପାଇଁ ଯୋଗ।ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରେଳ ମଣ୍ଡଳ ଦ୍ୱାରା ରେଲୱେ ଷ୍ଟାଡିୟମ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଉଦଘାଟନ କରିଥିଲେ। ଏହି ଅବସରରେ ପତଞ୍ଜଳି ଯୋଗ ସମିତି, ଜଟଣୀର ଯୋଗ ଗୁରୁ କୈଳାସ ଚନ୍ଦ୍ର ଖଣ୍ଡେଲୱାଲା ଏବଂ ଆଦିନାରାୟଣ ଖଣ୍ଡୁଆଳ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିଲେ। ସେମାନେ ଯୋଗ ଏବଂ ପ୍ରାଣାୟାମଙ୍କ ସହ ସମାବେଶରେ ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ମହତ୍ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ସମସ୍ତ ଶାଖା ଅଧିକାରୀ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ ସଦସ୍ୟ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର. ଏନ. ଏ. ପରିଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ସ୍ଥାନୀୟ ଜଟଣୀ ରୋଟାରି କ୍ଲବ ପକ୍ଷରୁ କ୍ଲବ ପରିସରରେ ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳନ କରାଯଇଥିଲା।

# ଯୋଗ ଦ୍ୱାରା ମନ ଏକାଗ୍ରତା ରହେ

**ଅନ୍ତର୍ଜାତୀୟ ଯୋଗ ଦିବସ**

ଖୋର୍ଦ୍ଧା,୨୧।୬ (ପ୍ରଭାତ ପାଣିଗ୍ରାହୀ)

ଯୋଗ ଶରୀରକୁ ସୁସ୍ଥ ରଖେ। ଏଥିସହିତ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଦୈନିକ ଯୋଗଭ୍ୟାସ ଦ୍ୱାରା ଶରୀର ଆଭ୍ୟନ୍ତରିଣ ଅଙ୍ଗପ୍ରତ୍ୟଙ୍ଗ ସନ୍ତୁଳିତ ରହିବା ସହ ଏକାଗ୍ରତା ବୃଦ୍ଧି ଘଟିଥାଏ। ଚଳିତବର୍ଷର ବିଷୟବସ୍ତୁ ରହିଛି ସମସ୍ତଙ୍କ ପାଇଁ ଯୋଗ। ବିଶ୍ୱସ୍ତରରେ ଯୋଗର ମହତ୍ୱତା ବୃଦ୍ଧି ପାଇଛି ବୋଲି ବିଶ୍ୱ ଯୋଗ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଦିବସ ଅବସରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ବିଜେବି ହାଇସ୍କୁଲର ସମ୍ମିଳନୀ କକ୍ଷରେ ଏନ୍‌ସିସି କ୍ୟାଡେଟ, ଛାତ୍ର ଏବଂ ଶିକ୍ଷକ ଏକାଠି ବସି ଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଞ୍ଜନ କୁମାର ରାୟ,ଏନ୍‌ସିସି ଅଫିସର ବିଭୂପ୍ରସାଦ ସେନାପତି ସୁସ୍ଥତାର ବାର୍ତ୍ତା ଦେଇଥିଲେ। ଶିକ୍ଷକ ବିଭୂପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାଶ, ଚିନ୍ମୟ ମାର୍ଥା, ପୁଷ୍ପଲତା ପାତ୍ର, ସବିତା ଦାସ ଙ୍କ ସମେତ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। କାଇପଦର କଲେଜ ଏନ୍‌ଏସ୍‌ଏସ, ୟୁଥ ରେଡକ୍ରସ, ଏନସିସି, ସ୍କାଉଟସ ଆଣ୍ଡ ଗାଇଡସ୍ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତରୁଣକାନ୍ତ ରାୟ ସଭାପତିତ୍ୱ କରିଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅନୁପମା ଚମ୍ପତିରାୟ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଯୋଗଭ୍ୟାସ ନିମନ୍ତେ ସଚେତନତା ବାର୍ତ୍ତା ଦେଇଥିଲେ। ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଖୋର୍ଦ୍ଧା ଗୋଡିପଡାସ୍ଥିତ ଆଶ୍ରମ ପରିସରରେ ବ୍ରହ୍ମକୁମାରୀ ଅନୁରାଧାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଭୁବନେଶ୍ୱର ଏମସ୍‌ର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ, ପ୍ରଦୀପ, ନୃସିଂହ ପ୍ରମୁଖ ସାମିଲ ଥିଲେ। ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଟିଏଲସି ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ ଯୋଗ ଏକ ସାଧନା। ନିରନ୍ତର ସାଧନା ଦ୍ୱାରା ଏହାର ଜୀବନଶୈଳୀରେ ବିଶେଷ ପ୍ରଭାବ ପଡିଥାଏ ବୋଲି କହିଥିଲେ। ଗୋପାଳ ଦାସ, ଓମ ପ୍ରକାଶ ମହାନ୍ତି, ରାଜେଶ ସାହୁ, ସତ୍ୟନାରାୟଣ ବିଶୋଇ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ଯୋଗ ସମିତି ଆନୁକୂଲ୍ୟରେ ବରୁଣେଇ ପାଦଦେଶରେ ଯୋଗ ଦିବସ ପାଳିତ ହୋଇଛି। ଯୋଗ ଶିକ୍ଷକ ସୀତାକାନ୍ତ ପଣ୍ଡା ଯୋଗର ଆବଶ୍ୟକତା ଉପରେ କହିଥିଲେ।



ଖୋର୍ଦ୍ଧାର ଏକ ବିଦ୍ୟାଳୟରେ ଛାତ୍ରମାନେ ଯୋଗ କରୁଛନ୍ତି।

### 'ଯୋଗ ଦ୍ୱାରା ମାନସିକ, ଆଧ୍ୟାତ୍ମିକ ବିକାଶ ହେବ'

ନିରାକାରପୁର,୨୧।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଗୋଳବାଇଠାରେ ଥିବା ଶ୍ରୀଜଳେଶ୍ୱର ଦେବଙ୍କ ପୀଠରେ ବୁଧବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ,ସମ୍ମାନିତ ଅତିଥିଭାବେ ଗୋଳବାଇର ସମିତିସଭ୍ୟ ଗୌତମ ପ୍ରଧାନ ଯୋଗଦେଇ ଯୋଗାର୍ଥୀମାନଙ୍କୁ ଯୋଗାସନ, ପ୍ରାଣାୟମ ଆଦି ଯୋଗ ଶିଖାଇବା ସହ ଯୋଗ ଦ୍ୱାରା ଶାରୀରିକ, ମାନସିକ, ଆଧ୍ୟାତ୍ମିକ, ଭୌତିକ ବିକାଶ ହେବା ସଙ୍ଗେସଙ୍ଗେ ବିଶ୍ୱକୁ ବସୁଧୈବ କୁଟୁମ୍ବକମ ପରି ଏକତା ସୂତ୍ରରେ ବାନ୍ଧି ରଖିବାକୁ ସୁପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପଭାବେ ଉପସ୍ଥିତ କୁନି ଯୋଗାର୍ଥୀମାନଙ୍କୁ ଗୋଳବାଇ ଯୋଗକେନ୍ଦ୍ର ପକ୍ଷରୁ ଯୋଗ ଶିକ୍ଷାଦାନ କରିବା ସହ ସାର୍ଟିଫିକେଟମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଦ୍ମନାଭ ସାହୁ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ରାମେଶ୍ୱର ଏବଂ ବେଦ ଆଶ୍ରମ ପକ୍ଷରୁ ସ୍ଥାନୀୟ କଲେଜ ପଡିଆଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି।



ନିରାକାରପୁରର ଗୋଳବାଇ ଅଞ୍ଚଳରେ ପିଲାମାନଙ୍କୁ ଯୋଗାଭ୍ୟାସ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଜୁନ୍, ୨୦୨୩

## ୪୨ ମୌଜାରେ ପୁଣି ଚାଲିଲା ମୋ ବସ୍

କଟକ ସଦର,(ସୁଶାନ୍ତ ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ୬ଟି ପଞ୍ଚାୟତରେ ମଙ୍ଗଳବାରଠାରୁ ମୋ ବସ ସେବା ସ୍ୱାଭାବିକ ହୋଇଛି। ତିନୋଟି ବସ୍ କଟକ-କନ୍ଦରପୁର ଭାୟା ୪୨ ମୌଜା ମଧ୍ୟରେ ଚାଲିଛି। ଗତ ୩ ତାରିଖ ସନ୍ଧ୍ୟାରେ ଦଧିବାମନପୁର ଛକରେ ମୋ ବସ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ଲୋକମାନେ ଦୁର୍ଘଟଣା ଘଟାଇଥିବା ବସ୍ ଭଙ୍ଗାରୁଜା କରିଥିଲେ। ଫଳରେ ୪ ତାରିଖରୁ ବସ୍ ଚଳାଚଳ ବନ୍ଦ ରହିଥିଲା। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୋ ବସ୍ ପରିଚାଳନା ମଣ୍ଡଳୀ ସହ କଥାବାର୍ତ୍ତା କରିଥିବାରୁ ସରପଞ୍ଚ ସୁମିତ୍ରା ଗୋଛାୟତ, ରବୀନ୍ଦ୍ର ପ୍ରଧାନ, ଶିଶିର ରାଉତ, ଶିବଶଙ୍କର ମଲ୍ଲିକ, ଅଶୋକ ରାଉତ, ରବୀନ ସ୍ୱାଇଁ, ପଦ୍ମନାଭ ଗୋଛାୟତ, ବାଉରୀବନ୍ଧୁ ସ୍ୱାଇଁ, ସପନି ନନ୍ଦ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।



## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣା, ୨ ଗୁରୁତର

ମଙ୍ଗୁଳି-ଜଗତପୁର,୨୧।୬(ମାନସ ସାମଲ): ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ବନ୍ଧଲାଗଡା ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ୯ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନ ଥିବାବେଳେ ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ମାଲ୍ ବୋଝେଇ ଟ୍ରକ (ନଂ. ଡବ୍ଲୁବି୦୫-୯୧୦୮) କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ହଠାତ୍ ଭାରସାମ୍ୟ ହରାଇ ବନ୍ଧଲାଗଡା ନିକଟରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ ପଛକୁ ଧକ୍କା ଦେଇ ଓଲଟି ପଡିଥିଲା। ଏହି ସମୟରେ ପଛରୁ ଆସୁଥିବା ଏକ ବାଇକ୍ ଓଲଟି ପଡିଥିବା ଟ୍ରକ ପଛରେ ପିଟି ହେଇଯାଇଥିଲା। ଦୁର୍ଘଟଣା ପରେ ଛିଡା ହୋଇଥିବା ଟ୍ରକ୍ ଘଟଣାସ୍ଥଳରୁ ପଳାଇ ଯାଇଛି। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକ୍ ଚାଳକଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



କଟକ ସଦର, ୨୧।୬(ସୁଶାନ୍ତ ଜେନା): କଟକ ମହାନଗର ନିଗମ(ସିଏମ୍ସି) ୫୧ ନଂ. ୱାର୍ଡ ଅଧୀନ ସାର୍ତ୍ତୋଳ ଅଞ୍ଚଳର ଲକ୍ଷ୍ମୀଧର ଖୁଣ୍ଟିଆ(୮୨)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ସଞ୍ଜୟ, ଶ୍ରୀମନ୍ତ, ଜାମାତା ସୁବାସ ଓ କନ୍ୟା ସନ୍ଧ୍ୟାରାଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ମୃତଦେହ ସତ୍କାର କରାଯାଇଥିଲା। ବଡ଼ ପୁଅ ସଞ୍ଜୀବ ଖୁଣ୍ଟିଆ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଲକ୍ଷ୍ମୀଧର ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ, ସତ୍‌ସଙ୍ଗ ଆୟୋଜକ ଓ ଧର୍ମ ପରାୟଣା ବ୍ୟକ୍ତି ଭାବେ କଟକ ସଦର ସମେତ ସିଏମ୍ସି ଅଞ୍ଚଳରେ ପରିଚିତ ଥିଲେ।

# ଦୋକାନରେ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଫେରାର

■ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କଲା
■ହତ୍ୟା ମାମଲା ରୁଜୁ

ମଙ୍ଗୁଳି-ଜଗତପୁର,୨୧।୬ (ମାନସ ସାମଲ)

ଜଗତପୁର ଥାନା ଅଧୀନ ତ୍ରିନାଥ ସାହିସ୍ଥିତ ଏକ ଚା' ଦୋକାନରେ ଜଣେ ମହିଳାଙ୍କୁ ହାଣି ହତ୍ୟା କରାଯାଇଛି। ସେ ହେଲେ ତ୍ରିନାଥ ସାହିର କବିତା ବେହେରା। ବୁଧବାର ସକାଳେ ଖବରପାଇ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ, ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଦୋକାନ ଟଙ୍କାକୁ କେନ୍ଦ୍ରକରି କବିତାଙ୍କୁ ସ୍ୱାମୀ କରୁଣାକର ମହାନ୍ତି ହତ୍ୟା କରିଥିବା ଝିଅ ଲିସା ବେହେରା(୨୯)ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୨୯୭/୨୩) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ୨ ବର୍ଷ ତଳେ କବିତାଙ୍କ ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପରେ ଘର ଚଳିବା କଷ୍ଟକର ହେବାରୁ ତ୍ରିନାଥ ସାହି ଛକରେ କବିତା ଚା' ପାନ ଦୋକାନ କରିଥିଲେ। ଇତିମଧ୍ୟରେ ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଗାଡି ଡ୍ରାଇଭର କରୁଣାକରଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ କୋର୍ଟରେ ଉଭୟ ବିବାହ କରି ତ୍ରିନାଥ ସାହିରେ ରହୁଥିଲେ। ବିବାହର ୬/୭ ମାସ ପର୍ଯ୍ୟନ୍ତ ସେମାନେ ଖୁସିରେ ରହିଥିଲେ। ଗତ ଦୁଇ ମାସ ମଧ୍ୟରେ କବିତାଙ୍କ ଦୋକାନରୁ ଏକାଧିକ ଥର ଚୋରି ହୋଇଥିଲା। ଏପରି କି କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଫଳରେ କରୁଣାକର ଓ କବିତା ଦୋକାନରେ ଶୋଉଥିଲେ। ରବିବାର ରାତିରେ ଉଭୟ ଦୋକାନରେ ଥିବାବେଳେ ଦୋକାନ ବାକ୍ସରୁ ପୁଣି ଟଙ୍କା ଚୋରି ହୋଇଥିଲା। କରୁଣାକରଙ୍କ ଉପରେ ସନ୍ଦେହ ହେବାରୁ କବିତା ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ବ୍ୟାଗରୁ ଉଭୟଙ୍କ କୋର୍ଟ ମ୍ୟାରେଜ୍ ପେପର ସହ ୧୦,୦୦୦ ଟଙ୍କା ବାହାରିଥିଲା। ଉକ୍ତ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମଙ୍ଗଳବାର ରାତିରେ ଦୋକାନରେ ଉଭୟ ଶୋଇଥିଲେ। ବିଳମ୍ବିତ ରାତିରେ କରୁଣାକର କବିତାଙ୍କୁ ପିଟାପିଟି କରିବାରୁ ସେ ଚିତ୍କାର କରୁଥିବା ନେଇ ତାଙ୍କ ପଡୋଶୀ ଜାଣିବାକୁ ପାଇଥିଲେ। ବୁଧବାର ସକାଳେ ଘର ସମ୍ମୁଖରେ ଲିସା ଦାନ୍ତ ଘଷୁଥିବାବେଳେ ପଡୋଶୀ ମହିଳା ଏ ସମ୍ପର୍କରେ ତାଙ୍କୁ କହିଥିଲେ। ଲିସା ତୁରନ୍ତ ଦୋକାନରେ ପହଞ୍ଚିବାବେଳକୁ କବିତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ତେଣୁ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଘଟଣାପରଠାରୁ କରୁଣାକର ଫେରାର ଅଛନ୍ତି।

ଏ ସମ୍ପର୍କରେ ଥାନାଧିକାରୀ ମେହେର କହିଛନ୍ତି, ଗତ କିଛିଦିନ ଧରି ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ମଙ୍ଗଳବାର ରାତିରେ ଦୋକାନରେ ଉଭୟ ଶୋଇଥିଲେ। ବୁଧବାର ସକାଳେ କବିତାଙ୍କ ମୃତଦେହ ମିଳିଥିବାବେଳେ କରୁଣାକର ଫେରାର ଅଛନ୍ତି। ତାଙ୍କୁ ଗିରଫ କରାଯିବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ କଟକସ୍ଥିତ କାଳିଆବୋଦା ଶ୍ମଶାନରେ ସତ୍କାର କରାଯାଇଛି।



ସମ୍ବାଦପତ୍ର ବିକ୍ରେତା ହରିବନ୍ଧୁ ପ୍ରଧାନଙ୍କ ବିୟୋଗରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ଅନୁଷ୍ଠିତ ଶୋକସଭା।

## ବାରବାଟୀ ପ୍ୟାଲେସ୍‌ରେ ଖୋଲିବ ବେକେରି ଉତ୍ପାଦନ କେନ୍ଦ୍ର


ବାରବାଟୀ ପ୍ୟାଲେସ ପରିଦର୍ଶନରେ ଆସିଥିବା ଭୁବନେଶ୍ୱରସ୍ଥିତ ୱାର୍ଲଡ୍ ସ୍କିଲ ସେଣ୍ଟରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଳକା ମିଶ୍ର ଓ ଅନ୍ୟମାନେ।

### ସ୍ୱାବଲମ୍ବୀ ହେବେ ଏସ୍ଏଚ୍‌ଜି ମହିଳା

କଟକ,୨୧।୬ (କାର୍ତ୍ତିକ ସାହୁ)

କଟକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡିକୁ ସ୍ୱାବଲମ୍ବୀ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କଟକ ବାରବାଟୀ ପ୍ୟାଲେସଠାରେ ଏକ ବେକେରି କେନ୍ଦ୍ର ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଧବାର ସୂଚନା ଦେଇଛନ୍ତି।

ସୂଚନାନୁସାରେ, ୱାର୍ଲଡ୍ ସ୍କିଲ୍ ସେଣ୍ଟର ଓ ରାଜ୍ୟ ମିଶନ ଶକ୍ତି ବିଭାଗର ମିଳିତ ସହାୟତାରେ ବାରବାଟୀ ପ୍ୟାଲେସ୍‌ଠାରେ ଏହି ବେକେରି ୟୁନିଟ୍ କାର୍ଯ୍ୟ କରିବ। ଏଠାରେ ବେକେରି ଉତ୍ପାଦ ଉତ୍ପାଦନ ନିମନ୍ତେ ଏସ୍ଏଚ୍‌ଜି ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱରସ୍ଥିତ ୱାର୍ଲଡ୍ ସ୍କିଲ୍ ସେଣ୍ଟରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଳକା ମିଶ୍ର ତାଙ୍କର ସହଯୋଗୀ ଓ ଅଧିକାରୀମାନଙ୍କ ସହ ବାରବାଟୀ ପ୍ୟାଲେସ ପରିଦର୍ଶନରେ ଆସିଥିଲେ। ସେମାନେ ସମୀକ୍ଷା କରିବା ସହ ଏଠାରେ ପ୍ରଶିକ୍ଷଣ ଓ ଉତ୍ପାଦନ କେନ୍ଦ୍ର ଖୋଲାଯିବା ସମ୍ପର୍କରେ ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଏକ୍ସଆଇଏମ୍‌ବି ପ୍ରଫେସର ଡବ୍ଲ୍ୟୁ. ଏସ୍. ୱିଲିୟମସ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ମାଝି, ଅବକାରୀ ଅଧୀକ୍ଷକ ଦୀପକ ପଟେଲ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ା, ଭୂମିକା ନାରୀ ଉତ୍ପାଦକ ଗୋଷ୍ଠୀର କର୍ମକର୍ତ୍ତା ରଶ୍ମିତା ମିଶ୍ର, ଲୋପାମୁଦ୍ରା ମିଶ୍ର, ଗୀତାଞ୍ଜଳି ବେଉରାଙ୍କ ପ୍ରମୁଖ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## 'ଯୁବପିଢ଼ିଙ୍କୁ ଉଚିତ ମାର୍ଗଦର୍ଶନ କରିଥାନ୍ତି ବରିଷ୍ଠ ନାଗରିକ'

କଟକ,୨୧।୬ (କାର୍ତ୍ତିକ ସାହୁ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ବାଲିସାହି ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଠାକୁର ଅଭିରାମ ପରମହଂସ ଶାନ୍ତି ଆଶ୍ରମ ପରିସରରେ ବୁଧବାର ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଦୁଃଶାସନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବିଧାୟକ ଚନ୍ଦ୍ରସାରଥୀ ବେହେରା ଉଦ୍‌ଘାଟନ କରି ଯୁବପିଢ଼ିଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥାନ୍ତି ବରିଷ୍ଠ ନାଗରିକ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସିଏମ୍ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, କର୍ପୋରେଟର ସନ୍ତୋଷ କୁମାର ଭୋଳ ଓ ରାକେଶ କୁମାର ସ୍ୱାଇଁ ଯୋଗଦେଇଥିଲେ। ଶିବଚରଣ ଖାମରାଇ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଉପସଭାପତି ପ୍ରଦୀପ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ହରିହର ଦଳାଇ, ନୃସିଂହ ଚରଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ ତାର ଛିଡ଼ି ୨ବାଇକ୍ ଆରୋହୀ ଗୁରୁତର

ସାଲେପୁର,୨୧।୬(ଅରବିନ୍ଦ ଭୂୟାଁ)

ବିଦ୍ୟୁତ୍ ତାର ଛିଡି ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପେଟ୍ରୋଲ ପମ୍ପ୍ ନିକଟରେ ବୁଧବାର ଅପରାହ୍ନରେ ଭଦ୍ରକ ଜିଲା ଧାନମଣ୍ଡଳ ଅଞ୍ଚଳର ଅନିରୁଦ୍ଧ ସାହୁ ଓ ଗୋବର୍ଦ୍ଧନ ଗୋଛାୟତ ଏକ ବାଇକ୍‌ରେ ଭଟିମୁଣ୍ଡା ଅଞ୍ଚଳକୁ ଯାଉଥିବାବେଳେ ହଠାତ୍ ବିଦ୍ୟୁତ୍ ତାର ଛିଡି ସେମାନଙ୍କ ଉପରେ ପଡିଯାଇଥିଲା। ଅପରପକ୍ଷରେ ତାରରେ କରେଣ୍ଟ ନ ଥିବାରୁ ଉଭୟ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ।

## ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

କଟକ ସଦର, ୨୧।୬(ସୁଶାନ୍ତ ଜେନା)

କଟକ ସଦର ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଉତ୍କଳ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଓ ସ୍ୱେଚ୍ଛାସେବୀ ଦେବୀ ପ୍ରସାଦ ପତି ବୁଧବାର କଟକସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବ୍ଲକର ଯନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି କରିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସଦର ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କୁ ଗତ ୧୩ ତାରିଖରେ ଗିରଫ କରାଯାଇଥିଲା। ଉକ୍ତ ବ୍ଲକରେ ୫-ଟି ବିଦ୍ୟାଳୟ ରୂପାନ୍ତରଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଛି। ଏଥିରେ ଉକ୍ତ ବ୍ଲକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀଙ୍କୁ ଜେରା କରିବା ସହ ଅନ୍ୟାନ୍ୟ ଦାବି ନେଇ ଗତ ୧୯ ତାରିଖରେ ପରିଷଦ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟା ସମ୍ପର୍କରେ ବିଡିଓ ପରିଡା କହିଛନ୍ତି, ଦୁର୍ନୀତି ପ୍ରସଙ୍ଗରେ ଭିଜିଲାନ୍ସ ତଦନ୍ତ ଜାରି ରହିଛି। ଉପରିସ୍ଥ ଅଧିକାରୀ ଯାହା ନିର୍ଦ୍ଦେଶ ଦେବେ ତଦନୁଯାୟୀ ପଦକ୍ଷେପ ନିଆଯିବ।

## ବସ୍ତିରେ ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଟିମ୍ ଗଠନ

କଟକ,୨୧।୬(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍ସି) ବିଜୁଭବନ ପରିସରରେ ବୁଧବାର ଜାଗା ମିଶନ, ମୁକ୍ତା ଏବଂ ମୋ' ପୋଖରୀ ଯୋଜନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କମିଶନର ଉପସ୍ଥିତ ଅଧିକାରୀଙ୍କୁ ସହରରେ ଚାଲିଥିବା କାର୍ଯ୍ୟ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜାଗା ମିଶନ ଅନ୍ତର୍ଗତ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ସହରର ବସ୍ତିଗୁଡିକରେ ଥିବା ଭିତ୍ତିଭୂମି ଅଭାବ ସମ୍ପର୍କରେ ନୀରୀକ୍ଷଣ କରିବ। ପରେ ଉକ୍ତ ବସ୍ତିର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ଜଣାପଡିଛି।

# 'ଶାରୀରିକ ସୁସ୍ଥତା ପାଇଁ ଯୋଗ ନିତାନ୍ତ ଜରୁରୀ'

କଟକ,୨୧।୬: (କାର୍ତ୍ତିକ ସାହୁ/ସୁପ୍ରିୟା ପ୍ରିୟଦର୍ଶିନୀ)

ଆକାଶବାଣୀ କଟକର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ବୁଧବାର ପାଳିତ ହୋଇଛି। ଏହି ଅବସରରେ ସମ୍ବାଦ ବିଭାଗର ଉପନିର୍ଦ୍ଦେଶକ ସତ୍ୟନାରାୟଣ ପଟ୍ଟନାୟକ କହିଛନ୍ତି, ଆଜିର ଯୁଗରେ ଯୋଗ ସହିତ ନିଜକୁ ଯୋଡ଼ିବାର ଆବଶ୍ୟକତା ରହିଛି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ନିତାନ୍ତ ଜରୁରୀ ବୋଲି ସେ କହିଛନ୍ତି। ଏହି ଅବସରରେ ଆକାଶବାଣୀର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଗୌରାଙ୍ଗ ଚରଣ ମହାନ୍ତି ଯୋଗଶିକ୍ଷା ଦେଇଥିଲେ। ଆଶୁତୋଷ ପତି ଆକ୍ୟୁପ୍ରେସର ଥେରାପି ସମ୍ପର୍କରେ କହିଥିଲେ। ସମ୍ବାଦ ବିଭାଗର ବରିଷ୍ଠ ସମାଚାର ସମ୍ପାଦକ ତପନ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ହାଇକୋର୍ଟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଠାରେ ବିଚାରପତିମାନେ ହାଇକୋର୍ଟର ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ଯୋଗ କରି ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ। ବିଚାରପତି ବି.ଆର୍. ଷଡ଼ଙ୍ଗୀ, ସାବିତ୍ରୀ ରଥ, ମୃଗାଙ୍କ ଶେଖର ସାହୁ, ଭି. ନରସିଂହ, ମୁରାହରି ଶ୍ରୀ ରମଣ, ଗୌରୀଶଙ୍କର ଶତପଥୀ ଓ ବିଚାରପତି ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ।


ଆକାଶବାଣୀ କଟକର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଯୋଗ ଦିବସ ପାଳନ।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୋଗାଭ୍ୟାସ କରାଯାଇଥିଲା। ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ସୁଶୀଲ କୁମାର ପଟ୍ଟନାୟକ ଯୋଗଦେଇ ଯୋଗ ଶିକ୍ଷା ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ଓ ସରସ୍ୱତୀ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।

ଖ୍ରୀଷ୍ଟ କଲେଜରେ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ନିୟମିତ ଯୋଗାଭ୍ୟାସ ନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତୀ ଦାଶ ଶପଥ ପାଠ କରାଇଥିଲେ। ଉପଦେଷ୍ଟା ଡ. ପ୍ରଶାନ୍ତ କୁମାର ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ। ଯୁବ ରେଡକ୍ରସ ସଂଯୋଜକ ଶୋଭନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକ ରାଜାବଗିଚା ହାଇସ୍କୁଲ ପଡ଼ିଆରେ

### ଅନ୍ତର୍ଜାତୀୟ ଯୋଗ ଦିବସ

ଯୋଗ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍ସି ମେୟର ସୁବାସ ସିଂ ଯୋଗଦେଇ ଯୋଗ ଭାରତୀୟ ସଂସ୍କୃତିର ଆତ୍ମା ବୋଲି କହିଥିଲେ। କଟକ ସବ୍‌ଜୋନ୍‌ର ମୁଖ୍ୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ କମଲେଶ ଦିଦି ଆର୍ଶୀବଚନ ଦେଇଥିଲେ। ଉପନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ରାଜଯୋଗ ସାଧନା ବିଷୟରେ ବୁଝାଇଥିଲେ। ଏଥିରେ ଅତିଥି ଭାବେ ସାମ୍ବାଦିକ ଅରୁଣ କୁମାର ପଣ୍ଡା, କର୍ପୋରେଟର ବନଲତା ପ୍ରଧାନ, ନେତାଜୀ ସ୍ମାରକୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଶୁଭଦର୍ଶିନୀ ମହାନ୍ତି, ବ୍ରହ୍ମାକୁମାରୀ ନଥମଲ, ରାଜାବଗିଚା ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶ, ଶାରୀରିକ ଶିକ୍ଷା ପରିଦର୍ଶିକା ସୌଦାମିନୀ ଯୋଗଦେଇଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସୁସ୍ଥ ସମାଜ ପାଇଁ ପ୍ରତ୍ୟେକ ବ୍ୟକ୍ତି ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଡିଗ୍ରୀ ଇଞ୍ଜିନିୟରିଂ ପକ୍ଷରୁ କେନ୍ଦ୍ରୀୟ ପାଠାଗାର 'ଜ୍ଞାନ ଉଦ୍ୟାନ' ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗାଭ୍ୟାସ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଧ୍ୟାପକ ସୁଶାନ୍ତ କୁମାର ସେଠୀ ଶିବିର ସଂଯୋଜନା କରିଥିଲେ। ସେହିପରି ପଲିଟେକ୍‌ନିକ୍ ଉଇଙ୍ଗ ପକ୍ଷରୁ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ଯୋଗାଚାର୍ଯ୍ୟା ଚିନ୍ମୟୀ ବେହେରା ଛାତ୍ରୀଛାତ୍ରଙ୍କୁ ଯୋଗଭ୍ୟାସର ମନ ଓ ଶରୀର ଉପରେ ପ୍ରଭାବ ଏବଂ କିଭଳି ଏହା ଦ୍ୱାରା ସକଳ ବ୍ୟାଧିରୁ ମୁକ୍ତି ମିଳିଥାଏ ସେ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବୁଧବାର କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଯୋଗ ପ୍ରଦର୍ଶନ।


ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଭିଲେଜ ଗ୍ରାଉଣ୍ଡ ପରିସରରେ ଯୋଗ ପ୍ରଦର୍ଶନ କରାଯାଉଛି।


କଟକ ହାଇକୋର୍ଟ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ।

## ସଂକ୍ଷେପରେ

### ମହିଳାଙ୍କ ବିକାଶ ନିମନ୍ତେ ସଚେତନତା ଶିବିର

କଣାସ,୨୧।୬(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ କଣାସ ପଞ୍ଚାୟତ ଚାନ୍ଦପଡ଼ା ଗ୍ରାମରେ ବୁଧବାର ଗ୍ରାମ କୃଷି ବିକାଶ ପରିଷଦ ପକ୍ଷରୁ ମହିଳାଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାକୁ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୁରୀ ଜିଲା ଶିଳ୍ପ କେନ୍ଦ୍ରର ଅଧିକାରୀ ମାନସରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ। ଶିଳ୍ପ ଉଦ୍ୟୋଗ ଉପରେ ସରକାରଙ୍କ ସହଯୋଗ ଓ ବିଭିନ୍ନ କୁଟୀର ଶିଳ୍ପ, ହସ୍ତ ଶିଳ୍ପ ମାଧ୍ୟମରେ କିପରି ଅର୍ଥ ଉପାର୍ଜନ କରିପାରିବେ, ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ କୃଷିକା ପୁରୀର ସାଧାରଣ ସମ୍ପାଦକ ପ୍ରତାପ ପାହାନ୍ତାସିଂ ବିଭିନ୍ନ ଦ୍ୟୋଗ ଉପରେ ଶିବିରରେ ଉପସ୍ଥିତ ଥିବା ଗୋଷ୍ଠୀର ମହିଳାଙ୍କୁ ଛତୁ, ଖାଦ୍ୟ ପ୍ରକ୍ରିୟାକରଣ, ଧୂପକାଠି, ଫିନାଇଲ୍ ଇତ୍ୟାଦି ଅନେକ ଉଦ୍ୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବେଶ୍ୱର ପାଟ୍ଟଶାଣୀ, ଶୈଳବାଳା ମହାନ୍ତି, କବିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କାର୍ଯ୍ୟାନୁଷ୍ଠାନ ଦାବି କରି ଏସ୍‌ପିଙ୍କୁ ଭେଟିଲା ପୁରୀ ସାମ୍ବାଦିକ ସଂଘ

ପୁରୀ ୨୧।୬( ଅଜିତ୍ ମହାନ୍ତି) : ରଥଯାତ୍ରା ସମୟରେ ଖବର ସଂଗ୍ରହ କରୁଥିବା ବେଳେ ଖବରଦାତାଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିର ଦୁଇ ସଦସ୍ୟ ଓ ସେବାୟତ ଆକ୍ରମଣ ଘଟଣାରେ ବୁଧବାର ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ତେବେ କାର୍ଯ୍ୟରତ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୁଇ ସେବାୟତଙ୍କ ବିରୋଧରେ ପୋଲିସ ସଙ୍ଗିନ ଦଫା ଲଗାଇଛି। ଏକ ଅସ୍ଥାୟୀ ଟେଣ୍ଟରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ଟଙ୍କା ଦେଇ ବସିଥିବା ସମ୍ପର୍କରେ ଖବର ପାଇବା ପରେ ଖବର ସଂଗ୍ରହ ପାଇଁ ଖବରଦାତା ଚିତ୍ତ ରଞ୍ଜନ ମହାନ୍ତି ଏବଂ ଚନ୍ଦ୍ର ଶେଖର ପାତ୍ର ଘଟଣା ସ୍ଥଳକୁ ଯାଇଥିଲେ। ଏହି ସମୟରେ ସେମାନଙ୍କୁ ଦୁଇ ସେବାୟତ ମାଧବ ମହାପାତ୍ର ଓ ମାଧବ ପୂଜାପଣ୍ଡା ତାଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଯାହାକୁ ବିରୋଧ କରି ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏତଲାକୁ ଗ୍ରହଣ କରିବା ସହ ସେବାୟତଙ୍କ ବିରୋଧରେ ୩୦୭ ସହ ବିଭିନ୍ନ ଦଫା ଲଗାଇଛି। ମାତ୍ର ଘଟଣାକୁ ୨୪ ଘଣ୍ଟା ପୁରିଯାଇଥିଲେ ମଧ ଅଭିଯୁକ୍ତ ଦୁଇ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁରୀ ସାମ୍ବାଦିକ ସଂଘ ଭେଟି ଦାବି କରିଛି। ତେବେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଅତିରିକ୍ତ ଏସ୍‌ପିଙ୍କୁ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'କେନ୍ଦ୍ର ଯୋଜନାର ସୁଫଳ ଓଡ଼ିଶାବାସୀଙ୍କୁ ମିଳୁନି'



କାର୍ଯ୍ୟକ୍ରମରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଜର୍‌ଦୋସ ଏବଂ ଅନ୍ୟ ଭାଜପା ନେତୃବୃନ୍ଦ।

- ଭାଜପା ଜନସମାବେଶରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଜର୍‌ଦୋସ
- ପୁରୀ-ପାରାଦୀପ, ପୁରୀ-ବଡ଼ବିଲ କଣାସରେ ରହଣି ପାଇଁ ନିବେଦନ

ଡେଲାଙ୍ଗ,୨୧।୬ (ରଶ୍ମିରଞ୍ଜନ ପ୍ରଧାନ)

ଭାଜପା ପକ୍ଷରୁ ଲୋକସଭା ପ୍ରଭାସ ସମାବେଶ ଡେଲାଙ୍ଗ ବ୍ଲକର ରେଞ୍ଚ ଗ୍ରାମ ସନ୍ନିକଟ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେରବୋଇ ମଣ୍ଡଳ ସଭାପତି ସୁଁଧାଂଶୁ ଶେଖର ପରିଡାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ତଥା ଏମ୍‌ପି ଦର୍ଶନା ଜର୍‌ଦୋସ, ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ୍ ପାତ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରୀତ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ଶ୍ୱେତ ନାୟକ, ଲଡୁକିଶୋର ରାୟ, ସୁବାଶିଷ ରଥ, ସୁକାନ୍ତ ଭଞ୍ଜ, ସୁଧୀର ବିଶ୍ୱାଳ, ପ୍ରଦୀପ ପାତ୍ର, ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ, ସୁଶାନ୍ତ ବିଶ୍ୱାଳଙ୍କ ସହିତ ପିପିଲି ଓ ଡେଲାଙ୍ଗ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସର୍ବପ୍ରଥମେ ଅତିଥିମାନେ ବେରବୋଇସ୍ଥିତ ଗାନ୍ଧିସ୍ମୃତି ପୀଠରେ ପହଞ୍ଚି ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ରେଞ୍ଚ ପଡିଆରେ ପହଞ୍ଚି ଜନସମାବେଶରେ ଯୋଗଦେଇ ଯୋଗ ଦିବସ ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ଯୋଗଶିବିରର ଯୋଗଦେଇଥିବା ସମ୍ପର୍କରେ କହିଥିଲେ। ବିଶ୍ୱନାଥ ମୁଣ୍ଡିଆକୁ ରାସ୍ତା ନିର୍ମାଣ ପାଇଁ ୧ କୋଟି ଟଙ୍କା ଓ ଉନ୍ନତୀକରଣ ପାଇଁ ବିଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବେଳେ ଅଦ୍ୟାବଧି ଏହି ପୀଠର ବିକାଶ ହୋଇପାରି ନାହିଁ। ସେହିପରି ମେଗା ପାନୀୟ ଜଳ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଦ୍ୟୁତ ସେବା ବ୍ୟାଘାତ, ରାସ୍ତାବସ୍ଥା ଜରାଜୀର୍ଣ୍ଣ, କଣ୍ଟି କାଜଯୋଗୁ ଡେଲାଙ୍ଗ, ପିପିଲି ଓ କଣାସ ବ୍ଲକରେ ବନ୍ୟା ସମସ୍ୟା ଉପୁଜିବା ଆଦି ସମସ୍ୟା ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ବୋଲି ସମ୍ବିତ ପାତ୍ର କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଦର୍ଶନା ଜର୍‌ଦୋଷ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଯୋଜନା ଓଡ଼ିଶାବାସୀଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ପାରୁ ନଥିବା ବେଳେ ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ସେ କହିଥିଲେ। ଶେଷରେ ବୟନ ଶିଳ୍ପର ହାତତିଆରି ଲୁଗା କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦେଇଥିବା ରୂପଦେଇପୁର ଗ୍ରାମର ଗୋବିନ୍ଦ ସାହୁଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ରୂପଦେଇପୁରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବୟନ ଶିଳ୍ପର ପ୍ରଶିକ୍ଷଣ ଶିବିର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପୁରୀ- ବଡବିଲ, ପୁରୀ-ପାରାଦୀପ ୨ଟି ଟ୍ରେନ କଣାସ ରୋଡ୍‌ରେ ରହଣି ପାଇଁ ଜିଲା ସଭାପତି ପଟ୍ଟନାୟକ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

## ବ୍ଲକ ଟପ୍ପରଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା

ନିମାପଡ଼ା,୨୧।୬ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଗଡ଼ପଦନପୁର ପଞ୍ଚାୟତର ଭାଣପୁର ପଞ୍ଚାୟତ ହାଇସ୍କୁଲଠାରେ ବୁଧବାର ଏକ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାକେଶ ବାରିକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ କର, ଶିକ୍ଷାବିତ୍ ପ୍ରବୋଧ ମହାନ୍ତି, ଅଶ୍ୱିନ ମିଶ୍ର, ହରିହର ସାହୁ, ବାବାଜୀ ଚରଣ ଦାସ ପ୍ରମୁଖ ଯୋଗଦେଇ ବୃତ୍ତି ଟପ୍ପର ଛାତ୍ରୀ ଅନନ୍ୟାମୟୀ ମିଶ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାରୋହରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସମଗ୍ର ନିମାପଡ଼ା ବ୍ଲକରେ ଟପ୍ପର ହୋଇଥିବା ଛାତ୍ରୀ ଅନନ୍ୟାମୟୀଙ୍କୁ ଆୟୋଜିତ ସମାରୋହରେ ପଞ୍ଚାୟତ ପକ୍ଷରୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମୁଖ୍ୟତଃ ଗଡ଼ପଦନପୁର ସରପଞ୍ଚ ରାକେଶ ଅନନ୍ୟାମୟୀଙ୍କୁ ପ୍ରଗତି ସୂଚକ ଅଶୋକଚକ୍ର ଫଳକ ପ୍ରଦାନ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଶିକ୍ଷାବିତ୍, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।





ଟପ୍ପର ଛାତ୍ରୀଙ୍କୁ ଅଶୋକଚକ୍ର ଫଳକ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।



ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ପଲ୍ଲିଶ୍ରୀମେଳାରେ ଲୋକଙ୍କ ଗହଳି।

## ୨୩ରେ ନିମାପଡ଼ା ଆସିବେ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ

ନିମାପଡ଼ା,୨୧।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜେଡିର ସାଙ୍ଗଠନିକ ସ୍ଥିତି ପରଖିବା ଓ ଦଳୀୟ ନେତୃବୃନ୍ଦଙ୍କ ସହ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିବାକୁ ଦଳର ରାଜ୍ୟ ସଂଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଆସନ୍ତା ୨୩ ତାରିଖରେ ନିମାପଡ଼ା ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବିଜେଡି ପକ୍ଷରୁ ଜୋରଦାର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଆୟୋଜିତ ସାଙ୍ଗଠନିକ ସମାରୋହ ଓ ଶୋଭାଯାତ୍ରାରେ ୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେବେ ବୋଲି ନିମାପଡ଼ା ବିଧାୟକ ସମୀର ଦାଶ ନିମାପଡ଼ାଠାରେ ଆୟୋଜିତ ଏକ ସାଙ୍ଗଠନିକ ବୈଠକରେ କହିଛନ୍ତି। ବୈଠକରେ ସମ୍ମାନିତ ଅତିଥି ଭାବେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ବରିଷ୍ଠ ଯୁବନେତା ଅରୁଣ ପ୍ରସାଦ ଦାଶ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ସନାତନ ପ୍ରଧାନ, ବରିଷ୍ଠ ମହିଳା ନେତ୍ରୀ କୌଶଲ୍ୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ୨୦୨୪ ମିଶନକୁ ସଫଳ କରିବା, ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ୍ ଓ କ୍ରିୟାଶୀଳ କରିବା, ଯୁବଛାତ୍ର, ମହିଳା ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରାଯିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ, ଦକ୍ଷ ପ୍ରଶାସନ, ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନାକୁ ପ୍ରତ୍ୟେକ ଗାଁଗଣ୍ଡା, ସହର ବଜାରର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ବିଧାୟକ ଦାଶ ଦଳୀୟ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ୱାର୍ଡର ସଭାପତି, ପର୍ଯ୍ୟବେକ୍ଷକ, ନିର୍ବାଚିତ ପ୍ରତିନିଧିଙ୍କ ସମେତ ୩ଶହରୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ସୂର୍ଯ୍ୟମନ୍ଦିର ପରିସରରେ ଯୋଗ ଦିବସ

କୋଣାର୍କ,୨୧।୬(ଜ୍ୟୋତିରାଜ ମହାନ୍ତି)

ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ଭାରତୀୟ ଯୋଗବିଦ୍ୟାକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବା ପାଇଁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଉଛି। ମଣିଷର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାକୁ ପ୍ରଭାବିତ କରୁଥିବା ଯୋଗ ଆଜି ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇ 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ଚରିତାର୍ଥ କରୁଛି ବୋଲି ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୋଗାଭ୍ୟାସ ଶିବିର ହୋଇଯାଇଛି। କୋଣାର୍କର ସତ୍ୟସାଇ ଯୋଗକେନ୍ଦ୍ର, ବସନ୍ତମଞ୍ଜରୀ ପାଠାଗାର ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଶିକ୍ଷାବିତ ଶରତଚନ୍ଦ୍ର ପ୍ରଧାନ, ସମ୍ପର୍କର ନିର୍ଦ୍ଦେଶକ ଗଣେଶ ସ୍ୱାଇଁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଯୋଗଦେଇ ନିୟମିତ ଯୋଗ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ। ଯୋଗଗୁରୁ ବାମଦେବ ଆଲୁକ ଯୋଗାଶିକ୍ଷା ଦେଇଥିଲେ। ନିରଞ୍ଜନ ତ୍ରିପାଠୀ, ଆଲୋକ ବିଶ୍ୱାଳ, ବୃନ୍ଦାବନ ସାହୁ, କାମଦେବ ବିଶ୍ୱାଳ, ଦିଲୀପ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକ ପୀର ଜାହାନିଆଁ ବେଳାଭୂମିରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଲିମ୍କା ବୁକ୍ ରେକର୍ଡଧାରୀ ଯୁବ ସ୍ୱେଚ୍ଛାସେବୀ ଦିଲୀପ ବିଶ୍ୱାଳ ଯୋଗଦେଇ ଯୋଗ ତାଲିମ ଦେଇଥିଲେ। ମିଳିତ ଜାତିସଂଘ ଭାରତର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶାଳ, ପରିବେଶ କର୍ମୀ ବିଚିତ୍ରନନ୍ଦ ବିଶ୍ୱାଳ, ଟ୍ରଷ୍ଟି ପ୍ରଭାକର ବିଶ୍ୱାଳ, ସୁମନ ପ୍ରଧାନ ଓ ମୋଜେସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟଜୀବୀ ଜଗବନ୍ଧୁ ବେହେରା, ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ଯୋଗ କରିଥିଲେ।





କୋଣାର୍କଠାରେ ନେହେରୁ ଯୁବକେନ୍ଦ୍ର ଓ ସତ୍ୟସାଇ ଯୋଗକେନ୍ଦ୍ର ଦ୍ୱାରା ଆୟୋଜିତ ଶିବିର।

# ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ

ନିମାପଡ଼ା,୨୧।୬(ବିଚିତ୍ରାନନ୍ଦ ସାହୁ)

ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ କିଛି ଲୋକ ଆକ୍ରମଣ କରିଥିବା ନେଇ ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏଥିରେ ଜଣେ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏନେଇ ୨୧୩/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗଣ୍ଡଗୋଳକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ପୋଲିସ ନିକଟରେ ଦାବି କରିଛନ୍ତି। ନିମାପଡ଼ା ବିଦ୍ୟୁତ୍ ବିଭାଗ ସେକ୍ସନ(୨)ର ୬ ଜଣ କର୍ମଚାରୀ ଏକ ବୋଲେରୋରେ ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ପଞ୍ଚାୟତ ଦହିଜଙ୍ଗ ଗ୍ରାମରେ ହେଉଥିବା ରଥଯାତ୍ରା କାର୍ଯ୍ୟରେ ମଙ୍ଗଳବାର ଯାଇଥିଲେ। ବିଦ୍ୟୁତ୍ ତଦାରଖ କାର୍ଯ୍ୟ ସାରି ରାତିରେ ଅଫିସକୁ ଫେରିବା ବାଟରେ ଅଲଣ୍ଡି ଗ୍ରାମର ଦୁର୍ଗାମଣ୍ଡପ ଛକଠାରେ ହଠାତ୍ କେତେଜଣ ଦୁର୍ବୃତ୍ତ ଗାଡ଼ି ଉପରକୁ ଇଟା ପଥର ପକାଇଥିଲେ। ଏଥିରେ ଗାଡ଼ିର କାଚ ଭାଙ୍ଗିରୁଜି ଯାଇଛି। ଭଙ୍ଗା କାଚ ପଶି ଯିବାରୁ ତରଣୀ ସେନ ଛାଟୋଇ ନାମକ ଜଣେ ଲାଇନମ୍ୟାନ ଆହତ ହୋଇଛନ୍ତି। ସେହିପରି ବିଦ୍ୟୁତ୍ ବିଭାଗର କେତେକ କର୍ମଚାରୀ ମଙ୍ଗଳବାର ଦିନବେଳା ପୁରୁଣା ତାର ବଦଳାଇ ନୂଆ ତାର ଲଗାଇବାକୁ ଅଲଣ୍ଡି ଗ୍ରାମକୁ ଯାଇଥିଲେ। ହେଲେ ସେଠାରେ କେତେଜଣ ଉତ୍ତ୍ୟକ୍ତ ଲୋକ କ୍ରୋଧାନ୍ୱିତ ହୋଇ ସଂଘବଦ୍ଧ ଭାବେ ବିଦ୍ୟୁତ୍ କର୍ମଚାରୀଙ୍କୁ ଠେଲାପେଲା କରି, ମାଡ଼ମାରି ଖରାପ ଭାଷାରେ ଗାଳିଗୁଲଜ କରିଥିବା କର୍ମଚାରୀ କହିଛନ୍ତି। ଏପରିକି ଗଣ୍ଡଗୋଳକାରୀମାନେ ତାଙ୍କ ମୋବାଇନ ଓ ଆଇ କାର୍ଡ ନେଇଯାଇଥିଲେ। ଏ ସମ୍ପର୍କରେ ସେକ୍ସନ(୨)ର ସୁପଭାଇଜର ଜୀବନଜ୍ୟୋତି ସେନାପତି (୩୨) ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

## ଯୋଗର ମହତ୍ତ୍ୱ ଜାଣିଲେ ଛାତ୍ରୀଛାତ୍ର

ଡେଲାଙ୍ଗ, ୨୧।୬(ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ୯ମ ଅର୍ନ୍ତଜାତୀୟ ଯୋଗ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷକ ଅଭୟଚରଣ ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟତମା ସାହି ପିଲାଙ୍କୁ ବିଭିନ୍ନ ଯୋଗଭ୍ୟାସ କରାଇବା ସହ ଯୋଗର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭମା ଦେବୀ, ଶିକ୍ଷକ ନାରାୟଣ ବରାଳ, ଟିକେଇ ଦଳାଇ, ସୋମନାଥ ବେହେରା, ମାନସ ସ୍ୱାଇଁ, ଶିକ୍ଷୟିତ୍ରୀ ସତ୍ୟଭମା ବେହେରା, ସିଆରସିସି ଲୋକନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ନୈତିକତା, ଏକାଗ୍ରତା ଓ ଆଧ୍ୟାତ୍ମିକତା ବିକାଶର ଯୋଗ ହିଁ ପ୍ରକୋଷ୍ଠ ମାଧ୍ୟମ ବୋଲି ଯୋଗ ଶିକ୍ଷକ ସାହୁ ମତବ୍ୟକ୍ତ କରିଥିଲେ।

# 'ମନ, ଶରୀରକୁ ସୁସ୍ଥ ରଖେ ଯୋଗ'



ଏନ୍‌ସିସି ବାଟାଲିୟନ ପରିସରରେ କ୍ୟାଡେଟ୍‌ମାନେ ଯୋଗ କରୁଛନ୍ତି।

ପୁରୀ, ୨୧।୬(ଅଜିତ ମହାନ୍ତି)

ଜାତୀୟ କ୍ୟାଡେଟ୍ କୋର୍ (ଏନ୍‌ସିସି) ଦ୍ୱାରା ପୁରୀର ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପରିସରରେ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ରହିଛି 'ବସୁଧୈବ କୁଟୁମ୍ବକମ୍ ପାଇଁ ଯୋଗ'। ଏହି କାର୍ଯକ୍ରମରେ ପୁରୀ ସହରସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୦୦ ଏନ୍‌ସିସି କ୍ୟାଡେଟ୍, ୫୦ ପୂର୍ବତନ ଏନ୍‌ସିସି କ୍ୟାଡେଟ ଏବଂ ୨୫ ଜଣ ଏନ୍‌ସିସି ଅଧିକାରୀ ଏକାଠି ହୋଇ ସକାଳ ୭ରୁ ୮ଟା ପର୍ଯ୍ୟନ୍ତ ଯୋଗାସନ କରିବା ସହ ଶେଷରେ ନିୟମିତ ଯୋଗ କରିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା ଯୋଗଦେଇ କହିଥିଲେ, ମନ ଓ ଶରୀରକୁ ସୁସ୍ଥ ରଖେ ଯୋଗ ଏବଂ ଓଜନ ପରିଚାଳନାରେ ସାହାଯ୍ୟ କରିଥାଏ। ମାଂସପେଶୀ, ଗଣ୍ଠି ଏବଂ ଅଙ୍ଗ ସମେତ ଶରୀରକୁ ପ୍ରସାର ଓ ଶକ୍ତିଶାଳୀ କରିବା ପାଇଁ କେତେକ ଯୋଗାସନ ଉଦ୍ଦିଷ୍ଟ। ନିୟମିତ ଯୋଗାଭ୍ୟାସ ଦ୍ୱାରା ମାଂସପେଶୀରେ ଉନ୍ନତି ଆଣି ଶରୀରର ଚର୍ବିକୁ ହ୍ରାସ କରାଯାଇପାରିବ। ଫଳସ୍ୱରୂପ ଉନ୍ନତ ଓଜନ ପରିଚାଳନା ହୁଏ। ଯୋଗ କର୍ଟିସୋଲ ପରି ଚିନ୍ତା ଓ ଚାପ ହରମୋନକୁ ହ୍ରାସ କରିପାରେ। ଯେତେବେଳେ କର୍ଟିସୋଲ୍ ସ୍ତର କମିଯାଏ ସେତେବେଳେ ଶରୀରର ଚର୍ବି ମଧ କମିଯାଏ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଷଷ୍ଠ ଓଡ଼ିଶା ବାଟାଲିୟନ ଏନସିସିର ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସୂନ କୁମାର ପଣ୍ଡା ସଂଯୋଜନା କରିଥିଲେ ଏବଂ କ୍ୟାପ୍ଟେନ ଡ. ଶୁଭେନ୍ଦୁ ମିଶ୍ର, ଲେଫ୍ଟନାଣ୍ଟ ଡ. ସଞ୍ଜୟ କୁମାର ସୁନ୍ଦର ରାୟ ଏବଂ ଫାଷ୍ଟ ଅଫିସର ପ୍ରଭାତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ତହସିଲଦାର ବଦଳିଲେ, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ

ଗୋପ,୨୧।୬ (ଭାରତୀ ଭୂଷଣ ଉପାଧ୍ୟାୟ)

## ବେଆଇନ ପୋଖରୀ ଖୋଳା ପ୍ରସଙ୍ଗ

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ

ପୁରୀ ଜିଲା ଗୋପ ବ୍ଲକ ମହଲପଡ଼ାରେ ଶହ ଶହ ଏକର ସରକାରୀ ଜମି ଜବରଦଖଲ କରି ବେଆଇନ ଭାବେ ପୋଖରୀ ଖୋଳିବା ସହିତ ଶ୍ମଶାନ, ଦେବୋତ୍ତର ଓ ବେଆଇନ ଭାବରେ କାଦୁଅ ନଦୀକୁ ପୋତି ଦେବା ଭଳି ପ୍ରଶାସନ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ସମର୍ଥ ବର୍ମା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଭିଯୋଗକୁ ଗୋଟିଏ ମାସ ପୂରିବା ସହ ଗୋପ ତହସିଲଦାର ଏସ୍.କେ. ସାର୍ଗିଙ୍କ ବଦଳି ହୋଇଯାଇଛି। ହେଲେ କୌଣସି ବେଆଇନ ପୋଖରୀ ଖୋଳା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିଲା ନାହିଁ। ତେଣୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ତୁରନ୍ତ ଏହି ବେଆଇନ ପୋଖରୀ ଖୋଳାକୁ ବନ୍ଦ କରିବା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ନ୍ୟାୟ ଭିକ୍ଷା କରିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ମହଲପଡ଼ା ଓ ଶୋରଭା ପଞ୍ଚାୟତର କେତେକ ମୌଜାରେ ଭୁବନେଶ୍ୱର ଅଞ୍ଚଳର ୨/୩ଟି କମ୍ପାନୀ ଅଳ୍ପ କିଛି ଜମି କିଣିବା ପରେ ବେଆଇନ ଭାବେ ସରକାରୀ ଜମି ସହିତ ଆଉ କେତେକ ଜମିକୁ ବେଆଇନ ଭାବେ ମାଡିବସି ମାଛ ଚାଷ କରିବା ପାଇଁ ପୋଖରୀ ଖୋଳୁଛନ୍ତି। ମାସ ମାସ ଧରି ଏହି ସରକାରୀ ଜମିରେ ପୋଖରୀ ଖୋଳିବା ପରେ ସ୍ଥାନୀୟ ସରପଞ୍ଚ ଓ କେତେକ ବରିଷ୍ଠ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ବିଭାଗଙ୍କ ସହିତ ପୁରୀ ଜିଲାପାଳଙ୍କୁ ଟୁଇଟ୍ ମାଧ୍ୟମରେ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଗତ ମାସ ୨୨ତାରିଖରେ ଜିଲାପାଳ ସମର୍ଥ ବର୍ମା ତୁରନ୍ତ ଏହି ବେଆଇନ ପୋଖରୀ ଖୋଳାକୁ ବନ୍ଦ କରିବା ସହିତ ସରକାରୀ ଜମି ଜବରଦଖଲକୁ ତୁରନ୍ତ ଉଚ୍ଛେଦ ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତହସିଲଦାର ଏସ୍.କେ ସାର୍ଗି ଏ ସମ୍ପର୍କରେ ଏହି ପଞ୍ଚାୟତ ଅଞ୍ଚଳର ୨ଟି ରାଜସ୍ୱ ନିରୀକ୍ଷକଙ୍କୁ ତଥ୍ୟ ଭିତ୍ତିକ ରିପୋର୍ଟ ମାଗିଥିଲେ। ହେଲେ ଏ ପର୍ଯ୍ୟନ୍ତ ଏହି କମ୍ପାନୀ ବେଆଇନ ଭାବେ ପୋଖରୀ ଖୋଳୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଇତି ମଧ୍ୟରେ ତହସିଲଦାର ଏସ୍. କେ. ସାର୍ଗି ଗୋପ ତହସିଲ କାର୍ଯ୍ୟାଳୟରୁ ବୁଧବାର ବଦଳି ହୋଇଥିବା ବେଳେ ନୂତନ ଭାବେ ଭାଗ୍ୟଶ୍ରୀ ହାଁସଦା ଯୋଗଦେଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଫଳ ହେବା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଏହି ଘଟଣା ଜଣାଇବା ସହ ଅଞ୍ଚଳର ଅନ୍ୟ ସମସ୍ୟାର ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି ମଲପଡ଼ା ସରପଞ୍ଚ। ଏ ସମ୍ପର୍କରେ ନୂତନ ତହସିଲଦାର ହାଁସଦା କୁହନ୍ତି, ଏହି ବେଆଇନ ପୋଖରୀ ଖୋଳା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି। ସରପଞ୍ଚ ଶୀର୍ଷରଞ୍ଜନ ନାୟକଙ୍କୁ ପଚାରିବାରେ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛି। ଯଦିଓ ବେଆଇନ ମାଛ ପୋଖରୀ ଖୋଳା ବନ୍ଦ ନ କରାଯାଏ, ତା'ହେଲେ ଆଗାମୀ ଦିନରେ ଏକ ଜନଆନ୍ଦୋଳନ କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### 'ଓଡ଼ିଆ କାବ୍ୟରେ ଶ୍ରୀଜଗନ୍ନାଥ' ଆଲୋଚନାଚକ୍ର

**ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଆ ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ମିନତି ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ କାବ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏହି ଆଲୋଚନାରେ ଆରତି କର, ପ୍ରଦୀପ୍ତ ବିଶ୍ୱାଳ, ବିରଜା ପ୍ରସାଦ ଶତପଥୀ ଓ ରମାକାନ୍ତ ମିଶ୍ର ପ୍ରମୁଖ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ। ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ ସମ୍ପର୍କରେ ଶ୍ରୀ ଜଗନ୍ନାଥଙ୍କ ବର୍ଣ୍ଣନା ଓ ଅଧିକାଂଶ କାବ୍ୟରେ ଶ୍ରୀ ଜଗନ୍ନାଥଙ୍କ କୃପାରୁ କାବ୍ୟ ରଚିତ ହୋଇଥିବା କାବ୍ୟକାରମାନେ କହିଛନ୍ତି। ଲେଖକ ତଥା ସମିତିର ପୁରାତନ ସଭ୍ୟ ବଳରାମ ମିଶ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା ପୂର୍ବକ ସ୍ମୃତିଚାରଣ କରାଯାଇଥିଲା।

### କାର-ଟ୍ରକ୍ ମୁହାଁମୁହିଁ ଧକ୍କା, ବର୍ତ୍ତିଲେ ଦମ୍ପତି

**ବାରଙ୍ଗ,୨୧।୬(ଲିଙ୍ଗରାଜ ରାଉତ):** ତ୍ରିଶୂଳିଆ ଛକରେ ବୁଧବାର ଅପରାହ୍ନରେ ଟ୍ରକ- କାର ମୁହାଁମୁହିଁ ଧକ୍କା ହୋଇଛି। ସୌଭାଗ୍ୟବଶତଃ କାର୍‌ରେ ଥିବା ଦମ୍ପତି ବଞ୍ଚିଯାଇଛନ୍ତି। ସୂଚନା ମୁତାବକ, ତ୍ରିଶୂଳିଆରୁ ଏକ ଟ୍ରକ ବାଲିକୁଦା ଆଡ଼େ ଯାଉଥିଲା। ଏହି ସମୟରେ ଟ୍ରକକୁ ବାମପଟେ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଏକ କାର୍ ଧକ୍କା ହୋଇ ଟ୍ରକ୍ ସମ୍ମୁଖକୁ ପଳାଇ ଆସିଥିଲା। ଟ୍ରକଟି ଧୀରେ ଧୀରେ ଆସୁଥିବାରୁ ନିଶ୍ଚିତ ବଡ଼ ଦୁର୍ଘଟଣାରୁ ସମସ୍ତେ ବଞ୍ଚିଯାଇଥିଲେ। ଖବରପାଇ ବାରଙ୍ଗ ପୋଲିସ ସେଠାରେ ପହଞ୍ଚି କାରରେ ଥିବା ଦମ୍ପତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହ ଉଭୟ ଗାଡ଼ିକୁ ଜବତ କରିଛି।

### ନନ୍ଦନକାନନରେ ବିଲୁଆ ମୃତ

**ବାରଙ୍ଗ,୨୧।୬(ଲିଙ୍ଗରାଜ ରାଉତ):** ନନ୍ଦନକାନନର ୨୩ ନଂ. ଏନ୍‌କ୍ଲୋଜରରେ ରହୁଥିବା ୮ବର୍ଷର ମାଈ ବିଲୁଆର ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବିଲୁଆଟି କିଛିଦିନ ହେବ ଅଜଣା ରୋଗରେ ପୀଡ଼ିତ ଥିଲା। ନନ୍ଦନକାନନ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା କରୁଥିଲେ ମଧ୍ୟ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଘଟି ନ ଥିଲା। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ମୃତ ବିଲୁଆର ବ୍ୟବଚ୍ଛେଦ କରାଯାଇଛି। ବିଲୁଆର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୫ରେ ପହଞ୍ଚିଛି। ଏବେ ବି ପ୍ରାଣୀ ବିଭାଗ ପଦବୀ ଖାଲି ପଡ଼ିଛି। ପ୍ରାଣୀ ପରିଚାଳନାଗତ ତ୍ରୁଟି ପାଇଁ କାହାର ପାଟି ଫିଟୁ ନ ଥିବା ନିରୀହ ପ୍ରାଣୀଙ୍କ ଅକାଳ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି।

### ରଥଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କଠାରୁ ଚୋରି, ୨ ଗିରଫ

**ଭୁବନେଶ୍ୱର,୨୧।୬(ସୂର୍ଯ୍ୟକାନ୍ତ ବେହେରା):** ରଥଟଣାବେଳେ ପାସ୍‌ପୋର୍ଟ ଅଫିସ ନିକଟରେ ଭିଡ଼ର ସୁଯୋଗ ନେଇ ଜଣେ ମହିଳା ଶ୍ରଦ୍ଧାଳୁଙ୍କ ଭ୍ୟାନିଟିରୁ ମୋବାଇଲ ଚୋରି ହୋଇଥିଲା। ଏନେଇ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଗଞ୍ଜାମର ଅଭି ପଣ୍ଡା ଓରଫ ବାୟା ଏବଂ ଶିବ ପ୍ରସାଦ ପାତ୍ର । ତାଙ୍କ ହେପାଜତରୁ ଗୋଟିଏ ମୋବାଇଲ ଫୋନ ଜବତ କରିଛି ପୋଲିସ। ଅଭିଯୁକ୍ତ ଅଭି ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ୪ଟି ଚୋରି ମାମଲାରେ କୋର୍ଟ ଚାଲାଣ ହୋଇଥିଲେ। ସେ ଜଣେ ଅଭ୍ୟାସଗତ ଚୋରି ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ସରିଲା ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

# ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବଦଳିଲେନି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)**

ଶାନ୍ତି ଶୃଙ୍ଖଳାରେ ସରିଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ। ବୁଧବାର ବିଏମ୍‌ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବଦଳିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଯେଉଁମାନେ ପୂର୍ବରୁ ଅଧ୍ୟକ୍ଷ ଥିଲେ, ପୁନର୍ବାର ସେମାନେ ସମାନ ଉପବିଭାଗଗୁଡିକର ଅଧ୍ୟକ୍ଷ ରହିଛନ୍ତି। ନିୟମ ଅନୁଯାୟୀ, ଅଧ୍ୟକ୍ଷ ପଦ ପାଇଁ ପୂର୍ବତନ ଅଧ୍ୟକ୍ଷମାନେ ନାମାଙ୍କନ ଦାଖଲ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି କର୍ପୋରେଟର ନାମାଙ୍କନ ଦାଖଲ କରି ନ ଥିଲେ। ତେଣୁ ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ନାମାଙ୍କନପତ୍ରଗୁଡିକୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ପ୍ରତ୍ୟାହାର ପାଇଁ ସମୟ ଘୋଷଣା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନ ଥିଲେ କିମ୍ବା କୌଣସି କମିଟି ଅଧ୍ୟକ୍ଷ ପଦ ପାଇଁ ଏକାଧିକ ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନରେ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱତନ୍ତ୍ର କର୍ପୋରେଶନ ଅଧିକାରୀ ଡେପୁଟି କମିଶନର ସପନ କୁମାର ନନ୍ଦ ଏବଂ ଆସିଷ୍ଟାଣ୍ଟ କମିଶନର ଏନ. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଭିନ୍ନ ବିଭାଗ ଷ୍ଟାଣ୍ଡିଂ କମିଟିର ନବନିର୍ବାଚିତ ଅଧ୍ୟକ୍ଷମାନେ।

### ୨୯ ପୂର୍ବରୁ ବଦଳି ହୋଇପାରନ୍ତି ବିଭାଗୀୟ ଅଧିକାରୀ

ଏଷ୍ଟାବ୍ଲିଶ୍‌ମେଣ୍ଟ ବିଭାଗ ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟଙ୍କର ୨ଥର ବଦଳି ହେବା ପରେ ମଧ୍ୟ ସେ ପଦ ଛାଡି ନାହାନ୍ତି, ଯାହାକୁ ନେଇ ପୂର୍ବରୁ ମଧ୍ୟ ପ୍ରଶ୍ନ ଉଠିଥିଲା। ତେବେ ସମ୍ପୃକ୍ତ କମିଟି ଅଧ୍ୟକ୍ଷ ବାରମ୍ବାର ଏହି ପ୍ରସଙ୍ଗକୁ ଉଠାଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିବା ସହ ନିର୍ବାଚନରେ ସାମିଲ ହେବେ ନାହିଁ ବୋଲି କହିଥିଲେ। ଫଳରେ ଜୁନ୍ ୨୯ରେ ହେବାକୁ ଥିବା କର୍ପୋରେଶନ ବୈଠକ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କୁ ବିଭାଗ ଦାୟିତ୍ୱରୁ ହଟାଯିବା ନେଇ ପ୍ରତିଶ୍ରୁତି ମିଳିଥିବା କୁମାରେନ୍ଦ୍ର ସୂଚନା ଦେଇଛନ୍ତି। ଯଦି ଏହା କାର୍ଯ୍ୟକାରୀ ନ ହୁଏ, ତେବେ ଆସନ୍ତା କର୍ପୋରେଶନ ବୈଠକରେ କୌଣସି କର୍ପୋରେଟର ଯୋଗଦେବେ ନାହିଁ ବୋଲି ସେ କହିଛନ୍ତି।

### ଆସିଲେନି ବିଧାୟକ

ବୁଧବାର ବିଏମ୍‌ସି ଷ୍ଟାଣ୍ଡିଂ କମିଟି ନିର୍ବାଚନ ଶେଷ ହୋଇଛି। ତେବେ ଏହି ନିର୍ବାଚନରେ କୌଣସି ବିଧାୟକଙ୍କୁ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ୨ଥର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବି ନିର୍ବାଚନ କରାଯାଇ ନ ଥିଲା। ଏପରିକି ସ୍ଥାନୀୟ ବିଧାୟକ ନ ଥିବାରୁ ନିର୍ବାଚନ ହୋଇ ପାରୁ ନଥିବା ମଧ୍ୟ ସଫେଇ ଦିଆଯାଇଥିଲା। ମାତ୍ର ଚଳିତ ନିର୍ବାଚନ ବିଧାୟକଙ୍କ ବିନା ସମ୍ପୂର୍ଣ୍ଣ ହୋଇଥିଲା। ତେଣୁ ବିଧାୟକଙ୍କ ବାହାନା କରି କେଉଁ ସ୍ୱାର୍ଥରେ ନିର୍ବାଚନକୁ ଘୁଞ୍ଚା ଯାଉଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ବୁଝାଇବା ପରେ ମାନ ଭାଙ୍ଗିଲେ କମିଟି ଅଧ୍ୟକ୍ଷ

ଷ୍ଟାଣ୍ଡିଂ କମିଟି ମଧ୍ୟରେ ଏଷ୍ଟାବ୍ଲିଶ୍‌ମେଣ୍ଟ କମିଟି ଅଧ୍ୟକ୍ଷ ନିର୍ବାଚନକୁ ନେଇ ଅନିଶ୍ଚିତତା ଲାଗିରହିଥିଲା। ସମ୍ପୃକ୍ତ ବିଭାଗ ଅଧ୍ୟକ୍ଷ କୁମାରେନ୍ଦ୍ର ମହାପାତ୍ର ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ନିର୍ବାଚନରେ ସାମିଲ ହେବେ ନାହିଁ ବୋଲି କୁମାରେନ୍ଦ୍ର ସଫା ସଫା ଶୁଣାଇ ଦେଇଥିଲେ। ତେବେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପାଇଁ ମେୟର ଏବଂ ଅନ୍ୟ କର୍ପୋରେଟରମାନେ କୁମାରେନ୍ଦ୍ରଙ୍କୁ ବୁଝାଇଥିଲେ। ଶେଷରେ ସମସ୍ତ କର୍ପୋରେଟରଙ୍କ ସମର୍ଥନ ଏବଂ ମେୟରଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ କୁମାରେନ୍ଦ୍ର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିଲେ।

### କିଏ କେଉଁ କମିଟି ଅଧ୍ୟକ୍ଷ

ମେୟର ସୁଲୋଚନା ଦାସ କନ୍‌ଷ୍ଟ୍ରାକ୍ଟସ୍ କମିଟି, ପ୍ରୀତିନନ୍ଦା ରାଉତରାୟ ଟ୍ୟାକସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି, ବିରଞ୍ଚି ନାରାୟଣ ମହାସୂପକାର ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ଡ୍ରେନେଜ୍ ଓ ପରିବେଶ କମିଟି, ଅମରେଶ ଜେନା ୱାର୍କସ୍ ଡିପାର୍ଟମେଣ୍ଟ, ଶ୍ରୀଧର ଜେନା ଯୋଜନା ଏବଂ ବିକାଶ କମିଟି, ମିହିର ରାଉତ ଶିକ୍ଷା, ମନୋରଞ୍ଜନ ଏବଂ ସଂସ୍କୃତି କମିଟି, ପ୍ରେମାନନ୍ଦ ଜେନା ଲାଇସେନ୍ସ ଏବଂ ଅପିଲ୍ କମିଟି, କୁମାରେନ୍ଦ୍ର ମହାପାତ୍ର ଏଷ୍ଟାବ୍ଲିଶ୍‌ମେଣ୍ଟ କମିଟି, ବିନୟିନୀ ଜେନା ଅଭିଯୋଗ ଏବଂ ସାମାଜିକ ନ୍ୟାୟ କମିଟି ଓ ମହାମାୟା ସ୍ୱାଇଁ ସ୍ଲମ ରିସେଟଲମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

### ମେଡିକାଲରୁ ନାମାଙ୍କନ ପତ୍ର ପଠାଇଲେ ପ୍ରେମାନନ୍ଦ

ଲାଇସେନ୍ସ ଏବଂ ଅପିଲ ଷ୍ଟାଣ୍ଡିଂ କମିଟି ପାଇଁ ୱାର୍ଡ୨୦ର ପ୍ରେମାନନ୍ଦ ଜେନାଙ୍କୁ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ତେବେ ଗୁରୁତର ଆହତ ଥିବା କାରଣରୁ ସେ ନିର୍ବାଚନରେ ଅନୁପସ୍ଥିତ ଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ସେ ମେଡିକାଲରୁ ନିଜ ନାମାଙ୍କନପତ୍ର ଭରି ପଠାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦ନମ୍ବର ୱାର୍ଡର କର୍ପୋରେଟର ଜେନାଙ୍କୁ ୧୬ ତାରିଖ ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଆହତ ହୋଇଥିଲେ।

## ବ୍ରୋଞ୍ଜ ପଦକ ବିଜେତା ବନିତା ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କଲା କମିଶନରେଟ ପୋଲିସ

**ଭୁବନେଶ୍ୱର,୨୧।୬(ସୂର୍ଯ୍ୟକାନ୍ତ ବେହେରା):** କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୨ତମ ନ୍ୟାଶନାଲ ଇଣ୍ଟରଷ୍ଟେଟ ସିନିୟର ଆଥ୍‌ଲେଟ୍ ଚାମ୍ପିଆନଶିପ୍‌ରେ କମିଶନରେଟ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ବନିତା ଲାକ୍ରା ୪x୧୦୦ ମିଟର ରିଲେ ଦୌଡରେ ଭଲ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ସିପି, ଡିସିପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବନିତାଙ୍କୁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ବନିତା ୨୦୧୫ରେ କମିଶନରେଟ ପୋଲିସ ବିଭାଗରେ ଜଣେ କନଷ୍ଟେବଲ ଭାବେ ଯୋଗ ଦେବା ସହିତ ନିରବଚ୍ଛିନ୍ନ ଭାବେ ନିଜ କର୍ତ୍ତବ୍ୟ ତୁଲାଇ ଆସୁଛନ୍ତି। ୨୦୧୬ରେ କଳିଙ୍ଗ ଷ୍ଟାଡିୟମଠାରେ ଖେଳାଯାଇଥିବା ଏସିଆନ ଗେମ୍‌ସ୍‌ରେ ମଧ୍ୟ ୧୦୦ ମିଟର ଓ ୨୦୦ମିଟର ରିଲେ ଦୌଡରେ ସେ ରୌପ୍ୟ ପଦକ ଜିତିଥିଲେ। ଜାତୀୟ ଓ ଅନ୍ତର୍ଜାତୀକ ସ୍ତରରେ ପଦକ ଜିତିବା ଲାଗି ସେ ନିୟମିତ ଭାବେ ଦୁଇରୁ ତିନି ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି।





ପ୍ରୟାସ ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ ଯୋଗ ଦିବସ ପାଳନ ଅବସରରେ ଅଂଶଗ୍ରହଣକାରୀମାନେ ଯୋଗାସନ କରୁଛନ୍ତି।

## ଓୟୁଟିଆର୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା) :** ଓଡିଶା ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ ୟୁନିଭର୍ସିଟି ପକ୍ଷରୁ ନବମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ବହୁ ପ୍ରଫେସର, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ଯୋଗ ସମ୍ପର୍କରେ କହିଥିଲେ। ସୁସ୍ଥ ରହିବା ଏବଂ ଏକାଗ୍ରତାକୁ ଉନ୍ନତ କରିବା ପାଇଁ ସେ ଛାତ୍ରମାନଙ୍କୁ ନିୟମିତ ଯୋଗ ଅଭ୍ୟାସ କରିବାକୁ ଉତ୍ସାହିତ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରଞ୍ଜନ କୁମାର ଜେନା ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଫାଇନାନ୍ସ ଅଫିସର ପ୍ରଫେସର ପିକେ ପରିଡ଼ା ଓ ବିଶ୍ୱବିଦ୍ୟାଳୟର ସମସ୍ତ ଡିନ୍ ସେମାନଙ୍କ ଜୀବନରେ ଯୋଗର ମହତ୍ତ୍ୱ ଏବଂ ଶରୀର ଓ ମନ ମଧ୍ୟରେ ସମନ୍ୱୟ କିପରି ବଜାୟ ରଖିବେ ତାହା ବୁଝାଇଥିଲେ। ଯୋଗ ପ୍ରଶିକ୍ଷକ ଅମୃତାଂଶୁ ପ୍ରଧାନ ତଥା ଛାତ୍ର ସଂଗଠନର ଉପାଧ୍ୟକ୍ଷ ଦୀପକ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପ୍ରାଚୀନ କାଳରୁ ଭାରତରେ ଯୋଗ ଆରମ୍ଭ ହୋଇଥିଲା

### କିଟ୍ ଓ କିସ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା) :** କିଟ୍ ଓ କିସ୍‌ରେ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ଥିଲା 'ବସୁଧୈବ କୁଟୁମ୍ବକମ'। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଲେ, ପ୍ରାଚୀନ କାଳରୁ ଭାରତରେ ଯୋଗ ଆରମ୍ଭ ହୋଇଥିଲା। ଯୋଗକୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବାରେ ଭାରତ ନେତୃତ୍ୱ ନେଇ ଆସିଛି ବୋଲି ପ୍ରଫେସର ସାମନ୍ତ କହିଥିଲେ। ପ୍ରାତଃରେ ଅନୁଷ୍ଠିତ ଯୋଗାଭ୍ୟାସ ଶିବିରର ଆୟୋଜନ କରାଯାଇଥିଲା। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, ବିଭାଗୀୟ ଡିନ୍, ନିର୍ଦ୍ଦେଶକଙ୍କ ସମେତ କିଟ, କିସ୍ ଓ କିମ୍ସର ପ୍ରାୟ ୫ହଜାର ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇ ଯୋଗାଭ୍ୟାସ କରିଥିଲେ।



କିଟ୍ ଓ କିସ୍ ପକ୍ଷରୁ ଅନୁଷ୍ଠିତ ଯୋଗ ଶିବିର।

## ଚାପଗ୍ରସ୍ତ ଦୁନିଆରେ ଯୋଗର ମହତ୍ତ୍ୱ ରହିଛି




**ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ଏହା ଶରୀରକୁ ନୂତନ ଶକ୍ତି ଯୋଗାଣର ଆଧାର। ସାମ୍ପ୍ରତିକ ଚାପଗ୍ରସ୍ତ ଦୁନିଆରେ ଯୋଗର ମହତ୍ତ୍ୱ ଓ ବେଶ୍ ପ୍ରାସଙ୍ଗିକତା ରହିଛି। ଭାରତର ପ୍ରାଚୀନ ସଂସ୍କୃତିରୁ ଆସିଥିବା ଏହି ଯୋଗ ପରମ୍ପରାକୁ ବିଶ୍ୱସ୍ତରରେ ଆପଣା ଯିବା ଉଚିତ। ଯୋଗ ଦ୍ୱାରା ଦେହ ସୁସ୍ଥ ରହିବା ସହ ଆୟୁଷ ଓ ବଳ ବୃଦ୍ଧି ପାଇଥାଏ ବୋଲି ଭାରତୀୟ ଯୋଗ ସଂସ୍ଥାନ ଇନ୍ଦିରା ପାର୍କ ମୁଖ୍ୟ ପ୍ରଦୀପ ପ୍ରଧାନ ମତପ୍ରକାଶ କରିଛନ୍ତି। ବିଶ୍ୱ ଯୋଗଦିବସ ଅବସରରେ ସଂସ୍ଥାନ ତରଫରୁ ଭୁବନେଶ୍ୱର ଶହୀଦନଗରସ୍ଥିତ ଇନ୍ଦିରା ପାର୍କଠାରେ ସ୍ୱତନ୍ତ୍ର ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଯୋଗସଂସ୍ଥାନର ସଦସ୍ୟଙ୍କ ସହ ପାର୍କର ସଦସ୍ୟମାନେ ସାମିଲ ହୋଇଥିଲେ।

## ଆଇଏଲ୍‌ଏସ୍‌ରେ ଯୋଗ ଦିବସ ପାଳିତ



**ଭୁବନେଶ୍ୱର, ୨୧।୬ (ଅନୁରାଧା ମହାରଣା):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ (ଆଇଏଲଏସ୍) ପକ୍ଷରୁ ବୁଧବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାନବ ଶରୀର, ଶ୍ୱାସକ୍ରିୟା ଓ ମନ ଉପରେ ଯୋଗର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା।ଡ.ମନୋରମା ପାଣିଗ୍ରାହୀ ଓ ନାନ୍‌ସୀ ଶର୍ମା ଏହାକୁ ପରିଚାଳନା କରିବା ସହ ଘରେ ଓ କର୍ମକ୍ଷେତ୍ରରେ କେଉଁସବୁ ଯୋଗ କରାଯାଇପାରିବ ସେନେଇ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। 'ଗୋଟିଏ ପୃଥିବୀ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ'କୁ ନେଇ ସେମାନେ ସମ୍ବୋଧିତ କରିଥିଲେ। ଆଇଏଲ୍‌ଏସ୍‌ର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ଚଳିତବର୍ଷର ବିଷୟବସ୍ତୁ 'ମାନବିକତା ପାଇଁ ଯୋଗ' ଉପରେ ମତ ରଖିଥିଲେ। ଯୋଗର ଉପକାରିତା ଉପରେ ଗୁରୁତ୍ୱାରୋପ କରିବା ସହ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତା ପାଇଁ ଯୋଗର ଭୂମିକା ସମ୍ପର୍କରେ କହିଥିଲେ। ଡ. ରାଜୀବ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇଏଲ୍‌ଏସର ବୈଜ୍ଞାନିକ, ଛାତ୍ର ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଆଧୁନିକ ଚିକିତ୍ସାରେ ଯୋଗର ସାମିଲ ବଡ଼ ଆହ୍ୱାନ

**ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ):** ଆରୋଗ୍ୟ ପ୍ରକ୍ରିୟାକୁ ଶୀଘ୍ର ତଥା ଉନ୍ନତ କରିବା ନିମନ୍ତେ ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଯୋଗକୁ ସାମିଲ କରିବା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ନିଜକୁ ଶାନ୍ତ ରଖିବା ତଥା ମାନସିକ ଚାପକୁ ନିୟନ୍ତ୍ରଣ କରିବାରେ ଯୋଗ ଏକ ବିଶେଷ ଭୂମିକା ଗ୍ରହଣ କରିଥାଏ। ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରେ ଦ୍ରୁତ ଆରୋଗ୍ୟ ପ୍ରଦାନରେ ମଧ୍ୟ ଯୋଗର ଭୂମିକା ଅନସ୍ୱୀକାର୍ଯ୍ୟ। ବୁଧବାର ଏମ୍ସ ଭୁବନେଶ୍ୱର ପରିସରରେ ଆୟୁଷ ବିଭାଗ ପକ୍ଷରୁ ୯ମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହା କହିଛନ୍ତି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ମେଡିକାଲ ଅଙ୍କୋଲୋଜି, ଜେନେରାଲ ସର୍ଜରୀ ଓ କାର୍ଡିଓଲୋଜି ଆଦି ବିଭାଗ ବିଭିନ୍ନ ଚିକିତ୍ସା ପ୍ରକ୍ରିୟାରେ ଯୋଗକୁ ଅନ୍ତର୍ଭୁକ୍ତ କରିବା ସହିତ ସୁଫଳ ପାଇଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି।

'ବିଶ୍ୱ ଗୋଟିଏ ପରିବାର ପାଇଁ ଯୋଗ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଏମ୍ସ ଡିନ୍ ଡ. ପି. ଆର୍. ମହାପାତ୍ର, ଭାରପ୍ରାପ୍ତ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଆୟୁଷ ବିଭାଗ ମୁଖ୍ୟ ତଥା ଏସ୍‌ଏମ୍‌ଓ ଡ. ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧ୍ୟାପିକାଅଧ୍ୟାପକ, ଡାକ୍ତରୀ, ନର୍ସିଂ, ପାରା ମେଡିକାଲ ଛାତ୍ରୀଛାତ୍ର, କର୍ମଚାରୀ ଓ ଜନସାଧାରଣ ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗାଭ୍ୟାସ କରାଇଥିବାବେଳେ ଡ. ଶୁଭାଶିଷ ସରକାର ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍ସ ଭୁବନେଶ୍ୱର ପରିସରରେ ଯୋଗ ଦିବସ




## ସ୍ୱସ୍ତିକ ଯୋଗ ଶିବିରରେ ୯ମ ଯୋଗ ଦିବସ

**ଭୁବନେଶ୍ୱର,୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ସ୍ୱସ୍ତିକ ଯୋଗ ଶିବିରରେ ବୁଧବାର ୯ମ ଯୋଗ ଦିବସ ପାଳିତ ହୋଇଯାଇଛି। ଗୁରୁ ପ୍ରତାପ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଯୋଗ ଅଧିବେଶନରେ ଶିବିରର ସମସ୍ତ ସଦସ୍ୟଙ୍କ ସହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୋଗ ଗୁରୁ ମିଶ୍ର ବିଭିନ୍ନ ଯୋଗ କ୍ରିୟା ଓ ସୁସ୍ଥ ଜୀବନଯାପନରେ ଯୋଗର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଶିବିରର ସଦସ୍ୟ ସୁବାସ ସାହୁ, ପ୍ରଦୀପ ରାଉତ, ସୁଦୀପ୍ତ ମହାନ୍ତି, ରବୀନ ଅଶୋକ, ସୋନୁ ଷଡ଼ଙ୍ଗୀ, ସ୍ନେହାଞ୍ଜଳି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଙ୍କୀ କଲେଜର ଶିକ୍ଷାଦାନ ସମ୍ପର୍କରେ ସମୀକ୍ଷା ବୈଠକ

**ବାଙ୍କୀ,୨୧।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ନୂତନ ଶିକ୍ଷାବର୍ଷ ଅବସରରେ ସମୀକ୍ଷା ବୈଠକ କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଚଳିତ ଶିକ୍ଷାବର୍ଷରେ କଲେଜରେ ନୂତନ ଭାବେ ଖୋଲା ଯାଇଥିବା ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଯୁକ୍ତ ୨ ଅଧକ୍ଷ ରାଜକିଶୋର ପାଲ୍ ବୈଠକର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନୂତନ ଶିକ୍ଷାବର୍ଷରେ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା କିପରି ହୋଇପାରିବ, ନୂତନ ବିଷୟବସ୍ତୁ ଅନୁସାରେ ପାଠପଢ଼ା ଓ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପକ ନିରଞ୍ଜନ ମହାନ୍ତି ଯୋଗଦାନ କରି ଆଗାମୀ ବର୍ଷରେ କିପରି ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଭଲ ନମ୍ବର ରଖିବେ ସେଥିପାଇଁ ସମସ୍ତ ଅଧାପିକାଅଧାପକ ଦୃଷ୍ଟି ଦେବାକୁ କହିଥିଲେ। ଆଲୋଚନାଚକ୍ରରେ କ୍ୟାପଟେନ୍ ଗୁରୁବାରୀ ସାହୁ ଭାଗନେଇ ଏନ୍‌ସିସି ପାଠ୍ୟକ୍ରମ ଚଳିତବର୍ଷଠାରୁ ଖୋଲିବାକୁ କହିଥିଲେ। ଅଧାପକ ଯୋଗୀନାଥ ମଲ୍ଲିକ, ପ୍ରଭାତ କୁମାର ବଳିୟାରସିଂହ ସେମାନଙ୍କ ନିଜସ୍ୱ ମତ ରଖିଥିଲେ। ଡ. ଶୈଳେନ୍ଦ୍ର ନାରାୟଣ ଦେଓ ଧନ୍ୟବାଦ ଦେଇଥିଲେ।

### ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ, ଏନ୍‌ଏସି ପକ୍ଷରୁ ଭତ୍ତା ବଣ୍ଟନ

**ଆଠଗଡ଼,୨୧।୬(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ବ୍ଲକ ଓ ଏନ୍‌ଏସି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ଲକ ଅନ୍ତର୍ଗତ ୧୮ନଂ. ଜିଲା ପରିଷଦ ଜୋନର ବଡଭୂଇଁ, ଜେନାପଦା, ଇଚ୍ଛାପୁର, ଖୁଣ୍ଟକଟା, ସମସରପୁର, ସଠିଲୋ, ଦୋରଡ଼, କୁଲାଇଲୋ, ଯୋରନ୍ଦା, ତରଡ଼ିଙ୍ଗର ବିଭିନ୍ନ ଗ୍ରାମର ୫୮୯ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ଆଠଗଡ଼ ଏନ୍‌ଏସିର ବିଭିନ୍ନ ୱାର୍ଡର ୫୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତଙ୍କୁ ୩ ମାସର ଭତ୍ତା ପ୍ରଦାନ କରିଥିଲେ। ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ନୂତନ ଭାବେ ପ୍ରଚଳିତ ମୋ ଘର ଯୋଜନା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ଼ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି, କୃଷିମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ଆଠଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୀପ୍ତିମୟୀ ବେହେରା, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡା ପ୍ରମୁଖ ଯୋଗଦାନ କରିଥିଲେ।

### ରିଟେଲର ନରେନ୍ଦ୍ର ସାମଲଙ୍କୁ ଶ୍ରଦ୍ଧାଞ୍ଜଳି

**ମାହାଙ୍ଗା,୨୧।୬ (ଯଯାତି ସିଂହ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡପଡ଼ାଠାରେ ରିଟେଲର ସଂଘ ପକ୍ଷରୁ ପଲ୍ଲିସାହି ରିଟେଲର ନରେନ୍ଦ୍ର ସାମଲଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘ ସଭାପତି ଭାସ୍କର ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରତ୍ନାକର ସେଠୀ, ନିଶାକର ରାଉତ, ଶ୍ରୀରାମ ସାହୁ, ବାବାଜି ସେଠୀ, ଅରୁଣ କୁମାର ରାଉତ, ମହେନ୍ଦ୍ର ଦାସ, ସୁକାନ୍ତ ପୃଷ୍ଟି, କେଶବ ପ୍ରଧାନ, ନାରାୟଣ ଦାସ, ବିକ୍ରମ ସ୍ୱାଇଁଙ୍କ ସମେତ ବହୁ ରିଟେଲର ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ୫ ବର୍ଷ ବିତିଲା: ମିଶନ ଶକ୍ତି ଗୃହ ନିର୍ମାଣ ସରୁନାହିଁ

**ନିଶ୍ଚିନ୍ତକୋଇଲି,୨୧।୬ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ ସାଙ୍କିଲୋଠାରେ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ମନ୍ଥର ଗତିରେ ଚାଲିଥିବା ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଇ ସରକାରୀ ଅର୍ଥ ହଡପ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୩୦ ତାରିଖ ରାଜ୍ୟ ମିଶନ ଶକ୍ତି ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ କଟରପଡ଼ା ସମିତିସଭ୍ୟା ସ୍ୱାଗତିକା ନାୟକ ଚେତାବନୀ ଦେଇଛନ୍ତି।

କଟରପଡା ପଞ୍ଚାୟତରେ ଅନନ୍ୟା ମହିଳା ଅନୁଷ୍ଠାନ ନାମରେ ପ୍ରଥମେ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପରେ ପଞ୍ଚାୟତକୁ ମହିଳା ମିଶନ ଶକ୍ତିର ଏକ ଗୃହ ନିର୍ମାଣ ନିମନ୍ତେ ସରକାର ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପୂର୍ବରୁ ମହିଳା ସଙ୍ଗଠନ କରିଥିବା ଘରର ପୂର୍ଣ୍ଣାଙ୍ଗ ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଥିଲା। ତେବେ ମହିଳା



କାର୍ଯ୍ୟ ଶେଷ ହୋଇ ନ ଥିବା ମିଶନଶକ୍ତି ଗୃହ।

ମହାସଂଘ ଓ ମହିଳା ସଙ୍ଗଠନ ୨ ଗୋଷ୍ଠୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା। ଘରର ପୂର୍ଣ୍ଣାଙ୍ଗ କାର୍ଯ୍ୟ ପରେ ମହିଳା ସଙ୍ଗଠନ କି ମହିଳା ମହାସଂଘ କେହି ବି ବ୍ୟବହାର କରି ପାରି ନ ଥିଲେ। ଫଳସ୍ୱରୂପ କାମ ହେଇ ମଧ୍ୟ କାମରେ ଆସୁନି ମିଶନ ଶକ୍ତି ଗୃହ ବୋଲି ପଞ୍ଚାୟତ ତମାମ ଚର୍ଚ୍ଚା ଲାଗି ରହିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୫ ବର୍ଷ ବିତିବାକୁ ବସିଥିଲା ବେଳେ ଏ ପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି। ତେବେ ବିଭାଗୀୟ ଅଧିକାରୀ ଅଟକଳ ଅନୁଯାୟୀ ଏହି ଗୃହ ନିର୍ମାଣ କାର୍ଯ୍ୟ କରି ନ ଥିବା ଅଭିଯୋଗ ହୋଇଛି। ଗୃହ ନିର୍ମାଣ କାମରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସେହିପରି ଭାବେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା ବେଳେ କାନ୍ଥରୁ ରଙ୍ଗ ଓ ବାଲି ସିମେଣ୍ଟ ଛାଡିବାକୁ ଆରମ୍ଭ କଲାଣି। ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଇଥିବା ଅଭିଯୋଗ ଉପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅଜିତ କୁମାର ତ୍ରିପାଠୀ ନିଶ୍ଚିନ୍ତକୋଇଲି ବିଡିଓଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ନିର୍ମାଣ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହେଉଥିବା ସମିତିସଭ୍ୟ ନାୟକ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ଗୃହ ନିର୍ମାଣନିମନ୍ତେ ୮ ଲକ୍ଷ ୮୦ ହଜାର ମଞ୍ଜୁର ହୋଇଥିଲା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଏ ପର୍ଯ୍ୟନ୍ତ କାମ ଶେଷ ହୋଇପାରୁ ନାହିଁ ବୋଲି ମଧ୍ୟ ନାୟକ ଅଭିଯୋଗ କରିଛନ୍ତି। ଏ



ସଚିବଙ୍କୁ ସମିତିସଭ୍ୟା ଲେଖିଥିବା ଚିଠି।

**ବିଭାଗୀୟ ସଚିବଙ୍କୁ ଅଭିଯୋଗ**

**ଆମରଣ ଅନଶନ ଚେତାବନୀ ଦେଲେ ସମିତିସଭ୍ୟା**

ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ନାୟକ ଭୁବନେଶ୍ୱରସ୍ଥିତ ମହିଳା ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୩୦ ତାରିଖରେ ଆମରଣ ଅନଶନ କରିବେ ବୋଲି ମହିଳା ମିଶନ ଶକ୍ତି କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଗୃହ କାର୍ଯ୍ୟ ଆପାତତଃ ଶେଷ ହୋଇଛି। କିଛି ସମସ୍ୟା ପାଇଁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ସମାଧାନ ପାଇଁ ନିକଟରେ ବିଡିଓ ସମ୍ପୃକ୍ତ ପଞ୍ଚାୟତକୁ ଯାଇ ସରଜମିନରେ ଅଭିଯୋଗର ତଦନ୍ତ କରିଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପଚାରିବାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ନିକଟରେ ଜିଲା ଅଧିକାରୀଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବିଦେଶୀ ମଦ ଜବତ, ୩ ବ୍ୟବସାୟୀ ଗିରଫ

**ସାଲେପୁର,୨୧।୬ (ଅରବିନ୍ଦ ଭୂୟାଁ)**

ସାଲେପୁର, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରି ୫୬ ଲିଟର ବିୟର ଓ ୯.୭୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ୩ ବ୍ୟବସାୟୀଙ୍କୁ ବୁଧବାର ଗିରଫ କରାଯାଇଛି। ସାଲେପୁର ଅବକାରୀ ନିରୀକ୍ଷକ ମାନସୀ ନାୟକଙ୍କ ନେତୃତ୍ୱରେ ସାଲେପୁର ଅତିରିକ୍ତ ଅବକାରୀ ନିରୀକ୍ଷକ ତେଲେଙ୍ଗର ଲାକ୍ରା ଓ ନିଶ୍ଚିନ୍ତକୋଇଲି ଅବକାରୀ ଅତିରିକ୍ତ ନିରୀକ୍ଷକ ରାଜକିଶୋର ଜେନାଙ୍କ ସମେତ ୧୦ଜଣିଆ ସ୍ୱତନ୍ତ୍ର ଟିମ୍ ସାଲେପୁର, ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏଥିରେ ସାଲେପୁର ବ୍ଲକ ଶିଶୁଆ ବଜାରରେ ଥିବା ଚିତ୍ତରଞ୍ଜନ ଦାଶଙ୍କ ଚୋରା ମଦ ଦୋକାନରୁ ୩୯ ଲିଟର ଚୋରା ବିୟର ଜବତ କରାଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକର ରାମକୃଷ୍ଣପୁର ଗ୍ରାମର ଅଶୋକ ସାମଲଙ୍କ ଘରୁ ୧୫ ଲିଟର ୬୦୦ ଗ୍ରାମର ଚୋରା ବିୟର ଜବତ କରିବା ସହ ତାଙ୍କୁ ଗିରଫ କରିଥିବାବେଳେ ଏକରୁଖି ଗ୍ରାମର ପ୍ରଭାକର ବେଜଙ୍କ ଘରେ ଚଢ଼ାଉ କରାଯାଇ ୪ ଲିଟର ୭୦୦ ମିଲିଲିଟର ବିଦେଶୀ ମଦ ଜବତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି ସାଲେପୁର ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନିଜିଗଡ଼ର ପ୍ରସନ୍ନମଣିଙ୍କ ବାସି ରଥଯାତ୍ରା



ବଡ଼ଦାଣ୍ଡରେ ତିନି ରଥରେ ରଥାରୂଢ଼ ଶ୍ରୀ ବଳଭଦ୍ର, ଭଉଣୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ।

**ଟିଗିରିଆ, ୨୧।୬ (ଜାଫର ଖାଁ)**

ଟିଗିରିଆ ନିଜିଗଡ଼ର ଆରାଧ୍ୟ ଦେବତା ପ୍ରଭୁ ପ୍ରସନ୍ନମଣିଙ୍କର ନିଆରା ବାସି ରଥଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ଟିଗିରିଆ ରାଜା ଶ୍ରୀକ୍ଷେତ୍ର ରଥଯାତ୍ରାରେ ଶ୍ରୀଜୀଉମାନଙ୍କର ସେବା କରିଥାନ୍ତି। ସେଠାରୁ ଆଜ୍ଞାମାଳ ଧରି ଟିଗିରିଆ ଫେରିଲା ପରେ ପରଦିନ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପୁରୁଣା ପରମ୍ପରା ଅନୁସାରେ ବୁଧବାର ବି ଟିଗିରିଆରେ ପୁରୀ ରଥଯାତ୍ରା ପରଦିନ ରଥଟଣା ଅନୁଷ୍ଠିତ ହୋଇଛି। ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସମସ୍ତ ନୀତିକାନ୍ତି କରାଯାଇ ସେବାୟତମାନଙ୍କ ଦ୍ୱାରା ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ସନ୍ଧ୍ୟାରେ ଟିଗିରିଆର ବର୍ତ୍ତମାନର ରାଜା ଶ୍ରୀବୀର ପ୍ରତାପ କ୍ଷେତ୍ରୀୟ ବୀରବର ଚମ୍ପତି ସିଂହମହାପାତ୍ର ରଥରେ ଛେରାପହଁରା କାର୍ଯ୍ୟ ଶେଷ କରିଥିଲେ। ପ୍ରସନ୍ନମଣି ରଥାରୂଢ ହୋଇ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ବୁଧବାର ରଥରେ ପ୍ରସନ୍ନମଣିଙ୍କର ସମସ୍ତ ନୀତିକାନ୍ତି କରାଯାଇ ଅପରାହ୍ନରେ ରଥଟଣା ହୋଇଥିଲା। ସନ୍ଧ୍ୟା ସୁଦ୍ଧା ୩ ରଥ ଥାନା ଛକରେ ଥିବା ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ରଥ ଟାଣିବା ଓ ରଥଯାତ୍ରା ଦେଖିବାକୁ ଟିଗିରିଆ ଓ ଆଖପାଖ ଅଞ୍ଚଳର ବହୁ ଜନସମାଗମ ଦେଖିବାକୁ ମିଳିଥିଲା। ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଟିଗିରିଆ ଥାନା ଅଧିକାରୀ ସୁଚିତ୍ରା ଜେନା ଉପସ୍ଥିତରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ମହାବୀର କ୍ଲବ ସର୍କଲର ୩୩ ତମ ବାର୍ଷିକ ଉତ୍ସବ

**ମାହାଙ୍ଗା : ୨୧।୬(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଗୋଡରାଠାରେ ଥିବା ମହାବୀର କ୍ଲବ ସର୍କଲର ୩୩ତମ ବାର୍ଷିକ ଉତ୍ସବ ମା' ଅସୁଲେଶ୍ୱରୀ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ମାନୀତ ଅତିଥି ଭାବେ ନବପ୍ରଭାତ ଶିକ୍ଷାନୁଷ୍ଠାନର ଅଧକ୍ଷ ମାନଗୋବିନ୍ଦ ପଣ୍ଡା, ମୁଖ୍ୟବକ୍ତା ଭାବେ ଅଭିନବ କଟକ ରୋଟାରୀ କ୍ଲବ ସଭାପତି ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟକାର, କଣ୍ଠଶିଳ୍ପୀ, ବାଦ୍ୟଯନ୍ତ୍ର ନିର୍ମାତା ଚକ୍ରଧର ସୂତାରଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁକଦେବ ନାଟ୍ୟଗୁରୁ ସମ୍ମାନରେ ସମ୍ମାନୀତ କରାଯାଇଛି। ସେହିପରି ଅନୁଷ୍ଠାନ ପକ୍ଷରୁ କୃତୀ ଛାତ୍ରୀଛାତ୍ର ଚୌଧୁରୀ ସତ୍ୟବ୍ରତ ପ୍ରହରାଜ, ସୁଭଦ୍ରା ସାମଲ, ଶୁଭଶ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀ ରୂପେ ସ୍ୱାଗତିକା ନାୟକ, ଡ. ମୋନାଲିସା ନାୟକ ଏବଂ ଶିକ୍ଷକ ଗୌରବ ପ୍ରମୋଦ କୁମାର ବେହେରା, ନାଟ୍ୟକାର ରାଜେଶ ରାଉତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପଙ୍କଜିନୀ ଜେନା ଅତିଥି ପରିଚୟ, ସଂସଦ ସମ୍ପାଦକ ରାକେଶ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ଅନନ୍ୟ

**ଆଠଗଡ଼, ୨୧।୬(ସତ୍ୟ ପ୍ରସାଦ ରଥ)**

ଜଗନ୍ନାଥ ସଂସ୍କୃତିରେ ମାନବୀୟ ବାର୍ତ୍ତା ସମଗ୍ର ବିଶ୍ୱରେ ଅନନ୍ୟ ଓ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାର ମହାନ୍ ପରମ୍ପରା ପାଇଁ ସମଗ୍ର ବିଶ୍ୱରେ ଜନାଦୃତ ହୋଇଛି ବୋଲି ଆଠଗଡ଼ର ଅଗ୍ରଣୀ ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଶୋ ସଂସ୍ଥାର ୪୪ତମ ବାର୍ଷିକୀ ଉତ୍ସବ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆଠଗଡ଼ ଗଡ଼ଜାତର ପ୍ରତୀକ ଶ୍ରୀଅଚ୍ଚାଳୀ ଜଗନ୍ନାଥଙ୍କର ରଥଯାତ୍ରା ଉପଲକ୍ଷେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ମାଉସୀ ମା' ମନ୍ଦିରରେ ସଂସ୍ଥା ପକ୍ଷରୁ ୪୪ବର୍ଷ ଧରି ୮ଦିନ ବ୍ୟାପୀ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥାଏ। ଶ୍ରୀଗୁଣ୍ଡିଚା ଉପଲକ୍ଷେ ମଙ୍ଗଳବାର ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ସଂସ୍ଥାର ସଭାପତି ଶ୍ରୀଧର ରଥଙ୍କ ପୌରୋହିତ୍ୟ ଓ ସମ୍ପାଦକ ପାର୍ଥସାରଥି ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ସଭାରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରେ ସଂସ୍ଥାର ଦିବଂଗତ ସଭ୍ୟ ଓ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଭାରପ୍ରାପ୍ତ ଉପ-ଜିଲାପାଳ ଦୀପ୍ତିମୟୀ ବେହେରା, ପୂର୍ବତନ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ସଂସ୍ଥା ଉପସଭାପତି ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଉପଜିଲାପାଳଙ୍କୁ ଉତ୍ତରୀୟ, ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ସାଥୀ ଭଜନ ପରିବେଷଣ କରିଥିଲେ।



ବାର୍ଷିକ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ଯୋଗ କଲେ ମଣିଷ ସୁସ୍ଥ, ନୀରୋଗ ହେବ

**ବାଙ୍କୀ,୨୧।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)/ବଡ଼ମ୍ବା,(ମାୟାଧର ମଲ୍ଲିକ)/ /ଟିଗିରିଆ,(ଜାଫର ଖାଁ)/ ସାଲେପୁର,(ଅରବିନ୍ଦ ଭୂୟାଁ)/ ମାଣିଆବନ୍ଧ,(ଅଖିଳ କୁମାର ସାହୁ)/କଣ୍ଟାପଡା, (ସୁର ନାରାୟଣ ସାହୁ)/ ଚୌଦ୍ୱାର,(ଆଶୁତୋଷ ଦାସ)**

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ସାମନ୍ତରାପୁର ଇନ୍ଦିରାପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବାଙ୍କୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଓ କଟକ ନେହେରୁ ଯୁବ ସଙ୍ଗଠନର ମିଳିତ ସହଯୋଗରେ ଏବଂ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ଦାସ ଓ ସହଯୋଗୀ ଗଙ୍ଗାଧର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ ଦେଇ ଯୋଗାଭ୍ୟାସ କରିଥିଲେ। ଯୋଗ ଶିକ୍ଷକ କୁମାର ଅମୀୟ ଓ ଜେଡ୍ ଫାଉଣ୍ଡେଶନ୍ ଯୋଗକେନ୍ଦ୍ରର ଛାତ୍ରୀ ତେଜସ୍ୱିନୀ ଲେଙ୍କା ବିଭିନ୍ନ ପ୍ରକାରର ଯୋଗ, ସୂର୍ଯ୍ୟ ନମସ୍କାର, ଆସନ ଓ ପ୍ରାଣାୟମ ଆଦି ଶିଖାଇ ଥିଲେ। ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଷଡଙ୍ଗୀ ସଭାପତିତ୍ୱ କରିଥିଲେ।



ଟିଗିରିଆ ଶିଶୁ ମନ୍ଦିରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ କରୁଛନ୍ତି।

ମୁଖ୍ୟ ଅତିଥି ଭାବେ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଯୋଗ କରିବା ଦ୍ୱାରା ମଣିଷ ସୁସ୍ଥ ଓ ନୀରୋଗ ହୋଇପାରିବ। ସେହିପରି ବାଙ୍କୀ ଭାଜପା କାର୍ଯ୍ୟାଳୟଠାରେ ଯୋଗ ଦିବସରେ ଆୟୋଜିତ ଶିବିରକୁ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ବିପିନ ବିହାରୀ ସ୍ୱାଇଁ ଯୋଗ ପ୍ରଦର୍ଶନ କରିଥିଲେ।

ବଡ଼ମ୍ବାସ୍ଥିତ ପ୍ରାଣ ଯୋଗ ପ୍ରତିଷ୍ଠାନ ଓ ତାଲୁକ ଆଇନସେବା କମିଟି, ବଡ଼ମ୍ବା ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ କଲେଜ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ମ୍ବା ଶାଖା ମୁଖ୍ୟ ବ୍ରହ୍ମା କୁମାରୀ ସବିତା ଭଉଣୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓକିଲ ସଂଘ ପ୍ରାକ୍ତନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଏନ୍‌ସିସି ଅଫିସର କ୍ୟାପଟେନ ସୁଧୀର କୁମାର ମହାରଣା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ମହିଳା ପତଞ୍ଜଳି ଯୋଗ ସମିତି ବଡ଼ମ୍ବା ତହସିଲ ପ୍ରଭାରୀ ପ୍ରବୀଣା ମହାନ୍ତି ଯୋଗଦେଇଥିଲେ। ସେହିପରି ବଡ଼ମ୍ବା ତାଲୁକ ଆଇନ ଶୋ କମିଟି ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। କମିଟି ଅଧକ୍ଷା ତଥା ଜେଏମଏଫସି ବଡ଼ମ୍ବା ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯୋଗ ଦିବସରେ ଓକିଲ, କୋର୍ଟ କର୍ମଚାରୀ ଯୋଗଦେଇ ବିଭିନ୍ନ ଯୋଗ କରିଥିଲେ।

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଶିଶୁମନ୍ଦିର ପରିସରରେ ବୁଧବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ନୂଆପାଟଣା ଯୋଗ ଜିଲାର ୧୬ ଟି ଯୋଗ କେନ୍ଦ୍ର ପକ୍ଷରୁ ଆୟୋଜିତ ଯୋଗ ଦିବସରେ ସମସ୍ତ ଯୋଗକେନ୍ଦ୍ରର ସାଧିକାସାଧକ ଓ ଶିଶୁମନ୍ଦିରର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଯୋଗ ଜିଲାର ପ୍ରଧାନ ଦୁର୍ଯ୍ୟୋଧନ ସାହୁ, ଉପପ୍ରଧାନ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ମନ୍ତ୍ରୀ ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଜିଲା ସଙ୍ଗଠନ ମନ୍ତ୍ରୀ ପ୍ରଭାକର ରାଉତ, ଜିଲା ପ୍ରଶିକ୍ଷକ ପଦ୍ମନାଭ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୁଧବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଯୋଗାଭ୍ୟାସ କରିଥିଲେ। ଅପରାହ୍ନ ୧ଟାରେ ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ଅଧକ୍ଷତାରେ ଯୋଗ ଦିବସ ଉପଲକ୍ଷେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପତଞ୍ଜଳି ଯୋଗ ସମିତି ଓ କୃଷକ ସେବା ସମିତିର ରାଜ୍ୟ ପ୍ରଭାରୀ ଏସ୍‌ପିଡିଆର ମହାପାତ୍ର ଯୋଗଦେଇ ଯୋଗ ମନୁଷ୍ୟ ଜୀବନର ଏକ ଅନିବାର୍ଯ୍ୟ ଦିନଚର୍ଯ୍ୟା କହିଥିଲେ। ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ପତଞ୍ଜଳି ଯୋଗ ପରିବାର ସାଲେପୁର ଶାଖା ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଲେପୁର ତହସିଲର ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଡ. ବ୍ରଜବନ୍ଧୁ ଚିନ୍ନରା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପତଞ୍ଜଳି ଯୋଗ ସମିତିର ସାଲେପୁର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତି, କାମଦେବ କର ଯୋଗ ଶିକ୍ଷକ ଭାବେ ଯୋଗ ଶିକ୍ଷା ଦେଇଥିଲେ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ବଡ଼ମ୍ବା ଟେନିସ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ରମେଶ ଚନ୍ଦ୍ର ବେହେରା ଓ ପତଞ୍ଜଳି ଯୋଗ ସମିତି ସଂଯୋଜକ ସନ୍ତୋଷ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୋଗିକ ସାଇନ୍ସର ଯୋଗ ଓ ପ୍ରାକୃତିକ ଚିକିତ୍ସକ ସୁରେନ୍ଦ୍ର ପ୍ରଧାନ, ନିବେଦିତା ସାହୁ ଯୋଗଦେଇଥିଲେ। ଯୋଗଶାଳାରେ ଅନୁଷ୍ଠାନର ଛାତ୍ରୀଛାତ୍ର, କର୍ମଚାରୀ ଓ ଚିକିତ୍ସାଧୀନ ଦିବ୍ୟାଙ୍ଗମାନେ ଯୋଗାଭ୍ୟାସ କରିଥିଲେ। ଏସ୍‌ଭି ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର କୁମାର ମହାପାତ୍ର, ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂ. ସତ୍ୟଜିତ୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାର କଲେଜ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଧାପକ ପ୍ରଭାକର ମିଶ୍ର, ଡ. ପ୍ରଭାବତୀ ପଢିଆରୀ, ସଞ୍ଜୟ ଧଳ ଓ ଅନ୍ୟମାନେ ଯୋଗ ଦେଇଥିଲେ। ବୈଦ୍ୟନାଥ ନାୟକ ଧନ୍ୟବାଦ ଦେଇଥିଲେ।




ପତଞ୍ଜଳି ପକ୍ଷରୁ ସାଲେପୁରରେ ଅନୁଷ୍ଠିତ ଶିବିରରେ ଲୋକମାନେ ଯୋଗାଭ୍ୟାସ କରୁଛନ୍ତି।

## ସଂକ୍ଷେପରେ

### ଗ୍ରୀଷ୍ମଛୁଟି ପରେ ଖୋଲିଲା ୧୫୨ ବିଦ୍ୟାଳୟ

**ବୋଲଗଡ଼,୨୧।୬(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ଅବକାଶ ଛୁଟି ପରେ ଚଳିତ ଶିକ୍ଷାବର୍ଷ ପାଇଁ ଗ୍ରୀଷ୍ମପ୍ରବାହ ଜାରିସତ୍ତ୍ୱେ ସରକାରଙ୍କ ନିଷ୍ପତ୍ତିକ୍ରମେ ବୁଧବାର ସମସ୍ତ ବିଦ୍ୟାଳୟ ଖୋଲିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସରକାରଙ୍କ ନିଷ୍ପତ୍ତିକ୍ରମେ ଖରାଛୁଟି ପରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ୧୨୫ଟି ସରକାରୀ ବିଦ୍ୟାଳୟ ସମେତ ୨୭ଟି ବେସରକାରୀ ବିଦ୍ୟାଳୟ ଖୋଲିଛି ବୋଲି ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ଛାତ୍ରୀଛାତ୍ରୀଙ୍କ ଉପସ୍ଥାନ ସାମାନ୍ୟ କମ୍ ରହିଛି। ଏଥିସହିତ ପ୍ରଶାସନର ନିର୍ଦ୍ଦେଶକ୍ରମେ ପର୍ଯ୍ୟବେକ୍ଷକ ବିଇଓ, ବିଆର୍‌ସିସି, ଏବିଇଓ ଏବଂ ସିଆର୍‌ସିସି ତଥା ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବିଦ୍ୟାଳୟରେ ହଠାତ୍ ପହଞ୍ଚି ନିରୀକ୍ଷଣ କରିଥିଲେ।

### ଚଟୁଆରେ ମଙ୍ଗଳା ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

**ବୋଲଗଡ,୨୧।୬(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅନ୍ତର୍ଗତ କଡବ ପଞ୍ଚାୟତର ଚଟୁଆ ଗ୍ରାମଠାରେ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ପବିତ୍ରପୀଠ ପରିସରରେ ନବର୍ନିମିତ ଯଜ୍ଞମଣ୍ଡପର ଶୁଭ ଉଦ୍‌ଘାଟନ କରିଛନ୍ତି ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ। ଏ ନେଇ ଶିବମନ୍ଦିର ପରିସରରେ ସରପଞ୍ଚ ନଳିନ ବଡଜେନାଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଓ ବ୍ଲକ ଅଧକ୍ଷା ଉଲ୍ଲାସ ପ୍ରଧାନ, ଉପାଧକ୍ଷ ରମେଶ ସାହୁ, ବଡକୁମାରୀ ସରପଞ୍ଚ ପ୍ରଫୁଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସମିତିସଭ୍ୟା ବୈତୁଲ ବିବି, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସମିତିସଭ୍ୟ ଦିଲୀପ ମହାପାତ୍ର, ଶୁଭେନ୍ଦୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଡବ, ଗୋପାଳପୁର, ସାନପଦର, ପିତୁକୁଳି ସମେତ ଅନେକ ପଞ୍ଚାୟତରୁ ବିଜେଡିର ଛାମୁଆ କର୍ମୀ ଓ ନେତାମାନେ ଅଂଶଗ୍ରହଣ କରିଥିଲେ।

### ବାପୁଜୀଙ୍କ ନୀତିକୁ ଆପଣେଇବା ପାଇଁ ସଂକଳ୍ପ

**ବେଗୁନିଆ,୨୧।୬(ହରପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ରଥଯାତ୍ରା ଅବସରରେ ସ୍ୱଚ୍ଛତା ତଥା ସଫେଇ ଅଭିଯାନ କରାଯାଇଥିଲା। ବାପୁଜୀଙ୍କ ନୀତି ନିୟମଠୁ ଆରମ୍ଭ କରି ଛୁଆଁ ଅଛୁଆଁ ଭେଦଭାବ, ଅହିଂସା ଏବଂ ସ୍ୱଚ୍ଛତା ଆଦି ଅନେକ ଯଶ ଏବଂ ଖ୍ୟାତିକୁ ପାଶ୍ଚାତ୍ୟ ସଭ୍ୟତାରେ ଆମେ ସମସ୍ତେ ଭୁଲିଯାଉଛେ। ଏଥିଯୋଗୁ ପରିବେଶ ତଥା ସାମାଜିକ ଚଳଣି ଉପରେ ପ୍ରଭାବ ପଡିଛି। ଗାଁ ପରିବେଶ ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଇ ଥିବାବେଳେ ସମାଜରେ କୁସଂସ୍କାର ବଢ଼ିଚାଲିଛି। ଏବେ ସଚେତନ ହେବାର ସମୟ ଆସିଛି। ବାପୁଜୀଙ୍କ ନୀତିକୁ ଆପଣେଇବା ଏବଂ ଗାଁରେ ସୁସ୍ଥ ପରିବେଶ ସୃଷ୍ଟି କରିବା ନେଇ ସଂକଳ୍ପ କରିଥିଲେ। ଏଭଳି ଏକ ମହତ ଆଭିମୁଖ୍ୟ ନେଇ ପତିତପାବନ ଯୁବକ ସଂଘର ସଭ୍ୟମାନେ ଆଗେଇଛନ୍ତି। ରଥଯାତ୍ରା ଅବସରରେ ସେମାନେ ସ୍ଥାନୀୟ ଜନବସତି ଅଞ୍ଚଳ, ମନ୍ଦିର, ପଡ଼ିଆରେ ଦୀର୍ଘ ବର୍ଷ ହେଲା ଜମା ହୋଇ ରହିଥିବା ଆବର୍ଜନାକୁ ସଫେଇ କରିବାରେ ଲାଗିପଡିଥିଲେ। ବରିଷ୍ଠ ଉପଦେଷ୍ଟା ଦିବାକର ସାହୁ, ସଭାପତି ହିମାଂଶୁ ଭୂଷଣ ଦାଶ ଏବଂ ସମ୍ପାଦକ ଗଙ୍ଗାଧର ମାର୍ଥା ପ୍ରମୁଖ ସହଯୋଗ କରିଥିଲେ।

### ଟାଙ୍ଗୀ ଫୁଟ୍‌ବଲ ଲିଗ୍, ଫାଇନାଲରେ ରଘୁନାଥ କ୍ଲବ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୬(ରଘୁନାଥ ସାହୁ):** ଟାଙ୍ଗୀ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ରଘୁନାଥ କ୍ଲବ ଓ ତାରିଣୀ ୱାରିୟର୍ସ ମଧରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକର ସାହାଯ୍ୟରେ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ରଘୁନାଥ କ୍ଲବ ୩-୨ ଗୋଲରେ ତାରିଣୀ ୱାରିୟର୍ସକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଅତିଥି ଭାବେ କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ ଯୋଗଦେଇଥିଲେ। ଅବିନାଶ ପଟ୍ଟନାୟକ,ବାଉ ନାୟକ ଓ ବିପିନ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। କମିଟି ସଭ୍ୟ ସମର ମାଝୀ, ନନ୍ଦକିଶୋର ସ୍ୱାଇଁ, ତପୁ ଜେନା, କୃଷ୍ଣଚନ୍ଦ୍ର ବେହେରା, ପ୍ରକାଶ ବେହେରା ସହଯୋଗ କରିଥିଲେ।

# ପ୍ରବଳ ଗରମରେ ଛାତ୍ର, ୨ ଶିକ୍ଷକ ଅସୁସ୍ଥ

**ଖୋର୍ଦ୍ଧା,୨୧।୬ (ପ୍ରଭାତ ପାଣିଗ୍ରାହୀ)**

## ସ୍କୁଲ ଖୋଲିଲା: ପ୍ରଥମ ଦିନରେ ଅଘଟଣ




ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବାବେଳେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍କୁଲଗୁଡ଼ିକ ପାଇଁ ଖରା ଛୁଟି ଘୋଷଣା କରିଥିଲେ। ତେବେ ତାତିର ପ୍ରଭାବ କମି ନ ଥିବା ସତ୍ତ୍ୱେ ବୁଧବାରଠାରୁ ସ୍କୁଲ ଖୋଲିଛି। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଗରମ ଓ ଗୁଳୁଗୁଳି ଯୋଗୁ ଖୋର୍ଦ୍ଧା ଜିଲାର ଦୁଇଟି ବିଦ୍ୟାଳୟରେ ୨ଜଣ ଶିକ୍ଷକ ଏବଂ ଜଣେ ଛାତ୍ର ଅଚେତ ହୋଇପଡ଼ିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ଧାର୍ଯ୍ୟ ସମୟରେ କାଇପଦର ମାଳିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଆସିଥିଲେ। ଶ୍ରେଣୀରେ ପାଠପଢା ଚାଲିଥିଲା। ଏହି ସମୟରେ ହଠାତ୍ ୬ଷ୍ଠ ଶ୍ରେଣୀର ଛାତ୍ର ସାଇରାମ ମହାପାତ୍ର ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପାଣି ଛାଟି ସାମାନ୍ୟ ସୁସ୍ଥ କରାଯାଇଥିଲା। ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା ତୁରନ୍ତ ତାଙ୍କ ଅଭିଭାବକଙ୍କୁ ଏ ସଂକ୍ରାନ୍ତରେ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ସାଇରାମଙ୍କୁ ନେଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ସୁସ୍ଥ ହୋଇ ସାଇରାମ ଘରକୁ ଫେରିଥିବା ଜଣାପଡ଼ିଛି। ସେହିପରି କାଇପଦର ବିଦ୍ୟାଳୟର ସହକାରୀ ଶିକ୍ଷକ ସାହୁ ଶ୍ରେଣୀରେ ପାଠ ପଢାଉଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ଅନ୍ୟ ଶିକ୍ଷକମାନେ ତାଙ୍କୁ ସ୍ଥାନୀୟ ଏକ ଘରୋଇ କ୍ଲିନିକରେ ଚିକିତ୍ସା କରାଇଥିଲେ। ସେହିପରି ପ୍ରଧାନ ଶିକ୍ଷୟିତ୍ରୀ ଟୁନି ଦେଇ ଅଫିସ କାମ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିବା ସହ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଖୋର୍ଦ୍ଧା ମେଡିକାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏଭଳି ଘଟଣା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରୀଷ୍ମପ୍ରଭାବ ଜାରି ରହିଥିବାବେଳେ ରାଜ୍ୟ ସରକାର ତରବରିଆ ଭାବେ ସ୍କୁଲ ଖୋଲିଦେଲେ। ଫଳରେ ଏଭଳି ଅଂଶୁଘାତଜନିତ ଅଘଟଣ ଘଟୁଛି ବୋଲି ଅଭିଭାବକମାନେ କହିଛନ୍ତି। ଆଗକୁ ମଧ୍ୟ ଅଂଶୁଘାତଜନିତ ଘଟଣା ବଢିବା ନେଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ବିଶ୍ୱ ଯୋଗ ଦିବସ ଅବସରରେ ବୋଲଗଡର ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

# ବୋଲଗଡ଼ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

**ବୋଲଗଡ,୨୧।୬(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ରାଜେନ୍ଦ୍ର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜିକା ଜ୍ୟୋସ୍ନାମୟୀ ରାଉତରାୟ, ବିଡିଓ ଧୋବେଇ ନାୟକ, ଏବିଡିଓ ଡ. ରତିକାନ୍ତ ମିଶ୍ର, ଅଧକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସହକାରୀ ଯନ୍ତ୍ରୀ ସୁସ୍ମିତା ମିଶ୍ର ଓ ଅମୂଲ୍ୟ କୁମାର ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରାମରୋଜଗାର ସେବକ ଯୋଗଦେଇ ପ୍ରତି ପଞ୍ଚାୟତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏପିଓ ରୁବି ଡାକୁଆ ବ୍ଲକ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଶ୍ରମଦିବସ ବୃଦ୍ଧି ସହିତ ଗ୍ରାମ ସୌନ୍ଦର୍ଯ୍ୟୀକରଣ ପାଇଁ ନୂତନ ପ୍ରସ୍ତାବକୁ ଅଗ୍ରାଧିକାର ଦେବାକୁ ପ୍ରକଳ୍ପ ନିର୍ଦ୍ଦେଶକ ରାଉତ କହିଥିବାବେଳେ ଆବାସ ଯୋଜନା ଘର ଓ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ।

# ବର୍ଷା ପୂର୍ବରୁ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଉ

**ଜଟଣୀ,୨୧।୬(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ବର୍ଷା ପୂର୍ବରୁ ଥଇଥାନ କରାଯାଉ। ଦାବି ପୂରଣ ନ ହେଲେ ଆସନ୍ତା ୨୬ ତାରିଖରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରାଯିବ ବୋଲି ଜଟଣୀ ନାଗରିକ କମିଟି ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ ସୋମବାର ଲିଖିତଭାବେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ସୂଚନାଥାଉ କି, ଜଟଣୀ ରେଳୱେ ଅଞ୍ଚଳରେ ବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ ନିମନ୍ତେ ରାଜ୍ୟ ମୁଖ୍ୟ ଶାସନସଚିବ ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶ ପରେ ମଧ ଥଇଥାନ କରାଯାଉ ନାହିଁ। କେତେକ ଗୋଷ୍ଠୀ ରାଜନୈତିକ ଫାଇଦା ପାଇଁ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଇବାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି ବୋଲି ମନ୍ମଥ କହିଛନ୍ତି। ତେଣୁ ବର୍ଷା ପୂର୍ବରୁ ବିସ୍ଥାପିତଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଉକ୍ତ ରାସ୍ତାରୋକୋ କରାଯିବ। ଏଥିରେ ବିଧାୟକ ସୁରେଶ ରାଉତରାୟଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେବେ।

# ଜିଲାସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ

**ଖୋର୍ଦ୍ଧାଅଫିସ,୨୧।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ଜିଲାସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜବାହାର ନବୋଦୟ ବିଦ୍ୟାଳୟ ଅଧକ୍ଷ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ନଂ - ୨ , ଭୁବନେଶରର ଅଧକ୍ଷ ଏବଂ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ୧୦ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହଶିକ୍ଷା ଅଧିକାରୀ ଏବଂ ପ୍ରତ୍ୟେକ ବ୍ଲକର ଜଣେ ଲେଖାଏ ସିଆରସିସି ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ପ୍ରାରମ୍ଭରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିଷୟରେ ଏକ ପାୱାର ପଏଣ୍ଟ ପ୍ରଦର୍ଶନ କରାଯାଇଥିଲା। ସହକାରୀ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ଏକ କ୍ରିୟାକଳାପ ପ୍ରଦର୍ଶନ କରିଥିଲେ। ଶିକ୍ଷା ଓ ଶିକ୍ଷଣ ସଂଯୋଜିକା ରାଜଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଅନ୍ୟ ଅଧିକାରୀ।

# ସୁସ୍ଥ ଶରୀର ପାଇଁ ଯୋଗାଭ୍ୟାସ ଭିଟାମିନ ସଦୃଶ

**ବେଗୁନିଆ(ହରପ୍ରସନ୍ନ ପଣ୍ଡା)/ବୋଲଗଡ଼, ୨୧।୬(ଦେବବ୍ରତ ହୋତା)**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ ଶିବିର ହୋଇଯାଇଛି। କଣ୍ଟାବାଡ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ପାଗ କୁଳମଣି ମିଶ୍ର ଏବଂ ବକ୍ତା ଭାବେ ସ୍ଥାନୀୟ ଚିକିତ୍ସାଳୟର ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରି ଚନ୍ଦନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଦୈନନ୍ଦିନ ଜୀବନରେ ଯୋଗାଭ୍ୟାସ ନିହାତି ଦରକାର। ସୁସ୍ଥ ଶରୀର ଗଠନ ପାଇଁ ଯୋଗ ଭିଟାମିନ ସଦୃଶ୍ୟ ବୋଲି ଅତିଥି ମିଶ୍ର କହିଥିଲେ। ଯୋଗ ଶିକ୍ଷକ ପ୍ରଭାତ ବାହିନୀପତିଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଗାଭ୍ୟାସ ଶିକ୍ଷା ଦିଆଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଗୋବିନ୍ଦପୁରର ପରିଛଳସ୍ଥିତ ଦୟାନନ୍ଦ ସରସ୍ୱତୀ ଆଦର୍ଶ ଗୁରୁକୁଳ ପରିସରରେ ପ୍ରଧାନ ଆଚାର୍ଯ୍ୟ ଧର୍ମ ରାଜଜୀଙ୍କ ଅଧକ୍ଷତାରେ ପାଳନ କରାଯାଇଥିଲା। ସେହିପରି ବେଗୁନିଆ ପତିତପାବନ ଯୁବକ ସଂଘ, କଣ୍ଟାବାଡସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହି ଶିବିର ହୋଇଯାଇଛି। ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଯୋଗ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରୀ ଅଭିଭାବକ, ଗୁରୁଜୀ ଗୁରୁମା ଓ ଶିଶୁ ମନ୍ଦିର ର କର୍ମଚାରୀ ମାନେ ମୋଟ ୩୨୩ ଜଣ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଯୋଗ ପ୍ରଶିକ୍ଷଣ ଶିବିରରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ କହିଛନ୍ତି ଯୋଗ ଆଧାତ୍ମିକ, ମାନସିକ ଓ ଶାରିରୀକ ବିକାଶରେ ସାହାଯ୍ୟ କରିଥାଏ। ଶାରିରିକ ଶିକ୍ଷା ଶିକ୍ଷକ କୈଳାସ ଚନ୍ଦ୍ର ସୁବୁଦ୍ଧି ଓ ଗୁରୁମା ମମତା ପରିଡା ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷକ ପଦ୍ମଚରଣ ଦାଶ, ନାରାୟଣ ରଣସିଂହ ପ୍ରମୁଖ ଥିଲେ।

## ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ସମ୍ପନ୍ନ

**ଗମ୍ଭାରୀମୁଣ୍ଡା,୨୧।୬(ଦିଲୀପ ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ମା'ଆଙ୍କୁଲେଇଶ୍ୱରୀଙ୍କ ପୀଠରେ ୪ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ସୋମବାର ସମ୍ପନ୍ନ ହୋଇଯାଇଛି । ଗତ ଶୁକ୍ରବାର ଅଙ୍କୁରାରୋପଣ ହୋଇଥିବା ବେଳେ ଶନିବାର କଳସ ଶୋଭାଯାତ୍ରା, ନଗର ପରିକ୍ରମା ସହ ସୂର୍ଯ୍ୟପୂଜା ଓ ଆହୁତି ପ୍ରଦାନ ହୋଇଥିଲା। ରବିବାର ସୂର୍ଯ୍ୟପୂଜା ଓ ଆହୁତି ପ୍ରଦାନ ଓ ସୋମବାର ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ବିକାଶ କୁମାର ଦାସ, ବିଷ୍ଣୁପ୍ରସାଦ ମିଶ୍ର, ସତ୍ୟନାରାୟଣ ସାମନ୍ତରାୟ, ଗୌରୀଶଙ୍କର ଦାସ, ପିଣ୍ଟୁନାରାୟଣ ଦାସ ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗମ୍ଭାରୀମୁଣ୍ଡା ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି




ଆନ୍ଦୋଳନରେ ଯୋଗଦେଇଥିବା ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

**ବେଗୁନିଆ,୨୧।୬(ହର ପ୍ରସନ୍ନ ପଣ୍ଡା)**

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

- ୩୧ ଦିନରେ ଗଣ ସତ୍ୟାଗ୍ରହ
- ଆଗାମୀ ଦିନରେ ଜନଆନ୍ଦୋଳନ ନେଇ ଚେତାବନୀ

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ବର୍ଷ ହେବ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ସିଏଚ୍‌ସି ମ୍ୟାନ୍ୟତା ଦାବିରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଗଣ ସତ୍ୟାଗ୍ରହକୁ ବୁଧବାର ୩୧ଦିନ ପୂରଣ ହୋଇଛି। ସେହିପରି ବେଗୁନିଆ ବ୍ଲକବାସୀଙ୍କ ସ୍ୱାଭିମାନ ରକ୍ଷା ଓ ଜନ ଜାଗରଣ ଅଭିଯାନରେ ଗାଁକୁ ଗାଁ ଶୋଭାଯାତ୍ରା ବୁଲୁଛି। ସ୍ୱାର୍ଥ ପାଇଁ ନୁହେଁ ବ୍ଲକବାସୀଙ୍କ ହକ୍ ପାଇଁ ଲଢୁଛୁ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ ଜନ ସଚେତନତା ସୃଷ୍ଟି କରାଯାଉଛି। ତେବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କେବେ ସିଏଚ୍‌ସି ମାନ୍ୟତା କେବେ ମିଳିବ ବେଗୁନିଆବାସୀ ଚାହିଁ ରହିଛନ୍ତି।

## ଏମାନେ ଯାହା କୁହନ୍ତି...

" ୧୯୧୭ ମସିହାରୁ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି ଉନ୍ନତ ହେବା ବଦଳରେ ବିପର୍ଯ୍ୟସ୍ତ ହୋଇପଡିଛି। ୩୦ ବର୍ଷର ଦାବି ସତ୍ତ୍ୱେ ଅଞ୍ଚଳବାସୀଙ୍କୁ କୌଣସି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ମେ' ୨୨ରୁ ସତ୍ୟାଗ୍ରହ ଜାରି ରଖିଛୁ। ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଓହ୍ଲାଇବୁ।

**- ଲାଲା ଦିଲୀପ ରାୟ, ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ସଭାପତି**

" ସ୍ୱାର୍ଥ ପାଇଁ ନୁହେଁ, ବେଗୁନିଆବାସୀଙ୍କ ସ୍ୱାଭିମାନ ରକ୍ଷା ଓ ହକ୍ ପାଇଁ ୩୦ ବର୍ଷ ହେବ ଲଢ଼େଇ ଜାରି ରହିଛି। ୫ବର୍ଷକୁ ଥରେ ନେତାମାନେ ଭୋଟ ଭିକ୍ଷା ପାଇଁ ଆସି ନିର୍ବାଚିତ ପରେ ଲୋକଙ୍କ କଥା ଭୁଲିଯାଆନ୍ତି। ଆଗାମୀ ନିର୍ବାଚନରେ ବେଗୁନିଆବାସୀ ଉଚିତ୍ ଜବାବ ଦେବେ।

**- ଶିବ କୁମାର ମୁନି, ବେଗୁନିଆ ବଜାର କମିଟି ସଭାପତି**

" ସ୍ୱଚ୍ଛ ଏବଂ ନିର୍ମଳ ଶାସନ କରୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାର୍ତ୍ତା ଠିକ୍। ସେହିପରି ଜନସାଧାରଣଙ୍କ ହିତରେ ସରକାର ସଦାସର୍ବଦା ତତ୍ପର ବୋଲି ବାର୍ତ୍ତା ଦିଆଯାଉଛି। ହେଲେ ବେଗୁନିଆ ବ୍ଲକବାସୀଙ୍କ ପାଇଁ ଏହି ବାର୍ତ୍ତା କେବଳ ସ୍ୱପ୍ନ ହୋଇ ରହିଛି। ବେଗୁନିଆ ପିଏଚ୍‌ସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ କେବଳ ପ୍ରତିଶ୍ରୁତି ମିଳୁଛି। ଏବେ ତାଲିକାରୁ ବାଦ୍‌ଦେଇ ଦିନ ଗଡ଼ାଇବା ସହ ଭୁଆଁ ବୁଲାଉଛନ୍ତି। ଫଳରେ ଜନଅସନ୍ତୋଷ ଦେଖାଦେଇଛି।

**- ସୁଶାନ୍ତ କୁମାର ରାୟ, ବରିଷ୍ଠ ଆଇନଜୀବୀ**

" ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ୨୦୧୨ରୁ ବେଗୁନିଆବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଛି। ବେଗୁନିଆ ପିଏଚ୍‌ସିକୁ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ବୋଲି ବିଭାଗ, ଜନପ୍ରତିନିଧିଙ୍କଠାରୁ କେବଳ ପ୍ରତିଶ୍ରୁତି ମିଳୁଛି। ହେଲେ କାର୍ଯ୍ୟକାରୀ ହେଉନାହିଁ।

**- ଦେବାଶିଷ ସାହୁ, ଯୁବ ଇଞ୍ଜିନିୟର**

# ସଦ୍‌ବୁଦ୍ଧି କାମନା କଲେ, ସଞ୍ଜିବତୀ ଜାଳିଲେ

**ବେଗୁନିଆ,୨୧।୬(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକବାସୀଙ୍କୁ ମିଳୁନି ଜରୁରିକାଳୀନ ସାସ୍ଥ୍ୟ ସେବା। ସେହିପରି ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ୩୦ ବର୍ଷ ହେଲା ଦାବି ହୋଇ ଆସୁଛି। ବିଭିନ୍ନ ମହଲରୁ ପ୍ରତିଶ୍ରୁତି ମିଳୁଛି, ଦାବି ପୂରଣ ବଦଳରେ ଦିନକୁ ଦିନ ପ୍ରଶାସନ ପକ୍ଷରୁ ଭୁଆଁ ବୁଲାଯାଉଛି ବୋଲି ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। ଗତ ମେ ୨୨ରୁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଜାରି ରହିଥିବା ଗଣ ସତ୍ୟାଗ୍ରହକୁ ବୁଧବାର ୩୧ ଦିନ ପୂରଣ ହୋଇଛି। ହେଲେ ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ, ସାସ୍ଥ୍ୟ ବିଭାଗ ସହିତ ଜନ ପ୍ରତିନିଧିଙ୍କ ଦୃଷ୍ଟି ପଡୁନାହିଁ। ଏହାକୁ କମିଟି ଦୃଢ଼ ନିନ୍ଦା କରିଛି। ରାଜ୍ୟ ସରକାରଙ୍କ ସଦ୍‌ବୁଦ୍ଧି କାମନା କରିବା ସହ ଶରୀର ଆରୋଗ୍ୟ ଲାଭ ନିମିତ୍ତ ସଞ୍ଜିବତୀ ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୁଧବାର ସନ୍ଧ୍ୟାରେ ଗାଁର ବିଭିନ୍ନ ଦେବଦେବୀଙ୍କ ପୀଠରେ ମହିଳା ଓ ପୁରୁଷମାନେ ଉପସ୍ଥିତ ହୋଇ ସରକାରଙ୍କୁ ତାସଲ୍ୟ କରିଥିଲେ।



ବେଗୁନିଆର ଏକ ମନ୍ଦିରରେ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ କରାଯାଉଛି।




୨୧।୬।୨୦୨୩

| | |
|---|---|
| ୪,୧୩,୧୧୩ ଟଙ୍କା | |
| ସୁନା | ୧.୭୨୦ ଗ୍ରାମ୍ |
| ରୁପା | ୭୦.୫୦୦ ଗ୍ରାମ୍ |

# ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ଭକ୍ତ ଭାବବିହ୍ୱଳ

**ସନ୍ଧ୍ୟା ପୂର୍ବରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ପହଞ୍ଚି ନ ପାରିବା ନେଇ ମତ ରଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ସେବାୟତ**

ପୁରୀ, ୨୧।୬(ଅଜିତ୍ ମହାନ୍ତି)

ଶ୍ରୀଗୁଣ୍ଡିଚା ଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ନୀତି ନିର୍ଘଣ୍ଟର ସମୟ ପୂର୍ବରୁ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଏପରିକି ରଥଟଣାର ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ରଥ ଟଣା ହୋଇଥିଲା। ମାତ୍ର ସନ୍ଧ୍ୟା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗୋଟିଏ ହେଲେ ବି ରଥ ଲାଗିପାରି ନ ଥିଲା। ଫଳରେ ଲାଇଟ ଲଗାଇ ରଥ ଟଣାଯାଇଥିଲା। ପଛରେ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲା। ମାତ୍ର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଧାବାଟରେ ଅଟକିଥିଲା। ଯାହାକୁ ନେଇ ଏବେ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ଟଣା ହୋଇଥିଲେ ବି କାହିଁକି ତିନି ରଥ ଲାଗିପାରିଲା ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ତେବେ ତାଳଧ୍ୱଜ ରଥ ରାସ୍ତାରେ ମୋଡ ଖାଇବାରୁ ତିନି ରଥ ପହଞ୍ଚି ପାରି ନ ଥିବା କୁହାଯାଉଥିବା ବେଳେ ରଥରେ ଅଧିକ ସଂଖ୍ୟକ ସେବାୟତ ଏବଂ କର୍ଡନ ଭିତରେ ଅନେକ ପାସ୍‌ଧାରୀ ରହିବାରୁ ରଥଟଣାରେ ସମସ୍ୟା ହୋଇଥିବା କେହି କେହି ମତ ଦେଉଛନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନିର୍ଦ୍ଧାରିତ ସମୟ ପୂର୍ବରୁ ମହାପ୍ରଭୁଙ୍କ ନୀତି ହେବା ସହ ପହଣ୍ଡି ହୋଇଥିଲା। ଏପରିକି ୧ ଘଣ୍ଟା ପୂର୍ବରୁ ରଥ ଟଣା ଆରମ୍ଭ ହୋଇଥିଲା। ତେବେ ମହାପ୍ରଭୁଙ୍କ ଇଚ୍ଛା। ମହାପ୍ରଭୁ ସର୍ବଦା ଭକ୍ତର ଅପେକ୍ଷାରେ ରହିଥାନ୍ତି। ବୋଧହୁଏ ମହାପ୍ରଭୁ କେଉଁ ଭକ୍ତର ଅପେକ୍ଷାରେ ରହିଗଲେ। ପୂର୍ବରୁ ଏପରି ଦୃଷ୍ଟାନ୍ତ ରହିଛି। କେହି ଜଣେ ସାଲବେଗ କିମ୍ବା ବନ୍ଧୁ ମହାନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବେ। ଭକ୍ତ ପାଇଁ ମହାପ୍ରଭୁ ବାଟରେ ଅଟକି ଗଲେ ବୋଧେ। ତେବେ ବିଭିନ୍ନ କାରଣର ତର୍ଜମା କରାଯିବ। ମଣିଷର ଇଚ୍ଛା ଗୋଟିଏ ଥାଏ, ମହାପ୍ରଭୁଙ୍କ ଇଚ୍ଛା ଗୋଟିଏ ପ୍ରକାର ଥାଏ। ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ସମସ୍ତ କାର୍ଯ୍ୟ ହୋଇଥାଏ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ଦାସ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ରଥଯାତ୍ରାର ପହଣ୍ଡି ଠାରୁ ଆରମ୍ଭ କରି ରଥଟଣା ନିର୍ଦ୍ଧାରିତ ସମୟଠାରୁ ଶୀଘ୍ର ହୋଇଥିଲା। ଏପରିକି ୧ ଘଣ୍ଟା ପୂର୍ବରୁ ରଥ ଟଣା ହୋଇଥିଲା। ତେବେ ବଳଭଦ୍ରଙ୍କ ରଥ କୋଣ ବା ମୋଡ ଖାଇବାରୁ ତିନି ରଥ ଲାଗିପାରିଲା ନାହିଁ। ଶ୍ରୀଜଗନ୍ନାଥଙ୍କ ଯାତ୍ରା ଦେଖିବା ପାଇଁ ବୋଧହୁଏ କେହି ଆସୁଥିଲେ, ଫଳରେ ମହାପ୍ରଭୁ ବାଟରେ ଅଟକିଗଲେ। ତେବେ ରଥ ଉପରେ ଅଧିକ ସେବାୟତ ରହିଥିବା କଥା ସେ ସ୍ୱୀକାର କରିଛନ୍ତି। ଏପରିକି ବିନା ପାସ୍‌ଧାରୀ ଅନେକ ଲୋକ କର୍ଡନ ଭିତରେ ରହିଥିଲେ। ପ୍ରବଳ ଖରା ଗୁଳୁଗୁଳି ହେଉଥିଲା, ଫଳରେ ପହଣ୍ଡି ସମୟରେ ସେବକମାନେ ବିଶ୍ରାମ ନେଇଥିଲେ। ଘଣ୍ଟୁଆଙ୍କ ଠାରୁ ଆରମ୍ଭ କରି ସମସ୍ତେ ଅସ୍ତବ୍ୟସ୍ତ ହୋଇଥିଲେ। ତେବେ ମହାପ୍ରଭୁଙ୍କ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ବର୍ତ୍ତମାନ ରଥ ଉପରେ ଭକ୍ତମାନେ ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କ ସମସ୍ତ ନୀତି ରଥ ଉପରେ ଅନୁଷ୍ଠିତ ହେବ। ଗୁରୁବାର ସନ୍ଧ୍ୟାଧୂପ ପରେ ପହଣ୍ଡି ହୋଇ ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପକୁ ବିଜେ କରିବେ ବୋଲି ଦାସ ମହାପାତ୍ର କହିଛନ୍ତି। ବିଦେଶୀ ଭକ୍ତ ବଂଶୀଧର ଦାସ କହିଛନ୍ତି, ରଥଯାତ୍ରାରେ ସାମିଲ ହେବା ଏବଂ ମହାପ୍ରଭୁଙ୍କ କୃପା ଲାଭ କରିବା ପାଇଁ ସେ ଆମେରିକାରୁ ପୁରୀ ଆସିଛନ୍ତି। ବହୁତ ଖୁସି ଅନୁଭବ କରୁଛନ୍ତି। ମହାପ୍ରଭୁଙ୍କ କୃପା ପାଇ ବେଶ୍ ଆନନ୍ଦିତ ଅଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ନାଥ। ତେଣୁ ତାଙ୍କ ଯାତ୍ରାରେ ସମସ୍ତେ ଆସି ସାମିଲ ହେବା ଉଚିତ। ଏହା ଏକ ଆନନ୍ଦମୟ ଯାତ୍ରା ବୋଲି ସେ କହିଛନ୍ତି। ପୁରୀ ଡେଲାଙ୍ଗରୁ ଆସିଥିବା ରାଜସ୍ମିତା ସୁନ୍ଦରାୟ କହିଛନ୍ତି, ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହେବାର ସୌଭାଗ୍ୟ ମିଳେ। ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରି ଆତ୍ମତୃପ୍ତି ପାଇଛି। ପ୍ରଶାସନ ପକ୍ଷରୁ ଭଲ ବ୍ୟବସ୍ଥା କରାଯାଇଛି। ସେହିପରି ବାଲେଶ୍ୱରରୁ ଆସିଥିବା ରାଜକିଶୋର ମିଶ୍ର କହିଛନ୍ତି, ପ୍ରଥମଥର ପାଇଁ ରଥରେ ମହାପ୍ରଭୁଙ୍କ ଦର୍ଶନ କରି ଖୁସି ଓ ଶାନ୍ତି ଲାଗୁଛି। ଦର୍ଶନର ଅନୁଭୂତି ଶବ୍ଦରେ ପ୍ରକାଶ କରିହେବ ନାହିଁ। ଠାକୁରଙ୍କୁ ପାଖରେ ପାଇ ବେଶ୍ ଆନନ୍ଦିତ ବୋଲି ସେ ପ୍ରକାଶ କରିଛନ୍ତି।

## 'ରକ୍ତର କଥା' ପୁସ୍ତକ ଲୋକାର୍ପଣ କଲେ ରାଜ୍ୟପାଳ

ପୁରୀ, ୨୧।୬(ଅଜିତ ମହାନ୍ତି)

ଈଶ୍ୱର ଓ ଡାକ୍ତରଙ୍କ ପରି ରକ୍ତାକ୍ତ, ଆହତ ଓ ଶଯ୍ୟାଶାୟୀ ରୋଗୀଙ୍କୁ ଆବଶ୍ୟକ ରକ୍ତ ଦାନ କରୁଥିବା ରକ୍ତଦାତା ଈଶ୍ୱରଙ୍କଠାରୁ କମ୍ ନୁହନ୍ତି। ଏଣୁ ରକ୍ତ ଦାନ କରି ମହା ପୁଣ୍ୟ ଅର୍ଜନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆହ୍ୱାନ ଦେଇଛନ୍ତି। ବିଶ୍ୱ ଯୋଗ ଦିବସ ଅବସରରେ ବୁଧବାର ପୁରୀ ରାଜଭବନ ସମ୍ମିଳନୀ କକ୍ଷରେ ସାମାଜିକ କର୍ମୀ ବଦ୍ରି ମିଶ୍ରଙ୍କ ରଚିତ ପ୍ରବନ୍ଧ ପୁସ୍ତକ 'ରକ୍ତର କଥା'କୁ ରାଜ୍ୟପାଳ ଲୋକାର୍ପଣ କରିଛନ୍ତି। ଉକ୍ତ ପୁସ୍ତକରେ ରକ୍ତଦାନ, ଏହାର ଉପକାରିତା, ରକ୍ତର ଆବଶ୍ୟକତା, ରକ୍ତଦାତାର ତ୍ୟାଗ ଓ ସମର୍ପଣ, ରକ୍ତ ପୃଥକୀକରଣ ସମ୍ପର୍କରେ ଲେଖାମାନ ରହିଛି। ଏହି ଅବସରରେ ରାଜ୍ୟପାଳ ୬୫ ବର୍ଷ ବୟସରେ ବି ରକ୍ତଦାନ କରୁଥିବା ପ୍ରାବନ୍ଧିକ ମିଶ୍ରଙ୍କ ପ୍ରଶଂସା କରିଥିଲେ। ପୁସ୍ତକ ଲୋକାର୍ପଣ ଉତ୍ସବରେ କବି ରକ୍ଷକ ନାୟକ, ରକ୍ତଦାତା ସୌମ୍ୟରଞ୍ଜନ ପାତ୍ର ଏବଂ ସଙ୍ଗଠକ ଗୋବିନ୍ଦ ପାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪୯ ମୋବାଇଲ ଜବତ, ୩୦ ଗିରଫ

**ପୁରୀ,୨୧।୬(ଅଜିତ୍ ମହାନ୍ତି):** ରଥଯାତ୍ରାରେ ଲୁଟ୍‌ପାଟ କରିଥିବା ଅଭିଯୋଗରେ ବିଭିନ୍ନ ସ୍ଥାନରୁ ୩୦ଜଣ ଲୁଟେରାଙ୍କୁ ପୁରୀ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୪୯ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ପୁରୀ ଏସ୍‌ପି କେ.ବିଶାଲ ସିଂ ସୂଚନା ଦେଇଛନ୍ତି। ଏହି ଲୁଟେରାଙ୍କ ମଧ୍ୟରେ ୧୪ଜଣ ପଶ୍ଚିମବଙ୍ଗ, ୫ଜଣ ଆନ୍ଧ୍ରପ୍ରଦେଶ, ୨ଜଣ ଛତିଶଗଡ଼, ୨ଜଣ ଝାଡ଼ଖଣ୍ଡ ମୋଟରେ ୩୦ଜଣ ଅଛନ୍ତି। ସୂଚନା ଅନୁଯାୟୀ ରଥଯାତ୍ରା ସମୟରେ ବିଭିନ୍ନ ଲୁଟ୍‌ପାଟ୍ ହୋଇଥିବା ନେଇ ସିଂହଦ୍ୱାର ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା ।ଏ ନେଇ ପୋଲିସ ବିଭିନ୍ନ ପ୍ରକାରର ତଦନ୍ତ କରି ୩୦ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

### ବିଶ୍ୱ ଯୋଗ ଦିବସ ପାଳିଲେ ଜାପାନୀ ପର୍ଯ୍ୟଟକ

**ପୁରୀ, ୨୧।୬(ଅଜିତ୍ ମହାନ୍ତି):** ବିଶ୍ୱ ଯୋଗ ଦିବସ ଅବସରରେ ବୁଧବାର ଭାରତ-ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର ପକ୍ଷରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୫ଜଣ ଜାପାନୀ ପର୍ଯ୍ୟଟକ ଯୋଗଦେଇ ଯୋଗଭ୍ୟାସ କରିଥିଲେ। ଯୋଗ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ଚିନ୍ତା ଦୂର ହୋଇପାରୁଛି। ଭାରତ- ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର ତରଫରୁ ପର୍ଯ୍ୟଟକଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ଏ ସମ୍ପର୍କରେ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଏଭଳି ଶିବିର ଆୟୋଜନ ହେବା ଦ୍ୱାରା ଭାରତ ଓ ଜାପାନ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବା ପରିଲକ୍ଷିତ ହେଉଛି। ଫଳରେ ପ୍ରତିବର୍ଷ ଜାପାନ ପର୍ଯ୍ୟଟକଙ୍କ ସଂଖ୍ୟା ଓଡ଼ିଶାକୁ ଆଗମନ ବୃଦ୍ଧି ପାଉଛି। ଏଥିସହ ସେଣ୍ଟର ପକ୍ଷରୁ ମଧ ଜାପାନରେ ଯୋଗ ଶିବିର ସହ ଓଡ଼ିଶାର କଳା,ସଂସ୍କୃତି ଓ ପର୍ଯ୍ୟଟନ ସମ୍ପର୍କରେ ଆଲୋକପାତ କରାଯାଉଛି। ଏହାଦ୍ୱାରା ଭାରତର ଅର୍ଥନୀତି ସୁଦୃଢ଼ ହେବା ସହ ପୁରୀ ପର୍ଯ୍ୟଟନ ଶିଳ୍ପରେ ଉନ୍ନତି ହୋଇପାରିବ। ଆଗାମୀ ଦିନରେ ଜାପାନରେ ଯୋଗ ଶିବିର ଆୟୋଜନ ହେବ ବୋଲି ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଯୋଗ ପ୍ରଶିକ୍ଷକ ପ୍ରକାଶ କୁମାର ଗୋଚ୍ଛି ପରିଚାଳନା କରିଥିଲେ।

### ରଥଯାତ୍ରାରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଖାଦ୍ୟ ବଣ୍ଟନ

କଣାସ,୨୧।୬(ବିଭୂତି ଭୂଷଣ ତ୍ରିପାଠୀ)- ପବିତ୍ର ରଥଯାତ୍ରା ଉପଲକ୍ଷେ ମଙ୍ଗଳବାର ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ(ଓ.ଭି.ଏସ୍.ଏ) ପୁରୀ ଶାଖା ପକ୍ଷରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭକ୍ତଙ୍କୁ ଉପମା, ମଟର ତରକାରି, ପାଣି ବୋତଲ ବଣ୍ଟନ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜି. ନରେଶ କୁମାର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମେଶଚନ୍ଦ୍ର ବେହେରା, ପୁରୀ ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘ ସମ୍ପାଦକ ଡାକ୍ତର ବିଶ୍ୱରଞ୍ଜନ ବେହେରା, ସଂଯୋଜକ ଡାକ୍ତର ଅନିଲ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁରୂପେ ଖାଦ୍ୟ ବଣ୍ଟାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ଦୀନବନ୍ଧୁ ବେହେରା, ଡା. ଅନୁଗତ ଜେନା, ଡା. ଦେବାଶିଷ ପରିଜା, ଡା. ପରିମଳ ଚନ୍ଦ୍ର ଜେନା, ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଓ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହିଲ୍‌ସାଇଡ ନର୍ସିଂହୋମ୍ ଭୁବନେଶ୍ୱର ଅର୍ଗାନୋ ଲିଃ ସହଯୋଗର ହାତ ବଢାଇଥିବାରୁ ଜିଲା ପ୍ରାଣୀ ଚିକିତ୍ସା ସଂଘ ପକ୍ଷରୁ କୃତଜ୍ଞତା ଜଣାଇଛି।




ଶରଧାବାଲିରେ ଓର୍‌ମାସ୍ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଲିଙ୍ଗରାଜ କଳାନିକେତନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

## ପଲ୍ଲିଶ୍ରୀ ମେଳାରେ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ

ପୁରୀ, ୨୧।୬(ଅଜିତ ମହାନ୍ତି)

ରଥଯାତ୍ରା ଅବସରରେ ଶରଧାବାଲିଠାରେ ଓର୍‌ମାସ୍ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଏହି ଅବସରରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଆକର୍ଷଣୀୟ ନୃତ୍ୟବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ସିପ୍ରା ମିଶ୍ର, ଅଙ୍ଗନା ସାହୁ, ମମତା ଦାସ, ସୁପ୍ରିୟା ପଲେଇ, କିରଣ ପଟ୍ଟନାୟକ, କ୍ରିଷ୍ଣା କାବେରୀ ମହାପାତ୍ର, ଅଭିଲିପ୍ସା ରାଉତ, ସିମ୍ରନ୍ ପରିଡ଼ା, ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଓଡ଼ିଶୀ ନୃତ୍ୟ, ମଙ୍ଗଳାଚରଣ, ଭଜନ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ, ୨୧।୬(ଅଜିତ ମହାନ୍ତି)

ପୁରୀ ରଥଯାତ୍ରା ଅବସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଭୋଲାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ସହିତ ଆୟୋଜିତ ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଚନ୍ଦନ ଯାତ୍ରାଠାରୁ ଆରମ୍ଭ କରି ଅଧରପଣା ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ନୀତି, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଭୋଗ ଓ ପର୍ବପର୍ବାଣି, ସମୟ ଚକ୍ରରେ ଶ୍ରୀମନ୍ଦିର ଏବଂ ବିଦେଶୀ ଓ ଭାରତୀୟ ମୁଦ୍ରାରେ ଶ୍ରୀମନ୍ଦିର ଆଦି ବିରଳ ଓ ଦୁର୍ଲଭ ଫଟୋ ପ୍ରଦର୍ଶିତ ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରମୁଖ ଜନହିତକର ଯୋଜନା ଓ ଉପଲବ୍ଧି, କୃଷି ବଜେଟ୍, ମୋ ଘର, ମଧୁବାବୁ ପେନ୍‌ସନ୍ ଯୋଜନାର ହିତାଧିକାରୀଙ୍କୁ ନଗଦ ଆକାରରେ ଅର୍ଥ ପ୍ରଦାନ, ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ରାଜ୍ୟ ସରକାରଙ୍କୁ ପ୍ରଦତ୍ତ ସମ୍ମାନ ସମ୍ପର୍କିତ ତଥ୍ୟ ଓ ଫଟୋଚିତ୍ର ସ୍ଥାନିତ ହୋଇଛି। ଏଥିସହ ପ୍ରଦର୍ଶନୀ ମଣ୍ଡପ ବାହାର କାନ୍ଥରେ ନେତ୍ରୋତ୍ସବଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତି ନିର୍ଘଣ୍ଟର ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ। ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅମାତଙ୍କ ସହିତ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପରକୀୟା ପ୍ରୀତିକୁ ଲୁଚାଇବାକୁ ସ୍ତ୍ରୀଙ୍କୁ ହତ୍ୟା

ପିପିଲି,୨୧।୬(ପ୍ରଭାତ ମହାପାତ୍ର)

ପିପିଲି ଥାନା ଅଧୀନ କୁଳଶିଖରପାଟଣା ଗ୍ରାମରେ ଜଣେ ବୋହୂକୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନିଜ ପରକୀୟା ପ୍ରୀତିକୁ ଲୁଚାଇବାକୁ ଯାଇ ସ୍ୱାମୀ ତା' ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଝିଅର ବାପା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପିପିଲି ମେଡିକାଲରୁ ଭାଗ୍ୟଶ୍ରୀ ଦାସ(୨୫)ଙ୍କ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ପୋଲିସ ଭାଗ୍ୟଶ୍ରୀଙ୍କ ସ୍ୱାମୀ ସମିରନ ସ୍ନିଗ୍ଧା ସାହୁ(୨୬)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଭାଗ୍ୟଶ୍ରୀଙ୍କୁ ସମିରନ ୨୦୨୧ରେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ କଳହ ଉପୁଜିଥିଲା। ସମିରନ ଅନ୍ୟ ଏକ ଝିଅକୁ ପ୍ରେମ କରି ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ମାରଧର କରୁଥିବା ଭାଗ୍ୟଶ୍ରୀ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏ ବାବଦରେ ଅନେକ ଥର ଭାଗ୍ୟଶ୍ରୀଙ୍କ ବାପା ମନୋରଞ୍ଜନ ଦାସ ଝିଅ ଶାଶୁଘରକୁ ଯାଇ ବୁଝାଶୁଝା କରିଥିଲେ। କିନ୍ତୁ ବୁଧବାର ମଧ୍ୟାହ୍ନରେ ଝିଅର ରକ୍ତାକ୍ତ ମୃତଦେହ ଦେଖି ପିପିଲି ମେଡ଼ିକାଲରେ ମନୋରଞ୍ଜନ ଭୋ ଭୋ ହୋଇ କାନ୍ଦି ଉଠିଥିଲେ। ତାଙ୍କ ଝିଅକୁ ସମିରନ ପିଟିପିଟି ମାରିଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଭାଗ୍ୟଶ୍ରୀଙ୍କ ଶାଶୁ ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ସେ କହିଛନ୍ତି, ଭାଗ୍ୟଶ୍ରୀର ଦେହ ଖରାପ ହୋଇଥିବାବେଳେ ତାଙ୍କୁ ସମିରନ ଔଷଧ ଖାଇବାକୁ ଦେଉଥିଲେ। ସେ ସ୍କୁଲରେ ଥିବାବେଳେ ଭାଗ୍ୟଶ୍ରୀ ତଳେ ପଡ଼ିଯାଇଥିବା ସମିରନ ଫୋନରେ ଜଣାଇଲେ। ଖବରପାଇ ସେ ଘରେ ପହଞ୍ଚି ଗୁରୁତର ଭାଗ୍ୟଶ୍ରୀକୁ ୧୦୮ ଆମ୍ବୁଲାନ୍ସରେ ପିପିଲି ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଭାଗ୍ୟଶ୍ରୀଙ୍କ ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ହୋଇଥିବାବେଳେ ଛାତି ଓ ହାତରେ ମାଡ଼ର କଳା ଚିହ୍ନ ପଡ଼ିଥିବା ମନୋରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ଏସମ୍ପର୍କରେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କୁ ପଚାରିବାରେ, ଘଟଣାକୁ ନେଇ ସମିରନଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା କହିଛନ୍ତି। ଗୁରୁବାର ଭାଗ୍ୟଶ୍ରୀଙ୍କ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯିବ ବୋଲି କହିଥିଲେ।

## ଆତ୍ମା ସହ ପରମାତ୍ମାଙ୍କ ମିଳନ ହିଁ ଯୋଗ

ପୁରୀ, ୨୧।୬ (ଅଜିତ୍ ମହାନ୍ତି)

ଆତ୍ମା ସହ ପରମାତ୍ମାଙ୍କ ମିଳନ ହିଁ ଯୋଗ। ସୁସ୍ଥ ମଣିଷ, ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଆବଶ୍ୟକ। ଯୋଗ, ମଣିଷକୁ ଶୁଦ୍ଧମନ, ଶୁଦ୍ଧ ହୃଦୟ ଓ ଅମୃତ ଚିନ୍ତନ ଦିଏ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବୁଧବାର ପୁରୀ ରାଜଭବନରେ ରାଜ୍ୟପାଳ ଉତ୍କଳ ଯୋଗ କେନ୍ଦ୍ରର ୨୫ଜଣ ଛାତ୍ରୀଛାତ୍ରଙ୍କ ସହ ଯୋଗାଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଗୀତିକାର ବଦ୍ରି ମିଶ୍ର ଓ କବି ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ରାଜଭବନ ପରିସରରେ ରାଜ୍ୟପାଳ ଏବଂ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି।

## ଦିନକ ପରେ ବନ୍ତିଲୋରେ ଗଡ଼ିଲା ରଥ



ଅସ୍ତରଙ୍ଗ,୨୧।୬(ମମତା ଜେନା)

ପୁରୀ ଜିଲାରର ଉପାନ୍ତ ଅଞ୍ଚଳ ତଥା ଅସ୍ତରଙ୍ଗ ବ୍ଲକ ଅଧୀନ କୋରଣା ପଞ୍ଚାୟତ ବନ୍ତିଲୋ ଗ୍ରାମରେ କୋଉ ଆବାହନ କାଳର ପରମ୍ପରା ଅନୁଯାୟୀ, ପୁରୀ ରଥଯାତ୍ରାର ଦିନକ ପରେ ବୁଧବାର ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଜିଲାରେ ଦ୍ୱିତୀୟ ରଥଯାତ୍ରା ହୋଇଥିବାବେଳେ, ମଙ୍ଗଳବାର ରଥଯାତ୍ରା ଦିନ ରଥ ବନ୍ତିଲୋ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରଠାରୁ କୋଡ଼ିଏ ହାତ ଟଣାଯାଇ ରଖାଯାଇଥିଲା। ତା' ପରଦିନ ରଥର ନୀତିକାନ୍ତି ସରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ଅସ୍ତରଙ୍ଗ, କାକଟପୁର, କୋଣାର୍କ ଆଦି ଅଞ୍ଚଳର ହଜାର ହଜାର ମହିଳା ଓ ପୁରୁଷ ରଥଟଣାରେ ଭାଗ ନେଇ ହରିବୋଲ ହୁଳହୁଳି ସହ ନାମ ସଂକୀର୍ତ୍ତନ କରିଥିଲେ। ରଥକୁ ଟାଣି ବନ୍ତିଲୋ ରଥ ପଡ଼ିଆ ନିକଟ ମାଉସୀ ମା' ମନ୍ଦିରକୁ ନେଇଥିଲେ। ରଥଟି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଲା ପରେ ଭକ୍ତ ଧାଡ଼ି ବାନ୍ଧି ରଥାରୂଢ଼ ଦାରୁ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିସହ ରଥ ପଡ଼ିଆରେ ପଡ଼ିଥିବା ମୀନାବଜାର ବୁଲି ତା' ମଜା ଉଠାଇଥିଲେ। ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ଅସ୍ତରଙ୍ଗ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବନ୍ତିଲୋ ଗ୍ରାମ କମିଟି ସଭାପତି ମଙ୍ଗୁଳି ନାୟକ, ପୂର୍ବତନ ସରପଞ୍ଚ ନିର୍ମଳ ମଲ୍ଲ, ସୁରେନ୍ଦ୍ର ବାରିକ, ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଉପସ୍ଥିତ ରହି ରଥଟଣା ଓ ଠାକୁରଙ୍କ ନୀତିକାନ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସମାପନ କରିଥିଲେ।

## ଯୋଗ ଦ୍ୱାରା ଶାରୀରିକ, ମାନସିକ ସୁସ୍ଥତା ଆସିଥାଏ

ପିପିଲି,୨୧।୬(ପ୍ରଭାତ ମହାପାତ୍ର)/
ସାକ୍ଷୀଗୋପାଳ(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)/
ଭରତ ରାଉତ/ ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)

ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ପିପିଲି ଜବାହର ବିଦ୍ୟାପୀଠ ପଡ଼ିଆରେ ଏକ ବିଶାଳ ଯୋଗ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପତଞ୍ଜଳି ଯୋଗ ସମିତି ଯୋଗ ଗୁରୁ ଦୀପକ ସ୍ୱାଇଁ ଶିବିରର ତତ୍ତ୍ୱାବଧାନ କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ପୁରୀ ଜିଲା ବିଭାଗ ପ୍ରମୁଖ ପ୍ରଭାତ ମହାପାତ୍ର, ଆଇନଜୀବୀ ରମାକାନ୍ତ ସାହୁଙ୍କ ସହ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ଆସିଥାଏ ବୋଲି ଯୋଗ ଗୁରୁ ସ୍ୱାଇଁ କହିଥିଲେ। କନକ ଦୁର୍ଗା ଯୋଗ ସମିତି, ଆଦିଯୋଗୀ ଯୋଗ ସମିତିର ଲକ୍ଷ୍ମୀଧର ପ୍ରଧାନ, ପ୍ରଭାତ ସାହୁ, ଗଙ୍ଗାଧର ନାୟକ, ଭିକାରୀ ବରାଳ, ବିଜୟ ବେହେରା, ତୋଫାନ ସିଂ, ପ୍ରତାପ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

ସତ୍ୟବାଦୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଳଗୁମ ସହ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଶ୍ରୀରାମଚନ୍ଦ୍ରପୁର, ମୂଳଅଳସା, ନୂଆସମେଶ୍ୱରପୁର, ବୀରରାମଚନ୍ଦ୍ରପୁର ଆଦି କେନ୍ଦ୍ରରେ ଯୋଗଦିବସ ପାଳନ କରାଯାଇଛି। ଶ୍ରୀରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଆରୋଗ୍ୟକେନ୍ଦ୍ରରେ କ୍ରୀଡ଼ା ଶିକ୍ଷକ ସଞ୍ଜୀବ ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରୀତି ନାୟକ ସଭାପତିତ୍ୱ କରିଥିଲେ। ଆଶା କର୍ମୀ ଶକୁନ୍ତଳା ଦାସ, ପ୍ରଭାସିନି ଦେଈ, ସଂଯୁକ୍ତା ଭୋଇ, ଉମାଶଙ୍କର ମହାପାତ୍ର, ସୂର୍ଯ୍ୟମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ଭାରତ ସ୍ୱାଭିମାନ ପତଞ୍ଜଳି ଯୋଗ ସମିତି ସାକ୍ଷୀଗୋପାଳ ଶାଖା ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଗୁରୁକୁଳ ଶିକ୍ଷାର୍ଥୀ, ଆନ୍ନା ଟାଏକୋଣ୍ଡୋର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଜନସାଧାରଣଙ୍କୁ ନେଇ ଯୋଗ ଦିବସ ପାଳନ କରାଯାଇଛି। ପ୍ରତ୍ୟୁଷରୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଯୋଗ ଶିବିରକୁ ତହସିଲଦାର ଜୟନ୍ତ କୁମାର ଜୟସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ପ୍ରଚାର ସମିତି ସଂଯୋଜକ ସତ୍ୟବାଦୀ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭାପତି ପ୍ରହ୍ଲାଦ ଘଟୁଆରୀ, ଯୋଗଗୁରୁ ସୁବାସ ଚନ୍ଦ୍ର ମିଶ୍ର, ଗୁରୁକୁଳ ଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ର, ଆବାହକ ତାରେଣୀ ପ୍ରସାଦ ମିଶ୍ର, ପ୍ରତାପ ମହାଭୋଇ ପ୍ରମୁଖ ଯୋଗାଭ୍ୟାସ କରିଥିଲେ। ଶିକ୍ଷକ ବିଜୟ ପରିଡ଼ା ଧନ୍ୟବାଦ ଦେଇଥିଲେ। ଅଳଗୁମରେ ଆର୍‌ଏସ୍‌ଏସ୍ ଓ ହିନ୍ଦୁ ଏକତା ଜାଗରଣ ମଞ୍ଚର ମିଳିତ ଉଦ୍ୟମରେ ଯୋଗ ପ୍ରଶିକ୍ଷଣ ଶିବିର ହୋଇଥିଲା। ଏଥିରେ ଯୋଗ ଶିକ୍ଷକ ଶରତ ଭୋଇ ଓ ତିରୁପତି ଜେନା ଯୋଗଶିକ୍ଷା ଦେଇଥିଲେ।




ପିପିଲି ଜବାହର ବିଦ୍ୟାପୀଠ ପଡ଼ିଆରେ ଆୟୋଜିତ ଯୋଗ ଶିବିର।




ସାକ୍ଷୀଗୋପାଳଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଜୁନ୍, ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଗ୍ୟାଲେରି ଆର୍ଟିଷ୍ଟମାଇଣ୍ଡ୍‌ଜ ପକ୍ଷରୁ ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଗଣଧାରଣା, ଆପୋଲୋ ହସ୍ପିଟାଲ ସମ୍ମୁଖ, ଅପରାହ୍ନ ୩ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଲୀଳାମୟ ନୀଳାଦ୍ରୀଶ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

# ପୋଲିସ ଅଧିକାରୀଙ୍କୁ କାଉନ୍‌ସେଲିଂ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ

**କଟକ, ୨୧।୬ (କାର୍ତ୍ତିକ ସାହୁ)**

**ଯାଜପୁର ଟାଉନ୍ ଥାନା ଆଗରେ ଝିଅପୁଅଙ୍କୁ ଆଣ୍ଠେଇବା ମାମଲା**

**ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ**

ପୋଲିସ ଅଧିକାରୀମାନେ ଲୋକଙ୍କ ସହ ବ୍ୟବହାର କଲାବେଳେ ସେମାନଙ୍କ ମାନବିକ ଅଧିକାରର ସୁରକ୍ଷା ପ୍ରତି ସଚେତନ ରହିବେ। ଏନେଇ ପର୍ଯ୍ୟାୟକ୍ରମେ ପୋଲିସ ଅଧିକାରୀମାନଙ୍କୁ କାଉନ୍‌ସେଲିଂ କରିବା ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଟାଉନ୍ ଥାନା ଆଗରେ ୩ ଯୋଡ଼ା ଝିଅପୁଅଙ୍କୁ ଆଣ୍ଠେଇବା ମାମଲାରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରି ଆବେଦନକାରୀ ଏଭଳି ଘଟଣାକୁ ଅଦାଲତଙ୍କ ନିକଟକୁ ଆଣିଥିବାରୁ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଘଟଣାକୁ ୧୦ ବର୍ଷ ବିତିଗଲାଣି। ଘଟଣା ସହ ଜଡିତ ସମ୍ପୃକ୍ତ ଯୁବତୀଯୁବକମାନେ ଏବେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ଜୀବନ ବିତାଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି କ୍ଷତିପୂରଣ ପ୍ରଦାନ ନେଇ ସେ ଆଉ ଆବେଦନ ଉପରେ ଜୋର ଦେଉନାହାନ୍ତି ବୋଲି ଅଦାଲତଙ୍କୁ ସ୍ପଷ୍ଟ କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୩ ଜାନୁୟାରୀ ୧୫ରେ ଯାଜପୁର ଟାଉନ ଥାନା ପୋଲିସ ନିକଟସ୍ଥ ଏକ ପାର୍କରୁ ୩ ଜଣ ଝିଅ ଓ ୩ ଜଣ ପୁଅଙ୍କୁ ଆଣି ଥାନା ସମ୍ମୁଖରେ ଆଣ୍ଠେଇ ଦେଇଥିଲା। ପୋଲିସର ଏହି କାର୍ଯ୍ୟ ପାଇଁ ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା ନେଇ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେମାନଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ୨୦୨୩ ଜାନୁୟାରୀ ୯ ତାରିଖରେ ମାମଲାର ଶୁଣାଣି କରି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କ'ଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ୪ ତାରିଖ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ଓଡ଼ିଶା ମାନବିକ ଅଧିକାର ଆୟୋଗ ଏହି ଘଟଣାରେ ନିଜଆଡୁ ମାମଲା ରୁଜୁକରି ତଦନ୍ତ କରିଥିଲେ। ପୋଲିସର ଏତାଦୃଶ କାର୍ଯ୍ୟ ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ଆୟୋଗ ମଧ୍ୟ ସ୍ପଷ୍ଟ କରିଥିଲେ। ସମ୍ପୃକ୍ତ ଆଇଆଇସି ଆଲୋକ ରଞ୍ଜନ ନାୟକଙ୍କୁ ଆଉ ଏପରି ନ କରିବା ପାଇଁ ତାଗିଦ୍ କରାଯାଇଛି। ଏଥିସହ ତାଙ୍କୁ କାଉନ୍‌ସେଲିଂ ମଧ୍ୟ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କାରଣ ଅସ୍ପଷ୍ଟ, ପୋଲିସର ତନାଘନା**

**ଭୁବନେଶ୍ୱର, ୨୧।୬(ସୂର୍ଯ୍ୟକାନ୍ତ ବେହେରା):** ବରମୁଣ୍ଡା ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବାବେଳେ ବୁଧବାର ସକାଳେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଘର ଯାଜପୁରରେ ବୋଲି ସୂଚନା ମିଳିଛି। ଭରତପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ବିଷୟରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନାନୁସାରେ ଯୁବକ ଜଣଙ୍କ ଚେନ୍ନାଇରେ ଚାକିରି କରିଥିବାବେଳେ ମଙ୍ଗଳବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହାପରେ ଘରକୁ ଯିବାକୁ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ସକାଳ ସମୟରେ ଅପେକ୍ଷା କରିଥିବାବେଳେ ହଠାତ ବାନ୍ତି କରିଥିଲେ। ବାନ୍ତିର କିଛି ସମୟ ପରେ ହଠାତ୍ ଚେତାଶୂନ୍ୟ ହୋଇ ଟଳିପଡ଼ିଥିଲେ। କେହି ଦୁର୍ବୃତ୍ତ ଲୁଟ୍ ପାଇଁ ତାଙ୍କୁ ଖାଦ୍ୟ କିମ୍ବା ପାନୀୟରେ କିଛି ମିଶାଇ ପିଇବାକୁ ଦେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବା ପରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।



ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ବୁଧବାର ଅନ୍ତର୍ଜାତୀୟ ସଙ୍ଗୀତ ଓ ଯୋଗଦିବସ ପାଳନ ଅବସରରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସିଂହଦ୍ୱାର ରୁପା ଛାଉଣି ପାଇଁ ପ୍ରସ୍ତୁତି ଆରମ୍ଭ

**ପୁରୀ, ୨୧।୬(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାରର ନୂତନ ରୁପାଦ୍ୱାର ସ୍ଥାପନ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତି ନବଦିନାତ୍ମକ ଯାତ୍ରାରେ ବାହାରିବା ପରେ କାମ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଥିଲା। ସେହି ଅନୁଯାୟୀ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି ପାଇଁ କାମ ଆରମ୍ଭ ହୋଇଛି। ପ୍ରଥମେ ସିଂହଦ୍ୱାରରେ ଅସ୍ଥାୟୀ ପ୍ଲେଟ୍‌ରେ ଦ୍ୱାର ତିଆରି କାର୍ଯ୍ୟ ଆରମ୍ଭ କରାଯାଇଛି। ଦ୍ୱାର ନିର୍ମାଣ ପରେ ସିଂହଦ୍ୱାରରେ ଲାଗିଥିବା ପିତ୍ତଳ ଦ୍ୱାର ଖୋଲାଯିବ। ରୁପା କବାଟ ନିର୍ମାଣ କରାଯିବା ପରେ ସିଂହଦ୍ୱାରଠାରେ ରୁପାଦ୍ୱାର ଲଗାଯିବ। ବାହୁଡ଼ା ଯାତ୍ରା ପୂର୍ବରୁ ଏହି କାମ ଶେଷ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜଣେ ଦାତା ଦେଇଥିବା ରୁପାରେ ଉକ୍ତ କବାଟ ନିର୍ମାଣ କରାଯାଉଛି। ବର୍ମାଟିକ୍ କାଠରେ ନୂତନ ଦ୍ୱାର ନିର୍ମାଣ କରାଯାଉଛି, ଯାହାକୁ ଲଗାଯିବ। ପୂର୍ବରୁ ସାତପାହାଚ, ଜୟବିଜୟ ଦ୍ୱାର, କଳାହାଟ ଦ୍ୱାର, ବେହରଣ ଦ୍ୱାର, ଭୋଗମଣ୍ଡପ ଦ୍ୱାର ଆଦିକୁ ଉତ୍କଳୀୟ ଡାଞ୍ଚାରେ ରୁପା ଦ୍ୱାର କରାଯାଇଛି। ସୂଚନାଯୋଗ୍ୟ, ସିଂହଦ୍ୱାର ରୁପା ଛାଉଣି କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ମାସରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ ଟିମ୍ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ବର୍ତ୍ତମାନ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରାଯିବ। କାମ ସମୟରେ ଲୋକଙ୍କ ଯାତାୟତ ଉପରେ ରୋକ ଲଗାଯିବ। ସିସିଟିଭି ନଜରରେ କାର୍ଯ୍ୟ ହେବ। ଭକ୍ତ ନିବାସରେ କବାଟ କାର୍ଯ୍ୟ ହେବା ସହ ସିଂହଦ୍ୱାର ନିକଟରେ କବାଟ ଫିଟିଂ ଓ ଫିନିଶିଂ କାର୍ଯ୍ୟ କରାଯିବ।

# ଧ୍ରୁପଦ ଗାୟନରେ ସଙ୍ଗୀତ ଓ ଯୋଗର ସମନ୍ୱୟ

**ଭୁବନେଶ୍ୱର, ୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ)**

**'ପାଶ୍ଚାତ୍ୟ ପଛରେ ଧାଉଁଥିବାରୁ ଆମ ସଂସ୍କୃତିର ଶାସ୍ତ୍ରୀୟତା ନଷ୍ଟ ହେଉଛି'**

ଉତ୍କଳ ତା'ର କଳା ସଂସ୍କୃତି ପାଇଁ ବିଶ୍ୱରେ ସ୍ୱତନ୍ତ୍ର ହୋଇ ରହିଛି। କିନ୍ତୁ ଶାସ୍ତ୍ରୀୟ ଅପେକ୍ଷା ପାଶ୍ଚାତ୍ୟ ପଛରେ ଭବିଷ୍ୟତ ଧାଉଁଛି। ଶାସ୍ତ୍ରୀୟ କାର୍ଯ୍ୟକ୍ରମ ହେଲେ ବସିଥିବା ଲୋକ ବି କିଛି ସମୟ ପରେ ଉଠି ପଳାଉଛନ୍ତି। ଦିନକୁ ଦିନ ଆମ ସଂସ୍କୃତିର ଶାସ୍ତ୍ରୀୟ ଦିଗ ନଷ୍ଟ ହେଉଥିବାବେଳେ ରାଜ୍ୟ ତଥା ଦେଶ ବିଦେଶରେ ପ୍ରଚାର ପ୍ରସାର କରିବାରେ ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେଶନ ଏକ ଅନନ୍ୟ ଭୂମିକା ଗ୍ରହଣ କରିଛି ବୋଲି ବିଧାୟକ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଛନ୍ତି। ଏହି ପ୍ରଚେଷ୍ଟା ପାଇଁ ସେ ଫାଉଣ୍ଡେଶନର ପ୍ରତିଷ୍ଠାତା ମୁକୁନ୍ଦ ଦେବ ସାହୁଙ୍କୁ ପ୍ରଶଂସା କରିଛନ୍ତି। ବୁଧବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଫାଉଣ୍ଡେଶନ ପକ୍ଷରୁ ୨ଦିନିଆ ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସାମଲ ଏହାକୁ ଉଦ୍‌ଘାଟନ କରିବା ସହ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ମିଶନର ସଚିବ ସ୍ୱାମୀ ଆତ୍ମପ୍ରଭାନନ୍ଦ, ବରେଣ୍ୟ ଅତିଥି ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ କେ. ସି. ଶତପଥୀ, ଗୁରୁ ବିଜୟାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଓଡିଶା ଧ୍ରୁପଦ ଗାୟନ ଶୈଳୀର ପୁରୋଧା ଗୁରୁ ମୁକୁନ୍ଦ ଦେବ ସାହୁ ନିଜ ନାଦ-ଯୋଗ ପରିବେଷଣ କରିଥିଲେ। ସମବେଦର ରୁଚା ଓ ଧ୍ରୁପଦ ଗାୟନ ସମ୍ବନ୍ଧରେ କହିଥିଲେ। ନାଦ ଯୋଗ ଅନବରତ ସାଧନା ଏକାଗ୍ରତାକୁ ବଢ଼ାଇବା ସହିତ ଆଧ୍ୟାତ୍ମିକ ମାର୍ଗରେ ଯିବାର ପ୍ରେରଣା ଦେଇଥାଏ ବୋଲି ସେ କହିଥିଲେ। ତାଙ୍କ ପରିବେଷଣରେ ସାଙ୍ଗୀତ ଓ ଯୋଗର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ଗୁରୁ ସାହୁଙ୍କ ପୂର୍ବରୁ ପ୍ରଥମେ ପଞ୍ଜାବରୁ ଆସିଥିବା ୯ବର୍ଷୀୟା ଶ୍ରେୟାଂଶୀ ପହୱା ରାଗ ବାଗେଶ୍ରୀର ଚଉତାଳରେ 'ଆୟେ ରଘୁବୀର ଧୀର...' ଓ ସୁଲତାଲ ତାଳରେ ରଚନା 'ଆୟୋ ସବ୍‌ମିଲ୍ ଗେୟେ...' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମଧ୍ୟପ୍ରଦେଶରୁ ଆସିଥିବା ଭିନି ଗୁପ୍ତା ରାଗ ବିହାଗରେ ଆଧାରିତ ରଚନା 'କାହାଁ ସେ ତୁମ ମଦ ପି ଆୟେହୋ ...' ଓ 'ମନ ଅଲୱେଲା...' ପରିବେଷଣ କରିଥିଲେ। ସେ ୭ବର୍ଷ ଧରି ଗୁରୁ ସାହୁଙ୍କଠାରୁ ଓଡିଶା ଧ୍ରୁପଦ ସଂଗୀତ ଶୈଳୀ ଶିକ୍ଷାଲାଭ କରିଆସୁଛନ୍ତି। ଏହାପରେ ଲିଟିଲ ଧ୍ରୁପଦ କଣ୍ଠଶିଳ୍ପୀ ଶ୍ରେୟାଂଶୀ ପହୱା, ଭିନି ଗୁପ୍ତା, କସ୍ତୁରୀ ସାହୁ ଓ ଅଭିପ୍ସା ପ୍ରିୟଦର୍ଶିନୀ ସାହୁ ବୃନ୍ଦ ଗାୟନ କରିଥିଲେ। ଉକ୍ତ ପରିବେଷଣରେ ରାଗ ଭୁପାଲିରେ 'ଶଙ୍କର ସୁତ ଗଣେଶ...' ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

## କବିତା ସଙ୍କଳନ 'ପ୍ରଥମ ଈଶ୍ୱର' ଉନ୍ମୋଚିତ

**ଭୁବନେଶ୍ୱର, ୨୧।୬(ଶର୍ମିଷ୍ଠା ପାଣିଗ୍ରାହୀ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରା ଉପଲକ୍ଷେ ମଙ୍ଗଳବାର ବିଶିଷ୍ଟ ଲେଖକ ଡ. ପ୍ରଦୀପ ଚୌଧୁରୀଙ୍କ କବିତା ସଙ୍କଳନ 'ପ୍ରଥମ ଈଶ୍ୱର' ଉନ୍ମୋଚିତ ହୋଇଛି। ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ନନ୍ଦିଘୋଷ ରଥାରୁଢ଼ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ମୁଖ୍ୟ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କ କରକମଳରେ ଏହି ପୁସ୍ତକକୁ ସମର୍ପଣ କରାଯାଇଥିଲା। ଏହି ସଙ୍କଳନରେ ୧୧୭ଟି କବିତା ସ୍ଥାନ ପାଇଛି। ଅଧିକାଂଶ କବିତା ଆଧାତ୍ମିକ ଚେତନାର ଗୁଢ଼ ତତ୍ତ୍ୱ ଉପରେ ଆଧାରିତ। ପ୍ରାୟତଃ ସବୁ କବିତାରେ ଈଶ୍ୱର ପ୍ରାପ୍ତିର ମାର୍ଗ, ଭକ୍ତି, ସମର୍ପଣ, ଶ୍ରଦ୍ଧା, ବିଶ୍ୱାସ, ଐଶ୍ୱରିକ ପ୍ରେମ, ଆରାଧନାର ବିଷୟବସ୍ତୁ ସ୍ଥାନିତ ହୋଇଛି। ଏଥିରେ ସ୍ଥାନ ପାଇଥିବା କବିତାଗୁଡ଼ିକ ଶ୍ରୀ ରାଧାକୃଷ୍ଣଙ୍କ ନୈସର୍ଗିକ ପ୍ରେମ ଓ ଭକ୍ତି ରସରେ ରସଶିକ୍ତ। କେଉଁ କବିତାରେ କବି ଈଶ୍ୱରଙ୍କ ସ୍ତୁତି ଗାନ କରି ମହିମା ବଖାଣିଛନ୍ତି ତ' ଆଉ କେଉଁଠି ଅଭିମାନ ଭରା କଣ୍ଠରେ ଈଶ୍ୱରଙ୍କୁ ତାଗିଦ, ପୁଣି କେଉଁଠାରେ ଭକ୍ତିଭରା ଆକୁଳ ନିବେଦନ କରୁଛନ୍ତି। କବିତାଗୁଡ଼ିକ ଆକାର ଦୃଷ୍ଟିରୁ ବେଶ ସଂକ୍ଷିପ୍ତ, ସରଳ ଓ ବୋଧଗମ୍ୟ। ଏଥିରେ ଗଭୀର ଆଧାତ୍ମିକ ତତ୍ତ୍ୱଭିତ୍ତିକ ସୁନ୍ଦର ଶବ୍ଦ ସଂଯୋଜନା ଓ ଭକ୍ତି ଭାବନା ପ୍ରସ୍ଫୁଟିତ ହୋଇଛି। ଭୁବନେଶ୍ୱରସ୍ଥିତ ଜ୍ଞାନଯୁଗ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଏହି ସଙ୍କଳନରେ ଆଦ୍ୟ କଥନ ପୃଷ୍ଠଭୂମିରେ ଅଭିମତ ପ୍ରଦାନ କରିଛନ୍ତି ବିଶିଷ୍ଟ କବି ପଦ୍ମ ବିଭୂଷଣ ରମାକାନ୍ତ ରଥ।

# ଢେଙ୍କାନାଳ ଜିଲାପାଳ, ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର, ୨୧।୬(ସତ୍ୟଜିତ୍ ରାଉତ)**

**ପୋଲିସ ବଳପୂର୍ବକ ଉଚ୍ଛେଦ କରିବା ସହ ନିର୍ଯାତନା ଦେବା ଘଟଣା**

ଢେଙ୍କାନାଳ ଜିଲା ଭୁବନରେ ବିନା ନୋଟିସ୍‌ରେ ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ଘରକୁ ଉଚ୍ଛେଦ ସହ ନିର୍ଯାତନା ଦେବା ଘଟଣାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ମାମଲାର ବୁଧବାର ଶୁଣାଣି କରି କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଅନ୍ତରୀଣ ରହିତାଦେଶ ପ୍ରଦାନ କରିଛନ୍ତି। ଏଥିସହ ଜିଲାପାଳ, ଏସ୍‌ପି, ଭୁବନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାରଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। କମିଶନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରି ସେପ୍ଟେମ୍ବର ୧ ମଧ୍ୟରେ ଏନେଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଅଭିଯୋଗକାରିଣୀଙ୍କ ପରିବାରକୁ ଜବରଦସ୍ତ ସେହି ସ୍ଥାନରୁ ବିସ୍ଥାପିତ ନ କରିବା ଏବଂ ଜନସ୍ୱାର୍ଥ ଦୃଷ୍ଟିରୁ ଉଚ୍ଛେଦ କରିବାର ଆବଶ୍ୟକତା ଥିଲେ ତାହା ବଳପୂର୍ବକ ନ କରି ଆଇନଗତ ପ୍ରକ୍ରିୟାରେ ତାଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଆଦେଶରେ କୁହାଯାଇଛି। ଏପରିକି ଯଦି ତାଙ୍କ ପରିବାର ଥଇଥାନ ପାଇଁ ଉପଯୁକ୍ତ ବିବେଚିତ ହେଉଥାନ୍ତି, ତେବେ ବାସଗୃହ ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି।

ସୂଚନା ଅନୁଯାୟୀ, ପ୍ରାୟ ୪୦ବର୍ଷ ତଳେ ଅନୁସୂଚିତ ଜାତିର ହୃଦାନନ୍ଦ ଗୋଚ୍ଛାୟତ ପରିବାର ସହ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଫିସ ପଛପଟେ ରହୁଥିଲେ। ବିନା ନୋଟିସ୍‌ରେ ଜୁନ ୧୨ରେ ତହସିଲଦାର, ଥାନା ଅଧିକାରୀ, କାମାକ୍ଷାନଗର ଏସ୍‌ଡିପିଓ ପ୍ରମୁଖ ଉକ୍ତ ଜାଗାରେ ଉପସ୍ଥିତ ରହି ଘର ପାଚେରି ଭାଙ୍ଗି ଦେଇଥିଲେ। ଏହାକୁ ପ୍ରତିବାଦ କରିବାରୁ ହୃଦାନନ୍ଦ ଏବଂ ତାଙ୍କ ପରିବାର ଲୋକଙ୍କୁ ବଳପୂର୍ବକ ଥାନାକୁ ନେବେ ବୋଲି କହି ୪ ଘଣ୍ଟା କାଳ ପୋଲିସ ଜିପରେ ପ୍ରବଳ ଖରାରେ ବସାଇଥିଲେ। ଫଳରେ ହୃଦାନନ୍ଦ ଜିପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏ ନେଇ ସ୍ତ୍ରୀ ସରସ୍ୱତୀ ଜୁନ୍ ୧୫ରେ କମିଶନଙ୍କ ନିକଟରେ ନ୍ୟାୟ ପାଇଁ ଅଭିଯୋଗ କରିଥିଲେ। ତାଙ୍କ ସହ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ପ୍ରଦୀପ ସାହୁ, ଗୌତମ ପାତ୍ର, ରଞ୍ଜିତ ସୂତାର, ସଞ୍ଜୟ ନାୟକ ପ୍ରମୁଖ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ରାକେଶ


@ ପଦ୍ମମୀନା


@ ମହେନ୍ଦ୍ର


@ ଶୁଭମ୍


@ ପ୍ରତାପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଡ. ପ୍ରଦୀପ ଚୌଧୁରୀଙ୍କ କବିତା ସଙ୍କଳନ 'ପ୍ରଥମ ଈଶ୍ୱର'କୁ ପୁରୀ ବଡ଼ଦାଣ୍ଡସ୍ଥିତ ନନ୍ଦିଘୋଷ ରଥାରୁଢ଼ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ମୁଖ୍ୟ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର ଲୋକାର୍ପଣ କରୁଛନ୍ତି।



ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ବୁଧବାର ପତଞ୍ଜଳି ଯୋଗପୀଠ ଖୋର୍ଦ୍ଧା ଜିଲା ପକ୍ଷରୁ ନୟାପଲ୍ଲୀ କସ୍ତୁରବା ଗ୍ରାଉଣ୍ଡ୍‌ରେ ଅନୁଷ୍ଠିତ ଯୋଗ ଶିବିରରେ ଅତିଥିଙ୍କ ସହ ଶିଶୁ ଓ ମହିଳାମାନେ ଯୋଗ କରୁଛନ୍ତି।

# ଜିଲାସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୬(ଅଭୟ ଦାଶ)



ଓଡ଼ିଶା ସରକାରଙ୍କ ବୟନ ଓ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ଅଧୀନରେ ପରିଚାଳିତ ବୟନିକା ଦ୍ୱାରା ପୁରୀର ନୀଳାଚଳ ଅର୍ବାନ ହାଟଠାରେ ଏକ ଜିଲାସ୍ତରୀୟ ହସ୍ତତନ୍ତ ମେଳା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ବୟନିକାର ପରିଚାଳନା ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ଏବଂ ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ମେଳାରେ ମୋଟ ୩୦ଟି ପ୍ରାଥମିକ ସମବାୟ ସମିତିର କର୍ମକର୍ତ୍ତା ଓ ଓଡ଼ିଶାର ବିଭିନ୍ନ ପ୍ରାଥମିକ ସମବାୟ ସମିତି ସହିତ ବିଭିନ୍ନ ରାଜ୍ୟର ବ୍ୟବସାୟୀ ଓ ସମିତି ସେମାନଙ୍କର ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଓ ପରିଧାନକୁ ମେଳାରେ ପ୍ରଦର୍ଶନ କରାଇବା ସହ ବିକ୍ରି ମଧ୍ୟ କରିବେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧ ବସ୍ତ୍ର ସହ ପଶ୍ଚିମବଙ୍ଗର ଜାମ୍‌ଦାନି ଓ ଟାଙ୍ଗାଇଲ୍, ଗୁଜରାଟର ପଟୋଲା, ଲକ୍ଷ୍ନୌର ଚିକେନକାରୀ, ଜମ୍ମୁ-କଶ୍ମୀରର ପଶ୍ମିନା ଶାଲ ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଏହି ଜିଲାସ୍ତରୀୟ ହସ୍ତତନ୍ତ ମେଳା ୨୦୨୩ ଜୁନ୍ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ। ଏପରିକି ପ୍ରତ୍ୟହ ଦିବା ୧୧ ଟାଠାରୁ ରାତ୍ର ୯ ଟା ପର୍ଯ୍ୟନ୍ତ ମେଳା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ମେଳାରେ ଆକର୍ଷଣୀୟ ପୋଷାକ ସାଙ୍ଗକୁ ପ୍ରତ୍ୟେକ କାରବାର ଉପରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି। ଉକ୍ତ ମେଳାରେ ବହୁ ସଂଖ୍ୟାରେ ଗ୍ରାହକ ପଦାର୍ପଣ କରି ସରକାରୀ ରିହାତିର ସୁବିଧା ସହ ହସ୍ତତନ୍ତ ବସ୍ତ୍ର କ୍ରୟ କରି ବୁଣାକାରମାନଙ୍କୁ ଉତ୍ସାହିତ କରିବେ ବୋଲି ଉଭୟ ଆୟୋଜକ ଓ ପ୍ରାୟୋଜକଙ୍କ ପକ୍ଷରୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା) ଓଡ଼ିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା, ଯାହାକି ଦୀର୍ଘ ୬୬ ବର୍ଷ ଧରି ଓଡ଼ିଶା ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛି। ଓଡ଼ିଶାର ହଜାର ହଜାର ବୁଣାକାରଙ୍କ ଜୀବିକା ନିର୍ବାହର ମୁଖ୍ୟ ପାଥେୟ ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ରର ଉତ୍ତମ ବିପଣନ ମଧ୍ୟ କରୁଛି। ଏହି ବିପଣନକୁ ତ୍ୱରାନ୍ୱିତ କରିବା ପାଇଁ ହସ୍ତତନ୍ତ ଉନ୍ନୟନ ଆୟୋଗ ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ବିଭିନ୍ନ ରାଜ୍ୟର ଶୀର୍ଷ ହସ୍ତତନ୍ତ ସମବାୟ ସଂସ୍ଥା ଜରିଆରେ 'ଜିଲାସ୍ତରୀୟ ହସ୍ତତନ୍ତ ମେଳା'ର ଆୟୋଜନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥାଆନ୍ତି। ଏହି ଯୋଜନାରେ ବୟନିକା ଦ୍ୱାରା ପୁରୀର ନୀଳାଚଳ ଅର୍ବାନ୍ ହାଟଠାରେ ଏକ ଜିଲାସ୍ତରୀୟ ହସ୍ତତନ୍ତ ମେଳା ନିକଟରେ ଆୟୋଜିତ ହୋଇଛି।

## 'ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍'

ଭୁବନେଶ୍ୱର,୨୧।୬

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍'ର ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଏହା ଏକ ଓପେନ ଏଣ୍ଡେଡ୍ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ ଭାବେ ଜଣାଶୁଣା। ଏପରିକି ଦୀର୍ଘମିଆଦୀ ଭିତ୍ତିରେ ଆଇଟି କମ୍ପାନୀଗୁଡ଼ିକର ଉନ୍ନତ ପ୍ରଦର୍ଶନରୁ ଲାଭ ପାଇବା ଲାଗି ଏହି ଇଟିଏଫ୍ ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରିବ। ସେହିଭଳି ଡିଏସ୍‌ପି ନିଫ୍‌ଟି ଆଇଟି ଇଟିଏଫ୍‌ର ନୂଆ ଫଣ୍ଡ ଅଫରର ସବ୍‌ସ୍କ୍ରିପ୍‌ସନ୍ ୨୦୨୩ ଜୁଲାଇ ୩ରେ ବନ୍ଦ ହେବ। ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ୍ ଫଣ୍ଡର ମୁଖ୍ୟ-ପାସିଭ୍ ନିବେଶ ଓ ଉତ୍ପାଦ ସିଏଫ୍‌ଏ ଅନିଲ ଗିଲାନି କହିଛନ୍ତି, ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଭାରତୀୟ ଆଇଟି କ୍ଷେତ୍ର ନିରନ୍ତର ପ୍ରଦର୍ଶନ କରୁଛି। ଆମର ବିଶ୍ୱାସ ରହିଛି ଯେ ବର୍ତ୍ତମାନ ସ୍ତରରେ ମୂଲ୍ୟାୟନ ହାରାହାରିର ଗୁଣିତକ ଆଡ଼କୁ ଅଗ୍ରସର ହେଉଛି ଏବଂ ଏହି କ୍ଷେତ୍ରର ଅଧିକାଂଶ କମ୍ପାନୀ ସୁସ୍ଥ ରହିଛନ୍ତି ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ସୁଲଭ ରହିଛନ୍ତି।

# ଭାଟିଆ ଲାଇଫ୍‌ଷ୍ଟାଇଲର ନୂତନ ଆଉଟ୍‌ଲେଟ୍



ଭୁବନେଶ୍ୱର,୨୧।୬

ରାଜ୍ୟର ପ୍ରମୁଖ କପଡ଼ା ଓ ପୋଷାକ ସାମଗ୍ରୀ ବିକ୍ରେତା ଭାଟିଆ ଲାଇଫ୍‌ଷ୍ଟାଇଲର ନୂତନ ଆଉଟ୍‌ଲେଟ୍ ବୁଧବାର ଆନୁଷ୍ଠାନିକ ଭାବେ ସତ୍ୟନଗରସ୍ଥିତ ଶୁଭମ ମାର୍କେଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲବନ୍ତ ସିଂ ଭାଟିଆ, ମନୀଷ ଭାଟିଆ ଓ କମଲ କୌର ଭାଟିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ୧୫୦୦ ବର୍ଗ ଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଶୋରୁମ୍‌ରେ ମହିଳା ଓ ଝିଅମାନଙ୍କ ପାଇଁ ବ୍ୟାପକ ପୋଷାକ ସମ୍ଭାର ଉପଲବ୍ଧ। ଏ ସମ୍ପର୍କରେ ଆଉଟ୍‌ଲେଟ୍ ସ୍ୱତ୍ୱାଧିକାରୀ କମଲ କୌର ଭାଟିଆ କହିଛନ୍ତି, ବର୍ତ୍ତମାନ ଏଠାରେ ମହିଳା ଓ ଝିଅମାନଙ୍କ ପାଇଁ ଶାଢ଼ି, ସାଲୱାର, ପଞ୍ଜାବି, ନାଇଟ୍ ୱେର, ବିଭିନ୍ନ ବର୍ଗର ଡ୍ରେସ୍ ମ୍ୟାଟେରିଆଲ୍ସ ଏବଂ ପଞ୍ଜାବୀ ଜୁତି ସହିତ ଡେଜି ଏକ୍ସକ୍ଲୁସିଭ କଲେକ୍ସନ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ।

# ବଜାରରେ ହିରୋର ନ୍ୟୁ ପ୍ୟାସନ ପ୍ଲସ୍




ଭୁବନେଶ୍ୱର,୨୧।୬

ହିରୋ ମୋଟୋକର୍ପ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହିରୋ ନ୍ୟୁ ପ୍ୟାସନ ପ୍ଲସ୍‌ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଥିଲା। ଏହି ପରିପ୍ରେକ୍ଷୀରେ ହିରୋ ମୋଟୋକର୍ପର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକର ସର୍ବବୃହତ୍ ଜେଏମ୍‌ଜି ଅଟୋମୋବାଇଲ୍ସ ପକ୍ଷରୁ ଆୟୋଜିତ ଏକ ଅନାବରଣ ଉତ୍ସବରେ ହିରୋ ନ୍ୟୁ ପ୍ୟାସନ ପ୍ଲସ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ହିରୋ ମୋଟୋକର୍ପ ଓ ଜେଏମ୍‌ଜି ଅଟୋମୋବାଇଲ୍ସ ବିଭିନ୍ନ ସୁବିଧା ଓ ବିକ୍ରି ପରବର୍ତ୍ତୀ ସେବା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏମ୍‌ଜି ଅଟୋମୋବାଇଲ୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ହିରୋ ମୋଟୋକର୍ପର ନ୍ୟୁ ପ୍ୟାସନ ପ୍ଲସ୍‌ରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଫିଚର ଉପଲବ୍ଧ ରହିଛି। ସେହିଭଳି ୩ଟି ଆକର୍ଷଣୀୟ ରଙ୍ଗରେ ଏହି ମଡେଲ ବଜାରରେ ଉପଲବ୍ଧ ହେଉଥିବା ବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ୭୬, ୨୨୧ ଟଙ୍କା ରହିଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ମରାମତିକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୬

ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଯୋଗାଣକୁ ପ୍ରାଥମିକତା ଦେବା ଲାଗି ମରାମତି କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ୨୦୨୩ ମାର୍ଚ୍ଚ ପରଠାରୁ ରାଜ୍ୟରେ ବାରମ୍ବାର କାଳବୈଶାଖୀ ଝଡ଼ରେ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ୬୫୭ ବିଦ୍ୟୁତ୍ ଖୁଣ୍ଟକୁ ପୁନଃ ସ୍ଥାପନ କରାଯାଇଥିବା ବେଳେ ୨୫୮ ବିଦ୍ୟୁତ୍ ଟ୍ରାନ୍ସଫରର ମରାମତି କରାଯାଇଛି। ସେହିଭଳି ଟିପିଡବ୍ଲ୍ୟୁଓଡିଏଲ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୧୭ ଉତ୍ସର୍ଗୀକୃତ କର୍ମଚାରୀଙ୍କ ଟିମ୍ ୩୫.୦୮୫ ସର୍କିଟ୍ କି.ମି. କ୍ଷତିଗ୍ରସ୍ତ ତାରର ମରାମତି କରିଛନ୍ତି। ବିଶେଷକରି ଉକ୍ତ ଟିମ୍‌ର କର୍ମଚାରୀମାନେ ଏହି ସମୟ ମଧ୍ୟରେ ୬୩ ଦ୍ୱୈତ ପୋଲକୁ ବି ପୁନଃ ସ୍ଥାପନ କରିଛନ୍ତି।




ପତଞ୍ଜଳି ୱେଲ୍‌ନେସ୍ ସେଣ୍ଟର ହରିଦ୍ୱାର ପକ୍ଷରୁ ବୁଧବାର ୯ମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ମହା ଆଡ଼ମ୍ବର ସହକାରେ ପତଞ୍ଜଳି ଯୋଗପୀଠ-୨ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ପ୍ରମୁଖ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣା ବିଶ୍ୱ ଯୋଗ ଦିବସ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦,୦୦୦ ରୁ ଅଧିକ ଯୋଗ ସାଧକଙ୍କ ସହ ଯୋଗକରିଥିଲେ। ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସହ ଯୋଗ କରୁଛନ୍ତି। ସୂଚନାଯୋଗ, ପତଞ୍ଜଳି ପକ୍ଷରୁ ଦେଶର ୬୦୦ ଜିଲା ଓ ୫୦୦୦ ତହସିଲରେ ଯୋଗ ଦିବସ ଆୟୋଜନ କରାଯାଇଥିଲା।

# ସହଯୋଗର ହାତ ବଢ଼ାଇଲା ଏସ୍‌ବିଆଇ




ଭୁବନେଶ୍ୱର,୨୧।୬

ପ୍ରତିବର୍ଷ ଭଳି ଚଳିତବର୍ଷ ପୁରୀ ରଥଯାତ୍ରା ଉପଲକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଏବଂ ଏସ୍‌ବିଆଇ ଲେଡିଜ୍ କ୍ଲବ ପକ୍ଷରୁ ପୁରୀ ପୋଲିସ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟକୁ ସହଯୋଗର ହାତ ବଢ଼ାଇଛି। ଏପରିକି ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ଜରିଆରେ ୧୦୦ଟି ଛତା, ୫୦୦ଟି ରେନ୍ କୋଟ୍, ୧୦,୦୦୦ ପାଣି ବୋତଲ, ୧୦,୦୦୦ ଫଳରସ ବୋତଲ ଏବଂ ୧୦୦ ରୋଡ୍ ବ୍ୟାରିକେଡ୍ ପୁରୀ ପୋଲିସ ପ୍ରଶାସନକୁ ପ୍ରଦାନ କରାଯାଇଛି। ବିଶେଷକରି ଏସ୍‌ବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ପୁରୀ ପ୍ରଶାସନକୁ ଉପରୋକ୍ତ ସାମଗ୍ରୀଗୁଡିକ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମାଙ୍କ ସମେତ ଏସ୍‌ବିଆଇର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସର୍ବଭାରତୀୟ ଷ୍ଟେଟ ବ୍ୟାଙ୍କ ଲେଡିଜ୍ କ୍ଲବର ମୁଖ୍ୟ ଅନୀତା ଖାରାଙ୍କ କରକମଳରେ ସେ ସବୁ ସାମଗ୍ରୀ ଦାନ କରାଯାଇଥିଲା। ସେହିପରି ଜୁନ୍ ୨୧ରେ ଷ୍ଟେଟ ବ୍ୟାଙ୍କ ଲେଡିଜ୍ କ୍ଲବ୍‌ର ମୁଖ୍ୟ ଅନୀତା ଖାରା ଅସହାୟମାନଙ୍କ ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ସହାୟକୁ ୨ଟି ୱାଟର କୁଲର ଏବଂ ୨ମାସ ପାଇଁ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁମ୍ବାଇରୁ ଆସିଥିବା ବରିଷ୍ଠ ଲେଡିଜ କ୍ଲବ ସଦସ୍ୟା ପୁନମ୍ ତିୱାରୀ, ମୀରା ସ୍ୱାମୀନାଥନ ଏବଂ ଶ୍ରୀଦେବୀ ସୂର୍ଯ୍ୟାଙ୍କ ସମେତ ଓଡ଼ିଶା ରାଜ୍ୟ ଷ୍ଟେଟ ବ୍ୟାଙ୍କ ଲେଡିଜ କ୍ଲବ ମୁଖ୍ୟ ଗୀତୁ ଶେଖର ଶର୍ମାଙ୍କ ସମେତ ଷ୍ଟେଟ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଫୁର୍‌ସତ୍

# ଛାଡ଼ପତ୍ର ମନ୍ଦିର



ଟୋକିଓ

ଅନେକ ଲୋକ ତାଙ୍କ ମନସ୍କାମନା ପୂରଣ କରିବାକୁ ବିଭିନ୍ନ ମନ୍ଦିରକୁ ଯାଇଥାଆନ୍ତି। ଠାକୁରଙ୍କ ଆଗରେ ମନକଥା କହି କନା ବାନ୍ଧିଥାଆନ୍ତି। ହେଲେ କେବେ ଛାଡ଼ପତ୍ର ମନ୍ଦିର କଥା ଶୁଣିଛନ୍ତି କି? ଜାପାନର ମାତ୍‌ସୁଗାଓକାରେ ୬୦୦ ବର୍ଷ ପୁରୁଣା ଟୋକିଜି ମନ୍ଦିର ରହିଛି, ଯାହାର ସାଂସ୍କୃତିକ ଓ ଐତିହାସିକ ଭାବେ ବେଶ୍ ମାନ୍ୟତା ରହିଛି। ଏହି ମନ୍ଦିର ସଶକ୍ତୀକରଣ ଓ ନବୀକରଣର ସ୍ୱତନ୍ତ୍ର ବାର୍ତ୍ତା ଦେଇଥାଏ। ହେଲେ ଏହି ମନ୍ଦିର ଅଧିକାଂଶ କ୍ଷେତ୍ରରେ ଛାଡ଼ପତ୍ର ମନ୍ଦିର ଭାବେ ବେଶ ପରିଚିତ। ପ୍ରକୃତରେ ୧୨୮୫ରେ ଜଣେ ବୌଦ୍ଧ ନନ୍ କାକୁସାନ୍ ଶିଦୋ-ନିଙ୍କ ଦ୍ୱାରା ଏହି ମନ୍ଦିର ସ୍ଥାପିତ ହୋଇଥିଲା। ପ୍ରଥମେ ପ୍ରଥମେ ଏହାକୁ ଆବଶ୍ୟକ ମହିଳାଙ୍କ ପାଇଁ ଏକ ଆଧ୍ୟାତ୍ମିକ ମାର୍ଗଦର୍ଶନ ଏବଂ ସହାୟତା ପାଇଁ ବ୍ୟବହୃତ କରାଯାଉଥିଲା। ସେହି ସମୟରେ ଯେଉଁ ମହିଳାଙ୍କ ସ୍ଥିତି ଖରାପ ଥିବ, ସେମାନଙ୍କ ପାଖରେ କେହି ନ ଥିବେ। ଏହାଛଡ଼ା ଯେଉଁ ମହିଳାମାନେ ତାଙ୍କ ବିବାହକୁ ନେଇ ଖୁସିରେ ନାହାନ୍ତି କି ପରିବାରରୁ ଅନେକ କଷ୍ଟ ସହିବାକୁ ପଡୁଛି, ସେମାନେ ଆସି ଏହି ମନ୍ଦିରରେ ରହୁଥିଲେ। ସେ ସମୟରେ ବିବାହ ଭାଙ୍ଗିବା କିମ୍ବା ଛାଡ଼ପତ୍ର ଖାସ୍ କରି ମହିଳାଙ୍କ ପାଇଁ ବହୁତ ବଡ଼ କଥା ଥିଲା। ପରେ ଟୋକିଜିରେ ବିବାହରେ ପ୍ରତାରିତା ମହିଳା ଏବଂ ସ୍ୱାମୀଙ୍କଠାରୁ ଅଲଗା ହୋଇ ପଳାଇ ଆସିଥିବା ମହିଳାଙ୍କୁ ଛାଡ଼ପତ୍ର ଦେବା ଆରମ୍ଭ ହେଲା, ଯାହାକୁ ସୂଫୁଙ୍କୁ-ଜି ନାମରେ ଜଣାଗଲା। ଏହି ପ୍ରମାଣପତ୍ର ମହିଳାଙ୍କୁ ବିବାହକୁ ସ୍ୱତନ୍ତ୍ରତା ପ୍ରଦାନ କଲା। ଟୋକିଜି ମନ୍ଦିରରେ ଏକ ସଂଗ୍ରହାଳୟ ମଧ୍ୟ ରହିଛି, ଯାହା ଇତିହାସ ସମ୍ବନ୍ଧୀୟ ବିଭିନ୍ନ କଳାକୃତି, ଦସ୍ତାବିଜ୍ ଏବଂ ଐତିହାସିକ ଖାତାକୁ ଦର୍ଶାଏ। ଏହା ଦ୍ୱାରା ମଣିଷ ମନ୍ଦିରର ମହତ୍ତ୍ୱ, ସାମନ୍ତବାଦୀ ସମୟରେ ମହିଳାଙ୍କୁ ସଶକ୍ତ କରିବାରେ ଏହାର ଭୂମିକାର ଗଭୀର ଜ୍ଞାନ ହାସଲ କରିବାରେ ସାହାଯ୍ୟ କରିବ। ଏହା ସାଂସ୍କୃତିକ, ଐତିହାସିକ ମହତ୍ତ୍ୱ ପରେ ଏକ ବୌଦ୍ଧ ମନ୍ଦିର ଭାବେ ମଧ୍ୟ କାମ କରେ। ଏଠାରେ ଧାର୍ମିକ ସମାରୋହ, ଧ୍ୟାନ ମଧ୍ୟ ଶିଖାଯାଏ। ଯିଏ ଜ୍ଞାନପ୍ରାପ୍ତ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ମନ୍ଦିରର ନିବାସୀ ଭିକ୍ଷୁ ଏବଂ ନନ୍ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦେଇଥାଆନ୍ତି। ମନ୍ଦିରର ପରିବେଶ ଅତ୍ୟନ୍ତ ଶାନ୍ତ ଥିବାବେଳେ ଏଠାରେ ଥିବା ସବୁଜିମା, କାଠର ଢାଞ୍ଚା ଏହାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ। ମୁଖ୍ୟଦ୍ୱାରକୁ ଯାଉଥିବା ପଥର ରାସ୍ତାରେ ଲୋକଙ୍କୁ ସ୍ୱାଗତ କରାଯାଇଥାଏ।

# ଏଆଇ ଚାଳିତ ହାତ, ଗୋଡ଼

ଲଣ୍ଡନ



ନିକଟରେ ଲଣ୍ଡନର ଜଣେ ମହିଳା ରୋବୋ ହୋଇଛନ୍ତି। ମହିଳା ଜଣଙ୍କ ଏକ ଟ୍ରେନ ଦୁର୍ଘଟଣାରେ ତାଙ୍କ ଗୋଟେ ହାତ ଏବଂ ଗୋଟେ ଗୋଡ଼ ହରାଇଥିଲେ। ହେଲେ ଏବେ ସେ ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ର ବ୍ୟବହାର କରୁଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଜରିଆରେ ହିଁ ତାଙ୍କ ହାତ ଓ ଗୋଡ଼କୁ କମାଣ୍ଡ ମିଳୁଛି। ଏବେ ସେ ତାଙ୍କ ମୁଣ୍ଡକୁ ପଢ଼ିପାରୁଛନ୍ତି। ଏପରି ଘଟଣା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଉତ୍ତର ଲଣ୍ଡନର ବାସିନ୍ଦା ସାରା ଡେ ଲାଗାର୍ଡେ ଗତବର୍ଷ ସେପ୍ଟେମ୍ବରରେ ତାଙ୍କ କାମ ସାରି ଘରକୁ ଯାଉଥିଲେ। ସେତେବେଳେ ସେ ତାଙ୍କ ସନ୍ତୁଳନ ହରାଇ ରେଳ ଲାଇନରେ ପଡ଼ିଗଲେ। ତାଙ୍କ ଉପରେ ରେଳ ମାଡ଼ିଯିବାରୁ ସେ ତାଙ୍କ ଡାହାଣ ହାତ ଓ ଗୋଡ଼ ହରାଇଥିଲେ। ଡାକ୍ତର ତାଙ୍କ ସେହି ହାତ ଓ ଗୋଡ଼କୁ କାଟି ଦେଇଥିଲେ। ବିନା ହାତ ଗୋଡ଼ରେ ରହିବା କେତେ କଷ୍ଟ, ତାହା ଜଣାପଡୁଥିବ। ହେଲେ ସାରା ହାର ମାନି ନ ଥିଲେ। ସେ ଏହାର ବିକଳ୍ପ ଖୋଜିବାରେ ବ୍ୟସ୍ତ ରହିଥିଲେ। ସେତେବେଳେ ତାଙ୍କୁ ବୈଜ୍ଞାନିକ ତାଙ୍କୁ ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ ବାବଦରେ କହିଥିଲେ। ଯାହା ଫଳରେ ସେ ତାଙ୍କର ସମସ୍ତ କାର୍ଯ୍ୟ ଆଗ ଭଳି କରିପାରିବେ। ୨ ପିଲାର ମା' ସାରାଙ୍କୁ ଏହା ଶୁଣି ଟିକେ ଆଶ୍ୱସ୍ତି ମିଳିଲା। ନିଜକୁ ୮୦ ପ୍ରତିଶତ ମଣିଷ ଏବଂ ୨୦ ପ୍ରତିଶତ ରୋବୋ କରିଥିବା ସାରା କହିଛନ୍ତି, ଏକ ବାୟୋନିକ୍ ଆର୍ମ ପ୍ରସ୍ତୁତ ହୋଇଛି, ଯାହା ଏଆଇ ପ୍ରଣାଳୀର ଉପଯୋଗ କରିବ। ଏହା ତାଙ୍କ ପ୍ରକୃତ ହାତ ଭଳି କାମ କରିବ ବୋଲି ସେ କହିଛନ୍ତି। ଏଥିରେ ସେନ୍ସର ଅଛି, ଯାହା ତାଙ୍କ ମାଂସପେଶୀର ଗତିବିଧିକୁ ନିରୀକ୍ଷଣ କରିବ। ସେ ଯାହା ଚାହିଁବେ ଏହି ହାତ ଦ୍ୱାରା କରିପାରିବେ। ବର୍ତ୍ତମାନ ତାଙ୍କର ଟ୍ରେନିଂ ଚାଲିଛି। ଏହି ଏଆଇ ସଞ୍ଚାଳିତ ହାତ ଓ ଗୋଡ଼ ପାଇଁ ତାଙ୍କର ୨.୬ କୋଟି ଟଙ୍କା ଖର୍ଚ୍ଚ ହେବ। ସେଥିପାଇଁ ସେ ଲୋକଙ୍କଠାରୁ ସାହାଯ୍ୟ ମାଗୁଛନ୍ତି।



## ୪ ବର୍ଷୀୟାଙ୍କ ଯୋଗଶିକ୍ଷା

ୱାଶିଂଟନ

ପିଲା ଅଧିକାଂଶ କଥା ତାଙ୍କ ମାତାପିତାଙ୍କଠାରୁ ଶିଖିଥାନ୍ତି। ମାତାପିତା ସେମାନଙ୍କୁ ଯେପରି ସଂସ୍କାର ଦେଇଥାନ୍ତି, ସେମାନେ ସେପରି ଭାବେ ପ୍ରତିଫଳିତ ହୁଅନ୍ତି। ଆମେରିକାର ନ୍ୟୁଜର୍ସିରେ ରହୁଥିବା ମିନି କୈସ୍ୱରଜେକ୍ ତାଙ୍କ ମା'ଲୌରା କୈସ୍ୱରଜେକ୍‌ଙ୍କଠୁ ୪ ବର୍ଷ ବୟସରେ ବିଭିନ୍ନ ପ୍ରକାରର ଯୋଗ ଶିଖି ସାରିଲେଣି। ତାଙ୍କ ମା'ଙ୍କୁ ୪୫ ବର୍ଷ ହୋଇଥିବାବେଳେ ସେ ୨୬ ବର୍ଷ ହେବ ଯୋଗ ଅଭ୍ୟାସ କରୁଛନ୍ତି।

# ଡିଟେକ୍‌ଟିଭ ଚରିତ୍ରରେ ବିଦ୍ୟା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ତାଙ୍କ ନୂଆ ଫିଲ୍ମ 'ନିୟତ'ର ପୋଷ୍ଟର୍ ଏବଂ ଟିଜର୍ ସୋସିଆଲ ମିଡିଆରେ ବୁଧବାର ପୋଷ୍ଟ କରିଛନ୍ତି। ଦର୍ଶକଙ୍କୁ ତାଙ୍କ ଫାଷ୍ଟ ଲୁକ୍ ବେଶ ପସନ୍ଦ ଆସିଛି। ଏଥିସହ ବିଦ୍ୟା ମୁଭିର ଟିଜର ମଧ୍ୟ ଶେୟାର କରିଛନ୍ତି। ଚଳଚ୍ଚିତ୍ରରେ ତାଙ୍କୁ ଜଣେ ଡିଟେକ୍‌ଟିଭ ଚରିତ୍ରରେ ଦେଖିବାକୁ ମିଳିବ। ବିଦ୍ୟା ପୋଷ୍ଟରରେ ସବୁଜ ସାର୍ଟ, ବାଦାମୀ ରଙ୍ଗର ସ୍ୱେଟେର୍ ଏବଂ ମାଟିଆ ରଙ୍ଗର ଓଭରକୋଟ ପିନ୍ଧିଥିବାର ନଜର ଆସିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, 'ମିରା ରାଓଙ୍କୁ ଭେଟନ୍ତୁ, ଏକ କ୍ଲାସିକ ହତ୍ୟାକାଣ୍ଡରର କ୍ଲାସିକ ଡିଟେକ୍ଟିଭ'। ଫିଲ୍ମର ଟ୍ରେଲର ଗୁରୁବାର ରିଲିଜ୍ ହେବାକୁ ଥିବାବେଳେ ଆସନ୍ତା ଜୁଲାଇ ୭ରେ ଚଳଚ୍ଚିତ୍ର ରିଲିଜ୍ ହେବାର ସୂଚନା ମିଳିଛି। ଏହା ପୂର୍ବରୁ ବିଦ୍ୟାଙ୍କୁ ଜଲ୍‌ସାରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ସେ ୨୦୦୩ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କର ଏହି ଜୀବନ ଯାତ୍ରା ମଧ୍ୟରେ ଅନେକ ଫିଲ୍ମ ଲୋକଙ୍କ ମନକୁ ଛୁଇଁଛି। ଏବେ ତାଙ୍କ ହାତରେ ଆଉ କିଛି ମୁଭି ରହିଛି। ଏହାସହିତ ସେ ଟେଲିଭିଜନ ଏବଂ ମ୍ୟୁଜିକ୍ ଭିଡିଓରେ ମଧ୍ୟ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି।

## ସଂକ୍ଷେପରେ

### ବାହାନଗା ରେଳ ଦୁର୍ଘଟଣା: ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମିଳିଲା ୬ ଲକ୍ଷ ୮୫ ହଜାର

ଭୁବନେଶ୍ୱର, ୨୧।୬(ସୁନିତ୍ ମିଶ୍ର): ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟାର୍ଥେ ଓଡ଼ିଶା ମୃତ୍ତିକା ସଂରକ୍ଷଣ ଅଧିକାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪ ଲକ୍ଷ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସଂଘର ସଭାପତି ଶୈଳେନ୍ଦ୍ର ନାରାୟଣ ନାୟକ, ସାଧାରଣ ସମ୍ପାଦିକା ଜି.ମାନସୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟା ଅଙ୍କିତା ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ନିଖିଳ ଓଡ଼ିଶା ସରକାରୀ ହୋମିଓପାଥି ସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ୬୦ ହଜାର ୬୨୧ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କୁ ସଂଘର ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

### ମାନସ ସ୍ୱାଇଁ ହତ୍ୟା ଘଟଣା: ସହଯୋଗୀଙ୍କ ସାକ୍ଷ୍ୟ ଗ୍ରହଣ

ଭଦ୍ରକ,୨୧।୬(ସନାତନ ରାଉତ): ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାରେ ବୁଧବାର ଜିଲା ଜଜ୍ କୋର୍ଟରେ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଭଦ୍ରକ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଦାଲତରେ ମାନସଙ୍କ ସହଯୋଗୀ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଜାମୁକୋଲି ଗ୍ରାମର ଦୀପକ କୁମାର ସାହୁ ହାଜର ହୋଇ ସାକ୍ଷୀ ଦେଇଛନ୍ତି। ବୟାନରେ କହିଛନ୍ତି, ସେ ଜଣେ କଳାକାର ଓ ଶର୍ମିଷ୍ଠାଙ୍କ ଫିଲ୍ମରେ ଅଭିନୟ କରୁଥିଲେ। ୨୦୨୨ ଫେବୃୟାରୀ ୭ରେ ମାନସଙ୍କ ସହ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ପଳାସପୁର ଗ୍ରାମକୁ ଏକ ବାହାଘର ସୁଟିଂ କରିବାକୁ ଆସିଥିଲେ। ଫେରିବା ବେଳେ ଶର୍ମିଷ୍ଠା ଓ ରାଜ ତାଙ୍କୁ ଏକ କାର୍‌ରେ ଅପହରଣ କରି ନେଇଥିଲେ ବୋଲି କହିଛନ୍ତି। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ସମସ୍ତ ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ଥିଲେ।

### ଗୁଣପୁର କୋର୍ଟରେ ହାଜର ହେଲେ ସବ୍ୟସାଚୀ

ଗୁଣପୁର,୨୧।୬ ( ପ୍ରଦୀପ କୁମାର ପାଢ଼ୀ): ରାୟଗଡ଼ା ଜିଲା ଗୁଣପୁର ସବ୍‌ଜଜ୍ କୋର୍ଟରେ ବୁଧବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଥିଲେ। ତାଙ୍କ ନାଁରେ ଥିବା ୩ଟି ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ତାଙ୍କୁ ବ୍ରହ୍ମପୁର ଜେଲରୁ ଗୁଣପୁର କୋର୍ଟକୁ ଅଣାଯାଇଥିଲା। ହେଲେ କୌଣସି ସାକ୍ଷୀ ଆସି ନ ଥିବାରୁ ସାକ୍ଷ୍ୟ ଗ୍ରହଣ ହୋଇପାରି ନ ଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ୭ ତାରିଖକୁ ପୁଣି ତାଙ୍କୁ କୋର୍ଟରେ ହାଜର ପାଇଁ ଦିନ ଧାର୍ଯ୍ୟ ହୋଇଛି।

# ଖରିଫ ଚାଉଳ ସଂଗ୍ରହରେ ବିଳମ୍ବ

■ ମିଲର୍ସଙ୍କ ଉପରେ ୧୪ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ବକେୟା
■ ଗୋଲକ ଧନ୍ଦା, ସବୁଠି ବିଭ୍ରାଟ: ଚାଷୀନେତା

ସମ୍ବଲପୁର,୨୧।୬(ଶୁଭାଶିଷ ପାଢ଼ୀ)

ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଖରିଫ ଧାନ ସଂଗ୍ରହ ଧାର୍ଯ୍ୟ ଓ ଅନୁମୋଦିତ ପରିମାଣ ଅନୁସାରେ ହୋଇଥିଲା। ତଦନୁଯାୟୀ ଜିଲା ତଥା ବାହାର ଜିଲାରୁ ଧାନ ସମ୍ବଲପୁର ଜିଲାର ମିଲ୍‌ଗୁଡ଼ିକୁ ଆସିଥିଲା। ହେଲେ ଏବେ ଚାଉଳ ସଂଗ୍ରହରେ ବିଳମ୍ବ ହେଉଛି। ଏଫ୍‌ସିଆଇ ଓ ରାଜ୍ୟ ସରକାର ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ କରିଥାନ୍ତି। ହେଲେ ଗୋଦାମ ଗୃହ ଓ ଅନ୍ୟାନ୍ୟ ସମସ୍ୟା ଦର୍ଶାଇ ଏଫ୍‌ସିଆଇ ଚାଉଳ ନେବାରେ ବିଳମ୍ବ କରୁଥିବାବେଳେ ରାଜ୍ୟ ସରକାର ମଧ୍ୟ ଅବହେଳା କରୁଥିବା ଅଭିଯୋଗ ହେଉଛି। ଫଳରେ ମିଲର୍ସଙ୍କ ଉପରେ ୧୪ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଚାଉଳ ବକେୟା ପଡ଼ିଛି।

ରାଜ୍ୟ ସରକାର ମୁଖ୍ୟତଃ ପିଡିଏସ୍ ଓ ମଧ୍ୟାହ୍ନଭୋଜନରେ ଚାଉଳ ଖର୍ଚ୍ଚ କରନ୍ତି। ଏହାସହ ଆବଶ୍ୟକ ପଡ଼ିଲେ ବାଲେଶ୍ୱର, କେନ୍ଦୁଝର, କଟକ, ଖୋର୍ଦ୍ଧା, ମୟୂରଭଞ୍ଜ ଭଳି ଜିଲାକୁ ଚାଉଳ ଯୋଗାଣ କରନ୍ତି। ସମ୍ବଲପୁର ଜିଲାରେ ପିଡିଏସ୍ ଓ ଅନ୍ୟ ଯୋଜନାରେ ମାସକୁ ପ୍ରାୟ ୪୪ ହଜାର କୁଇଣ୍ଟାଲ ଚାଉଳ ଖର୍ଚ୍ଚ ହୋଇଥାଏ। ଏବେ ଚାଉଳ ସଂଗ୍ରହ ବିଳମ୍ବ ହେବାରୁ ମିଲର୍ସଙ୍କ ପାଇଁ ସମସ୍ୟା ହେଉଛି। ଯୋଗାଣ ବିଭାଗ ମଧ୍ୟ ଆଗକୁ ଅଡୁଆରେ ପଡ଼ିବ ବୋଲି ଆଲୋଚନା ହେଉଛି। ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଗତ ଖରିଫ ଧାନର ଶତପ୍ରତିଶତ ଚାଉଳ ନ ଦେଲେ ମିଲରମାନେ ଆଗାମୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ। ଏହାସହ ଜିଲାରେ ଧାନ ସଂଗ୍ରହ ପରିମାଣ ମଧ୍ୟ ହ୍ରାସ ପାଇବ ବୋଲି ଚାଷୀମାନେ କହୁଛନ୍ତି।

ସୂଚନାଯୋଗ୍ୟ, ଗତ ଖରିଫରେ ସମ୍ବଲପୁର ଜିଲାରେ ୩୦ ଲକ୍ଷ ୬୬ ହଜାର ୭୯୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏଥିରୁ ୬୮ ପ୍ରତିଶତ ଅର୍ଥାତ୍ ୧୪ ଲକ୍ଷ ୫୪ ହଜାର ୯୮ କୁଇଣ୍ଟାଲ ଚାଉଳ ମିଲଗୁଡ଼ିକ ନିଗମକୁ ଦେବା କଥା। ହେଲେ ଏବେ ଆଉ ୬ ଲକ୍ଷ ୩୧ ହଜାର ୩୨୪ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇପାରି ନାହିଁ। ସେହିପରି ବାହାର ଜିଲାରୁ ୧୭ ଲକ୍ଷ ୩୫ ହଜାର ୩୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ନିୟମ ଅନୁସାରେ ୧୧ ଲକ୍ଷ ୮୦ ହଜାର ୧୦ କୁଇଣ୍ଟାଲ ଚାଉଳ ମିଲରମାନେ ଦେବେ। ହେଲେ ବର୍ତ୍ତମାନ ସୁଦ୍ଧା ମାତ୍ର ୩ ଲକ୍ଷ ୪୦ ହଜାର ୪୯୯ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇଛି। ଜିଲା ଓ ଜିଲା ବାହାରୁ ସଂଗ୍ରହ ହୋଇଥିବା ଧାନରୁ ୧୪ ଲକ୍ଷ ୭୦ ହଜାର ୮୩୫ କୁଇଣ୍ଟାଲ ଚାଉଳ ମିଲରଙ୍କ ଉପରେ ବକେୟା ରହିଛି। ଏହାକୁ ନେଇ ଯୋଗାଣ ବିଭାଗ ଚିନ୍ତାରେ ପଡ଼ିଛି। ଅକ୍ଟୋବର ଶେଷ ସୁଦ୍ଧା ଶତପ୍ରତିଶତ ଚାଉଳ ସଂଗ୍ରହ ହେବାର ନିୟମ ରହିଛି। ନଚେତ୍ ମିଲର୍ସ ଧାନ ସଂଗ୍ରହରୁ ବାଦ୍ ପଡ଼ିବା ସହ ଜିଲାକୁ ଧାନ ସଂଗ୍ରହ ଧାର୍ଯ୍ୟ ପରିମାଣ କମିଯିବ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଲ ଇଣ୍ଡିଆ କିଷାନ ମୋର୍ଚ୍ଚା ସଦସ୍ୟ ଆଶୋକ କୁମାର ପ୍ରଧାନ କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟା ଏକ ଗୋଲକ ଧନ୍ଦା। ସବୁବର୍ଷ ଖରିଫ ଚାଉଳ ସଂଗ୍ରହରେ ବିଳମ୍ବ ହୋଇଥାଏ। ବାସ୍ତବରେ ମିଲରଙ୍କ ପାଖରେ ଧାନ ନ ଥାଏ। ସେମାନେ ଖୋଲାରେ ବିକ୍ରି କରିଦେଇଥାନ୍ତି। ରବି ଧାନ ସଂଗ୍ରହ ସମୟରେ ସିଧାସଳଖ ଧାନ କିଣି ଚାଉଳ କରନ୍ତି। ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ଧାନ ସଂଗ୍ରହ କରୁଛନ୍ତି। ହେଲେ ବାସ୍ତବରେ ପରିଚାଳନାଗତ ତ୍ରୁଟି ଓ ତଦାରଖ ନ ହେବାରୁ ଅନେକ ସମୟରେ କ୍ଷତି ଘଟୁଛି। ଉଚିତ ସମୟରେ ଧାନ ସଂଗ୍ରହ ନ ହେଲେ ଆଗାମୀ ଖରିଫ ଧାନ ସଂଗ୍ରହ ସମୟରେ ଚାଷୀମାନେ ଅଭାବୀ ବିକ୍ରି ସମସ୍ୟାରେ ପଡ଼ିବେ ବୋଲି ସେ କହିଥିଲେ। ଅନ୍ୟପଟେ ମିଲରମାନେ କହିଛନ୍ତି, ଚାଉଳ ସଂଗ୍ରହ ନ ହେବାରୁ ମିଲ୍‌ରେ ଅଚଳାବସ୍ଥା ଦେଖାଦେଇଛି। ସମୟ ଅତିବାହିତ ହେଉଛି। କମ୍ ସମୟରେ ଟାର୍ଗେଟ ପୂରା କରିବାକୁ ନିର୍ଦ୍ଦେଶ ଦିଆଯିବ। ହେଲେ ସେ ସମୟରେ ସମସ୍ୟା ହେବ। ଏବେ ଚାଉଳ ଉତ୍ପାଦନ କରି ରଖିଲେ ମଧ୍ୟ ଏହାର ମାନ ଖରାପ ହେବା ଭୟ ରହୁଛି। ତେଣୁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା କହିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଚାଉଳ ସଂଗ୍ରହରେ ବିଳମ୍ବ ହେଉଛି। ଏଥିପାଇଁ ଆଲୋଚନା ଚାଲିଛି। ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଥିଲେ।

# କୋମ୍ବିଂ ବେଳେ ଆଇଡି ବିସ୍ଫୋରଣ, ଯବାନ ଆହତ

ମାଲକାନଗିରି,୨୧।୬ (ଦୁର୍ଯ୍ୟୋଧନ ପାତ୍ର)


ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ କୋମ୍ବିଂ ବେଳେ ଆଇଡି ବିସ୍ଫୋରଣ ହୋଇ ଜଣେ ଯବାନ ଆହତ ହୋଇଛନ୍ତି। ଫଳରେ ଡିଆର୍‌ଜିର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଅଜୟ ମାଣ୍ଡବି। ତାଙ୍କୁ ଅନ୍ୟ ଯବାନମାନେ ବିଜାପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଜାରି ରହିଥିବା ବସ୍ତର ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବିଜାପୁର ଜିଲାର ପୋଡିଆ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ଗୋଇନ୍ଦା ସୂଚନା ମିଳିବା ପରେ ଡିଆର୍‌ଜି, କୋବ୍ରା ବାଟାଲିୟନ ସହ ଏସ୍‌ଟିଏଫ୍ ଯବାନମାନେ ମିଳିତ ଭାବେ ୨ଦିନ ଧରି କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ପୋଡିଆ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଅନେକ ଥର ଗୁଳି ବିନିମୟ ହୋଇଥିଲା। ଯବାନ ମାନେ ଅନେକ କ୍ୟାମ୍ପ ମଧ୍ୟ ଧ୍ୱଂସ କରିଥିଲେ। ଏହି କ୍ୟାମ୍ପ ଧ୍ୱଂସ ସମୟରେ ଅନେକ ବିସ୍ଫୋରକ ସାମଗ୍ରୀ ସହ ଔଷଧ ଓ ଦୈନନ୍ଦିନ ସାମଗ୍ରୀ ଜବତ କରିଥିଲେ। ବୁଧବାର କ୍ୟାମ୍ପକୁ ଫେରୁଥିବା ସମୟରେ ମାଓବାଦୀମାନେ ପୂର୍ବରୁ ମାଟି ତଳେ ଖଞ୍ଜିଥିବା ଏକ ଆଇଡି ବିସ୍ଫୋରଣ ହୋଇଥିଲା।

# ବାହାନଗା ସ୍କୁଲ୍: ଭୂତ ଭୟରେ କମିଲା ଉପସ୍ଥାନ


ଶ୍ରେଣୀଗୃହରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପିଲାମାନଙ୍କ ମନରୁ ଭୟ ଦୂର ପାଇଁ ବୁଝାଉଛନ୍ତି।

**ପିଲାଙ୍କ ମନୋବଳ ବଢ଼ାଇଲେ ଜିଲାପାଳ, ଡିଇଓ**

ବାହାନଗା,୨୧।୬(ଅରୂପ କୁମାର ଦାସ)

ବାହାନଗା ଟ୍ରେନ ଦୁର୍ଘଟଣାକୁ ବୁଧବାର ପୂରିଛି ୧୯ଦିନ। ଉଦ୍ଧାର କାର୍ଯ୍ୟ ଲାଗି ବାହାନଗାବାସୀ ଚାରିଆଡ଼େ ପ୍ରଶଂସା ସାଉଁଟୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କୁ ବାହାନଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରଖାଯାଇଥିଲା। ସ୍କୁଲ ଶବ ଗୃହ ପାଲଟିଥିବା ହେତୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୂତ ଭୟ ଲାଗି ରହିଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେବାପରେ ଏସଏମ୍‌ସି କମିଟି ଓ ଜିଲାପାଳଙ୍କ ସହଯୋଗିତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ଶବ ରଖାଯାଇଥିବା ଶ୍ରେଣୀଗୃହ ସହିତ ବାରଣ୍ଡାଗୁଡ଼ିକ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରାଯିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ବୁଧବାର ବିଦ୍ୟାଳୟ ଖୋଲିଛି। ଏହି ବିଦ୍ୟାଳୟରେ ମୋଟ ୫୬୫ଜଣ ଛାତ୍ରୀଛାତ୍ର ପଢ଼ୁଥିବାବେଳେ ପ୍ରଥମ ଦିନରେ ଉପସ୍ଥାନ କମ୍ ଥିଲା। ଛାତ୍ରୀଛାତ୍ରମାନେ ଆଶଙ୍କା ମଧ୍ୟରେ ବିଦ୍ୟାଳୟକୁ ଆସିଥିଲେ। ମୋଟ ୧୧୨ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପହଞ୍ଚି ଛାତ୍ରୀଛାତ୍ରଙ୍କ ମନରେ ଥିବା ଭୟକୁ ଦୂର କରିବା ପାଇଁ ମାନସିକ ବିକାଶର ଅଗ୍ରଗତି ଦିଗରେ ଆଲୋଚନା କରିଥିଲେ। ଜିଲା ଶିକ୍ଷାଧିକାରୀ(ଡିଇଓ) ବିଷ୍ଣୁ ଚରଣ ସୁତାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ, ଗଳ୍ପ, କାବ୍ୟ, କବିତା ଆଦି ଆଲୋଚନା କରି ପିଲାମାନଙ୍କ ମନରୁ ଭୟ ଦୂର କରିବାକୁ ପ୍ରୟାସ କରିଥିଲେ। ବାହାନଗା ବିଡିଓ ଗୌରାଙ୍ଗ ଚରଣ ଘୋଷ ପ୍ରମୁଖ ପିଲାମାନଙ୍କୁ ବୁଝାଶୁଝା କରିବା ସହିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହିତ ଶୋକସଭା କରାଯାଇଥିଲା। ଶେଷରେ ନୂତନ କରି ଶ୍ରେଣୀଗୃହକୁ ପ୍ରବେଶ କରିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଇ ଶ୍ରେଣୀଗୃହକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିଥିଲେ।

# ମାଛ ମଡ଼କ, ଚାଷୀ ହତାଶ

**ଟ୍ରାକ୍ଟରରେ ବୁହାଗଲା ମଲାମାଛ**

କବିସୂର୍ଯ୍ୟନଗର,୨୧।୬(କୃପାସିନ୍ଧୁ ସ୍ୱାଇଁ)


କୁଢ଼ କୁଢ଼ ମଲାମାଛ।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ସିଆଳିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ମନ୍ଦିର ନିକଟ ଲକ୍ଷ୍ମୀନାରାୟଣ ସାଗର ପୋଖରୀରେ ମାଛ ମଡ଼କ ଦେଖିବାକୁ ମିଳିଛି। ଶତାଧିକ ମାଛ ମରି ଭାସୁଥିବା ଦେଖି ଚାଷୀ ଆଖିରୁ ଲୁହ ଗଡ଼ାଉଛି। ଛୋଟ ମାଛଠୁ ବଡ଼ ରୋହି, ଭାକୁର ଭଳି ଅନେକ ପ୍ରଜାତିର ମାଛ ପାଣି ଉପରେ ମରି ଭାସୁଛନ୍ତି। ଏହି ସବୁ ମଲାମାଛକୁ ପୋଖରୀରୁ ବାହାର କରି ଟ୍ରାକ୍ଟର ଯୋଗେ ଦୂରସ୍ଥାନରେ ପକାଯାଉଛି। ମାଛ ଚାଷ କରି ଦୁଇପଇସା ରୋଜଗାର ଆଶା କରିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛି।

ଏହି ପୋଖରୀକୁ ଦୁଇ ବର୍ଷ ଲିଜ ସୂତ୍ରରେ ମାଛ ଚାଷ ଲାଗି ନେଇଥିଲେ ସୁଶାନ୍ତ କୁମାର ବିଶ୍ୱାଳ। ସେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରଜାତିର ଯାଆଁଳ ଛାଡି ମାଛଚାଷ କରିଥିବା ବେଳେ ଆଉ କିଛିଦିନ ପରେ ରୋଜଗାର ଲକ୍ଷ୍ୟ ରଖିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପୋଖରୀର କିଛି ମାଛ ମାରି ଭାସୁଥିବା ସେ ଦେଖିବାକୁ ପାଇଥିଲେ ଏବଂ ବୁଧବାର ସକାଳୁ ଏହାର ସଂଖ୍ୟା ବୃଦ୍ଧି ପାଇ ପୋଖରୀ ସାରା ମଲା ମାଛ ଭାସୁଥିବା ଦେଖିଥିଲେ। କିଭଳି ଏହାର କ୍ଷତିଭରଣା କରିବେ ଓ ମାଛ ଚାଷ ଲାଗି କରିଥିବା ଋଣ କିଭଳି ପରିଶୋଧ କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସୁଶାନ୍ତ। ତେବେ ପୋଖରୀର ମାଛ ମରିବାର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷତି ସହିଥିବା ସୁଶାନ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ଅନ୍ୟପକ୍ଷରେ ଘଟଣା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି ବ୍ଲକ ମତ୍ସ୍ୟ ସମ୍ପଦ ବିଭାଗ ଅଧିକାରୀ ରଶ୍ମିକୁଲ୍ୟା ସାହୁ। ଏତେ ସଂଖ୍ୟକ ମାଛ ମରିବା ଘଟଣା ନେଇ ସୁଶାନ୍ତ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ, ଉତ୍ତେଜନା

ସମ୍ବଲପୁର,୨୧।୬(ଶୁଭାଶିଷ ପାଢ଼ୀ): ସମ୍ବଲପୁର ଜିଲା କ୍ଷେତ୍ରରାଜପୁର ଥାନା ସମଲେଶ୍ୱରୀ କଲେଜ ସମ୍ମୁଖରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଟା ପାୱାର ଅଧୀନରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବରଗଡ ଜିଲା ପଦ୍ମପୁର ଅଞ୍ଚଳର ମୁରତି ବରିହା (୨୫)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ଏକ ନିରୀହ ଜୀବନ ଚାଲିଯାଇଛି ବୋଲି ଲୋକେ ଅଭିଯୋଗ କରିଥିଲେ। ପରେ କ୍ଷେତ୍ରରାଜପୁର ପୋଲିସ, ଅଗ୍ନିଶମ ସେବାକେନ୍ଦ୍ରର ଟିମ୍ ପହଞ୍ଚି ଖୁଣ୍ଟରେ ଝୁଲୁଥିବା ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାର ପଠାଇଥିଲେ। କେଉଁ ପରିସ୍ଥିତିରେ ଘଟଣା ଘଟିଲା ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ୧୦ ହଜାର ଲାଞ୍ଚ ନେବାବେଳେ କନିଷ୍ଠ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

ସମ୍ବଲପୁର,୨୧।୬ (ଶୁଭାଶିଷ ପାଢ଼ୀ)


କନିଷ୍ଠଯନ୍ତ୍ରୀ ପ୍ରଣତି ସାହୁ

ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଣତି ସାହୁ। ବଦୁଆପାଲି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତାକାମର ବିଲ୍ ପାସ କରିବାକୁ ଯନ୍ତ୍ରୀ ସାହୁ ଗ୍ରାମସାଥୀ ଦୟାନିଧି ଭୋଇଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଭୋଇ ଏ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଛପି ରହିଥିଲା। ଯନ୍ତ୍ରୀ ସାହୁ ଦୟାନିଧିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଟିମ୍ ସଦସ୍ୟ ତାଙ୍କୁ କାବୁ କରିଥିଲେ। ସମ୍ବଲପୁର ଓ ଅନୁଗୋଳ ଜିଲାରେ ଥିବା ତାଙ୍କ ଘରେ ମଧ୍ୟ ଟିମ୍ ଚଢ଼ାଉ କରିଛି। ଏ ନେଇ ଭିଜିଲାନ୍ସରେ ଏକ ମାମଲା (ନଂ.୧୭/୨୩) ରୁଜୁ ହୋଇଛି।

# ସୀମାନ୍ତରେ ଭାଜପା ନେତାଙ୍କୁ ହତ୍ୟା

ମାଲକାନଗିରି,୨୧।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ପୁଣି ଏକ ବର୍ବରକାଣ୍ଡ ଘଟାଇଛନ୍ତି। ବିଜାପୁର ଜିଲାର ଜଣେ ଭାଜପା ନେତାଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଇଲମିଡି ଗ୍ରାମର କାକା ଅର୍ଜୁନ। ପ୍ରକାଶ ଯେ, ବୁଧବାର ସକାଳୁ କାକା ଘରୁ ବାହାରି ଯାଉଥିବା ସମୟରେ ଇଲମିଡି ଲଙ୍କାପାରା ନିକଟରେ ମାଓବାଦୀମାନେ ତାଙ୍କୁ ଘେରାଉ କରି ହତ୍ୟା କରିଛନ୍ତି। ତେବେ ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କୋମ୍ବିଂ ଅପରେଶନ ଜାରି ରଖିଛି। ତଦନ୍ତ ପରେ ଏହି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି ପୋଲିସ କହିଛି।

# କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

**ପୂରଣ ହେଲାନି ୨ ଦଫା ଦାବି**

ମୂଳ ଦରମାରେ ୨୮୦୦ ଗ୍ରେଡ୍ ପେ’ ପ୍ରଦାନ ସହ ଠିକା ଅବଧିର ୬ ବର୍ଷକୁ ମୂଳ ଚାକିରିରେ ଗଣନା ଓ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ପ୍ରାଥମିକ ଶିକ୍ଷକମାନେ ଦାବି କରି ଆସୁଛନ୍ତି। ଏଥିପାଇଁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି। ତେଣୁ ଜୁଲାଇ ଦ୍ୱିତୀୟ ସପ୍ତାହରୁ ଶିକ୍ଷକମାନେ ସାମୂହିକ ଛୁଟିନେଇ ଆନ୍ଦୋଳନକୁ ଓହ୍ଲାଇବେ। ରାଜ୍ୟର ପ୍ରାୟ ୧ ଲକ୍ଷ ୩୦ ହଜାର ପ୍ରାଥମିକ ଶିକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ଖରାଛୁଟି ସରିବା ପରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମଞ୍ଚ ପକ୍ଷରୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା। ଏହାସତ୍ତ୍ୱେ କୌଣସି ଦାବି ପୂରଣ ହୋଇନାହିଁ। ଏଥିପାଇଁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏନ୍‌ପିଏସ୍ ବର୍ଗର ସିଆର୍‌ସିସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି ମଞ୍ଚ ପକ୍ଷରୁ ଦୀର୍ଘଦିନ ଧରି ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯିବା ସହିତ ଆଲୋଚନା ମଧ୍ୟ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଦାବି ପୂରଣ ହୋଇ ନ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ମଞ୍ଚର ଆବାହକ ମଳୟ କୁମାର ଜେନା ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/ E-Tender/37, ତା.13.06.2023ରିଖ

(1) ଟେଣ୍ଡର ସଂ.e-Tender-South-KUR-108-2023, ତା.08.06.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନର ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନରେ 43.60 କି.ମି. ଲୟ ନିମନ୍ତେ TRT ମେସିନ୍ ଦ୍ୱାରା ଥ୍ରୁ ସ୍ଲିପରର ନବୀକରଣ କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 365.15 ଲକ୍ଷ, EMD (ଟଙ୍କାରେ) : 3,32,600.00 ।

(2) ଟେଣ୍ଡର ସଂ.e-Tender-Cent-KUR-109-2023, ତା.08.06.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍‌ଡ୍ (Fan shaped) ଲେଆଉଟ୍‌ଗୁଡ଼ିକର ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 263.41 ଲକ୍ଷ, EMD (ଟଙ୍କାରେ) : 2,81,700.00 ।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.07.2023ରିଖ 1500 ଘଟିକାରେ(ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-279/O/23-24

**WORKS DEPARTMENT**
**OFFICE OF THE EXECUTIVE ENGINEER, MAYURBHANJ (R&B) DIVISION, BARIPADA**
No. B-372 e-mail: bpd_eerb@rediffmail.com

**Government of Odisha “e” Procurement Notice**
Bid Identification No. E.E. - 16/2023-24

1. Number of works : 03 (Four) number of works
2. Approximate estimated cost : 54.418 lakh to 489.136 lakh
3. Period of Completion : 3 (Three) & 6 (Six) Calendar Months
4. Date & time of availability of bid documents in the portal : Dt.23.06.2023 to 03.07.2023
5. Last date/time of receipt of bid in the portal : Dt.03.07.2023 upto 5.00 P.M.
6. Date of Opening of Bid : Dt.04.07.2023 at 11.00 A.M.
7. Name & address of the Office Inviting Bid : Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**.

Sd./- Executive Engineer
Mayurbhanj (R&B) Division
OIPR-34025/11/0006/2324

No.C-603:

**WATCO**
**OFFICE OF THE GENERAL MANAGER**
**WATCO DIVISION-II, BHUBANESWAR**
Near Rajiv Bhawan, Unit-V, Bhubaneswar-751001,Odisha, India
Telefax:- +91-674-2390322, E-mail:gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**Dtd.19.06.2023**

01.No. of the Work : 3 (Three) Nos. Works
02.Estimate Cost : Rs.20.13 lakhs to Rs.62.50 Lakhs
03.Period of Completion : 01 (One) & 04 (Four) Months
04.Class of Contractor : C & B Class
05.Date & time of availability of bid document in the portal : From 11.00 AM of Dt.23.06.23 to 5.00 PM of 06.07.2023
06.Last date / time of receipt of bids in the portal : 5.00 PM of 06.07.2023
07.Last date & time of seeking clarification : 5.00 PM of 28.06.2023
08.Date & Time of Opening of bids : At 12.30 PM of 07.07.2023
09.Name and address of the Officer Inviting Bid :- General Manager, WATCO Division-II, BBSR

Further details can be seen from the e-Procurement portal “https://www.tendersorissa.gov.in.”

Sd./- General Manager
WATCO Division-II, Bhubaneswar
OIPR-13089/11/0007/2324

See Career Appointment on every Wednesday & Saturday

**ସିସିଏସ୍ ଜାତୀୟ କୃଷି ବିପଣନ ଅନୁଷ୍ଠାନ**
(କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)
ବୟାଲା, ଟୋଙ୍କ ରୋଡ଼, ଜୟପୁର-୩୦୨୦୩୩, ରାଜସ୍ଥାନ

ଆର୍‌କେଭିୱାଇ - ରଫ୍ତାର ଅଧୀନରେ ସିସିଏସ୍ ଏନ୍ଆଇଏଏମ୍ ଏଗ୍ରୀ ଇନୋଭେସନ୍ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର କୋହର୍ଟ-୯ର ଶୁଭାରମ୍ଭ କରୁଛି

**ଦରଖାସ୍ତ ଆହ୍ୱାନ କରାଯାଉଛି**

ଷ୍ଟାର୍ଟଅପ୍ ଏଗ୍ରୀ-ବିଜନେସ୍ ଇନ୍‌କ୍ୟୁବେଶନ ପ୍ରୋଗ୍ରାମ: (ପ୍ରୋଟୋଟାଇପରୁ ଏମ୍‌ଭିପି)
i. ଦୁଇମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ
ii. ଟ.୨୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ

ଏଗ୍ରିପ୍ରେନ୍ୟୋରଶିପ୍ ଓରିଏଣ୍ଟେଶନ ପ୍ରୋଗ୍ରାମ୍ (ଆଇଡିଆରୁ ପ୍ରୋଟୋଟାଇପ୍)
i. ଦୁଇମାସିଆ ଅନ୍‌ଲାଇନ/ଆବାସିକ ଟ୍ରେନିଂ
ii. ଟ.୫ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: www.niam-nabi.com
ଇମେଲ: nabi@ccsniam.ac.in
ମୋ. +୯୧୯୧୬୭୯୬୩୫୫୧, +୯୧୮୨୭୫୨୧୮୨୨୦

CBC 01375/12/0001/2324

No.CAD-1004

idco Your power to grow | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO**
**IDCO TOWERS, JANPATH, BHUBANESWAR-751022**
Tender Call Notice
No.IDCO/H.O./P&C/EST/E-2312/01/2023/ 19027, dated 19.06.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1. Name of the Work:** Comprehensive up-gradation of Khapuria Industrial Estate, Cuttack, Odisha. **2. Estimated Cost:** Rs.670.46 Lakhs. **3.Period of Completion:** 04 (Four) Calendar Months. **4. Other details:**

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-42/2023-24. | 28.06.2023 at 17.00 Hrs. | 13.07.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0084/2324

**ZILLA SWASTHYA SAMITI, BALANGIR**
(Department of Health & FW, Govt. of Odisha)
**Advt. No. 924** **Date: 21.06.2023**

No. E-191: Sealed tenders in prescribed format are invited from the registered firms/agencies/ suppliers for supply of “Tickler Bag” under NHM for Balangir district for the year 2023-24. Interested firms/agencies having valid GST registration may apply to the undersigned on or before Dt.05.07.2023 upto 5.00 P.M. through Registered Post/Speed Post/Courier only. For details regarding terms, conditions & specifications log on to **www.balangir.nic.in**. The undersigned reserves the right to accept or reject all or any of the tenders without assigning any reason thereof.

**Sd./- CDM & PHO, Balangir**
**OIPR-10019/11/0007/2324**

**ଆଜିଠୁ ତାମିଲନାଡୁରେ ୫୦୦ ମଦ ଦୋକାନ ବନ୍ଦ**

ତାମିଲନାଡୁରେ ଗୁରୁବାରଠାରୁ ୫୦୦ ମଦ ଦୋକାନ ବନ୍ଦ କରାଯିବ ବୋଲି ବୁଧବାର ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେଶନ୍ ପକ୍ଷରୁ କୁହାଯାଇଛି। ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ମନ୍ତ୍ରୀ ଭି. ସେନ୍ଥିଲ ବାଲାଜି ଗତ ଏପ୍ରିଲରେ ମଦ ଦୋକାନ ବନ୍ଦ ନେଇ ବିଧାନସଭାରେ ଘୋଷଣା କରିଥିଲେ। ଓପନ୍ ହାର୍ଟ ସର୍ଜରୀ ପାଇଁ ବାଲାଜି ଏବେ ହସ୍ପିଟାଲରେ। ରାଜ୍ୟରେ ମଦ ବିକ୍ରି ରୋକିବା ଲାଗି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ୨୦ରେ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମିହିର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଣିପୁର ଜଳୁଛି, ମୋଦି ପାରୁନାହାନ୍ତି

**ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁର ଦୀର୍ଘ ୫୦ ଦିନ ହେଲା ଜଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଶୁଣି ନୀରବ ରହି ଏହି ହିଂସା ପ୍ରଭାବିତ ରାଜ୍ୟକୁ ଅଣଦେଖା କରୁଛନ୍ତି। ମୋଦି ନିଜ କର୍ତ୍ତବ୍ୟ ସମ୍ପାଦନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବୁଧବାର କଂଗ୍ରେସ ସମାଲୋଚନା କରିଛି। କେବଳ କଂଗ୍ରେସ ନୁହେଁ, ମଣିପୁରର ୯ ଭାଜପା ବିଧାୟକ ମଧ୍ୟ ରାଜ୍ୟ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଇଥିବା ନେଇ ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତ କରି ଯୋଗାଭ୍ୟାସ କରୁଛନ୍ତି। ଆମେରିକାରେ ଶାସକ ଡେମୋକ୍ରାଟିକ୍ ପାର୍ଟିର ସିନେଟରମାନେ ମୋଦିଙ୍କ ଆଗରେ ଭାରତରେ ହେଉଥିବା ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗ ଉଠାଇବା ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପତ୍ର ଲେଖିଛନ୍ତି। କେବଳ ଏତିକି ନୁହେଁ, ସେଠାରେ ବସବାସ କରୁଥିବା କୁକି ଓ ମେଇତି ସମ୍ପ୍ରଦାୟ ଗୁରୁବାର ମଣିପୁର ଗଣହତ୍ୟା ପ୍ରତିବାଦରେ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।**



ମଣିପୁର ହିଂସା ବିରୋଧରେ ମହିଳାମାନେ ଇମ୍ଫାଲରେ ମାନବଶୃଙ୍ଖଳ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ମଣିପୁରରେ ୫୦ ଦିନ ଧରି ଅଭୂତପୂର୍ବ ହିଂସା ଲାଗିରହିଛି। ମାନବୀୟ ସଙ୍କଟ ଦେଖାଦେବାରୁ ଲୋକେ ପଳାୟନ କରିବାକୁ ବାଧ ହେଉଛନ୍ତି। ସେମାନେ ଘୃଣା ଓ ବିଭାଜନବାଦୀ ରାଜନୀତିରେ ନ ପଡ଼ି ଶାନ୍ତିଶୃଙ୍ଖଳା ବଜାୟ ରଖନ୍ତୁ।
**-ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ**

**ନୂଆଦିଲ୍ଲୀ/ କୋହିମା/ ଗୁଆହାଟୀ,୨୧।୬**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଭାଜପା ଶାସିତ ମଣିପୁରରେ ମେଇତି ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମେ' ୩ରେ କୁକି ଓ ନାଗା ସମ୍ପ୍ରଦାୟର ଲୋକେ ଆଦିବାସୀ ଏକତା ଶୋଭାଯାତ୍ରାର ଆୟୋଜନ କରିଥିଲେ। ସେହି ସମୟରେ ଅଣଆଦିବାସୀ ମେଇତିମାନେ କୁକି ଓ ନାଗାଙ୍କୁ ଆକ୍ରମଣ କରିଥିଲେ। ସେବେଠୁ ଜାରି ରହିଥିବା ସଂଘର୍ଷରେ ଅଦ୍ୟାବଧି ୧୨୦ ଜଣ ନିହତ ହୋଇଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏନେଇ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ଏକ ସୋସିଆଲ ମିଡିଆରେ ଭିଡିଓ ଜାରି କରି କହିଛନ୍ତି, ମଣିପୁରରେ ୫୦ ଦିନ ଧରି ଅଭୂତପୂର୍ବ ହିଂସା ଲାଗିରହିଛି। ଲୋକେ ପଳାୟନ କରିବାକୁ ବାଧ

**୫୦ ଦିନରେ ୧୨୦ ମୃତ**

ହେଉଛନ୍ତି। ସେଠାରେ ମାନବୀୟ ସଙ୍କଟ ଦେଖାଦେଇଛି। ମଣିପୁର ସଂଘର୍ଷ ଲୋକଙ୍କ ଜୀବନ ନେଇ ଦେଶର ବିବେକ ଉପରେ କ୍ଷତ ସୃଷ୍ଟି କରିଛି। ଘୃଣା ଓ ବିଭାଜନବାଦୀ ରାଜନୀତିରେ ନ ପଡ଼ି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସୋନିଆ ମଣିପୁରବାସୀଙ୍କୁ ଅନୁରୋଧ କରିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ୍ କରି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଆମକୁ ଅନେକ ସମୟରେ ଜ୍ଞାନ ଦେଉଛନ୍ତି। କିନ୍ତୁ ମଣିପୁର ପ୍ରସଙ୍ଗରେ ସେ ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମଣିପୁର ସଙ୍କଟର ସମାଧାନ କରିବାରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ବିଫଳ। ସେ ନିଜ ଦାୟିତ୍ୱ ସମ୍ପାଦନ କରିପାରିନାହାନ୍ତି ବୋଲି ଜୟରାମ ସମାଲୋଚନା କରିଛନ୍ତି।

## ମଣିପୁର ସରକାର ଉପରୁ ଲୋକଙ୍କ ଭରସା ତୁଟିଲାଣି

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ଭାଜପା ସରକାର ଉପରୁ ରାଜ୍ୟବାସୀଙ୍କ ଭରସା ତୁଟିଗଲାଣି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ଆସ୍ଥା ହରାଇସାରିଲେଣି ବୋଲି ମଣିପୁରର ୯ ଭାଜପା ବିଧାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି।

ଏହି ବିଧାୟକମାନେ ହେଲେ କରମଶ୍ୟାମ ସିଂ, ଥୋକ୍‌ଚୋମ୍ ରାଧେଶ୍ୟାମ ସିଂ, ନିଶିକାନ୍ତ ସିଂ ସପାମ, ଖୱାଇରାକପାମ୍ ରଘୁମଣି ସିଂ, ଏସ୍. ବ୍ରୋଜେନ୍ ସିଂ, ଟି. ରୋବୀନ୍ଦ୍ରୋ ସିଂ, ଏସ୍. ରାଜେନ୍ ସିଂ, ଏସ୍. କେବି ଦେବୀ ଏବଂ ୱାଇ.

**ମୋଦିଙ୍କୁ ୯ ଭାଜପା ବିଧାୟକଙ୍କ ପତ୍ର**

ରାଧେଶ୍ୟାମ୍। ଏମାନେ ସମସ୍ତେ ମେଇତି ସମ୍ପ୍ରଦାୟର। ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଏକ ସ୍ମାରକପତ୍ରରେ ସେମାନେ ୫ଟି ବିନ୍ଦୁ ଉପରେ ଉଲ୍ଲେଖ କରିଛନ୍ତି। କୁକି ବିଧାୟକ ଓ ମେଇତି ବିଧାୟକଙ୍କ ମଧ୍ୟରେ ଏକ ବୈଠକ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ସାରା ରାଜ୍ୟରେ ସମାନ ଅନୁପାତରେ କେନ୍ଦ୍ରୀୟ ବଳ ମୁତୟନ ପାଇଁ ମଧ୍ୟ ଏହି ବିଧାୟକମାନେ ଦାବି କରିଛନ୍ତି।

## ୨୪ରେ ଶାହାଙ୍କ ସର୍ବଦଳୀୟ ବୈଠକ

ମେ' ୩ରୁ ମଣିପୁରରେ ବ୍ୟାପକ ହିଂସା ଲାଗି ରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଜୁନ୍ ୨୪ରେ ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ସେହିଦିନ ଅପରାହ୍ନ ୩ଟାରେ ମଣିପୁର ସ୍ଥିତି ଉପରେ ଆଲୋଚନା କରିବା ପାଇଁ ସବୁ ଦଳର ନେତାଙ୍କୁ ଆହ୍ୱାନ ଦିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ଟୁଇଟ୍ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ତଥା ଏନ୍‌ଡିଏର ଉତ୍ତର-ପୂର୍ବ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଇଡିଏ) ଆବାହକ ହିମନ୍ତ ବିଶ୍ୱଶର୍ମା ବୁଧବାର ସନ୍ଧ୍ୟାରେ ଶାହାଙ୍କୁ ଭେଟିବା ପରେ ସର୍ବଦଳୀୟ ବୈଠକ ନେଇ ଘୋଷଣା କରାଯାଇଛି। ୨ ସପ୍ତାହ ପୂର୍ବରୁ ହିମନ୍ତ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଏବଂ ଅନ୍ୟ ରାଜନେତାମାନଙ୍କ ସହ ସାକ୍ଷାତ କରିଥିଲେ। ଶାହା ମଧ୍ୟ ଗତମାସରେ ୪ ଦିନ ମଣିପୁର ଗସ୍ତ କରି ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏହି ଉତ୍ତର-ପୂର୍ବ ରାଜ୍ୟରେ କେନ୍ଦ୍ରର ଶାନ୍ତି ଉଦ୍ୟମ ବିଫଳ ହୋଇଛି।

## ମହାଶକ୍ତି ଭାବେ ଭାରତର ଉତ୍ଥାନକୁ ଆମେରିକାର ସମର୍ଥନ

**ୱାଶିଂଟନ/ନ୍ୟୁୟର୍କ, ୨୧।୬**
**ଅରୂପାନନ୍ଦ ଦେଠୀ**

ଏକ ମହାଶକ୍ତି ଭାବେ ଭାରତର ଉତ୍ଥାନକୁ ଆମେରିକା ସମର୍ଥନ କରେ ଓ ଆଗାମୀ ଦିନରେ ଏହା ଜାରି ରହିବ। ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଚ୍ଚସ୍ତରୀୟ କଥାବାର୍ତ୍ତା ପୂର୍ବରୁ ପରରାଷ୍ଟ୍ର ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଓ ଆମେରିକା ପରସ୍ପରକୁ ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ଭାବେ ଦେଖୁଛନ୍ତି। ମୋଦିଙ୍କ ଗସ୍ତ ଦୁଇ ଦେଶର ସମ୍ପର୍କକୁ ଆହୁରି ଗଭୀର ଓ ନିବିଡ଼ କରିବ। ଭାରତକୁ ବିଶ୍ୱକୁ ନେଇଯିବା ଲାଗି ପ୍ରଧାନମନ୍ତ୍ରୀଙ୍କ ମିଶନକୁ ଆଗେଇ ନେବାରେ ଏହା ସହାୟକ ହେବ ଏବଂ ବୈଶ୍ୱିକ ମଞ୍ଚରେ ଭାରତର ନେତୃତ୍ୱକୁ ପ୍ରଦର୍ଶିତ କରିବ। ମୋଦିଙ୍କ ଗସ୍ତର ୬ଟି ମୁଖ୍ୟ ପ୍ରସଙ୍ଗ ରହିଛି। ତାହା ହେଲା ପ୍ରତିରକ୍ଷା, ପ୍ରଯୁକ୍ତି, ବ୍ୟବସାୟ ଓ ଇନୋଭେଶନ,

**ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ମୋଦିଙ୍କ ଆଲୋଚନା**

ଶିକ୍ଷା ଏବଂ ଭ୍ରମଣ କ୍ଷେତ୍ରରେ ସହଯୋଗ ବଢ଼ାଇବା। ଦୁଇ ଦେଶ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ହୋଇଥିବାରୁ ବିଭିନ୍ନ ପ୍ରତିରକ୍ଷା ସରଞ୍ଜାମ ଏକାଠି ନିର୍ମାଣ କରିବା ଦିଗରେ କାର୍ଯ୍ୟ କରିବେ। ଏହା ବ୍ୟତୀତ ସୂଚନା ଆଦାନପ୍ରଦାନ ଓ ଲଜିଷ୍ଟିକ୍ ନେଟ୍‌ୱର୍କ ବଢ଼ାଇବେ ବୋଲି ପରରାଷ୍ଟ୍ର ବିଭାଗ ଅଧିକାରୀ କହିଛନ୍ତି। ସେହିପରି ପ୍ରଯୁକ୍ତି ସହଭାଗିତାରେ ଦୁଇଦେଶ ଏକାଠି ସେମିକଣ୍ଡକ୍ଟର, ଅତ୍ୟାଧୁନିକ ଟେଲିକମ୍, ବାୟୋଟେକ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପାଇଁ କାର୍ଯ୍ୟ କରିବେ।

ବୁଧବାର ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଜାତିସଂଘ ମୁଖ୍ୟାଳୟ ପରିସରରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ଜାତିସଂଘକୁ ଉଦ୍‌ବୋଧନ ଦେଇ ଯୋଗ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ପ୍ରତିନିଧିତ୍ୱ କରୁଥିବା କହିଥିଲେ। ଏହା ପୂର୍ବରୁ ସେ ନ୍ୟୁୟର୍କରେ ନୋବେଲ ବିଜୟୀ ଖ୍ୟାତନାମା ଅର୍ଥନୀତିଜ୍ଞ ପ୍ରଫେସର ପଲ୍ ରୋମର, ନିବେଶକ ତଥା ହେଜ୍ ଫଣ୍ଡର ସହପ୍ରତିଷ୍ଠାତା, ବ୍ରିଜ୍‌ୱାଟର ଆସୋସିଏଟ୍ସରେ ଡାଲିଓ ଏବଂ ଅନ୍ୟ ପ୍ରମୁଖ ଚିନ୍ତାନାୟକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ବିଚାରବିମର୍ଶ କରିଥିଲେ। ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କ ସରକାରଙ୍କ ସଂସ୍କାରମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଅବଗତ କରାଇଥିଲେ। ଆଧାର ବ୍ୟବହାର, ଡିଜିଲକର ସମେତ ଭାରତର ଡିଜିଟାଲ ଯାତ୍ରା ସମ୍ପର୍କରେ ପ୍ରଫେସର ରୋମରଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିଲା। ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବା ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଡାଲିଓଙ୍କ ସହ ଆଲୋଚନା ହୋଇଥିବାବେଳେ ମୋଦି ତାଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଷ୍ଟ୍ରୋଫିଜିକିଷ୍ଟ ତଥା ଲେଖକ ଓ ସାଇନ୍ସ କମ୍ୟୁନିକେଟର ନେଇଲ୍ ଡେ ଗ୍ରାସେ ଟାଇସନ୍‌ଙ୍କ ସହ ମତ ବିନିମୟ କରିଥିଲେ। ମହାକାଶ କ୍ଷେତ୍ରରେ ଭାରତର ଦ୍ରୁତ ବିକାଶ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆମେରିକୀୟ ବୌଦ୍ଧ ଧର୍ମାବଲମ୍ବୀ ବିଦ୍ୱାନ ତଥା ପଦ୍ମଶ୍ରୀ ପୁରସ୍କାର ବିଜେତା ପ୍ରଫେସର ରବର୍ଟ ଥୁର୍‌ମାନ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ବୈଶ୍ୱିକ ଚ୍ୟାଲେଞ୍ଜଗୁଡ଼ିକର ସମାଧାନରେ ବୌଦ୍ଧଧର୍ମର ମୂଲ୍ୟବୋଧ କିପରି ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିପାରିବ, ସେନେଇ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଆମେରିକାର ଖ୍ୟାତନାମା ଗାଣିତିକ ପରିସଂଖ୍ୟାନବିତ୍, ଶିକ୍ଷାବିତ୍, ବୁଦ୍ଧିଜୀବୀ ତଥା ଲେଖକ ପ୍ରଫେସର ନସିମ ନିକୋଲାସ୍ ଟାଲେବଙ୍କ ସହ ମୋଦି ଭାବ ବିନିମୟ କରିଥିଲେ। ଗ୍ରାମୀ ପୁରସ୍କାର ବିଜୟିନୀ ଭାରତୀୟ-ଆମେରିକୀୟ ଗାୟିକା ଫାଲ୍‌ଗୁନୀ ଶାହାଙ୍କୁ ଭେଟି ମୋଦି ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ।



## ଗୁରୁଗ୍ରାମରେ ବର୍ଷାବିଭ୍ରାଟ

**ନୂଆଦିଲ୍ଲୀ,୨୧।୬**

ଦିଲ୍ଲୀ ଗୁରୁଗ୍ରାମ ରାସ୍ତାରେ ବୁଧବାର ବହୁଘଣ୍ଟା ଧରି ଲଗାଣ ବର୍ଷା ହେବା ପରେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ବିଭିନ୍ନ ସ୍ଥାନରେ ପାଣି ଜମାହେବା ଫଳରେ ଗାଡ଼ି ମୋଟର ଯିବା ଆସିବା ଏବଂ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦିଲ୍ଲୀ-ଜୟପୁର ଏକ୍ସପ୍ରେସ୍‌ୱେରେ ବର୍ଷାଜଳ ଜମିବା ଯୋଗୁ ପାଖାପାଖି ୫ କିଲୋ ମିଟର ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ହୋଇଥିଲା। ରାସ୍ତାରେ ପାଣି ଜମା ହେବାକୁ ନେଇ ଲୋକେ ସ୍ଥାନୀୟ ପ୍ରଶାସନ ଉପରେ ଅସନ୍ତୋଷ ଜାହିର କରିଛନ୍ତି। କେତେଜଣ ସୋସିଆଲ ମିଡିଆରେ ଏ ସଂକ୍ରାନ୍ତୀୟ ପୋଷ୍ଟ ଶେୟାର କରିବା ସହ ଗୁରୁଗ୍ରାମ ମେଟ୍ରୋପଲିଟାନ୍ ଡେଭଲପମେଣ୍ଟ ଅଥରିଟି କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।

## ଆଗୁଆ ନିର୍ବାଚନ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଲେ ମୋଦି

**ପଣଜୀ, ୨୧।୬(ପି.ଟି.)**

୨୦୨୪ ପୂର୍ବରୁ ଦେଶରେ ଆଗୁଆ ସାଧାରଣ ନିର୍ବାଚନ ହେବା ନେଇ ଚାଲିଥିବା ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବୁଧବାର ଗୋଆରେ ଜି୨୦ ପର୍ଯ୍ୟଟନ ମନ୍ତ୍ରୀସ୍ତରୀୟ ବୈଠକର ଉଦ୍‌ଘାଟନ ଅଧିବେଶନରେ ମୋଦିଙ୍କ ରେକର୍ଡ ହୋଇଥିବା ବାର୍ତ୍ତା ପରିବେଷଣ କରାଯାଇଥିଲା। ଏଥିରେ ଉପରୋକ୍ତ ବିଷୟ ଜଣାପଡ଼ିଛି। ମୋଦି

**ଗଣତନ୍ତ୍ରର ଉତ୍ସବ ଦେଖିବାକୁ ଜି୨୦ ପ୍ରତିନିଧିଙ୍କୁ ଆମନ୍ତ୍ରଣ**

କହିଛନ୍ତି ଯେ, ଭାରତରେ ଆସନ୍ତା ବର୍ଷ ଗଣତନ୍ତ୍ର ପର୍ବ ତଥା ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ ଭାଗ ନେବେ। 'ଗଣତନ୍ତ୍ରର ଉତ୍ସବ' ଦେଖିବା ପାଇଁ ଭାରତ ଆସିବାକୁ ମୋଦି ଜି୨୦ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରିବା ଅବସରରେ କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ କରିବାରେ ପର୍ଯ୍ୟଟନର ସାମର୍ଥ୍ୟ ରହିଛି। ଆତଙ୍କବାଦ ବିଭାଜନ କରୁଥିବାବେଳେ ପର୍ଯ୍ୟଟନ ଏକତା ସୃଷ୍ଟି କରିଥାଏ। ୨୦୨୪ରେ ଭାରତର ପରବର୍ତ୍ତୀ ପିଢ଼ି ନିର୍ବାଚନ ହେବାକୁ ଯାଉଛି। ଗଣତନ୍ତ୍ରର ଜନନୀ ଭାରତରେ ଗଣତନ୍ତ୍ରର ଉତ୍ସବକୁ ଉପଭୋଗ କରିବାକୁ ପ୍ରଧାନମନ୍ତ୍ରୀ ଜି୨୦ ପ୍ରତିନିଧିମାନଙ୍କୁ କହିଛନ୍ତି।

## କୋରିଆ ଗାୟକଙ୍କ ଆତ୍ମହତ୍ୟା

**ସିଓଲ, ୨୧।୬**



ଚୋଇ ସୁଙ୍ଗ୍-ବୋଙ୍ଗ୍

କୋରିଆର ଖ୍ୟାତନାମା ଗାୟକ ଚୋଇ ସୁଙ୍ଗ୍-ବୋଙ୍ଗ୍ ତାଙ୍କ ବାସଭବନରେ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ୨୦୧୧ରେ କୋରିଆ ଗଟ୍ ଟ୍ୟାଲେଣ୍ଟ ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ହାସଲ କରିବା ପରେ ଖ୍ୟାତି ଅର୍ଜନ କରିଥିଲେ। ସେ କୋରିଆର ବୋଙ୍ଗ ବୋଙ୍ଗ କମ୍ପାନୀ ସହ ବହୁତ ବଡ଼ ଡିଲ୍ କରିଥିଲେ। ଯୁବାବସ୍ଥାରୁ ଇଣ୍ଟରନେଟ୍ ଖ୍ୟାତି ପର୍ଯ୍ୟନ୍ତ ତାଙ୍କ ଯାତ୍ରା ସ୍ମୃତି ଉପରେ ଚୋଇ ପ୍ରକାଶ କରିଥିବା ପୁସ୍ତକ ସର୍ବାଧିକ ବିକ୍ରି ହୋଇଥିଲା। ସେ କ୍ୟାନ୍‌ସରର ପୀଡ଼ିତ ବୋଲି ଦର୍ଶାଇ ଚିକିତ୍ସା ନିମନ୍ତେ ଅର୍ଥ ସଂଗ୍ରହ ପାଇଁ ଫଣ୍ଡରେଜିଂ କ୍ୟାମ୍ପେନ୍ କରିଥିଲେ। ମିଛ ଜଣାପଡ଼ିବାରୁ ସେ ଭୁଲ୍ ସ୍ୱୀକାର କରିବା ସହ ସଂଗୃହୀତ ଚାନ୍ଦା ଫେରାଇବା ପ୍ରତିଶ୍ରୁତି ଦେଇଥିଲେ।

# ପ୍ରଶ୍ୱାସରେ ମାଇକ୍ରୋପ୍ଲାଷ୍ଟିକ୍

**ୱାଶିଂଟନ୍,୨୧।୬**
**ଜ୍ୟୋତିର୍ମୟୀ ସେଠୀ**

ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବ୍ୟବହାର ବଢ଼ିଚାଲିଛି। ଫଳରେ ପୁନଃଚକ୍ରଣ ହୋଇପାରୁ ନ ଥିବା ପ୍ଲାଷ୍ଟିକ୍ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଜମା ହୋଇ ମାଇକ୍ରୋ ବା ଅତି କ୍ଷୁଦ୍ର ପ୍ଲାଷ୍ଟିକ୍‌ରେ ପରିଣତ ହେଉଛି। ଏହି ଅତି କ୍ଷୁଦ୍ର କଣିକା ସ୍ଥଳଭାଗରୁ ଜଳଭାଗ ଓ ବାୟୁମଣ୍ଡରେ ଘୂରିବୁଲୁଛି। ମନୁଷ୍ୟ ଶ୍ୱାସକ୍ରିୟାରେ ବ୍ୟବହାର କରୁଥିବା ବାୟୁ ମଣ୍ଡଳର ଅମ୍ଳଜାନ ଜରିଆରେ ଏହା ଶରୀରରେ ଜମା ହେଉଥିବା ଏକ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି। ଗୋଟିଏ ଘଣ୍ଟାର ପ୍ରଶ୍ୱାସରେ ମନୁଷ୍ୟ ୧୬.୨ ଖଣ୍ଡ ମାଇକ୍ରୋପ୍ଲାଷ୍ଟିକ୍ ଗ୍ରହଣ କରିଥାଏ। ସେହିପରି ସପ୍ତାହକ ମଧ୍ୟରେ ମନୁଷ୍ୟ ଶରୀରରେ ଗୋଟିଏ କ୍ରେଡିଟ୍ କାର୍ଡ ପରିମାଣର ମାଇକ୍ରୋପ୍ଲାଷ୍ଟିକ୍ ପ୍ରବେଶ କରୁଥିବା ଅଷ୍ଟ୍ରେଲିଆ

**ସପ୍ତାହକରେ କ୍ରେଡିଟ୍ କାର୍ଡ ଆକାରର ପ୍ଲାଷ୍ଟିକ୍ ଶରୀରରେ ଜମା ହେଉଛି**



ୟୁନିଭର୍ସିଟି ବୈଜ୍ଞାନିକମାନେ କହିଛନ୍ତି। ଜର୍ନାଲ ଫିଜିକ୍ସ ଅଫ୍ ଫ୍ଲୁଇଡ୍‌ରେ ପ୍ରକାଶ ପାଇଥିବା ଅଧ୍ୟୟନ ରିପୋର୍ଟ ଅନୁସାରେ, ବାୟୁ ମଣ୍ଡଳରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ କିପରି ଭାବେ ମନୁଷ୍ୟ ଶରୀରକୁ ପ୍ରବେଶ କରୁଛି ତା' ବିଷୟରେ ଜାଣିବା ଲାଗି ବୈଜ୍ଞାନିକମାନେ କମ୍ପ୍ୟୁଟର ମଡେଲ୍‌ର ବ୍ୟବହାର କରିଛନ୍ତି। ମାଇକ୍ରୋ ପ୍ଲାଷ୍ଟିକ୍‌ର ଆକାର ୫ ମିଲିମିଟରରୁ ମଧ୍ୟ କମ୍। କିନ୍ତୁ ମନୁଷ୍ୟ ପ୍ରଶ୍ୱାସରେ ନାକ ଓ ଗଳା ମଧ୍ୟରେ ପ୍ରବେଶ କରୁଥିବା କ୍ଷୁଦ୍ର ପ୍ଲାଷ୍ଟିକ୍‌ର ଆକାର ୫.୫୬ ମାଇକ୍ରନ୍ସ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଶ୍ୱାସକ୍ରିୟା ଜରିଆରେ ମନୁଷ୍ୟ ଶରୀର ଭିତରେ ମାଇକ୍ରୋ ପ୍ଲାଷ୍ଟିକ୍ ପ୍ରବେଶ କରୁଥିବା ପ୍ରଥମ କରି ୨୦୨୨ରେ ଜଣାପଡ଼ିଥିଲା, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥିବା ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ସିଡ୍‌ନୀର କୋ-ଅଥର୍ ମହମ୍ମଦ ଏସ୍. ଇସ୍‌ଲାମ କହିଛନ୍ତି। ମାଇକ୍ରୋ ପ୍ଲାଷ୍ଟିକ୍ ମନୁଷ୍ୟ ଶରୀରର ବହୁତଗୁଡ଼ିଏ କ୍ଷତି ଘଟାଇପାରିବ। ମନୁଷ୍ୟ ଶରୀରର କୋଷିକା ନଷ୍ଟ କରିବା ସହ ଅଙ୍ଗ, ପ୍ରତ୍ୟଙ୍ଗରେ ଜମା ହୋଇ ଏହାର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଅନ୍ୟପକ୍ଷ ଇନ୍‌ଫେକ୍ସନ ଜରିଆରେ ଶରୀରରେ ବହୁତ ରୋଗ ସୃଷ୍ଟି କରିବ। ମାଇକ୍ରୋ ପ୍ଲାଷ୍ଟିକ୍ ଜଳଚର ପ୍ରାଣୀମାନଙ୍କ ଜୀବନ ପାଇଁ ବିପଦ ସାଜିଥିବାବେଳେ ଏହାକୁ ଦୃଷ୍ଟିରେ ରଖି ମନୁଷ୍ୟ ସଚେତନ ଓ ସତର୍କ ରହିବାର ଆବଶ୍ୟତା ରହିଛି।

## ଦଳିତ ଯୁବତୀଙ୍କୁ ପୋଲିସର ଗଣବଳାତ୍କାର ପରେ ହତ୍ୟା

**ଜୟପୁର, ୨୧।୬**

ରାଜସ୍ଥାନର ବିକାନେର ଜିଲାରେ ଜଣେ ୨୦ ବର୍ଷୀୟା ଦଳିତ ଛାତ୍ରୀ କୋଚିଂ କ୍ଲାସ୍ ଯାଉଥିବାବେଳେ ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ୨ ଜଣ ପୋଲିସ କର୍ମଚାରୀଙ୍କ ସନ୍ଦେହଜନକ ଭୂମିକା ରହିଥିବାରୁ ସେମାନଙ୍କୁ ନିଲମ୍ବନ କରାଯାଇଛି। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଧାରଣାରେ ଭାଜପା ନେତାମାନେ ସାମିଲ ହୋଇଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛି। ମଙ୍ଗଳବାର ଅପରାହ୍ନରେ ଖଜୁୱାଲା ଅଞ୍ଚଳରୁ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଜଣେ ଯୁବକଙ୍କ ସହ ଖଜୁୱାଲା ଥାନାର କନ୍‌ଷ୍ଟେବଲ ମନୋଜ ଏବଂ ଭଗିରଥଙ୍କ ବିରୋଧରେ ଏତଲା ଦାଏର କରିଛନ୍ତି। ଅନ୍ୟ କେତେଜଣଙ୍କ ଉପରେ ପରିବାର ସଦସ୍ୟ ସନ୍ଦେହ କରୁଥିବାବେଳେ ପୋଲିସ ସେମାନଙ୍କୁ ଖୋଜୁଛି।

**Classified Everyday**
**0674-2580101, 2549949**





**SALE**

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା 300/-. 7978663279. D-74875





Relax, Refresh your Body, Mind at Saikrupa Spa with best therapies. 8984068077. D-0536

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open Salon/ SPA with expert therapist (health benefits). 8114322659. D-75120

Spa Kerala body Massage only best Therapist @699/-, Bhubaneswar. 9337672475. D-0610

**LOST**

**କବଲା ଓ ପଟ୍ଟା ହଜିଛି**
ମୁଁ ଶ୍ରୀ ପ୍ରତାପ କୁମାର ପଲାଇ, ପିତା ଶ୍ରୀ ପର୍ଶୁରାମ ପଲାଇ, ଗ୍ରାମ- ଭୁବନପୁର, ପୋ.- ବ୍ରହ୍ମଗିରି, ଥାନା- ବ୍ରହ୍ମଗିରି, ଜି.- ପୁରୀ, ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋ କବଲା ନଂ.୧୩୧୩ ଯାହା ୧୨।୧୧।୧୯୯୧ ମସିହାରେ ବିକ୍ରେତା ଶ୍ରୀଜଗନ୍ନାଥ ପ୍ରଧାନ ଓ କ୍ରେତା ଶ୍ରୀମତୀ ବିଳାସିନୀ ପଟ୍ଟନାୟକଙ୍କ ମଧ୍ୟରେ ହୋଇଥିଲା, ଯାହା ଗାଁରୁ ବ୍ରହ୍ମଗିରି ବଜାରକୁ ଯାଉଥିବାବେଳେ ହଜିଯାଇଛି। ଏଣୁ ବିନୀତ ଅନୁରୋଧ କରେ କି, ଏହି ହଜିଯାଇଥିବା କବଲାକୁ ଯଦି କୌଣସି ବ୍ୟକ୍ତି ପାଇବେ ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବେ।
ଓକିଲ- ଦୀପକ କୁମାର ସାହୁ
ମୋବାଇଲ ନଂ.- ୯୯୩୭୦୫୮୭୮୫
ଧ-୦୬୩୧

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖୋଜା ଚାଲିଛି...


ରଣବୀର

କେବଳ ରଣବୀର ସିଂ ନୁହନ୍ତି, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଗୋଟିଏ ଜିନିଷ ଖୋଜିବାରେ ବ୍ୟସ୍ତ ଅଛନ୍ତି। ତାହା ହେଲା, ଏକ ନୂଆ ସିନେମାର ଟାଇଟଲ। ଏହାର କଥାବସ୍ତୁ ଆକ୍ସନ ଉପରେ ଆଧାରିତ। ଆଉ ଏଭଳି ଏକ ଭୂମିକା ପାଇ ରଣବୀରଙ୍କ ଖୁସି କହିଲେ ନ ସରେ। ଏପରି ସୁଯୋଗ ବିଷୟରେ ରଣବୀର କହନ୍ତି, ‘ସତ କଥା କହିବାକୁ ଗଲେ ଆକ୍ସନଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାର ମଜା ନିଆରା। ହେଲେ ଏଭଳି କାହାଣୀକୁ ନେଇ ଯେଉଁ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି ତାହାର ଟାଇଟଲ ଫାଇନାଲ ହେବାକୁ ଆଉ କିଛି ସପ୍ତାହ ଲାଗିବ। ହେଲେ ଏଥିରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି।’ ରଣବୀର ଜଣଙ୍କର ଫିଲ୍ମ ଦେଖିବାକୁ କେବେ ମିସ୍ କରିନାହାନ୍ତି। ସେ କିଏ ଜାଣନ୍ତି ? ଗୋବିନ୍ଦା। ଗୋବିନ୍ଦା ହେଉଛନ୍ତି ତାଙ୍କର ପସନ୍ଦୀୟ ଅଭିନେତା। ‘ବ୍ୟାଣ୍ଡ ବାଜା ବାରାତ୍’ ପୂର୍ବରୁ ରଣବୀର ଦୁଇଟି ଅଫରକୁ ହାତଛଡା କରିଥିଲେ। ‘ସେହି ଫିଲ୍ମ ଦ୍ୱୟର କାହାଣୀ ମୋତେ ପସନ୍ଦ ଆସି ନ ଥିଲା। କାରଣ ମୋ ମନକୁ ଛୁଇଁଲା ଭଳି କାହାଣୀ ନ ହେଲେ ସେହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ କେବେ ରାଜି ହୋଇ ନ ଥାଏ ବୋଲି କହନ୍ତି ରଣବୀର।’

# କେବେ ଫେରିବ ପୁରୁଣା ଦିନ



ଦିଲ୍ଲୀପ ହାଲି

ଓଡ଼ିଆ ସିନେମାର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ନେଇ ଅନେକ ଆଲୋଚନା ଚାଲିଛି। ଗତ ବର୍ଷ ‘ଦମନ’ର ଆଶାତୀତ ସଫଳତା ପରେ ଆମ ସିନେମା ପାଇଁ ଏକ ନୂଆ ରାସ୍ତା ଖୋଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ଫଳ କ’ଣ ହୋଇଛି ତାହା କହିବା ଅନାବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏହି ଦୁନିଆର ବିଶିଷ୍ଟ ବ୍ୟକ୍ତିମାନେ ବେଶ୍ କିଛି ବର୍ଷ ପୂର୍ବେ ଯେଉଁ ମତ ରଖିଥିଲେ ତାହା ସତରେ ପରିଣତ ହୋଇଛି। ସେହି ସମୟରେ ସେମାନଙ୍କ ସହ ଏକାନ୍ତ ସାକ୍ଷାତରେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଏହି ବ୍ୟକ୍ତିମାନେ ଭିନ୍ନ ଭିନ୍ନ ମତ ରଖିଥିଲେ। ସେଗୁଡିକ ମଧ୍ୟରୁ କେତୋଟି ମତ ଏଠାରେ ରଖିବାକୁ ଯାଉଛି। ଏକଦା ସାମୁଏଲ ସାହୁ (ବାବି) କହିଥିଲେ, ‘ପୁରାତନ ଓଡ଼ିଆ ସିନେମା ଏବଂ ଆଜିର ଓଡ଼ିଆ ସିନେମା ମଧ୍ୟରେ ଆକାଶ ପାତାଳ ତଫାତ। ବାସ୍ତବଧର୍ମୀ କାହାଣୀକୁ ନେଇ ଆଉ ସିନେମା ନିର୍ମାଣ ହେଉନାହିଁ, ଯାହା ପୁରୁଣା ସିନେମାରେ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ଅଯଥା କଥାକୁ ଅତିରଞ୍ଜିତ କରାଯାଉଛି। ମୁଁ ଯେତେବେଳେ ଅଭିନୟ କରୁଥିଲି ସେତେବେଳେ କାହାଣୀ ଏଭଳି ଚୟନ କରାଯାଉଥିଲା, ଯାହାକୁ ପରିବାର ସହ ଏକାଠି ବସି ଦେଖିହେବ। ହେଲେ ଏବେ ପାଣିପାଗ ବଦଳି ଯାଇଛି।’’ ଓଡ଼ିଆ ସିନେମାର ଭବିଷ୍ୟତ ବିଷୟରେ ବିଶିଷ୍ଟ ଅଭିନେତା ବିଜୟ ମହାନ୍ତି କହିଥିଲେ, ‘ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଆ ଗନ୍ଧ ରହିବା ନିହାତି ଦରକାର। ଅନ୍ୟ ଭାଷା ଅନ୍ୟ ସଂସ୍କୃତିକୁ ନେଇ ସିନେମା କଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିପାରୁନାହିଁ। ଓଡ଼ିଆ ଫିଲ୍ମଟି ଯେପରି ସାମାଜିକ ସଚେତନତାର ବାର୍ତ୍ତା ବହନ କରିବ ସେ ନେଇ ନିର୍ଦ୍ଦେଶକ ସଚେତନ ହେବା ଦରକାର।’ ଓଡ଼ିଆ ସିନେମା ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ଏକଦା କହିଥିଲେ, ‘ବର୍ତ୍ତମାନ କାହାଣୀ ଚୟନ ଏବଂ ଚିତ୍ରନାଟ୍ୟ ଲେଖାଯାଉଛି ହୋଟେଲ ରୁମ୍‌ରେ ପୁଣି ଅନ୍ୟ ପ୍ରାନ୍ତୀୟ ଭାଷାର ସିନେମା କ୍ୟାସେଟକୁ ଫଲୋ କରି। ଆମ ସିନେମାର ଓଡ଼ିଆତ୍ୱ ରହିବା ନିହାତି ଦରକାର। ଚୋରି କରି ସିନେମା ନିର୍ମାଣ କରି ବାହାବା ନେଲେ ଲାଭ କ’ଣ ? ‘ଯାଯାବର’ ଫିଲ୍ମ କଥା ମନେ ପଡୁଛି। ସେତେବେଳେ ଏହାର ଟାଇଟଲ ଗୀତ ପାଇଁ ମୋତେ ମାସେ ସମୟ ଲାଗିଥିଲା, ଆଉ ପ୍ରଯୋଜକ ଟିକେ ହେଲେ ମନ ଦୁଃଖ କରିନଥିଲେ। ପରେ ଗୀତଟି ହିଟ୍ ହେବା ସହ ଏହି ଫିଲ୍ମ ଲାଗି ମୋତେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପୁରସ୍କାର ମିଳିଥିଲା। ଏହି ଗୀତଟି ଲେଖିଲା ବେଳେ କି ସ୍ୱର ଦେଲାବେଳେ ମୁଁ କେବେ ଭାବି ନ ଥିଲି ଏହା ଏତେ ଶ୍ରୋତାଦୃତ ହେବ ବୋଲି।’

ଆମ ଓଡ଼ିଆ ସିନେମାର ବର୍ତ୍ତମାନର ଅବସ୍ଥା ବିଷୟରେ ଏହି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ସତ ବୋଲି ପ୍ରମାଣିତ ହୋଇଛି। ପେସାଦାର ପ୍ରଯୋଜକଙ୍କ ଅଭାବ ପରିଲକ୍ଷିତ ହେଉଛି। ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଉପରେ ଟିକିଏ ହେଲେ ଅଭିଜ୍ଞତା ନ ଥାଇ ସିନେମା ନିର୍ମାଣ କଲେ ତାହାର ଅବସ୍ଥା କ’ଣ ହୁଏ, ତାହା ଅଧିକାଂଶ ଓଡ଼ିଆ ସିନେମାରେ ଏବେ ଦେଖିବାକୁ ମିଳୁଛି। ପ୍ରେକ୍ଷାଳୟର ଅଭାବ ମଧ୍ୟ ଓଡ଼ିଆ ସିନେମାର ବିକାଶ ଧାରାକୁ ପ୍ରଭାବିତ କରୁଛି। ତେଣୁ ଏ ନେଇ ଚିନ୍ତା କରିବାର ସମୟ ଆସିଛି। ଦିନ ଥିଲା, ଓଡ଼ିଆ ସିନେମା ଦେଖିବାକୁ ପ୍ରେକ୍ଷାଳୟ ସାମ୍ନାରେ ଲମ୍ବା ଲାଇନ୍ ଲାଗୁଥିଲା। ଏବେ ପ୍ରିମିୟର ଶୋ ପରେ ସେଠାରେ କାଉ ଉଡିଲା ପରି ଲାଗୁଛି। ତେଣୁ ଓଡ଼ିଆ କାହାଣୀକୁ ନେଇ ଭଲ ସିନେମାଟିଏ ନିର୍ମାଣ କଲେ ପୁରୁଣା ଦିନ ଫେରିଆସିବାକୁ ଯଥେଷ୍ଟ ସାହାଯ୍ୟ କରିବ। ତେଣୁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି।

–ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

> ‘‘ପେସାଦାର ପ୍ରଯୋଜକଙ୍କ ଅଭାବ ପରିଲକ୍ଷିତ ହେଉଛି। ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଉପରେ ଟିକିଏ ହେଲେ ଅଭିଜ୍ଞତା ନ ଥାଇ ସିନେମା ନିର୍ମାଣ କଲେ ତାହାର ଅବସ୍ଥା କ’ଣ ହୁଏ, ତାହା ଅଧିକାଂଶ ଓଡ଼ିଆ ସିନେମାରେ ଏବେ ଦେଖିବାକୁ ମିଳୁଛି। ପ୍ରେକ୍ଷାଳୟର ଅଭାବ ମଧ୍ୟ ଓଡ଼ିଆ ସିନେମାର ବିକାଶ ଧାରାକୁ ପ୍ରଭାବିତ କରୁଛି। ତେଣୁ ଏ ନେଇ ଚିନ୍ତା କରିବାର ସମୟ ଆସିଛି।’’

## କଥା ରହସ୍ୟମୟ ରାତିର

ମନଲାଖି ସାଥୀଟିଏ ପାଇବା କ’ଣ ସହଜ ? ହେଲେ ଯେତେବେଳେ ମନର ମାନସୀ ମିଳିଯାଏ ସେତେବେଳେ ଖୁସିର ସୀମା ନ ଥାଏ। କିନ୍ତୁ ତା’ ଭିତରେ ଆସିଥାଏ ଟ୍ୱିଷ୍ଟ। ଏକ ଜହ୍ନଭରା ରାତିରେ ଆବିର୍ଭାବ ହୁଏ ଆଉ ଏକ ଚରିତ୍ରର, ଯାହା କାହାଣୀରେ ଆଣେ ନୂଆ ମୋଡ। ସେହି ରହସ୍ୟମୟ ରାତିରେ କ’ଣ ଏମିତି ଘଟିଲା ଯେ ଯାହା ପ୍ରେମୀ ଯୁଗଳଙ୍କ ପାଇଁ ଟେନସନ ଆଣି ଦେଇଛି ? ସେପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର


ସମ୍ମିତ

କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ‘ଜହ୍ନ ରାତିର ସାଥୀ’। ଆର୍ଟମାସ୍ କ୍ରିଏଟିଭସ ପ୍ରା.ଲିଃ. ବ୍ୟାନରରେ ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। ଫିଲ୍ମଟିର ସେନସର କାମ ଶେଷ ହୋଇଛି। ଚିତ୍ରଟିର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ଜେନା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ସିଦ୍ଧାନ୍ତ ମହାପାତ୍ର, ସମ୍ମିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ସମରେଶ ରାଉତରାୟ, ପ୍ରଜ୍ଞା ଖଟୁଆ, ପୃଥ୍ୱିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାଶ ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଅପେକ୍ଷା ସମୟକୁ

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପ୍ରଣିତା ସୁବାସ। ସେ ଏବେ ସମୟକୁ ଅପେକ୍ଷା କରିଛନ୍ତି। ହେଲେ କାହିଁକି ଜାଣନ୍ତି ? ବଲିଉଡ୍‌ରେ ଏକ ବଡ ବ୍ରେକ୍ ସନ୍ଧାନରେ ସେ ଅଛନ୍ତି। ଯଦିଓ ୨୦୨୧ରେ ରିଲିଜ ହୋଇଥିବା ‘ଭୁଜ୍ : ଦ ପ୍ରାଇଡ୍ ଅଫ ଇଣ୍ଡିଆ’ରେ ତାଙ୍କୁ ଦେଖିବାକୁ ମିଳିଥିଲା, ହେଲେ ତାହା ଥିଲା ଏକ ସ୍ପେଶାଲ ଆପିୟରେନ୍ସ। ତେଣୁ ହିନ୍ଦୀ ସିନେମାରେ ସୋଲୋ ନାୟିକା ଭାବରେ ଦର୍ଶକଙ୍କ ସାମନାକୁ ଆସିବାକୁ ଆଶା ରଖିଛନ୍ତି। ଏ ନେଇ ପ୍ରଣିତା କହନ୍ତି, ‘୨୦୧୦ରେ ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। କନ୍ନଡ ଫିଲ୍ମ ‘ପୋର୍କି’ ଥିଲା ମୋର ପ୍ରଥମ ସିନେମା। ତା’ପରେ ପାଖାପାଖି ୨୦ରୁ ଅଧିକ ସିନେମାରେ ଅଭିନୟ କରିସାରିଛି। ହେଲେ ବଲିଉଡ୍‌ରେ ଆକ୍ଟିଂ କରିବାର ମଜା ନିଆରା। ତେଣୁ ହିନ୍ଦୀ ସିନେମାର ଏକ ବଡ ବ୍ରେକ୍‌କୁ ମୁଁ ଅପେକ୍ଷା କରିଛି। ମୁଁ କେବଳ ଭାବିଲେ ତ ହେବ ନାହିଁ। ପ୍ରଯୋଜକମାନେ ମୋ ଉପରେ ବିଶ୍ୱାସ ରଖିବା ଦରକାର। ତେଣୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବି। ଆଶା ରଖିଛି ସେହି ଶୁଭ ମୁହୂର୍ତ୍ତ ନିଶ୍ଚୟ ଆସିବ।’ ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ପ୍ରଣିତା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ତେବେ ଏଭଳି କଥା ପଛରେ କେତେ ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ପ୍ରଣିତା

# ବୁଦ୍ଧିମତୀ ରଶ୍ମିକା

ରଶ୍ମିକା ମନ୍ଦାନାଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡେ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ନିଜ କ୍ୟାରିୟର ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ ସେ। ନିଜ ପ୍ରଶଂସକମାନଙ୍କର ପ୍ରଶ୍ନଗୁଡିକର ବେଶ୍ ଚତୁରତାର ସହ ଉତ୍ତର ଦେଇଥିଲେ। କେବଳ ସେତିକି ନୁହେଁ, ସେହି ସମୟରେ ସେ ଅକ୍ଷୟ କୁମାରଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, ‘ମୁଁ ଯେତେବେଳେ ମୋ ପ୍ରଶଂସକମାନଙ୍କୁ ସାମନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଆପଣମାନେ ତ ଜାଣିଛନ୍ତି ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ ‘ଆନିମଲ୍’ ଚଳିତ ବର୍ଷ ଅଗଷ୍ଟ ୧୧ରେ ରିଲିଜ ହେବ। ଏହାର ସଫଳତାକୁ ନେଇ ମୁଁ ବେଶ୍ ଆଶା ରଖିଛି।’ ଏହି ଫିଲ୍ମରେ ରଶ୍ମିକାଙ୍କ ନାୟକ ସାଜିଛନ୍ତି ରଣବୀର କପୁର। ଏଥିରେ ଅନୀଲ କପୁର, ବବି ଦେଓଲ, ଶକ୍ତି କପୁର ଏବଂ ସୁରେଶ ଓବରୟଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ରଶ୍ମିକା

## ସିରିୟସ ହେଲେଣି ବାଣୀ

ବାଣୀ କପୁର ଏଣିକି ମାଇଣ୍ଡ ମେକଅପ କରିଛନ୍ତି ଯେ କୌଣସି ନୂଆ ଅଫର ମିଳିଲେ ସେ ନେଇ ବେଶ୍ ସିରିୟସ ରହିବେ। ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବେ। ଏଭଳି ଚିନ୍ତା ସେ କେବଳ କରୁନାହାନ୍ତି, ତାହାକୁ କାମରେ ମଧ୍ୟ ଲଗାଇ ସାରିଲେଣି। ଏ ସମ୍ପର୍କରେ ବାଣୀ କହନ୍ତି, ‘ବଲିଉଡ୍‌ରେ ଆଗକୁ ଆଗେଇବା ଏତେ ସହଜ କଥା ନୁହେଁ। ତେଣୁ ମୋ ଆକ୍ଟିଂ କ୍ୟାରିୟରକୁ ନୂଆ ମୋଡ ଦେବାକୁ ସ୍ଥିର କରିଛି। ପ୍ରତିଟି ଅଫର ପ୍ରତି ଏଣିକି ସିରିୟସ ହେବି। ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ତରତର ହୋଇ ଗୁଡାଏ ଫିଲ୍ମ ସାଇନ୍ କଲେ କିଛି ଲାଭ ନାହିଁ।’ ଟୁରିଜମ୍‌ରେ ସେ ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି। ମଡେଲିଂ ଦୁନିଆରେ ପାଦ ଦେବା ପୂର୍ବରୁ ତାଙ୍କର ଓଜନ ୭୫ କି.ଗ୍ରା ଥିଲା। ମାତ୍ର କେଇଟା ସପ୍ତାହରେ ସେ ପରିଶ୍ରମ କରି ଏହି ଓଜନକୁ କମାଇଥିଲେ।

ରିଲିଜ ଅପେକ୍ଷାରେ..

# ପ୍ରିୟେ ତୁ ମୋ ସିଏ

ଝିଲିକ୍ ମୋସନ ପିକ୍ଚର୍ସର ଚତୁର୍ଥ ଅବଦାନ ‘ପ୍ରିୟେ ତୁ ମୋ ସିଏ’ ଚଳିତ ମାସ ୨୯ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅମ୍ଳାନ-ଏଲିନାଙ୍କ ଯୋଡ଼ିକୁ ଏଥିରେ ଦେଖିବାକୁ ମିଳିବ। ବବି ମିଶ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଛନ୍ତି। ଜଣେ ଧନୀ ଘରର ଝିଅ ଏବଂ ଗରିବ ଘରର ପୁଅ ଭିତରେ ସୃଷ୍ଟି ହୋଇଥିବା ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଝିଲିକ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଆଗ ଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। କାହାଣୀ ରଚନା କରିଛନ୍ତି ଶରଣାବିନ୍ଦ ଓଝା। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ର ସିକୁଏନ୍ସଗୁଡିକର ଶୁଟିଂ ବାରିପଦାରେ ହୋଇଥିବା ବେଳେ ଗୀତଗୁଡ଼ିକ ମନାଲି ଓ ଚଣ୍ଡିଗଡ଼ରେ ଶୁଟିଂ ହୋଇଛି। ଏହାପୂର୍ବରୁ ଏହି ବ୍ୟାନରରେ ତଥା ଝିଲିକଙ୍କ ପ୍ରଯୋଜନାରେ ‘ରୁଦ୍ରାଣୀ’, ‘କିସ୍‌ମିସ୍’ ଏବଂ ‘ତୋର ମୋର କଟି’ ପ୍ରସ୍ତୁତ ହୋଇ ରିଲିଜ ହୋଇ ସାରିଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।


‘ପ୍ରିୟେ ତୁ ମୋ ସିଏ’ ଫିଲ୍ମରେ ଅମ୍ଳାନ-ଏଲିନା

# ଛେତ୍ରୀଙ୍କ ହ୍ୟାଟ୍ରିକ: ପାକିସ୍ତାନକୁ ହରାଇଲା ଭାରତ

**ବେଙ୍ଗାଲୁରୁ, ୨୧।୬**

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ପାକିସ୍ତାନ ବିପକ୍ଷରେ ବିଜୟ ସହ ଭାରତ ଏହାର ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଅଭିଯାନ ଆରମ୍ଭ କରିଛି। ଘଟଣା ବହୁଳ ଏହି ମ୍ୟାଚରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ମ୍ୟାଚରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୧୦ମ, ୧୬ତମ (ପେନାଲ୍ଟି) ଓ ୭୪ତମ (ପେନାଲ୍ଟି) ମ୍ୟାଚରେ ଛେତ୍ରୀ ଗୋଲ ତିନୋଟି ସ୍କୋର କରିଥିଲେ। ଉଦାନ୍ତ ସିଂ ୮୧ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ।


ଗୋଲ ସ୍କୋରପରେ ସୁନୀଲ ଛେତ୍ରୀ

## ୯୦ତମ ଗୋଲ

ଅନ୍ତର୍ଜାତୀୟ ଫୁଟବଲରେ ଏହାଥିଲା ଛେତ୍ରୀଙ୍କ ୯୦ତମ ଗୋଲ। ଏଥିସହ ସେ ମାଲେସିଆର ମୋଖତାର ଦହାରି (୯ ଗୋଲ)ଙ୍କୁ ଅତିକ୍ରମ କରିଛନ୍ତି। ଏବେ ଛେତ୍ରୀ ସର୍ବକାଳୀନ ସର୍ବାଧିକ ଗୋଲ ସ୍କୋର ତାଲିକାରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ (୧୨୩), ଇରାନର ଅଲୀ ଦାଏଇ (୧୦୯) ଓ ଆର୍ଜେଣ୍ଟିନାର ଲିଓନେଲ ମେସି (୧୦୩)ଙ୍କ ପଛକୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଅଲୀ ଦାଏଇ ଅବସର ନେଇଯାଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ ସେ ତୃତୀୟ ସ୍ଥାନରେ ରହିଛନ୍ତି।

## କୋଚ୍ ଷ୍ଟିମାକଙ୍କୁ ରେଡ୍ କାର୍ଡ

ଭାରତୀୟ ଜାତୀୟ ଫୁଟବଲ ଦଳର ମୁଖ୍ୟ କୋଚ୍ ଇଗର୍ ଷ୍ଟିମାକଙ୍କୁ ମିଳିଛି ରେଡ୍ କାର୍ଡ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳା ଯାଇଥିବା ସାଫ୍ କପ୍‌ର ପ୍ରଥମାର୍ଦ୍ଧରେ ଏମିତି ଘଟଣା ଘଟିଥିଲା। ୪୫ ତମ ମିନିଟରେ ପାକିସ୍ତାନକୁ ଏକ ଥ୍ରୋ ମିଳିଥିଲା। ପ୍ରୀତମ କୋଟାଲଙ୍କ ଠାରୁ ପାକିସ୍ତାନୀ ଖେଳାଳି ବଲ୍ ଛଡାଇବାକୁ ପ୍ରୟାସ କରୁଥିଲେ। ରେଫରି ପାକିସ୍ତାନ ସପକ୍ଷରେ ନିଷ୍ପତ୍ତି ଦେବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ ଷ୍ଟିମାକ୍। ପାକିସ୍ତାନୀ ଖେଳାଳି ଅବଦୁଲ୍ଲା ଇକ୍‌ବାଲ ସାଇଡ୍‌ରୁ ବଲ୍ ଥ୍ରୋ କରିବାକୁ ଯାଉଥିବା ବେଳେ ପଛଆଡୁ ଆସି ଷ୍ଟିମାକ୍ ବଲ୍‌କୁ ହାତରେ ଠେଲି ଦେଇଥିଲେ। ଏହାକୁ ନେଇ ଏକାଧିକ ପାକିସ୍ତାନୀ ଖେଳାଳି ଓ ଷ୍ଟିମାକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ରେଫରି ଷ୍ଟିମାକଙ୍କୁ ରେଡ୍ କାର୍ଡ ଦେଇଥିଲେ। ସମାନ ଘଟଣାରେ ଭାରତର ସନ୍ଦେଶ ଝିଙ୍ଗାନ ଓ ପାକିସ୍ତାନର ନବିଙ୍କୁ ମଧ୍ୟ ୟେଲୋ କାର୍ଡ ମିଳିଥିଲା। ଷ୍ଟିମାକ ପଡିଆ ଛାଡିବା ପରେ ସହକାରୀ କୋଚ୍ ମହେଶ ଗାଓ୍ୱଲି ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।


ଇଗର ଷ୍ଟିମାକ ଓ ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ।

## ଶୁଟ୍‌ଆଉଟରେ ହାରିଲା ଓଡ଼ିଶା

**ରାଉରକେଲା,୨୧।୬**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ବୁଧବାର ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକିର ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶ ଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ନିର୍ଦ୍ଧାରିତ ସମୟରେ ୪-୪ ଗୋଲରେ ବରାବର ରହିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ଅଲ୍ଲୀ ଅହମ୍ମଦ, ଜାହିଦ ଖାନ, ମୋହତ କର୍ମା, ଜମୀର ମହମ୍ମଦ ଏବଂ ଓଡ଼ିଶା ପକ୍ଷରୁ ଦୀପକ ମିଞ୍ଜ, ଆକାଶ ସୋରେଙ୍ଗ, ଅନମୋଲ ଏକ୍କା ଓ ପ୍ରତାପ ଟୋପୋ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟ ମଧ୍ୟ ବେଶ୍ ରୋମାଞ୍ଚକ ହୋଇଥିଲା। ମାତ୍ର ଶେଷରେ ମଧ୍ୟପ୍ରଦେଶ ୧୨-୧୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା। ପ୍ରଥମ ସେମିଫାଇନାଲରେ ଚଣ୍ଡିଗଡ ୩-୧ ଗୋଲରେ ହରିୟାଣାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା।

## ଡବ୍ଲ୍ୟୁଟିସି ପଏଣ୍ଟ ହରାଇଲେ ଇଂଲଣ୍ଡ, ଅଷ୍ଟ୍ରେଲିଆ

**ଦୁବାଇ, ୨୧।୬ (ପି.ଟି.):** ଆସେସ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ସମାପ୍ତ ହୋଇଥିବା ବେଳେ ଧିମା ଓଭର ହାର ପାଇଁ ଉଭୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଦଳ ଉପରେ ଫାଇନ୍ ଲାଗିଛି। ଉଭୟ ଦଳ ନିଜ ମ୍ୟାଚ୍ ଫି'ର ୪୦ ପ୍ରତିଶତ ଲେଖାଏ ହରାଇଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ରୁ ମଧ୍ୟ ଦୁଇ ପଏଣ୍ଟ ଲେଖାଏ ହରାଇବାକୁ ପଡିଛି। ମଙ୍ଗଳବାର ଶେଷ ହୋଇଥିବା ମ୍ୟାଚରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ୨ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇ ଓଭର ଲେଖାଏ କମ୍ ବୋଲିଂ କରିଥିଲେ। ଆଇସିସିର ଏଲିଟ୍ ପ୍ୟାନେଲ୍ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଏହି ଦଣ୍ଡ ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଦଣ୍ଡକୁ ଗ୍ରହଣ କରି ନେଇଥିବାରୁ ଏଥିପାଇଁ କୌଣସି ଶୁଣାଣି ହେବ ନାହିଁ। ଦୁଇ ପଏଣ୍ଟ ହ୍ରାସ ପାଇବା ପରେ ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ଅଷ୍ଟ୍ରେଲିଆ ୧୦ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୯ ଦଳ ବିଶିଷ୍ଟ ଇଭେଣ୍ଟରେ ସବୁଠୁ ତଳ ସ୍ଥାନ ପାଇଛି। ଆଇସିସି ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଧିମା ଓଭର ହାର ପାଇଁ ୨୦ ପ୍ରତିଶତର ମ୍ୟାଚ୍ ଫି କଟାଯାଇଥାଏ।

## କୁଏତ୍ ଜିତିଲା ଉଦ୍‌ଘାଟନୀ ମ୍ୟାଚ


କୁଏତ୍ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ବେଙ୍ଗାଲୁରୁ, ୨୧।୬ (ପି.ଟି.)**

ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଜିତିଛି କୁଏତ। ଏହି ଦଳ ୩-୧ ଗୋଲରେ ନେପାଳକୁ ପରାସ୍ତ କରିଛି। ଆମନ୍ତ୍ରଣୀୟ ଦଳ ଭାବେ ପ୍ରଥମଥରପାଇଁ ସାଫ୍ ଚାମ୍ପିୟନଶିପ୍ ଖେଳୁଥିବା କୁଏତ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲା। ୨୩ତମ ମିନିଟରେ

### ସାଫ୍ ଚାମ୍ପିୟନଶିପ୍

ଖାଲେଦ ହାଜି ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୪୧ତମ ମିନିଟରେ ଶବିବ ଅଲ୍ ଖାଲଦି ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିବାବେଳେ ମହମ୍ମଦ ଧାମ୍ ୬୫ତମ ମିନିଟରେ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ନେପାଳ ପକ୍ଷରୁ ଅଞ୍ଜନ ବିସ୍ତା ୬୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ବାଂଲାଦେଶକୁ ହରାଇ ଭାରତ ଚାମ୍ପିୟନ

### ମହିଳା ଇମର୍ଜିଂ ଏସିଆ କପ୍

**ମଙ୍ଗ କକ୍ (ହଂକଂ), ୨୧।୬(ପି.ଟି.)**

ହଂକଂରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଇମର୍ଜିଂ ଏସିଆ କପ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଭାରତ। ବୁଧବାର ଖେଳା ଯାଇଥିବା ଟାଇଟଲ୍ ମୁକାବିଲାରେ ଦଳ ବାଂଲାଦେଶକୁ ୩୧ ରନ୍‌ରେ ପରାସ୍ତ କରିଛି। ଭାରତୀୟ ସ୍ପିନର ଯୋଡି ଶ୍ରେୟଙ୍କା ପାଟିଲ (୪/୧୩) ଓ ମନ୍ନତ କଶ୍ୟପ(୩/୨୦) ଚମତ୍କାର ବୋଲିଂ କରି ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୭ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୯.୨ ଓଭରରେ ୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ବିନ୍ଦ୍ରା ଦୀନେଶ ସର୍ବାଧିକ ୩୬ ରନ୍ କରିଥିଲେ। ଅଧିନାୟିକା ଶ୍ୱେତା ଶେରାଓ୍ୱତ(୧୩) ଓ ଉମା ଚେତ୍ରି(୨୨) ପ୍ରଥମ ଉଇକେଟରେ ୨୮ ରନ୍ ଯୋଡିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ବିନ୍ଦ୍ରା ୨୯ ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ କନିକା ଆହୁଜା ଅପରାଜିତ ୩୦ ରନ୍ କରିବାରୁ ଭାରତର ସ୍କୋର ୧୨୭ରେ ପହଞ୍ଚିଥିଲା। ୨୩ ବଲ୍ ଖେଳି ସେ ୪ ଚୌକା ମାରିଥିଲେ। ବାଂଲାଦେଶ ପକ୍ଷରୁ ନାହିଦା ଅକତର ଓ ସୁଲତାନା ଖାତୁନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନ୍‌ର ପିଛା କରୁଥିବା ବାଂଲାଦେଶ ପକ୍ଷରୁ ମାତ୍ର ୩ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିଥିଲେ। ଶାଥି ରାଣା(୧୩), ଶୋଭନା ମୋଷ୍ଟାରେ (୧୬) ଓ ନାହିଦା ଅକତର(୧୭*)ଙ୍କ ସ୍କୋର ବଳରେ ବାଂଲାଦେଶ ୯୬ ରନ୍‌ରେ ସୀମିତ ରହିଥିଲା। ମନ୍ନତ କଶ୍ୟପ ପ୍ରଥମ ଦୁଇ ଉଇକେଟ ନେଇଥିବା ବେଳେ ଶ୍ରେୟଙ୍କା ମିଡିଲ ଅର୍ଡରରେ ୪ ଉଇକେଟ ନେଇଥିଲେ। ଅଫ୍ ସ୍ପିନ ଜରିଆରେ ଶୋଭନା, ଲତା ମଣ୍ଡଳ, ମୁର୍ସିଦା ଖାତୁନ ଓ ରାବେୟାଙ୍କୁ ଆଉଟ କରିଥିଲେ। ବାଂଲାଦେଶ ୧୯.୨ ଓଭରରେ ୯୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଶ୍ରେୟଙ୍କା ୪, ମନ୍ନତ ୩ ଉଇକେଟ ନେଇଥିଲେ। କନିକା ଆହୁଜା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଶ୍ରେୟଙ୍କା ପାଟିଲ୍ରୁ ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।


ପ୍ଲେୟର ଅଫ୍ ଦ ସିରିଜ୍ ଶ୍ରେୟଙ୍କା ପାଟିଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୨୭/୭ (ବିନ୍ଦ୍ରା ଦୀନେଶ-୩୬, କନିକା ଆହୁଜା-୩୦*, ଉମା ଚେତ୍ରୀ-୨୨, ନାହିଦା ଅକତର-୨/୧୩, ସୁଲତାନା ଖାତୁନ-୨/୩୦, ରାବେୟା ଖାନ୍-୧/୧୪)। ବାଂଲାଦେଶ ୧୯.୨ ଓଭରରେ ୯୬/୧୦(ନାହିଦା ଅକତର-୧୭*, ଶୋଭନା ମୋଷ୍ଟାରେ-୧୬, ଶାଥି ରାଣା-୧୩, ଶ୍ରେୟଙ୍କା ପାଟିଲ-୪/୧୩, ମନ୍ନତ କଶ୍ୟପ-୩/୨୦, କନିକା ଆହୁଜା-୨/୨୩)।

## ବେଙ୍ଗାଲୁରୁରେ ବିଦାୟୀ ମ୍ୟାଚ ଚାହାନ୍ତି ବୋପାନ୍ନା

**ନୂଆଦିଲ୍ଲୀ, ୨୧।୬ (ପି.ଟି.)**

ଭାରତର ଶୀର୍ଷସ୍ଥାନୀୟ ଡବଲ୍ସ ଟେନିସ ତାରକା ରୋହନ ବୋପାନ୍ନା ଆସନ୍ତା ସେପ୍ଟେମ୍ବରରେ ଡେଭିସ୍ କପ୍ କ୍ୟାରିୟର ଶେଷ କରିବେ। ମରକ୍କୋ ବିପକ୍ଷରେ ସେ ବିଦାୟକାଳୀନ ମ୍ୟାଚ ଖେଳିବେ ବୋଲି ବୁଧବାର ସୂଚନା ଦେଇଛନ୍ତି। ତେବେ ବେଙ୍ଗାଲୁରୁଠାରେ କ୍ୟାରିୟରର ଶେଷ ଡେଭିସ୍ କପ୍ ମ୍ୟାଚ ଖେଳିବାକୁ ଏହି କର୍ଣ୍ଣାଟକ ଖେଳାଳି ଯେଉଁ ଇଚ୍ଛା ପ୍ରକାଶ କରିଛନ୍ତି ତାହା ଅପୂରଣୀୟ ରହିପାରେ। କାରଣ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଡେଭିସ୍ କପ୍ ଆୟୋଜନ ଅଧିକାର ଉତ୍ତର ପ୍ରଦେଶକୁ ଦେଇ ସାରିଛି। ଆସନ୍ତା ସେପ୍ଟେମ୍ବରରେ ଭାରତ ଓ ମରକ୍କୋ ମଧ୍ୟରେ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲା ହେବ। ୨୦୦୨ରେ ଡେଭିସ୍ କପ୍ କ୍ୟାରିୟର ଆରମ୍ଭ କରିଥିବା ବୋପାନ୍ନା ୪୩ ବର୍ଷରେ ପଦାର୍ପଣ କରିଛନ୍ତି। "ମୁଁ ସେପ୍ଟେମ୍ବରରେ ଶେଷ ଡେଭିସ୍ କପ୍ ମ୍ୟାଚ ଖେଳିବାକୁ ଯୋଜନା କରିଛି। ୨୦୦୨ରୁ ଭାରତୀୟ ଦଳରେ ଖେଳି ଆସୁଛି। ଆଗାମୀ ଡେଭିସ୍ କପ୍ ମୁକାବିଲା ଘରୋଇ ପରିବେଶରେ ବେଙ୍ଗାଲୁରୁରେ ହେଉ ବୋଲି ମୁଁ ଚାହୁଁଛି। ମୁଁ ସମସ୍ତ ଭାରତୀୟ ଖେଳାଳିଙ୍କ ସହ କଥା ହୋଇଛି। ସେମାନେ ସମସ୍ତେ ବେଙ୍ଗାଲୁରୁରେ ଖେଳିବାକୁ ରାଜି ଅଛନ୍ତି। କର୍ଣ୍ଣାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ ମଧ୍ୟ ଏହାକୁ ଆୟୋଜନ ପାଇଁ ପ୍ରସ୍ତୁତ ଅଛି। ଏବେ ଫେଡେରେଶନ ଯାହାକିଛି ନିଷ୍ପତ୍ତି ନେବ" ବୋଲି ବୋପାନ୍ନା କହିଛନ୍ତି।

ବୋପାନ୍ନା ଭାରତ ପକ୍ଷରୁ ୩୨ଟି ଡେଭିସ୍ କପ୍ ମ୍ୟାଚ ଖେଳି ସାରିଛନ୍ତି। ଲିଆଣ୍ଡର ପେସ୍ ସର୍ବାଧିକ ୫୮ଟି ମ୍ୟାଚ ଖେଳିଥିବାବେଳେ ଜୟଦୀପ ମୁଖାର୍ଜୀ ୪୩, ରମାନାଥନ କ୍ରିଷ୍ଣନ ୪୩, ପ୍ରେମଜିତ ଲାଲ ୪୧, ଆନନ୍ଦ ଅମୃତରାଜ ୩୯, ମହେଶ ଭୂପତି ୩୫ ଓ ବିଜୟ ଅମୃତରାଜ ୩୨ଟି ମ୍ୟାଚ ଖେଳି ଏହି ତାଲିକାରେ ପଛକୁପଛ ରହିଛନ୍ତି। ମରକ୍କୋ ବିପକ୍ଷରେ ମ୍ୟାଚ

### ଡେଭିସ୍ କପ୍ ଟେନିସ

ଖେଳିଲେ ବୋପାନ୍ନା କିମ୍ବଦନ୍ତୀ ଖେଳାଳି ବିଜୟ ଅମୃତରାଜଙ୍କୁ ଅତିକ୍ରମ କରିବେ। ଏଆଇଟିଏ କିନ୍ତୁ ଆଗାମୀ ମୁକାବିଲାକୁ ବେଙ୍ଗାଲୁରୁରେ ଆୟୋଜନ ସପକ୍ଷରେ ନାହିଁ। "ଭାରତ ପକ୍ଷରୁ ଶେଷ ମ୍ୟାଚ ବେଙ୍ଗାଲୁରୁରେ ଖେଳିଲେ ରୋହନଙ୍କ ପାଇଁ ଭଲ ହେବ। ମାତ୍ର ଆମେ ଉତ୍ତର ପ୍ରଦେଶକୁ ପ୍ରତିଶ୍ରୁତି ଦେଇ ସାରିଛୁ। ଆଗାମୀ ଡେଭିସ୍ କପ୍ ମ୍ୟାଚ ଲକ୍ଷ୍ନୌରେ ହେବ ବୋଲି ନିଷ୍ପତ୍ତି ହୋଇସାରିଛି" ବୋଲି ଏଆଇଟିଏ ମହାସଚିବ ଅନିଲ ଧୁପର ପ୍ରକାଶ କରିଛନ୍ତି।


ରୋହନ ବୋପାନ୍ନା

## ଜୁଲାଇ ୧୧କୁ ଘୁଞ୍ଚିଲା କୁସ୍ତି ମହାସଂଘ ନିର୍ବାଚନ

**ନୂଆଦିଲ୍ଲୀ, ୨୧।୬ (ପି.ଟି.):** ବୁଧବାର ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନକୁ ଜୁଲାଇ ୧୧ ତାରିଖକୁ ଘୁଞ୍ଚାଇ ଦେଇଛି ଇଣ୍ଡିଆନ୍ ଅଲିମ୍ପିକ୍ସ କମିଟି(ଆଇଓଏ)ର ଆଡ୍ ହକ୍ କମିଟି। ୫ ଅସନ୍ତୁଷ୍ଟ ରାଜ୍ୟ ସଂଘର ଦାବି ଶୁଣିବା ପରେ ଆଡ୍ ହକ୍ କମିଟି ଏହି ନିଷ୍ପତ୍ତି ନେଇଛି। ନ ଜଣିଆ ଆଡ୍ ହକ୍ କମିଟିର ସଦସ୍ୟ ଅବସରପ୍ରାପ୍ତ ହାଇକୋର୍ଟ ଜଜ୍ ଏମ୍ ଏମ୍ କୁମାର ୫ ରଜ୍ୟ ସଂଘର ଯାଚିକା ଶୁଣାଣି କରିଥିଲେ। ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶର କିଛି ସଦସ୍ୟଙ୍କ ଭୋଟଦାନ ଅଧିକାର ନ ଥିବାରୁ ଏହି ଆବେଦନ କରାଯାଇଥିଲା। ଆଡ୍ ହକ୍ କମିଟି ଏହି ଯାଚିକା ଉପରେ ଶୁଣାଣି କରିବା ପାଇଁ ସମୟ ଆବଶ୍ୟକ। ତେଣୁ ୬ ଜୁଲାଇରେ ହେବାକୁ ଥିବା ନିର୍ବାଚନକୁ ବର୍ତ୍ତମାନ ୧୧ ଜୁଲାଇକୁ ଘୁଞ୍ଚାଇ ଦିଆଯାଇଛି।

## ୱିମ୍ବେଲଡନ ପାଇଁ ଭେନସଙ୍କୁ ୱାଇଲ୍ଡ କାର୍ଡ

**ୱିମ୍ବେଲଡନ (ଇଂଲଣ୍ଡ), ୨୧।୬ (ପି.ଟି.):** ଟେନିସ୍ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ୱିମ୍ବେଲଡନ୍ ପାଇଁ ଭେନସ ୱିଲିୟମ୍ସଙ୍କୁ ମିଳିଛି ୱାଇଲ୍ଡ କାର୍ଡ। ୪୩ ବର୍ଷୀୟ ଭେନସ ୱିମ୍ବେଲଡନର ସିଙ୍ଗଲ୍ସ ଇଭେଣ୍ଟରେ ୨୪ତମ ଥର ପାଇଁ ଅଂଶଗ୍ରହଣ କରିବେ। ୫ ଥର ୱିମ୍ବେଲଡନ ଜିତିଥିବା ବେଳେ ଶେଷ ଥର ପାଇଁ ୨୦୧୭ରେ ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱ ମାନ୍ୟତାର ୬୯୭ତମ ସ୍ଥାନରେ ରହିଥିବା ବେଳେ ବର୍ମିଂହାମ୍ କ୍ଲାସିକ୍ ଫାଇନାଲରେ କାମିଲା ଗିରୋଗିଙ୍କୁ ପରାସ୍ତ କରିଥିଲେ।

## ଯଶୋଦାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

### ଜାତୀୟ ସିନିୟର ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୨୧।୬**
**(ତପନ ସ୍ୱାଇଁ)**

ପଞ୍ଜାବର ଅମୃତସରରେ ଚାଲିଥିବା ହିରୋ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡର ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଛି। ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଅଧିନାୟିକା ଯଶୋଦା ମୁଣ୍ଡା ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ମ୍ୟାଚର ୩୪, ୩୮ ଓ ୫୫ତମ ମିନିଟରେ ଗୋଲ ତିନୋଟି ଦେଇଥିଲେ। ଏହାକୁ ମିଶାଇ ଚଳିତ ଟୁର୍ନାମେଣ୍ଟରେ ଯଶୋଦାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି। ମାଳତୀ ମୁଣ୍ଡା ୪୪ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଗ୍ରୁପ୍ 'ଏ'ରେ ଓଡ଼ିଶା ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇଛି। ଫଳରେ ଦଳ ନିଜ ଗ୍ରୁପ୍‌ରେ ତାମିଲନାଡୁ (୧୨ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ୩-୦ ଗୋଲରେ ଚଣ୍ଡିଗଡ଼କୁ ହରାଇ ଥିବାବେଳେ ଝାଡ଼ଖଣ୍ଡ ଓ ପଞ୍ଜାବ ମ୍ୟାଚ ୧-୧ରେ ଡ୍ର ରହିଛି।







ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ମୁଦ୍ରାରେ ଚେତେଶ୍ୱର ପୂଜାରା ଓ ସଚିନ୍ ତେନ୍ଦୁଲକର ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ